# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ (୧୦ ପୃଷ୍ଠା) Sambalpur, Friday, February 21 / 2020 ★★

୧୬ଶ ଭାଗ ୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





Kubota
ମହାଶିବରାତ୍ରି ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।
* Govt. Subsidy Upto 3 Lac
NEWHARVESKING
M/s. KOSHAL AGRO AGENCIES
At/Po: Attabira (Near Koshal Andhar Kalyan Mandap), Dist- Bargarh, Odisha, Contact- 8658698333, 9778334567

# ଯେଉଁଠି ଅଟକି ଥିଲା ରାଜାଙ୍କ ଘୋଡ଼ା

## ଅଷ୍ଟଶମ୍ଭୁ ପୀଠର ଅନ୍ୟତମ ମହାଦେବ ବାବା ବିଶ୍ୱେଶ୍ୱର

**ବାବା ବିଶ୍ୱେଶ୍ୱର, ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ତାଙ୍କ ପୀଠ। ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠ ଅନ୍ୟତମ । ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପୂଜାର୍ଚ୍ଚନା ସହିତ ଉତ୍ସବ ପାଳନ କରାଯାଏ । ହେଲେ ମହାଶିବରାତ୍ରି ମେଳା ବାବା ବିଶ୍ୱେଶ୍ୱରଙ୍କ ପ୍ରମୁଖ ପର୍ବ । ବାବାଙ୍କ ଦର୍ଶନ ପାଇଁ ଭୋରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମେ । ମେଳାରେ ନାନା କିସମର ପସରା ଖୋଲନ୍ତି ବ୍ୟବସାୟୀ । ଶ୍ରଦ୍ଧାଳୁମାନେ ଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି । ଏହି ଅବସରରେ ଧରିତ୍ରୀର ଏକ ସ୍ୱତନ୍ତ୍ର ଉପସ୍ଥାପନା....**


ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାସ୍ଥିତ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର।


ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରର ପ୍ରବେଶ ପଥ।


ଜାଗର ଯାତ୍ରା ଲାଗି ଶୁଭସ୍ତମ୍ଭ ସ୍ଥାପନ ଅବସରରେ କର୍ମକର୍ତ୍ତା।

### ଇତିହାସ କହେ

ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗସୂତ୍ରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡ଼େ। ତେବେ ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତୀ ସମୟରେ ଚୌହାନମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ସମଲେଇଙ୍କୁ ଆରାଧ୍ୟ ଦେବୀଭାବେ ସେବା କରି ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡ଼ିଛି । ଏଭଳିଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ହୁମାର ବାବା ବିମଳେଶ୍ୱର, ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନିଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବାବା ବୈଦ୍ୟନାଥଙ୍କ ମନ୍ଦିର ଗଢ଼ି ଉଠିଥିଲା।

### ମନ୍ଦିର ନିର୍ମାଣ

ଉପରୋକ୍ତ ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ କେବଳ ହୁମାର ବିମଳେଶ୍ୱର ବାବାଙ୍କ ମନ୍ଦିର ତତ୍କାଳୀନ ରାଜା ବଳିଆର ସିଂହଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଜନଶ୍ରୁତିରୁ ଜଣାପଡ଼େ। ଅନ୍ୟପକ୍ଷେ ବାକି ୭ଟି ମନ୍ଦିର ଛତ୍ର ଶାହଙ୍କ ପରେ ତାଙ୍କ ପୁତ୍ର ଅର୍ଥାତ୍ ସେତେବେଳର ସମ୍ବଲପୁର ରାଜା ଅଜିତ୍ ସିଂହ ନିଜ ୭୨ବର୍ଷର ରାଜୁତି ମଧ୍ୟରେ ନିର୍ମାଣ କରିଥିଲେ। ସମ୍ବଲପୁର ଇତିହାସରେ ଏହା ଉଲ୍ଲେଖିତ ରହିଛି। କିନ୍ତୁ ମନ୍ଦିର ନିର୍ମାଣ ସମୟ ନେଇ ଠୋସ୍ ପ୍ରମାଣ ମିଳିପାରି ନାହିଁ।

### ମନ୍ଦିର ଅବସ୍ଥିତି

ସରଣ୍ଡାର ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରକୁ ପହଞ୍ଚିବା ପାଇଁ ସେଭଳି କିଛି ଅସୁବିଧା ନାହିଁ। ଉଭୟ ସଡ଼କ, ରେଳପଥ ଦେଇ ଏହି ମନ୍ଦିରକୁ ପହଞ୍ଚିହେବ। ୫୩ନମ୍ବର ଜାତୀୟ ରାଜପଥ କଡ଼େ ଉକ୍ତ ମନ୍ଦିର ରହିଥିବାବେଳେ ଅନତିଦୂରରେ ରହିଛି ଦକ୍ଷିଣ-ପୂର୍ବ ରେଳପଥ। ଏଠାକୁ ସଡ଼କପଥରେ ଆସିବାକୁ ହେଲେ ଅତାବିରା-ଗୋଡ଼ଭଗା ମଧ୍ୟରେ ରହିଥିବା ସରଣ୍ଡା ବରତଳ ଛକରେ ଓହ୍ଲାଇବାକୁ ପଡ଼ିବ। ସେଠାରୁ ପ୍ରାୟ ଶହେ ମିଟର ଦୂରରେ ମନ୍ଦିରଟି ଅବସ୍ଥିତ। ସେହିପରି ରେଳପଥରେ ଆସିଲେ ଅତାବିରା କିମ୍ବା ଗୋଡ଼ଭଗା ରେଳ ଷ୍ଟେଶନରେ ଓହ୍ଲାଇ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରକୁ ମଧ ପହଞ୍ଚି ହେବ।

### ମନ୍ଦିର ପରିବେଶ

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପରିବେଶ ଅବର୍ଣ୍ଣନୀୟ। ପ୍ରାୟ ୧୧ଡେସିମିଲ ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ମନ୍ଦିରକୁ ଘେରି ରହିଛି ସବୁଜ ବନାନୀ। ପାଖରେ ରହିଥିବା ପୁଷ୍କରିଣୀର ଶତଦଳ ପଦ୍ମ ସହିତ ମନ୍ଦିର ପରିସରରେ ରହିଥିବା କନିଅର, ଚମ୍ପାର ମହକରେ ମହକୁଛି ମନ୍ଦିର ପରିସର। ତେବେ ମନ୍ଦିରଟି ୩ ଭାଗରେ ବିଭକ୍ତ। ମୁଖ୍ୟ ମନ୍ଦିର ବିମାନ, ଦ୍ୱିତୀୟ ଜଗମୋହନ ଏବ ତୃତୀୟ ନାଟ ମନ୍ଦିର ଅର୍ଥାତ୍ ମୁଖଶାଳା ପ୍ରାରମ୍ଭରେ ଦେବଦେବ ମହାଦେବଙ୍କ ବାହନ ବୃଷଭଙ୍କ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛି। ସେହିପରି ଗରୁଡ଼ ସ୍ତମ୍ଭ ରହିଥିବାବେଳେ ବୀର ହନୁମାନ ମନ୍ଦିର, ଭୈରବ ମନ୍ଦିରର ଅବସ୍ଥିତି ଭିନ୍ନ ଆକର୍ଷଣ ସୃଷ୍ଟି କରୁଛି।

### ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା। ଘୋଡ଼ା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ସେତିକିବେଳେ ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡ଼ାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକି ପଡ଼ିଥିଲା ଏବଂ ସେହି ସ୍ଥାନ ଖୋଳିବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୌକିକ ଦୈବଶକ୍ତି ତଥା ଶିବଭକ୍ତି ଭାବ ଜାଗ୍ରତ ହୋଇଥିଲା ବୋଲି ଜନଶ୍ରୁତିରୁ ଜଣାପଡ଼େ। ଏପରିକି ତତ୍କାଳୀନ ରାଜାଙ୍କ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରିଥିଲେ ବୋଲି ଲୋକକଥାରୁ ଜଣାପଡ଼େ।

ଅବଶିଷ୍ଟାଂଶ ପୃଷ୍ଠା-୧୪

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।

ଶ୍ରୀମତୀ ସୁଲତା ପ୍ରଧାନ
ସରପଞ୍ଚ, ଚକୁଳି ଗ୍ରାମ ପଞ୍ଚାୟତ
ଅତାବିରା ବ୍ଲକ, ଜି- ବରଗଡ

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।

ଏସ୍ ଦୁର୍ଗା ରେଡ୍ଡି
ଚକୁଳି ଫାର୍ମ,
ଅତାବିରା, ଜିଲ୍ଲା- ବରଗଡ

SPECIAL OFFER
SRI KRISHNA TVS GODBHAGA
SPECIALCASH DISCOUNT on BS-4 Modal
Offer for limited period- up to 31 March, 2020
SCRATCH & GET
SRI KRISHNA AUTOMOTIVE
Near Samleswari Mandir, N.H- 53, Godbhaga
Call: 6372444931, 6372445813

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।

Indane
T.S. INDANE AGENCY
Attabira, Ph- 06682-221222,
Mob: 94372 62962
ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ପଣ୍ଡା (ମଣ୍ଟୁ)
ଅତାବିରା


ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ଶୈବ ପୀଠ
ମହାଶିବରାତ୍ରୀ ମେଳା ସରଣ୍ଡା
ଆପଣଙ୍କୁ ସ୍ୱାଗତ ଜଣାଏ।
ସୌଜନ୍ୟ - ମନ୍ଦିର କମିଟୀ, ସରଣ୍ଡା

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
SHREE NATRAM GARDEEN & NURSERY
NH-6, Chakuli Farm, Attabira, Dist- Bargarh
SHREE NATRAM ROSE NURSERY
Baragoda, Near- Vikash Hospital
-: Contact for :-
Hybrid Flowers, Fruits Plants, Lands Scaping & Garden Designing, Thiland, Papaya, G.9 Banana
Prop. V. Ganapath
Mob: 9937074329, 9438836234
shreenathramnursery@gmail.com

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Mob : 9437104663
SHANKHOLIA RICE INDUSTRIES
SARANDA, ATTABIRA, N.H-6, DIST BARGARH (ODISHA)
MOB : 943403338, 9437051463
SHANKHOLIA FUELS
KANAHTURA, N.H.-49, DIST- JHARSUGUDA (ODISHA)
MOB : 9437051463, 9437345737
SHANKHOLIA TRANSPORT
KHETRAJPUR, SAMBALPUR (ODISHA)
HPCL / BPCL / IOCL OIL TANKER
SHANKHOLIA AGRO INDUSTRIES
KANAKTORA NH- 49, DIST- JHARSUGUDA


ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ସଞ୍ଜୀବ କୁମାର ଅଗ୍ରୱାଲ
ଶ୍ରୀ ଶ୍ରୀ ବାଲାଜି ଆଗ୍ରୋ ଫୁଡ୍ସ୍ ପି. ଲିଃ
ଭୋଇପାଲି, ଲରସରା,
ଅତାବିରା, ଜିଲ୍ଲା- ବରଗଡ

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ | Sambalpur, Friday, February 21 / 2020 | ପୃଷ୍ଠା-୧




## ରେଖାଙ୍କ ଡେଞ୍ଜର ଜୋନ୍

୨୦୨୦ର କ୍ୟାଲେଣ୍ଡର ଲଞ୍ଚିଙ୍ଗ୍ ସେରିମନିରେ ଅଭିନେତ୍ରୀ ରେଖା ଫଟୋ ପାଇଁ ପୋଜ୍ ଦେବା ବେଳେ ଅମିତାଭଙ୍କ ଫଟୋ ଦେଖି ଏହା ଡେଞ୍ଜର ଜୋନ୍ ବୋଲି କହିଥିଲେ।

୦୮

୧୬

## ଦୂତୀଙ୍କୁ ସାହସିକ ପୁରସ୍କାର

ଷ୍ଟାର୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମଥର ଦିଆଯାଉଥିବା 'ସାହସିକ ପୁରସ୍କାର' ଜିତିଛନ୍ତି।



# ଶାହାଙ୍କ ଅରୁଣାଚଳ ଗସ୍ତକୁ ଚାଇନାର ବିରୋଧ

ନୂଆଦିଲ୍ଲୀ/ବେଜିଂ,୨୦।୨ (ପି.ଟି./ଆଇଏଏନ୍ଏସ୍)




- ସୀମା ବିବାଦକୁ ଜଟିଳ କରୁଛି ନୂଆଦିଲ୍ଲୀ: ବେଜିଂ
- ଆମ ରାଜ୍ୟକୁ ନେଇ ମୁଣ୍ଡ ଖେଳାଅନି: ଭାରତ

କରୋନା ଭାଇରସ୍ ସଂକ୍ରମଣରେ ଛଟପଟ ହେଉଥିବା ଚାଇନା ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅରୁଣାଚଳ ଗସ୍ତକୁ ବିରୋଧ କରିଛି। ଗୁରୁବାର ଅରୁଣାଚଳ ପ୍ରଦେଶର ପ୍ରତିଷ୍ଠା ଦିବସରେ ଶାହା ଇଟାନଗର ଯାଇଥିବାବେଳେ ବେଜିଂ ଏହାକୁ ଦୃଢ଼ ବିରୋଧ କରିଛି। ଭାରତୀୟ ନେତାଙ୍କ ଏଭଳି ଗସ୍ତ ଯୋଗୁ ସୀମା ବିବାଦ ଅଧିକ ଜଟିଳ ହେଉଛି ବୋଲି ଚାଇନା ଚେତାବନୀ ଦେଇଛି। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ସେଠାକୁ କେହି ଗସ୍ତକଲେ ଚାଇନାର ମୁଣ୍ଡବ୍ୟଥା ହେବା ଅନୁଚିତ ବୋଲି ନୂଆଦିଲ୍ଲୀ କଡ଼ା ଜବାବ ଦେଇଛି।

ପୂର୍ବରୁ ଏକ କେନ୍ଦ୍ରଶାସିତ ଅଞ୍ଚଳ ଥିବା ଅରୁଣାଚଳ ପ୍ରଦେଶ ୩୪ ବର୍ଷ ତଳେ ଫେବୃୟାରୀ ୨୦ରେ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇଥିଲା। ୧୯୧୩-୧୪ରେ ଏହି ଅଞ୍ଚଳ ବ୍ରିଟିଶ ଇଣ୍ଡିଆର ଅଂଶ ଥିଲା। ୧୯୩୮ରେ ଭାରତ ଓ ତିବ୍ବତ ମଧ୍ୟରେ ମ୍ୟାକ୍‌ମାହୋନ ଲାଇନ ଟଣାଯିବା ପରେ ଏହାକୁ ଭାରତରେ ସାମିଲ କରାଯାଇଥିଲା। ହେଲେ ୧୯୫୧ରେ ଚାଇନା ତିବ୍ବତର ଦକ୍ଷିଣାଞ୍ଚଳକୁ ଦଖଲ କରିବା ପରଠୁ ଅରୁଣାଚଳ ପ୍ରଦେଶକୁ ଏହାର ଏକ ଅଂଶ ବୋଲି ବିବେଚନା କରିଆସୁଛି। ତେଣୁ ଅରୁଣାଚଳକୁ କୌଣସି ଭାରତୀୟ ନେତା ଗଲେ ଚାଇନା ବିରୋଧ କରିଥାଏ। ଏହିକ୍ରମରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି, ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ବୋଲି ବେଜିଂ କେବେ ସ୍ୱୀକୃତି ଦେଇନାହିଁ। ଭାରତ-ଚାଇନାର ପୂର୍ବାଞ୍ଚଳ କ୍ଷେତ୍ରକୁ ନେଇ ବେଜିଂର ସ୍ପଷ୍ଟ ଆଭିମୁଖ୍ୟ ରହିଥିବାରୁ ଶାହାଙ୍କ ଗସ୍ତକୁ ଆମେ ବିରୋଧ କରୁଛୁ। ଏହି ଗସ୍ତ ସୀମାନ୍ତରେ ସ୍ଥିରତାକୁ ଅଣଦେଖା କରି ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରିଛି। କେବଳ ଏତିକି ନୁହେଁ, ଶାହାଙ୍କ ଗସ୍ତ ଫଳରେ ପାରସ୍ପରିକ ରାଜନୈତିକ ଆସ୍ଥା ପ୍ରତି କୁଠାରାଘାତ ହେବା ସହ ଦ୍ୱିପାକ୍ଷିକ ବୁଝାମଣାର ଉଲ୍ଲଂଘନ ହୋଇଛି। ତେଣୁ ନୂଆଦିଲ୍ଲୀ ଆଗକୁ ସୀମା ବିବାଦକୁ ଅଧିକ ଜଟିଳ ହେବା ଭଳି କୌଣସି ପଦକ୍ଷେପ ନ ନେଉ। ସୀମାରେ ଶାନ୍ତି ବଜାୟ ରଖିବା ଲାଗି ଭାରତୀୟ ପକ୍ଷ ପ୍ରୟାସ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ଅରୁଣାଚଳକୁ ନେଇ ଆମ ଆଭିମୁଖ୍ୟ ସ୍ପଷ୍ଟ। ଏହି ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭାରତୀୟ ନେତାମାନେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଭଳି ଅରୁଣାଚଳ ପ୍ରଦେଶକୁ ମଧ୍ୟ ନିୟମିତ ଭାବେ ଯାତ୍ରା କରିଥାନ୍ତି। ଭାରତର ଏକ ରାଜ୍ୟକୁ ଭାରତୀୟ ନେତାଙ୍କ ଗସ୍ତକୁ ବିରୋଧ କରିବାର କୌଣସି କାରଣ ନାହିଁ। ଚାଇନା କାହିଁକି ଏପରି କରୁଛି ଭାରତୀୟମାନେ ତାହା ବୁଝିପାରୁନାହାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ରବୀଶ ଜବାବ ଦେଇଛନ୍ତି।

# ଏମ୍ସର ଅବାନ୍ତର ନିଷ୍ପତ୍ତି

ଭୁବନେଶ୍ୱର,୨୦।୨(ବ୍ୟୁରୋ)

### ହିନ୍ଦୀ ଭାଷାକୁ ଗୁରୁତ୍ୱ


All India Institute of Medical Sciences, Bhubaneswar
Sijua, Post: Dumuduma, Bhubaneswar - 751019

OFFICE ORDER

Sub: Working in Hindi by the faculty and staff members of this Institute.

It is brought to the notice of all concerned that the documents required to be issued bilingually under the section 3(3) of O.L. Act, 1963 and the letters required to be issued only in Hindi under the O.L. Rules, 1976 should be drafted in Hindi originally by the employees proficient in Hindi compulsorily and by the employees having working knowledge of Hindi to the possible extent in the offices.

Accordingly, the government servant is specified to do his official work in Hindi with immediate effect and it is ordered that only Hindi is to be used for the following work.

1. All employees should sign in Hindi.
2. Write Name & subject on all files in Hindi.
3. Write name & sub headings of the registers in Hindi & also make entries in Hindi.
4. Write at least 30% Noting & Drafting in Hindi.
5. Write at least 55% correspondence in Hindi.
6. Fill up all the bilingual forms used in the office in Hindi.
7. Replies to all the letters received in Hindi.
8. Discussion may be in Hindi in all administrative meetings & prepare the minutes in Hindi as far as possible.

All the Officers in Administration, Academic Section, Hospital Administration, Finance & Accounts and the heads of the departments are hereby informed to do their work in Hindi and it should be ensured that the staff members working with them are doing their work in Hindi as applicable under OL Rules, 1976. At the end of every quarter starting from January details of the work done in their section / department may be sent to Official Language Section in the attached proforma at the end of the quarter so that a consolidated report may be prepared and sent to the Ministry by the Administration in prescribed time.

To All concerned

(P K Ray)
Deputy Director (Admin)
AIIMS, Bhubaneswar

ହିନ୍ଦୀ ଭାଷା ବ୍ୟବହାର କରିବା ଉପରେ ଏମ୍ସ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ବିଜ୍ଞପ୍ତିର ନକଲ।

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ସମସ୍ତ କର୍ମଚାରୀ ଓ ଫାକଲ୍ଟି ଏଣିକି ହିନ୍ଦୀ ଭାଷାରେ କାଗଜପତ୍ରରେ ଦସ୍ତଖତ କରିବା ସହ ବିଭିନ୍ନ ରେକର୍ଡ ପ୍ରସ୍ତୁତ କରିବା ଲାଗି ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ମର୍ମରେ ଭୁବନେଶ୍ୱର ଏମ୍ସ ପକ୍ଷରୁ ପ୍ରକାଶ ପାଇଥିବା ସରକାରୀ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ସମସ୍ତ କର୍ମଚାରୀ ହିନ୍ଦୀରେ ଦସ୍ତଖତ କରିବେ। ସେମାନଙ୍କ ନାମ ଓ ରେଜିଷ୍ଟରରେ ହେଉଥିବା ସବୁ ପ୍ରକାର କାର୍ଯ୍ୟ ହିନ୍ଦୀରେ କରିବେ। ଚିଠିରେ ସର୍ବନିମ୍ନ ୩୦% ଏବଂ ଯୋଗାଯୋଗ ଲାଗି ଅନ୍ୟୁନ ୫୫% ହିନ୍ଦୀ ଭାଷା ବ୍ୟବହାର କରିବାକୁ ଏଥିରେ କୁହାଯାଇଛି। ହିନ୍ଦୀ ଭାଷାରେ ଆସୁଥିବା ସମସ୍ତ ପତ୍ରର ଉତ୍ତର ସେହି ଭାଷାରେ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଶାସନିକ ବୈଠକ ବେଳେ ହିନ୍ଦୀ ଭାଷା ବ୍ୟବହାର କରାଯିବା ସହ ଏହାର ପରବର୍ତ୍ତୀ ବିବରଣୀ ଏହି ଭାଷାରେ ଉଲ୍ଲେଖ କରିବା ଲାଗି ନିର୍ଦ୍ଦେଶ ରହିଛି। ଏମ୍ସର ଏଭଳି ଅବାନ୍ତର ନିଷ୍ପତ୍ତି କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ର ଓ ରୋଗୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଏଥିରୁ ଜଣାପଡୁଛି। ବାହାର ରାଜ୍ୟରୁ ଆସୁଥିବା ସରକାରୀ କର୍ମଚାରୀ ଏଠାରେ ସମସ୍ତଙ୍କ ଉପରେ ହିନ୍ଦୀ ଭାଷାକୁ ଲଦିଦେବାକୁ ପ୍ରୟାସ କରୁଛନ୍ତି। ତେଣୁ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରିବା ଦରକାର ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅବ୍ୟବହିତ ପୂର୍ବରୁ ଏମ୍ସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଓଡ଼ିଆ ଭାଷାରେ କଥା ଓ ଲେଖାପଢ଼ା କରୁଥିବା ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇବ ବୋଲି କୁହାଯାଉଛି।

## ପାନ୍ କାର୍ଡ ନୁହେଁ ନାଗରିକତ୍ୱର ପ୍ରମାଣ




### ଗୁଆହାଟୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

**ଗୁଆହାଟୀ,୨୦।୨:** ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) କାର୍ଡ ଓ ବ୍ୟାଙ୍କ ଦସ୍ତାବିଜଗୁଡ଼ିକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ସେହିପରି 'ଗାଓଁ ବୁରା' ବା ଗ୍ରାମ ପ୍ରଧାନଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ମଧ୍ୟ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ଗୁଆହାଟୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଲାଗୁ ହୋଇଛି। ଏଥିରୁ ବାଦ୍ ପଡ଼ିଥିବା ଲୋକେ ନିଜ ନାଗରିକତ୍ୱ ସପକ୍ଷରେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରି ଉପଲବ୍ଧ ଦସ୍ତାବିଜ ଦାଖଲ କରୁଛନ୍ତି। ଏହି କ୍ରମରେ ଜାବେଦା ବେଗମ୍ ନାମ୍ନୀ ଜଣେ ମହିଳାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଦସ୍ତାବିଜଗୁଡ଼ିକୁ ଟ୍ରିବ୍ୟୁନାଲ ଗ୍ରହଣ ନ କରିବାରୁ ସେ ଗୁଆହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ମନୋଜିତ୍ ଭୂୟାଁ ଏବଂ ପି. ଜେ. ସାଇକିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଜାବେଦା ଦାଖଲ କରିଥିବା ଦସ୍ତାବିଜ ତାଙ୍କ ବାପା ଓ ଭାଇଙ୍କ ସହ ସମ୍ପର୍କକୁ ପ୍ରମାଣିତ କରୁ ନ ଥିବାରୁ ସେଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ବକ୍‌ସା ଜିଲାସ୍ଥିତ ଫରେନର୍ସ ଟ୍ରିବ୍ୟୁନାଲ ☞ପୃଷ୍ଠା-୨

## ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

**ଓଡ଼ଗାଁ,୨୦।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ରାଧାକାନ୍ତ ବାଳିକା ହାଇସ୍କୁଲ ଦ୍ୱାରା ପରିଚାଳିତ ୧୧୦ ଶଯ୍ୟା ବିଶିଷ୍ଟ ଏସ୍‌ସି/ଏସ୍‌ଟି ଛାତ୍ରୀ ନିବାସରେ ରହୁଥିବା ଦଶମ ଶ୍ରେଣୀ ପରୀକ୍ଷାର୍ଥୀ (ଛାତ୍ରୀ)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏ ନେଇ ଓଡଗାଁ ଥାନାରେ ଏକ ଅପମୃତ୍ୟୁ (୩/୨୦) ମାମଲା ରୁଜୁ ହେବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ମୃତ ଛାତ୍ରୀ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଭାସ୍କର ଜାନିଙ୍କ ଝିଅ ଜ୍ୟୋତିର୍ମୟୀ ଜାନି (୧୪)। ସେ ଉକ୍ତ ସ୍କୁଲରେ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରୀନିବାସରେ ରହି ପଢୁଥିବା ବେଳେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ଜ୍ୟୋତିର୍ମୟୀଙ୍କ ଅବସ୍ଥା ସ୍ୱାଭାବିକ ଥିଲା। ସେ ସକାଳେ ସାମାନ୍ୟ ଭାତ ଖାଇବା ପରେ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରୁଥିଲେ। ସାଢେ ୮ଟାରେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ହଷ୍ଟେଲ ମାଟ୍ରନ ଛାତ୍ରୀଙ୍କ ଗୋଡରେ ତେଲ ମାଲିସ କରିଥିଲେ ଓ ସାଢେ ୯ଟାରେ ସ୍କୁଲକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଛାତ୍ରୀଙ୍କ ବାପାଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚିବା ପରେ ମାଟ୍ରନ ସହିତ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ନୟାଗଡ ଡାକ୍ତରଖାନାରେ ପହଞ୍ଚିଲା ପରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଅନୁସାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଆଜିର ସମ୍ପାଦକୀୟ

## କେବଳ ଟୋକନିଜ୍‌ମ

# ଆଖିବୁଜିଲେ ବିଜେଡି ନେତ୍ରୀ ମୀନାକ୍ଷୀ

### ନ୍ୟାୟ ନ ପାଇ ଆତ୍ମାହୁତି ଘଟଣା

- ମୃତ୍ୟୁ ସହ ୯ଦିନର ସଂଗ୍ରାମ କରି ହାରିଗଲେ
- ମାମଲାକୁ ଗୁରୁତର ସହ ନେଲେ ରାଜ୍ୟ ମହିଳା କମିଶନ
- ବିଜେଡି ନିଜ ଦଳର ମହିଳାଙ୍କୁ ନ୍ୟାୟ ଦେଇପାରୁନି: ବିରୋଧୀ



ଭୁବନେଶ୍ୱର, ୨୦।୨(ବ୍ୟୁରୋ)/ ବ୍ରହ୍ମପୁର ଅଫିସ

୯ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଛନ୍ତି ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର। ଗୁରୁବାର ସକାଳ ୯ଟା ୫୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପୁଅକୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିଥିଲେ ମୀନାକ୍ଷୀ। ନ୍ୟାୟ ନ ମିଳିବାରୁ ଶେଷରେ ସେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କର ମୃତ୍ୟୁ ଖବର ପରିବାର ଓ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଗତ ୧୨ ତାରିଖରେ ମୀନାକ୍ଷୀଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ପୋଲିସ ଗିରଫ କରିଥିଲା। ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିବା ସହ ଏହା ପ୍ରତିବାଦରେ ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ଏସ୍‌ପିଙ୍କୁ ଭେଟି ନ ପାରି ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣା ନେଇ ଆଲୋଚନା କରିଥିଲେ। କିନ୍ତୁ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଶେଷରେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୯୫ ପ୍ରତିଶତ ପୋଡିଯାଇଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ମୀନାକ୍ଷୀଙ୍କ ମୃତ୍ୟୁକୁ ☞ପୃଷ୍ଠା-୨

# ଅନୁପ, ବର୍ଦ୍ଧନଙ୍କୁ ସାମ୍ନାସାମ୍ନି ଜେରା

ଝାରସୁଗୁଡ଼ା ଅଫିସ,୨୦।୨

### କଳ୍ପନା ଦାଶ, ବବଲି ହତ୍ୟା ଘଟଣା

- ଜବତ ହେଲା ଇନୋଭା
- ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ
- ଶନିବାର ସନ୍ଧ୍ୟାରେ ଅନୁପଙ୍କ ରିମାଣ୍ଡ ସରିବ
- ବୋଲେରୋ ସନ୍ଧାନରେ ଗୁଜୁରାଟ ଗଲା ପୋଲିସ
- ମାମଲାର ଅନୁଧ୍ୟାନ ପାଇଁ ରାୟଗଡ଼ ଆସିଲେ ବିଳାସପୁର ଆଇଜି



ଜବତ ଇନୋଭା

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟାକାଣ୍ଡରେ ବ୍ୟବହୃତ ଇନୋଭା (ନଂ.ଓଡି ୦୨-ଭି ୯୭୪୪)କୁ ଶେଷରେ ଚକ୍ରଧରନଗର ପୋଲିସ ଜବତ କରିଛି। ଏହି ଡବଲ ମର୍ଡର ଘଟଣାର ପ୍ରମାଣ ନଷ୍ଟ କରିବା ପାଇଁ କଳ୍ପନା ଓ ବବ୍‌ଲିଙ୍କ ଉପରେ ଏହି ଗାଡି ଚଢ଼ାଇ ସେମାନଙ୍କ ଶରୀରକୁ ବିକୃତ କରାଯାଇଥିଲା। ଅନ୍ୟପକ୍ଷେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ବୁଧବାର ସନ୍ଧ୍ୟାରେ ପୋଲିସ ରିମାଣ୍ଡରେ ନେଇ ସାମ୍ନାସାମ୍ନି ବସାଇ ଜୋରା କରିଥଲା। ଗୁରୁବାର ଡ୍ରାଇଭର ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ତାଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟରେ ହାଜର କରିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନୁପଙ୍କ ରିମାଣ୍ଡ ଅବଧି ଶନିବାର ସନ୍ଧ୍ୟାରେ ଶେଷ ହେବ। ଜେରା ବେଳେ ଉଭୟଙ୍କଠାରୁ ବହୁତ ତଥ୍ୟ ହାସଲ କରିଛି ପୋଲିସ। ହେଲେ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କା କରି ପୋଲିସ ଏ ନେଇ କୌଣସି ତଥ୍ୟ ଦେଇ ହେବ ନାହିଁ ବୋଲି କହିଛି। ପୂର୍ବରୁ ହତ୍ୟା ସ୍ଥଳକୁ ଡ୍ରାଇଭର ବର୍ଦ୍ଧନଙ୍କୁ ନେଇ ଲାଇଭ୍ ଡେମୋ କରାଯାଇଥିଲା। ରିମାଣ୍ଡ ଅବଧି ମଧ୍ୟରେ ଅନୁପଙ୍କୁ ମଧ୍ୟ ନେଇ ଲାଇଭ୍ ଡେମୋ କରାଯିବ। ଅନୁପଙ୍କ ନାର୍କୋ ଟେଷ୍ଟ କରିବା ପାଇଁ ପୋଲିସ ପଦକ୍ଷେପ ନେଉଛି ବୋଲି ସୂଚନା ଦେଇଛି। କେବଳ ଇନୋଭା ନୁହେଁ, କଳ୍ପନା ଓ ବବ୍‌ଲିଙ୍କ ଉପରେ ଏକ ବୋଲେରୋ ମଧ୍ୟ ଚଢ଼ାଯାଇଥିବା ଉଭୟ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏବେ ସେହି ବୋଲେରୋକୁ ଜବତ କରିବା ପାଇଁ ପୋଲିସ ତନାଘନା ଚଳାଇଛି । ସେହି ଗାଡିକୁ ଅନୁପ ୨୦୧୫ରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ବିକ୍ରି କରିଦେଇଥିଲେ। ଇତି ମଧ୍ୟରେ ଅନୁପଙ୍କ ସେହି ସମ୍ପର୍କୀୟ ଟିଟିଲାଗଡ଼ର ଜଣେ ବ୍ୟକ୍ତିଙ୍କୁ ବିକ୍ରୟ କରିଥିବା ବେଳେ ଟିଟିଲାଗଡ଼ର ସେହି ବ୍ୟକ୍ତି ଗୁଜରାଟରେ ଏହି ଗାଡି ବିକ୍ରି କରି ଦେଇଛନ୍ତି। ୨୦୧୫ରେ ବିକ୍ରି ହୋଇଥିବା ଏହି ଗାଡି ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଛି ନା ନାହିଁ ସେ ନେଇ ପୋଲିସ ତଥ୍ୟ ଯୋଗାଡ କରୁଛି। ସେହି ଗାଡିକୁ ଆଣିବା ପାଇଁ ବୁଧବାର ରାତିରେ ଚକ୍ରଧର ନଗର ପୋଲିସର ଏକ ଟିମ୍ ଗୁଜରାଟ ଯାଇଛି। ଏହି ମାମଲାକୁ ଅନୁଧ୍ୟାନ କରିବା ପାଇଁ ଆଇଜି ପ୍ରିୟାଂଶୁ କାବ୍ରା ଗୁରୁବାର ରାୟଗଡ ଆସିଛନ୍ତି।

## ୬୦୪ ବୋତଲ କଫସିରପ ଜବତ, ୭ ଗିରଫ

- ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଜଡିତ
- ସୂଚନାଦାତାଙ୍କୁ ଆର୍ଥିକ ପୁରସ୍କାର ମିଳିବ
- ମୋବାଇଲ ନମ୍ବର ଲାଗୁ କଲା ପୋଲିସ

ସମ୍ବଲପୁର,୨୦।୨(ବ୍ୟୁରୋ)

ସମ୍ବଲପୁର ଜିଲାରେ କଫସିରପ କାରବାର କରୁଥିବା ଏକ ଗୋଷ୍ଠୀଙ୍କୁ ପୋଲିସ ଧରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ଏମାନେ ହେଲେ ଝାରସୁଗୁଡା ଜିଲାର ସକୁନ୍ତଲା ମେହେର (୨୬), ଅଇଁଠାପାଲିର ନିଖିଳ ମୁଣ୍ଡା (୨୯), ବିଜୁ ମଲ୍ଲିକ (୨୧), ମୁଦିପଡାର ରୋଶନ ମେହେର (୨୮), ସମୀର ସ୍ୱାଗତ (୨୨), ଶାନ୍ତାନୁ ଦାସ ( ୨୮), ଦୃବଲାଲ କୁମ୍ଭାର ( ୨୨)। ଏମାନଙ୍କ ନିକଟରୁ ନିକଟରୁ ୬୦୪ ବୋତଲ କଫସିରପ, ୩୦ ହଜାର ଟଙ୍କା ଓ ୯ଟି ମୋବାଇଲ ଫୋନ୍ ଜବତ ହୋଇଛି। ସେହିଭଳି ୩ଟି ବାଇକ୍ (ବାଇକ ନଂ.ଓଡି ୧୫-ଡି-୭୧୦୯, ଓଡି-୧୫-ଏନ- ୭୦୨୧ ଓ ଓଡି-୧୫ ଇ-୫୯୫୬)କୁ ମଧ୍ୟ ପୋଲିସ ଜବତ କରିଛି। ଅଇଁଠାପାଲି ☞ପୃଷ୍ଠା-୨

# ୩ ବର୍ଷ ହେଲା ମିଳିନି କେନ୍ଦ୍ରୀୟ ଅନୁଦାନ

ବୀରେନ୍ଦ୍ର କୁମାର ଝାଙ୍କର
ବଲାଙ୍ଗୀର ଅଫିସ, ୨୦।୨

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ରାଜ୍ୟ ୧ ହଜାର କୋଟି, କେନ୍ଦ୍ର ଦେଇଛି ୫ଶହ କୋଟି
- ବିସ୍ଥାପିତଙ୍କ କ୍ଷତିପୂରଣ, ପୁନର୍ବାସ ପାଇଁ ରହିଛି ୬ଶହ କୋଟି
- ୭୦ ପ୍ରତିଶତ ସ୍ପିଲୱେ କାମ ସରିଲାଣି
- ୪୩ ପ୍ରତିଶତ ମାଟିବନ୍ଧ କାମ ସରିଲାଣି
- ୧୯ ମାସ ହେଲା ଡ୍ୟାମ୍ କାମ ବନ୍ଦ ପଡିଛି
- ପ୍ରକଳ୍ପ ବନ୍ଦ ହେବା ସ୍ଥିତିରେ ପ୍ରକଳ୍ପ ନାହିଁ : ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦୀର୍ଘ ୨୦ବର୍ଷ ହେଲା ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ରହିଆସିଛି । ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ପ୍ରାୟ ୧୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଏହି ଖର୍ଚ୍ଚ ହୋଇଥିବା ଅର୍ଥରୁ ରାଜ୍ୟ ସରକାର ପ୍ରାୟ ୧ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିବାବେଳେ କେନ୍ଦ୍ର ସରକାର ପ୍ରାୟ ୫ଶହ କୋଟି ଟଙ୍କାର ଅନୁଦାନ ଯୋଗାଇଥିବା ଜଣାପଡିଛି । ତେବେ ୨୦୧୭-୧୮ ମସିହାରୁ ଏ ପର୍ଯ୍ୟନ୍ତ ଗତ ୩ ବର୍ଷ ହେଲା ଏହି ପ୍ରକଳ୍ପକୁ ଟଙ୍କାଟିଏ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ଏହି ସମୟ ମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଯୋଜନା ୱାଟର ସେକ୍ଟର ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ପ୍ରୋଜେକ୍ଟ(ଡବ୍ଲ୍ୟୁଏସ୍ଆଇଡିପି)ରୁ ସୁକ୍‌ତେଲ ପ୍ରକଳ୍ପକୁ ପ୍ରାୟ ୬୩୪କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ପ୍ରକଳ୍ପରେ ୧୯୯୭-୯୮ ମସିହାରୁ ୨୦୧୭-୧୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରୀୟ ଏକ୍ସିଲରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରାମ(ଏଆଇବିପି )ଯୋଜନାରୁ ପ୍ରାୟ ୮୭୧କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହି ପ୍ରଦତ୍ତ ଅନୁଦାନରେ ଯୋଜନାନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଆନୁପାତିକ ଅନୁଦାନ ଭାଗ ଯୋଗାଇ ଦେଇଥିଲେ । ଏହାପରେ ୨୦୧୭-୧୮ ଆର୍ଥିକ ବର୍ଷରୁ କେନ୍ଦ୍ର ସରକାର ସୁକ୍‌ତେଲ ପ୍ରକଳ୍ପକୁ ଅନୁଦାନ ଯୋଗାଇବା ବନ୍ଦ କରିଦେଇଥିବା ପ୍ରକଳ୍ପ ଅଫିସ ସୂତ୍ରରୁ ଜଣାପଡିଛି।

୧୯୯୬ ମସିହା ମୂଲ୍ୟାଙ୍କନ ଅନୁଯାୟୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ସକାଶେ ୨୧୭.୧୩ କୋଟିର ପ୍ରକଳ୍ପ ବ୍ୟୟ ଅଟକଳ ରହିଥିଲା । ୨୦୦୯ ମସିହାରେ ଏହି ପ୍ରକଳ୍ପର ପ୍ରଥମ ସଂଶୋଧିତ ବ୍ୟୟ ଅଟକଳ ୧୦୪୧.୮୧ କୋଟିକୁ ମଞ୍ଜୁରୀ ମିଳିଥିଲା । ଏହାପରେ ୨୦୧୫ମସିହାରେ ଦ୍ୱିତୀୟ ଥର ସକାଶେ ସଂଶୋଧିତ ବ୍ୟୟ ଅଟକଳ ୨୪୮.୦୯ କୋଟିକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିଲେ । ତେବେ ବିଭିନ୍ନ କାରଣରୁ ଏହି ପ୍ରକଳ୍ପଟି ବହୁ ବିଳମ୍ବ ହୋଇ ଚାଲିଥିବାରୁ ପ୍ରକଳ୍ପର ବର୍ତ୍ତମାନ ବ୍ୟୟ ଅଟକଳ ୩୬୦୦ କୋଟିକୁ ଟପିଯାଇଥିବା ଜଣାପଡିଛି । ଏଭଳି ସ୍ଥିତିରେ ପ୍ରକଳ୍ପଟି ବହୁ ଅନିଶ୍ଚିତତା ଦେଇ ଗତି କରୁଛି। ବହୁ ବିରୋଧ ସତ୍ତ୍ୱେ ଲୋୟର ସୁକ୍‌ତେଲ ଡ୍ୟାମ୍‌ର ସ୍ପିଲୱେ ନିର୍ମାଣ କାମ ଏ ପର୍ଯ୍ୟନ୍ତ ପ୍ରାୟ ୭୦ ପ୍ରତିଶତ ☞ପୃଷ୍ଠା-୨



ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ପ୍ରକଳ୍ପ।

### ୨୦୧୩ ଭୂମି ଅଧିଗ୍ରହଣ ଆଇନ ବଢ଼ାଉଛି ଅଡୁଆ

ଲୋୟର ସୁକ୍‌ତେଲ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁର ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ଏ ପର୍ଯ୍ୟନ୍ତ ସରକାର ୧୫ଟି ଗାଁରେ ଜମି ଅଧିଗ୍ରହଣ କରିଥିବା କହୁଛନ୍ତି । ତେବେ ଗୋଟିଏ ବି ଗାଁକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରାଯାଇନାହିଁ । ଅନ୍ୟପଟେ ବିସ୍ଥାପିତଙ୍କ ପାଇଁ ୪ଟି ଥଇଥାନ ଅଞ୍ଚଳ ଚିହ୍ନଟ କରାଯାଇ ଜମି ବ୍ୟବସ୍ଥା କରାଯାଇଥିଲା । ସେଠାରେ ଆବଶ୍ୟକ ଭିତ୍ତିଭୂମି ତିଆରି ହୋଇପାରିନାହିଁ । ପୂର୍ବରୁ ପ୍ରକଳ୍ପକୁ ସମର୍ଥନ କରୁଥିବା ଏବଂ ପ୍ରକଳ୍ପ ଦ୍ୱାରା ସର୍ବପ୍ରଥମେ ପ୍ରଭାବିତ ହେଉଥିବା ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗାଁର ଲୋକମାନେ ଏବେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ ☞ପୃଷ୍ଠା-୨


Vencobb Fresh Chicken — Taste the difference!

20.02.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 47 | 89 | 99 |
| CTC | 50 | 93 | 103 |
| DKL | 52 | 96 | 106 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 51 | 94 | 104 |
| BHM | 46 | 88 | 98 |

*Conditions Apply

Issued in the Interest of Consumers

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଭାରତ ୨୩ ଲକ୍ଷ ଟନ୍ ପାଲ୍ମ ଅଏଲ୍ ଆମଦାନି କରିଛି।
**- ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ**

**ଆଜିର ମନ୍ତବ୍ୟ**
"ପାକିସ୍ତାନକୁ ସବୁବେଳେ ସମର୍ଥନ କରିପାରିବ ନାହିଁ ବୋଲି ଚାଇନା ବୁଝିସାରିଛି।
**-ଜେନେରାଲ ମନୋଜ ମୁକୁନ୍ଦ ନରୱଣେ, ସ୍ଥଳସେନା ମୁଖ୍ୟ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ଅଭିନନ୍ଦନ
ପରିବାରବର୍ଗ


ମାମା
ପରିବାରବର୍ଗ


ଶିବ
ପରିବାରବର୍ଗ


ରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘଣ୍ଟେଶ୍ୱରୀରେ ଲାଗିବ ଅଢେଇ କୁଇଣ୍ଟାଲର ଘଣ୍ଟି

**ସମ୍ବଲପୁର,୨୦/୨(ବ୍ୟୁରୋ)**

ସମ୍ବଲପୁର ଜିଲାର ପ୍ରସିଦ୍ଧ ଘଣ୍ଟେଶ୍ୱରୀ ପୀଠରେ ଏମ୍‌ସିଏଲ୍ ଅଢେଇ କୁଇଣ୍ଟାଲ ଓଜନର ଏକ ଘଣ୍ଟି ଲଗାଇବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର ଡ୍ରଇଁ ଓ ବ୍ୟୟ ଅଟକଳ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କୁ ଧାର୍ମିକ ଭାବନାରେ ନିମଜ୍ଜିତ କରାଇବ। ପାରିବାରିକ ଜୀବନରେ ସହନଶୀଳତା ଏବଂ ମନକୁ ସୁହାଇଲା ଭଳି କଥାକହି ପରିବେଶକୁ ହାଲୁକା କରିବେ। ଆଲୋଚନାକାଳରେ ମନକଥାକୁ ମନ ଭିତରେ ଚାପି ରଖି ବନ୍ଧୁଙ୍କ ସହ କଥା ହେବାକୁ ପଡିପାରେ।

**ବୃଷ**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଆପଣଙ୍କୁ ଦୃଢ ମନୋବଳ ଓ ପ୍ରବଳ ଉତ୍ସାହ ପ୍ରଦାନ କରିବ। ରବିଙ୍କ ସ୍ୱଗୃହାବଲୋକନ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହେବ। କିନ୍ତୁ ରୋହିଣୀର ଜନ୍ମତାର ଯୋଗୁ ସାମୟିକ ସ୍ୱାସ୍ଥ୍ୟହାନି ସହ କର୍ମକ୍ଷେତ୍ରରେ ଆଂଶିକ ସଫଳତା ପାଇବେ।

**ମିଥୁନ**
ଚତୁର୍ଥାଧିପ ନିଜରାଶିରୁ ଷଷ୍ଠଭାବସ୍ଥ ଯୋଗୁ ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଜନସେବା ପ୍ରତି ମନ ବଳିବ କିନ୍ତୁ ସହକର୍ମୀ କେହି ବିଶୃଙ୍ଖଳା ପ୍ରଦର୍ଶନ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି। ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବେ।

**କର୍କଟ**
ଶନି ଓ ଚନ୍ଦ୍ରଙ୍କ ସଂଯୋଗରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମୟ କଟାଇବେ। ଆଜି ହଠାତ୍ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କଲେ ନିଶ୍ଚିତ ସମସ୍ୟାରୁ ରକ୍ଷା ପାଇପାରିବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ କିଛି ହେବନି।

**ସିଂହ**
ଶତ୍ରୁଗୃହରେ ରାଶ୍ୟାଧିପ ଏବଂ ବ୍ୟୟଭାବକୁ ଚନ୍ଦ୍ର ଓ ଶନିଙ୍କ ଯୋଗୁଁ ଭ୍ରମଣ ଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବୁଝାମଣା ନେଇ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ, ଆଲୋଚନାରେ ଆଂଶିକ ସଫଳତା ମିଳିବ।

**କନ୍ୟା**
ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବନ୍ଧୁଗହଣରେ ହସଖୁସୀରେ ସମୟ କଟାଇବେ ଏବଂ ସାମାଜିକ ସ୍ତରରେ ମଧ୍ୟ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ବାଣିକାରକ ବୁଧଙ୍କ ଅଶୁଭତ୍ୱରୁ କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ସମୟରେ ସମସ୍ୟା ଉପୁଜିପାରେ।

**ତୁଳା**
କର୍ମାଧିପ ଏବଂ ରାଶ୍ୟାଧିପଙ୍କ ଶୁଭତ୍ୱ ଦୃଷ୍ଟିକୋଣରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଆର୍ଥିକ ସ୍ଥିତି,ପାରିବାରିକ ପରିସ୍ଥିତି, ବ୍ୟବସାୟ ଓ ବାଣିଜ୍ୟ ତଥା ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଓ ନୀରବତା ସମସ୍ୟା ସମାଧାନର ମାର୍ଗକୁ ଉନ୍ମୁକ୍ତ କରିବ। ଆଜି ଆପଣ ଯାହା କରନ୍ତୁନା କାହିଁକି, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ। ଯେତେ ଭଲକାମ କରନ୍ତୁ ନା କାହିଁକି ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିବେ। ଯାନ୍ତ୍ରିକତ୍ରୁଟି, ଅର୍ଥାଭାବ, ବନ୍ଧୁଙ୍କ ସହ ସମ୍ପର୍କହାନି ପରିସ୍ଥିତିକୁ ବିଗାଡି ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗରୁ ଚିନ୍ତିତ ହେବେ।

**ମକର**
ରାଶ୍ୟାଧିପତିଙ୍କ ପ୍ରଭାବରେ ବହୁତ ଦିନରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ପିଲାମାନଙ୍କ ପଢା ସମସ୍ୟା କିମ୍ବା ଆଲୋଚନାରେ ବିଫଳତା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶ୍ରବଣା ନକ୍ଷତ୍ରର କାର୍ଯ୍ୟସିଦ୍ଧି ସଙ୍ଗକୁ ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ହେବ।

**କୁମ୍ଭ**
ଦ୍ୱାଦଶଭାବରେ ଶନି ଆପଣଙ୍କୁ କର୍ମଜଞ୍ଜାଳ ମଧ୍ୟରେ ଅନିଦ୍ରାଜନିତ କ୍ଳାନ୍ତି ଓ ଅବସନ୍ନ କରାଇପାରେ। ସହକର୍ମୀମାନଙ୍କ ସହ ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିରୁ ସଙ୍ଗୀତ ସମାରୋହ, ପୁରାଣପଠନ, ମନୋରଞ୍ଜନାଦି କାର୍ଯ୍ୟକ୍ରମକୁ ଉପଭୋଗ କରିପାରନ୍ତି।

**ମୀନ**
ବୃହସ୍ପତି ପାପଗ୍ରହ କେତୁ ଯୁକ୍ତ କାରଣରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ପରିବାରରେ ନିଜ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ସମସ୍ୟା ହୋଇପାରେ। କେତେକ ଘଟଣାରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ବନ୍ଧୁମିଳନ ମାଧ୍ୟମରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟଦେଇ ସମୟ ଅତିବାହିତ ହେବ।

ଆଜି ସ୍ମାର୍ତସମ୍ମତ ମହାଶିବରାତ୍ରି, ଜାଗରଯାତ୍ରା, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମା'ଙ୍କ ଜୟନ୍ତୀ, ଫେବୃୟାରୀ ୨୧ ତାରିଖ, ଶୁକ୍ରବାର, ଦିବା ଘ.୯।୨୧ମି. ଗତେ, ରାଶି ନକ୍ଷତ୍ର, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ସକାଳ ଘ.୭।୪୮ମି. ମଧ୍ୟେ ଘ.୮।୩୩ମି. ଗତେ, ଘ.୧୦।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୪୨ମି. ଗତେ ଘ.୯।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୩୪ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ...

ନେଇ ପରିବାର ପୂରା ଭାଙ୍ଗିପଡିଛି। ମୀନାକ୍ଷୀଙ୍କ ଭଉଣୀ କହିଛନ୍ତି, ସରକାର ତାଙ୍କ ପୁଅଙ୍କ ବିରୋଧରେ ଲାଗିଥିବା ମିଥ୍ୟା ମାମଲା ଉଠାଇ ନିଅନ୍ତୁ। ଏଥିସହିତ ପରିବାରରେ କେହି ରୋଜଗାର କ୍ଷମ ନ ଥିବାରୁ ଜଣଙ୍କୁ ଚାକିରି ଦେବାକୁ ସେ ନିବେଦନ କରିଛନ୍ତି।
ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ମହିଳା ମୋର୍ଚ୍ଚାର ସଭାପତି ପ୍ରଭାତି ପରିଡ଼ା କହିଛନ୍ତି,ଏହା 'ମୋ ସରକାର'ଙ୍କୁ ଏକ ଧକ୍କା। ଯେଉଁ ସରକାର ନିଜ ଦଳର ମହିଳା ନେତ୍ରୀଙ୍କୁ ନ୍ୟାୟ ଦେଲା ନାହିଁ ସାଧାରଣ ଲୋକଙ୍କୁ କ'ଣ ନ୍ୟାୟ ଦେବ? ସେମାନେ ମୀନାକ୍ଷୀଙ୍କ ସ୍ୱରକୁ କେବେବି ଚାପିଦେଇ ପାରିବେ ନାହିଁ। ଭାଜପା ମହିଳା ମୋର୍ଚ୍ଚା ଏହି ଘଟଣାକୁ ନେଇ ରାଜ୍ୟର ସମସ୍ତ ମା'ଭଉଣୀଙ୍କ ନିକଟକୁ ଯିବ ବୋଲି ପରିଡ଼ା କହିଛନ୍ତି। ସେପଟେ ମୀନାକ୍ଷୀଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ମହିଳା କମିଶନ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ପ୍ରକୃତ ଘଟଣା କ'ଣ ହୋଇଥିଲା। କ'ଣ ପାଇଁ ମୀନାକ୍ଷୀ ଆତ୍ମାହୁତି ଦେଇଥିଲେ, ତାହାର ଅନୁଧ୍ୟାନ କରାଯାଉଛି।
ସୂଚନାଯୋଗ୍ୟ, ଜାନୁୟାରୀ ୨୮ରେ କେତେଜଣ ଦୁର୍ବୃତ୍ତ ମୀନାକ୍ଷୀଙ୍କ ଘରକୁ ଯାଇ ତାଙ୍କର ଏକମାତ୍ର ପୁଅ ରାଜାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ମା' ଓ ପୁଅ ଉଭୟ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୋଲିସ ତାଙ୍କ ଅଭିଯୋଗକ୍ରମେ ପ୍ରଥମେ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଥିଲା। ପରେ ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କିନ୍ତୁ ଜଣେ ଅଭିଯୁକ୍ତଙ୍କ ଅଭିଯୋଗକ୍ରମେ ଆହତ ରାଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାର ପ୍ରତିବାଦରେ ମା' ମୀନାକ୍ଷୀ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ଦେଖାଶୁଣା କରିବା ପାଇଁ କେହି ନ ଥିଲେ। ତେଣୁ ଜେଲରେ ଥିବା ପୁଅ ରାଜା ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟ ତାଙ୍କୁ ଗତ ୧୩ରେ ଅନ୍ତରୀଣ ଜାମିନ ଦେବା ପରେ ରାଜା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ମା'ଙ୍କ ନିକଟକୁ ଯାଇ ଦେଖାଶୁଣା କରିଥିଲେ। ଏହାପରେ ଗତ ୧୪ ତାରିଖରେ ମା' ମୀନାକ୍ଷୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ। ହସ୍‌ପିଟାଲ ଆଇସିୟୁରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ମୀନାକ୍ଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି।

### ପାନ୍ କାର୍ଡ ନୁହେଁ...

ନାଗରିକତ୍ୱ ପ୍ରମାଣ ଲାଗି ଜାବେଦାଙ୍କୁ ଏକ ନୋଟିସ ଜାରି କରିଥିଲେ। ସେ ଟ୍ରିବ୍ୟୁନାଲରେ ହାଜର ହୋଇ ୧୪ଟି ଦସ୍ତାବିଜ ଦାଖଲ କରିବା ସହ ଜନ୍ମଗତ ଭାବେ ଭାରତୀୟ ନାଗରିକ ବୋଲି ନିଜକୁ ଦାବି କରିଥିଲେ। ସେହି ଦସ୍ତାବିଜଗୁଡ଼ିକ ମଧ୍ୟରେ ରହିଛି ପାନ୍ କାର୍ଡ, ରାଶନ କାର୍ଡ, ଦୁଇଟି ବ୍ୟାଙ୍କ ପାସ୍‌ବୁକ୍, ଅନେକ ଜମି ଖଜଣା ରସିଦ ଏବଂ ତାଙ୍କ ବାପା ଜାବେଦ୍ ଅଲିଙ୍କ ଏନ୍‌ଆର୍‌ସି ତଥ୍ୟ। ଏହାସହ ସେ ନିଜ ତଥା ସ୍ୱାମୀ, ମା'ବାପା ଓ ଆଈଅଜାଙ୍କ ନାମ ଉଲ୍ଲେଖ ଥିବା ଭୋଟର ତାଲିକାର ନକଲ ମଧ୍ୟ ଦାଖଲ କରିଥିଲେ। ତେବେ ଗାଁ ମୁଖ୍ୟ ଜଣେ ବ୍ୟକ୍ତିଙ୍କ ନାଗରିକତ୍ୱ ସପକ୍ଷରେ ପ୍ରମାଣପତ୍ର ଦେବା ପାଇଁ ଯୋଗ୍ୟ ନୁହନ୍ତି। ବ୍ୟାଙ୍କ ଦସ୍ତାବିଜଗୁଡ଼ିକ ମଧ୍ୟ ତାଙ୍କର ବୋଲି ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ସେଗୁଡ଼ିକୁ ଗ୍ରହଣ କରି ନ ଥିଲେ। ଜାବେଦା ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ହେଲେ ହାଇକୋର୍ଟ ମଧ୍ୟ ଏହିସବୁ ଦସ୍ତାବିଜକୁ ନାଗରିକତ୍ୱ ପ୍ରମାଣ ପାଇଁ ବୈଧ ନୁହେଁ ବୋଲି ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହାପୂର୍ବରୁ ୨୦୧୬ରେ ମଧ୍ୟ ଗୁଆହାଟୀ ହାଇକୋର୍ଟ ଅନ୍ୟ ଏକ ମାମଲାରେ ପାନ୍ କାର୍ଡ ଓ ବ୍ୟାଙ୍କ ଦସ୍ତାବିଜକୁ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ରାୟ ଦେଇଥିଲେ।

### ୩ ବର୍ଷ ହେଲା...

ସରିଥିବାବେଳେ ମାଟିବନ୍ଧ କାମ ପ୍ରାୟ ୪୦ ପ୍ରତିଶତ ସରିଛି। ଗତ ୧୯ ମାସ ହେଲା ଏହି ପ୍ରକଳ୍ପର ଡ୍ୟାମ ନିର୍ମାଣ କାମ ବନ୍ଦ ରହିଥିବାରୁ ପ୍ରକଳ୍ପ ବନ୍ଦ ହୋଇଯିବା ସନ୍ଦେହ ଓ ଆଶଙ୍କା ଉପୁଜୁଛି। କିଛିଦିନ ତଳେ ଡ୍ୟାମ ସାଇଟ୍‌ରେ କେତେକ ମେଶିନ୍ ଅପସାରଣକୁ ଯିବାକୁ ନେଇ ଏଭଳି ଆଶଙ୍କା ଘନୀଭୂତ ହୋଇଥିଲା। ତେବେ ଏ ନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତଙ୍କୁ ପଚରାଯିବାରୁ ସୁକ୍‌ତେଲ ପ୍ରକଳ୍ପ ଆଉ ବନ୍ଦ ହେବା ସ୍ଥିତିରେ ନାହିଁ ବୋଲି କହିଛନ୍ତି। ଗତ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିବାର ଦିନକ ପୂର୍ବରୁ ଭୁବନେଶ୍ୱରଠାରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ସମୀକ୍ଷା କରିଥିବା ସେ ସୂଚନା ଦେଇଛନ୍ତି। ଏପର୍ଯ୍ୟନ୍ତ ପ୍ରକଳ୍ପରେ ପ୍ରାୟ ୯ଶହ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ବିସ୍ଥାପିତଙ୍କ କ୍ଷତିପୂରଣ ଓ ପୁନର୍ବାସ ବାବଦରେ ମହଜୁଦ ଥିବା ପ୍ରାୟ ୬୦୦ କୋଟି ଟଙ୍କାରୁ ବିସ୍ଥାପିତ ହେବାକୁ ଥିବା ପରିବାରକୁ କ୍ଷତିପୂରଣ ଓ ଥଇଥାନ ଟଙ୍କା ବଣ୍ଟନ କରାଯାଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଚଳିତ ବଜେଟ୍‌ରେ ସୁକ୍‌ତେଲ ପ୍ରକଳ୍ପ ପାଇଁ ପୁଣି ୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ସୂଚନା ମିଳିଛି। ତେବେ ଗତ ୩ ବର୍ଷ ହେଲା ସୁକ୍‌ତେଲ ପ୍ରକଳ୍ପକୁ ଟଙ୍କାଟିଏ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ। ସୁକ୍‌ତେଲ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରୁ ଅନୁଦାନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଗତବର୍ଷ ଅନୁରୋଧ କରାଯାଇଥିଲା। ତେବେ ଏନେଇ କେନ୍ଦ୍ର ସରକାରଙ୍କଠାରୁ ଏଯାଏଁ କୌଣସି ଅନୁମୋଦନ ମିଳି ନ ଥିବା ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି।

### ୨୦୧୩ ଭୂମି...

କ୍ଷତିପୂରଣ ଏବଂ ଥଇଥାନ ଦାବି କରୁଛନ୍ତି। ଏହି ଦାବି ଏବେ ସରକାରଙ୍କୁ ଅଡୁଆରେ ପକାଇଛି। ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପୂର୍ବରୁ ଏୱାର୍ଡ ସରିଥିବା ସ୍ଥାନରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏହା ଆଇନର ଜଟିଳ ଦିଗକୁ ଇଙ୍ଗିତ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ପ୍ରକଳ୍ପ ପ୍ରଭାବିତ ଲୋକେ ଏହା ସେମାନଙ୍କ ନ୍ୟାଯ୍ୟ ଦାବି ବୋଲି କହୁଛନ୍ତି। ଏଭଳି ସ୍ଥିତିରେ ଏହି ପ୍ରକଳ୍ପଟି ବହୁ ବିଳମ୍ବିତ ହୋଇଯାଉଥିବାରୁ ଦିନକୁ ଦିନ ଆହୁରି ନାନା ସମସ୍ୟା ଓ ବିବାଦ ଛନ୍ଦି ହେଉଛି। ଏଭଳି ପରିସ୍ଥିତିରେ ପ୍ରକଳ୍ପ ପାଇଁ ବୁଡି ଅଞ୍ଚଳବାସୀଙ୍କୁ ସରକାର ଡରାଇବେ ନାଁ ବୁଝାଇବେ ଦ୍ୱନ୍ଦ୍ୱରେ ପଡିଛନ୍ତି।

### ୬୦୪ ବୋତଲ...

ଥାନାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ହିମାଂଶୁ ବେହେରା ଏହି ସୂଚନା ଦେଇଛନ୍ତି। ସେ କହଛନ୍ତି ଯେ, ଏହି କାରବାରରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷେ ଏହି ଅଭିଯୁକ୍ତମାନଙ୍କର ଜିଲା ଓ ଜିଲା ବାହାରକୁ ମଧ୍ୟ ଚେର ଲମ୍ବିଛି। ଫୋନରେ ଅର୍ଡର ଆସିଲା ପରେ ଏମାନେ ବାଇକ୍‌ରେ ଡେଲିଭରି ଦେଉଥିଲେ। ଗୋଟିଏ ବୋତଲ କଫସିରପକୁ ୨ ଶହ ଟଙ୍କାରୁ ଅଧିକ ଟଙ୍କାରେ ବିକ୍ରି କରୁଥିଲେ। ତେବେ କଫସିରପ ଓ ନିଶା ସାମ୍ରାଜ୍ୟର ପତନ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ସହ ଲୋକଙ୍କ ଉଦ୍ଦେଶ୍ୟରେ ଏକ ମୋବାଇଲ ନମ୍ବର ଦିଆଯାଇଛି। ଯେଉଁମାନେ କଫସିରପ ଓ ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି ସେମାନଙ୍କ ଉପରେ ଲୋକେ ଉକ୍ତ ନମ୍ବରକୁ କଲ୍ କରି ପୋଲିସକୁ ସୂଚନା ଦେଇପାରିବେ। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ। ଏହାସହ ଏଥିପାଇଁ ସେମାନଙ୍କୁ ଜିଲା ପୋଲିସ ପକ୍ଷରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ଉପସ୍ଥିତ ଥିଲେ।


ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପରିସରରେ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।


# classifieds Everyday
**0674-2580101, 2549302**




**SALE**

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର କଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

Bhubaneswar AIIMS ନିକଟରେ yellowzone ଏବଂ BDA ପ୍ଲାନ ଏରିଆ ଥାଇ ଘରବାରି ପ୍ଲଟ (40x36x3) ବିକ୍ରିହେବ। 9861237472. D-67748

ଭୁବନେଶ୍ୱର ହଂସପାଳଛକ ଠାରୁ 4k.m ଦୂରତାରେ 30' ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ଭୁବନେଶ୍ୱର ପଟିଆ ରେଲ୍‌ୱେ ଷ୍ଟେସନରୁ 500 ମିଟର ଦୂରରେ yellowzone ପ୍ଲଟ୍ ବର୍ଗଫୁଟକୁ ୬୫୦/-, 9938846611, 8327714482. D-68592

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

2BHK flat 1120sqft. adjecent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725. D-16807




2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

Independant ground floor, 3000sqft. five rooms, Dining, Store, Kitchen, Servant room, Three Toilets, Parking main road IRC Village, Bhubaneswar, 8249254037, 8289254736. D-67747




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Ayurvedic full body massage ladies and gents. Contact: 9861064981. D-68789

Sai herbal spa refresh your body with smart, expert therapist. 7608062524. D-69205

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217




10th, +2, +3ରେ ଭଲ percentage ସହ guaranteed ପାସ୍‌ପାଇଁ VIDYASHREE 0674-2551286, 9337188619. D-68593

**Anniversary Wish**



Happy 24th anniversary to Papa Mama.
May you live together forever... we love you...
Best Wishes from:
Puppy, Lucky, Kanha
D-16810




Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291

**LOST**

ମୁଁ ଅନୁସୟା ସାହୁ, ସ୍ୱାମୀ- ପ୍ରମୋଦ କୁମାର ସାହୁ, ଗ୍ରାମ- ପାଣମୁର୍ଗା, ପୋ- ଘଟିପିରି, ଥାନା- ସଦର, ଜିଲ୍ଲା- ଢେଙ୍କାନାଳ ଘୋଷଣା କରୁଅଛି କି, ପାଣମୁର୍ଗା ଗ୍ରାମର ଗୌରାଙ୍ଗ ଜେନା, ପିତା- ଡଉଳା ଜେନାଙ୍କ ଠାରୁ ଖାତା ନଂ- ୮୬, ପ୍ଲଟ୍ ନଂ- ୫୩୧. ଏ ୦.୨୪, RSD No. 10501107775, dtd. 19.12. 2011 ରେ ଜମି କିଣାଯାଇଛି। ଉକ୍ତ ଜମିର କବଲାଟି ପାଣମୁର୍ଗାରୁ ଢେଙ୍କାନାଳ ଆସିବା ବାଟରେ କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। ଅନୁସୟା ସାହୁ, ଫୋନ- ୮୯୧୭୩୩୭୩୭୮। ଧ-୬୬୮୪୨

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଏତଦ୍ୱାରା ଆମ୍ଭେ ସତ୍ୟପାଠ ଜରିଆରେ ଘୋଷଣା କରୁଅଛୁ, ଆମ୍ଭେ ଚକ୍ରଧର ଗୋଛାୟତ, ପିତା- ପ୍ରାଣକୃଷ୍ଣ ଗୋଛାୟତ, ଗ୍ରାମ- ଗୋଠଗଡିଆ, ପୋଅ- ନଳବାହାର, ଥାନା- ବସ୍ତା, ଜିଲ୍ଲା- ବାଲେଶ୍ୱର ଆମ୍ଭ ନାମରେ ନଳବାହାର ମୌଜାରେ ଥିବା ଖାତା ନଂ-୫୨ ବିଶିଷ୍ଟ ଅରିଜିନାଲ୍ ପଟ୍ଟାଟି ହଜିଯାଇଛି। ଯଦି କେହି ଏହି ପଟ୍ଟାର ସନ୍ଧାନ ପାଆନ୍ତି ମୋବାଇଲ ନଂ ୬୩୭୧୪୯୧୮୬୬ ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୬୮୦୮

**AFFIDAVIT**

By virtue of an affidavit before Notary Public, Bhubaneswar I, Naliniprava Patra, W/o- Abhiram Patra, R/o- Gangeswar, PO- Bhatapatna, Dist- Cuttack declare that before marriage my name was "Naliniprava Nayak" and after marriage I known as "Naliniprava Patra". Henceforth Naliniprava Nayak & Naliniprava Patra is one and same person for all purposes. D-69219

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜାଗର




# ବ୍ୟାରେଜ ଅଗ୍ରଗତି ନେଇ ଉତ୍ତର ରଖିଲେ ଜଳସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ମହାନଦୀର ନିମ୍ନସ୍ରୋତରେ ପ୍ରସ୍ତାବିତ ୭ ବ୍ୟାରେଜ୍ ମଧ୍ୟରୁ ୫ ବ୍ୟାରେଜ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରାଯାଇ ତାହାର ପ୍ରି-ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି ଅନ୍ୟ ୨ ବ୍ୟାରେଜ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ୨୦୧୮ ମସିହାରେ ଜଳସମ୍ପଦ ବିଭାଗ ପକ୍ଷରୁ ୭ ବ୍ୟାରେଜ ଏବଂ ମହାନଦୀର ଉପ ଓ ଶାଖା ନଦୀଗୁଡ଼ିକରେ ୨୩ ସେଚ ପ୍ରକଳ୍ପ ନିର୍ମାଣ ନେଇ କୁହାଯାଇଥିଲା। ଏହିସବୁ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା କେତେ ମାତ୍ରାରେ ଅଗ୍ରଗତି ହୋଇଛି, ସେ ନେଇ ଆସିଥିବା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ରଘୁନନ୍ଦନ ଏହା କହିଛନ୍ତି। ବିଜେଡି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଅଣତାରକା ପ୍ରଶ୍ନ ନଂ ୭୬୩ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି।

ବିଜେପୁର ଲିଫ୍ଟ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। କୁସୁମିର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ସାନ୍ଧୁଲ, ଅହିରାଜୋର, ରାନଜୋର, ଜୀରା ଲୋୟର ଲାଞ୍ଚ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲିଛି। କୁଟୁଲିସିଙ୍ଘା ପୁନର୍ବସତି ଓ ପୁନଃ ଥଇଥାନ, ପରିବେଶ ମଞ୍ଜୁରୀ ଓ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲୁଛି। ଅଙ୍ଗ ସେଚ ପ୍ରକଳ୍ପ ପାଇଁ ସମସ୍ତ ବୈଧାନିକ ମଞ୍ଜୁର ପ୍ରାପ୍ତ ହୋଇଛି। ହେଲେ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକ ଏହାକୁ ବିରୋଧ କରୁଥିବା ଜଣାପଡିଛି। ଇବ୍ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଆୟୋଗଙ୍କ ବୈଷୟିକ ଅନୁମୋଦନ ମିଳିଛି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ଗ୍ରାମ ସଭା ହୋଇନାହିଁ। ତେଣୁ ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରୁନାହିଁ। ଅପରଲାଞ୍ଚ ପ୍ରକଳ୍ପର ପରିବେଶ ମଞ୍ଜୁରୀ ଓ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ହୋଇଛି। ଅପର-ଉଦନ୍ତୀ ଡିପିଆର କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ଯାଇଥିବା ଜଣାପଡିଛି। ସେହିଭଳି ଖଡାଗୋ ଏବଂ ଲୋୟର ଉଦନ୍ତୀ ଫିଜିବିଲିଟି ରିପୋର୍ଟ ଅନୁମୋଦନ ଅପେକ୍ଷାରେ ରହିଛି। ମହାନଦୀ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାରୁ ତେଲ-ଇଣ୍ଟିଗ୍ରେଟେଡ୍ ଏବଂ ତେଲିଜୋର ପ୍ରକଳ୍ପ ଡିପିଆର ଅନୁମୋଦନ ହୋଇନାହିଁ। ବ୍ରାହ୍ମଣୀପଦ, ଉତ୍ତେଇ ଏବଂ ଲକ୍ଷ୍ମୀପଥର ସର୍ଭେ ଓ ଅନୁସନ୍ଧାନ ଚାଲୁଅଛି। ଲମ୍ବୋଦରା ଓ ସୁରୁବାଲିଜୋରରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି।

# ସଙ୍କୁଚିତ ହୋଇଛି ଦୟା କେନାଲର ଜଳସେଚନ କ୍ଷମତା

## ■ ଦୟା କେନାଲକୁ ନେତା, ଅଫିସର ମାଡ଼ି ବସିଛନ୍ତି: କଂଗ୍ରେସ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଦୟା ୱେଷ୍ଟ ଶାଖା କେନାଲ ଭୁବନେଶ୍ୱର ଓ ଜଟଣୀ ବ୍ଲକର ୨,୪୧୭ ହେକ୍ଟରକୁ ଜଳ ଯୋଗାଇ ଦେବା ଲାଗି ନିର୍ମାଣ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ସହରୀକରଣ ଯୋଗୁ ବର୍ତ୍ତମାନ ପ୍ରାୟ ୧୩୫୦ ହେକ୍ଟରକୁ ଜଳସେଚନ ଯୋଗାଇ ଦିଆଯାଉଛି। ବୈଷୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୟା ୱେଷ୍ଟ କେନାଲର ସୁଆଙ୍ଗ ଅଞ୍ଚଳରେ ଲାଇନିଂ କାମ କରାଯାଉଛି। ଏହି କେନାଲର ଅଧିକାଂଶ ଅଞ୍ଚଳ ସହର ମଧ୍ୟରେ ଥିବାରୁ ଏହାର ବାମ ପାର୍ଶ୍ୱରେ ୧୩.୧୨୬ କିମି ଓ ଡାହାଣ ପାର୍ଶ୍ୱରେ ୨୩.୧୫୨ କିମି ରାସ୍ତାକୁ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ ଉନ୍ନତୀକରଣ କରାଯାଉଛି। ରାଜ୍ୟର ଜଳସେଚନ ବିଭାଗ ଅଧୀନରେ ପ୍ରାୟ ୧୭,୩୮ କିମି କେନାଲ ଓ ନଦୀବନ୍ଧ ରହିଛି। ରାସ୍ତାର ଅବସ୍ଥା, ଗୁରୁତ୍ୱ ଓ ବଜେଟ ବ୍ୟୟବରାଦକୁ ଦୃଷ୍ଟିରେ ରଖି ଉନ୍ନତୀକରଣ କରାଯାଉଛି। ଗୁରୁବାର ପ୍ରଶ୍ନୋତ୍ତର ବେଳେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଦୟା ୱେଷ୍ଟ କେନାଲ ଉପରେ ସରକାରଙ୍କ ନଜର ନ ପଡ଼ିବାର କାରଣ କ'ଣ। କେନାଲରେ ଦୀର୍ଘଦିନ ଧରି ପାଣି ଆସୁନାହିଁ। ବନ୍ଧ ଉନ୍ନତି ନ କରି ପଥର ପ୍ୟାକିଂ କରିବାର କାରଣ କ'ଣ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଦୟା ୱେଷ୍ଟ କେନାଲର ଉନ୍ନତୀକରଣ କରିବା ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାରଥୀ କହିଥିଲେ ଯେ, ସୁର ବାବୁ ଏବଂ ମୋତେ ସାଙ୍ଗରେ ନେଇ ଉକ୍ତ ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନରେ ଚାଲନ୍ତୁ। ମୂଳ ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ ଅଭିଯୋଗ କରିଥିଲେ ଆଇଏଏସ୍ ଅଫିସର, ଶିଳ୍ପପତି, ନେତା, ବ୍ୟବସାୟୀ କେନାଲ ଚାରିକଡ଼କୁ ବେଆଇନ ଭାବେ ମାଡ଼ି ବସିଲେଣି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମନ୍ତ୍ରୀ କହିଥିଲେ ଯେ, ଏହା ଅନୁସନ୍ଧାନ ସାପେକ୍ଷ। ଦୟା କେନାଲ ଉଭୟପାର୍ଶ୍ୱକୁ କଂକ୍ରିଟ କରାଯାଉଛି। ମହାରଥୀଙ୍କ ପ୍ରସ୍ତାବାନୁଯାୟୀ ଉକ୍ତ ଅଞ୍ଚଳକୁ ପରିଦର୍ଶନରେ ଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ମାର୍ଚ୍ଚ ୧୩ରୁ ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ ଉପସ୍ଥାପନ କରାଯାଇଛି। ଆସନ୍ତା ମାର୍ଚ୍ଚ ୧୩ରୁ ବିଭାଗୱାରୀ ଖର୍ଚ୍ଚଦାବି ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହି କ୍ରମରେ ମାର୍ଚ୍ଚ ୧୨ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ କଲ୍ୟାଣ ବିଭାଗ ସମ୍ପର୍କରେ ଆଲୋଚନା ହେବ। ୧୩ରେ ଜଳସମ୍ପଦ, ୧୪ରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ୧୭ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅବକାରୀ, ୧୮ରେ କୃଷି, ଯୋଜନା ଓ ସଂଯୋଜନା ଏବଂ ପର୍ଯ୍ୟଟନ, ୧୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ୨୦ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବ। ସେହିଭଳି ୨୩ରେ ଶକ୍ତି, ୨୪ରେ ସ୍ୱରାଷ୍ଟ୍ର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ୨୫ରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ୨୬ରେ ଇସ୍ପାତ ଓ ଖଣି, ୨୭ରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ଏବଂ ୩୦ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ।

# ସୋମବାର ଆଗତ ହେବ ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାରେ ଆସନ୍ତା ସୋମବାର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉପସ୍ଥାପନ କରିବେ। ରିପୋର୍ଟ ଉପସ୍ଥାପନ ହେବାକୁ ଥିବା ବିଶ୍ୱବିଦ୍ୟାଳୟଗୁଡିକ ହେଉଛି- ଉତ୍କଳ ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ ୨୦୧୬-୧୭), ସମ୍ବଲପୁର ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ୨୦୧୬-୧୭), ରେଭେନ୍‌ଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮)। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୬-୧୭), ଫକୀର ମୋହନ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮) ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(୨୦୧୫-୧୬ରୁ ୨୦୧୭-୧୮)ର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ।

# ହୁକିଟୋଲାଠାରେ ନିର୍ମାଣ ହେବ ଭାସମାନ ଜେଟି

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ କେନ୍ଦ୍ରାପଡ଼ା ଜିଲାର ହୁକିଟୋଲାଠାରେ ଚଳିତବର୍ଷ ଗୋଟିଏ ଭାସମାନ ଜେଟି ନିର୍ମାଣ କରାଯିବ। ଏଥିସହ ଯିବାଆସିବା କରିବା ଲାଗି ନଦୀକୂଳଠାରୁ ହୁକିଟୋଲା ପର୍ଯ୍ୟନ୍ତ ଏକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଯାଉଛି। ଏଠାରେ ମଧ୍ୟ ଏକ ୱାଚ୍‌ଟାୱାର ନିର୍ମାଣ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସ୍ଥା ହୋଇଛି। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ ହୁକିଟୋଲା ଜମ୍ବୁଦ୍ୱୀପ ବତିଘରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇ ଏହାର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ବତିଘର ଓ ଜମ୍ବୁ ଦ୍ୱୀପରେ ଅବସ୍ଥିତ ହୁକିଟୋଲାକୁ ୨୦୧୪ରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଇଛି। ସେଠାରେ ଥିବା ପୁରୁଣା ବ୍ରିଟିଶ ଅମଳର କୋଠାକୁ ବିଶ୍ୱବ୍ୟାଙ୍କ ସହାୟତାରେ ଆଇସିଜେଡ୍‌ଏମ୍‌ପି ମାଧ୍ୟମରେ ୧୦୩୯୩୧୩୮ ଟଙ୍କା ଖର୍ଚ୍ଚ କରାଯାଇ ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ କହିଥିଲେ ଯେ ପର୍ଯ୍ୟଟନ ବିଭାଗ କୁଣ୍ଠେଇ କୁଣ୍ଠେଇ ଚାଲୁଛି। ବୃହତ୍‌ଆକାରରେ କିଛି ହେଉ ନାହିଁ। କେରଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ହୋଇଛି। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଧୀମେଇ ଧୀମେଇ ପର୍ଯ୍ୟଟନ ବିଭାଗ ଚାଲୁ ନାହିଁ। ରାଜ୍ୟର ୪୮୨ କି.ମି. ବେଳାଭୂମି ରହିଛି। ପୁରୀରେ ହୋଇଥିବା ଇକୋ ରିଟ୍ରିଟ ବିଶ୍ୱ ପ୍ରସିଦ୍ଧ ହୋଇଛି। ଏଠାକୁ ବିଦେଶୀ ପର୍ଯ୍ୟଟକମାନେ ଆସିଛନ୍ତି। ଅନ୍ୟ ବେଳାଭୂମିରେ ମଧ୍ୟ ଏଭଳି ଇକୋ ରିଟ୍ରିଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



# ଖୁବ୍‌ଶୀଘ୍ର ବିଜେଡି ସାଙ୍ଗଠନିକ ଜିଲା ସଭାପତିଙ୍କ ନାଁ ଘୋଷଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଖୁବ୍‌ଶୀଘ୍ର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯିବ। ଏନେଇ ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇଥିବା ଜଣାପଡିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଅନୁମୋଦନ କରିଥିବା ଜଣାପଡିଛି। ଦଳର ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରାୟତଃ ସମାପ୍ତ ହୋଇଥିବା ଜଣାପଡିଛି। ସେହିଭଳି ଦଳର ୨ ଛାମୁଆ ସଙ୍ଗଠନ(ଯୁବ ଓ ଛାତ୍ର)ର ପୁନର୍ଗଠନ ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## ସର୍ବକ୍ଷମା ଅବଧି ବୃଦ୍ଧି ପ୍ରସଙ୍ଗ

# ୬ ମାସ ବଢ଼ାଇବାକୁ ଦାବି

## ■ ନଗର ଉନ୍ନୟନ ବିଭାଗକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ରାଜଧାନୀରେ ବେଆଇନ ଭାବେ ବହୁ ଅଟ୍ଟାଳିକା ଗଢ଼ି ଉଠୁଛି। ସେଗୁଡ଼ିକୁ ରେଗୁଲାରାଇଜ୍ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସର୍ବକ୍ଷମା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଅବଧି ଫେବୃୟାରୀ ୨୦ ତାରିଖରେ ଶେଷ ହୋଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହାର ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି।

ଗୁରୁବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, କେବଳ ଭୁବନେଶ୍ୱରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ଘର ରହିଛି। ଏହି ଯୋଜନା ଜରିଆରେ ଲୋକମାନେ ଏବେବି ଆବେଦନ କରୁଛନ୍ତି। ଏପର୍ଯ୍ୟନ୍ତ ୧୦ହଜାର ଆବେଦନ

ପ୍ରଶ୍ନୋତ୍ତର



ହୋଇଛି। ଏହାର ଅବଧିକୁ ବଢ଼ାଇବା ଲାଗି ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ସର୍ବକ୍ଷମା ଯୋଜନାର ଅବଧି ଆଉ ୬ ମାସ ବଢ଼ାଯାଉ। ରାଜ୍ୟ ସରକାରଙ୍କୁ ଏଥିଲାଗି ରାଜସ୍ୱ ମିଳିବା ସହ ଯେଉଁ ଲୋକମାନେ ବିନା ଅନୁମୋଦନରେ ଗୃହ ନିର୍ମାଣ କରିଛନ୍ତି ସେମାନେ ମଧ୍ୟ ଜରିମାନା ଦେଇ ନିଜ ଘରକୁ ରେଗୁଲାରାଇଜ୍ କରିପାରିବେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏ ସଂକ୍ରାନ୍ତରେ ରୁଲିଂ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅବଧି ବଢ଼ାଇବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାଚସ୍ପତିଙ୍କ ରୁଲିଂ ପରେ ମଧ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ଅବଧି ଆଉ ବଢ଼ାଯିବ ନାହିଁ ବୋଲି ଗୃହ ବାହାରେ ଗଣମାଧ୍ୟମକୁ କହିଛନ୍ତି। ବେଆଇନ ନିର୍ମାଣଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାଇ ଦେଇଛନ୍ତି।

# ଏମ୍‌ଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

## ■ ଏମ୍‌ଏଲ୍‌ଏ ଲ୍ୟାଡ୍ ମନ୍ଦିର, ସ୍କୁଲ ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହୋଇପାରିବ: ମନ୍ତ୍ରୀ

## ■ ଉଚ୍ଛେଦ ହେଲା ସ୍ପେଶାଲ ଡେଭେଲପ୍‌ମେଣ୍ଟ ଫଣ୍ଡ

ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲ୍ୟାଡ୍) ମନ୍ଦିର ମରାମତି, ରକ୍ଷଣାବେକ୍ଷଣ କିମ୍ବା ମନ୍ଦିର ଜାଗାରେ କୌଣସି ପ୍ରକାର ନିର୍ମାଣରେ ଖର୍ଚ୍ଚ କରାଯାଇପାରିବ ନାହିଁ। ତେବେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି(ଏମ୍‌ଏଲ୍‌ଏ ଲ୍ୟାଡ୍) ଏ ଦିଗରେ ଖର୍ଚ୍ଚ ହୋଇପାରିବ। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି।

ଭାଜପା ସଭ୍ୟ ଜୟନ୍ତ କୁମାର ଷଡ଼ଙ୍ଗୀ ମୂଳପ୍ରଶ୍ନରେ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ କେଉଁ କେଉଁ ନୀତିନିୟମ ଓ ପଦ୍ଧତିରେ ଖର୍ଚ୍ଚ କରାଯାଏ। କେଉଁ ପୂର୍ବତନ ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରୁ କେତେ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି। କେତୋଟି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପୂର୍ଣ୍ଣ ହୋଇଛି। ଆଦୌ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ପ୍ରକଳ୍ପର ନାମ, ଖର୍ଚ୍ଚ ପରିମାଣ କେତେ ସେ ସମ୍ପର୍କରେ ସରକାର ଗୃହକୁ ଅବଗତ କରିବାକୁ ପଚାରିଥିଲେ।

ମନ୍ତ୍ରୀ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ମାର୍ଗଦର୍ଶିତା ଅନୁଯାୟୀ ଅନୁମୋଦିତ ମଞ୍ଜୁର ପ୍ରକଳ୍ପଗୁଡ଼ିକ ପଞ୍ଚାୟତସ୍ତରରେ ପଞ୍ଚାୟତିବିଭାଗ, ମ୍ୟୁନିସିପାଲିଟି ସ୍ତରରେ ନଗର ଉନ୍ନୟନ ବିଭାଗ ପ୍ରଚଳିତ ନିୟମାନୁଯାୟୀ କାର୍ଯ୍ୟକାରୀ କରାଯାଏ। ଏପର୍ଯ୍ୟନ୍ତ ପୂର୍ବତନ ଏମ୍‌ପି ଲ୍ୟାଡ୍‌ରେ ଅନୁମୋଦିତ ଅର୍ଥରେ ୯୨.୭୩% ଅର୍ଥ ଖର୍ଚ୍ଚ ହୋଇ ୧ ଲକ୍ଷ ୩୮ହଜାର ୪୧୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିଭଳି ପୂର୍ବତନ ବିଧାୟକଙ୍କ ଏମ୍‌ଏଲ୍‌ଏ ଲ୍ୟାଡ୍‌ରୁ ୮୪.୦୪% ଅର୍ଥ ଖର୍ଚ୍ଚ ହୋଇ ୨ ଲକ୍ଷ ୭୭ ହଜାର ୯୪୫ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍‌ରେ ଯଥାକ୍ରମେ ୧୧୪୨ ଓ ୫୩୪୦ଟି ପ୍ରକଳ୍ପ ଆରମ୍ଭ ହୋଇ ପାରି ନାହିଁ।

ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଥିଲେ ବହୁ ଏମ୍‌ଏଲ୍‌ଏ ପ୍ରକଳ୍ପ କାର୍ଯ୍ୟାଦେଶ ଥାଇ ମଧ୍ୟ କାମ ହେଉନାହିଁ। ସେଗୁଡ଼ିକ କେବେ କାର୍ଯ୍ୟକାରୀ ହେବ। ମନ୍ତ୍ରୀ କହିଥିଲେ ୱାର୍କଅର୍ଡର ହେବାର ୬ ମାସ ମଧ୍ୟରେ ପଇସା ଖର୍ଚ୍ଚ ହେବା କଥା। ଯଦି ପ୍ରକଳ୍ପ ନ ହୁଏ ତେବେ ସେ ଅର୍ଥ ଅନ୍ୟ ପ୍ରକଳ୍ପରେ ବିନିଯୋଗ କରାଯାଇପାରିବ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆ, ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ, ଭାଗୀରଥି ସେଠୀ, ପ୍ରଦୀପ ଅମାତ ପ୍ରମୁଖ ଏମଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚ ନେଇ ଆପତ୍ତି ଉଠାଇଥିଲେ। ଯେଉଁ ଏମ୍‌ପି ଲ୍ୟାଡ୍ ଅର୍ଥ ମନ୍ଦିର ମରାମତି, ପୁନରୁଦ୍ଧାର ଓ ତିଆରି ପାଇଁ ଖର୍ଚ୍ଚ କରାଯାଇଛି ସେଗୁଡ଼ିକର ତଦନ୍ତ କରାଯାଇଛି। ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ମନ୍ଦିର କିମ୍ବା ସ୍କୁଲ ଘର ନିର୍ମାଣରେ ଖର୍ଚ୍ଚ କରିବା ଲାଗି ଯୋଜନା ଓ ସଂଯୋଜନା ବିଭାଗର ଅଫିସରମାନେ ମନା କରୁଛନ୍ତି। ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡ ଅଛି ନା ଏହାକୁ ଉଚ୍ଛେଦ କରାଯାଇଛି। ମନ୍ତ୍ରୀ କହିଥିଲେ ଯେ, ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ସ୍କୁଲ ଓ ମନ୍ଦିର ପୁନରୁଦ୍ଧାର କରିବାରେ ଖର୍ଚ୍ଚ କରାଯାଇପାରିବ। ଯଦି କୌଣସି ଅଫିସର ମନା କରିଛନ୍ତି ଲିଖିତ ଆକାରରେ ଜଣାଇଲେ ତାହା ସମାଧାନ ହୋଇପାରିବ। ରାଜ୍ୟ ସରକାର ୨୦୨୦-୨୧ ବଜେଟରେ ଏମ୍‌ଏଲ୍‌ଏ ଲ୍ୟାଡ୍‌କୁ ୧ କୋଟିରୁ ୩ କୋଟିକୁ ବୃଦ୍ଧି କରିଛନ୍ତି। ତେବେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡକୁ ଉଚ୍ଛେଦ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହିପାଣ୍ଠି ପାଇଁ ପ୍ରତ୍ୟେକ ବିଧାନସଭା କ୍ଷେତ୍ରକୁ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଉଥିଲା। ଏମ୍‌ଏଲ୍‌ଏ ଲ୍ୟାଡ୍ ପାଣ୍ଠି ବଢ଼ାଇବା ପରେ ଏହାକୁ ବନ୍ଦ କରିଦିଆଯାଇଛି।

## ଜିଲା ଚିଠି



## କଳାହାଣ୍ଡି

### ଶିଳ୍ପ ବିକାଶ ଚିନ୍ତା

ଦିନ ଥିଲା କଳାହାଣ୍ଡି ଏକ ଶିଳ୍ପସମୃଦ୍ଧ ଜିଲା ଭାବେ ପରିଚିତ ଥିଲା। ହେଲେ ବିଭିନ୍ନ କାରଣରୁ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦ ହୋଇଗଲା। ଜୁନାଗଡ଼ ନିକଟସ୍ଥ ମଥୁରାଠାରେ ସ୍ଥାପିତ ଚିନିକଳ ବନ୍ଦ ହେବା ପରେ ଏହି ଶିଳ୍ପ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଲୋକମାନେ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି। ଆଖୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେସିଙ୍ଗା ସୂତାକଳ ମଧ୍ୟ ବନ୍ଦ ହୋଇଯାଇଛି। ଜିଲାରେ ଉନ୍ନତମାନର କପା ଚାଷ ହେଉଛି। କଳାହାଣ୍ଡିର କପା ରାଜ୍ୟ ବାହାରେ 'ଧଳା ସୁନା' ବୋଲି ପରିଚିତ। ହେଲେ ସୂତାକଳ ବନ୍ଦ ଯୋଗୁ କପାଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କେସିଙ୍ଗାଠାରେ ପ୍ରସ୍ତାବିତ କାଗଜକଳ ସ୍ୱପ୍ନ ହୋଇ ରହିଯାଇଛି। ଏଥିପାଇଁ ଅଧିଗ୍ରହଣ କରାଯାଇଥିବା ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏସବୁ ଶିଳ୍ପର ପୁନରୁଦ୍ଧାର ତ ଦୂରର କଥା କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ପାର ବଏଲ ରାଇସ ମିଲର କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ଜୁନାଗଡ଼ ବ୍ଲକ ଗୌଡ଼ସର୍ଗିଗୁଡ଼ା ନିକଟସ୍ଥ ପୁରୁଣା ଚିନିକଳଠାରେ ୨୦୧୬ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ପାର ବଏଲ ରାଇସ ମିଲ, ୨୦୩ ମେଗାୱାଟ୍ କ୍ଷମତା ସମ୍ପନ୍ନ ବାୟୋମାସ୍କ ପାୱାର ପ୍ରୋଜେକ୍ଟ ଓ ସମନ୍ୱିତ ଗ୍ରେନ୍ ବେସ ଡିଷ୍ଟିଲାରି ପ୍ରକଳ୍ପ। ନୂତନ ପ୍ରକଳ୍ପ ହେବ ଓ ଅଞ୍ଚଳର ଲୋକଙ୍କୁ କାମ ମିଳିବ ବୋଲି ଜିଲାବାସୀ ଆଶା କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ। ଉପରୋକ୍ତ ପ୍ରକଳ୍ପ ପାଇଁ ଜନଶୁଣାଣି ହୋଇଥିଲା। ଦୀର୍ଘଦିନରୁ ବନ୍ଦ ପଡ଼ିଥିବା ଏହି ଶିଳ୍ପର ପୁନଃ କାର୍ଯ୍ୟକ୍ଷମ ନେଇ ଜିଲାବାସୀଙ୍କ ମଧ୍ୟରେ କିଛିଟା ଆଶାସଞ୍ଚାର ହୋଇଥିଲା। ଏହି ୩ଟି ପ୍ରକଳ୍ପ ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଥିଲା। ଏବେ ଜୁନାଗଡ଼ ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ। ସେ କଳାହାଣ୍ଡି ଜିଲା ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

– ସଞ୍ଜୀବ କୁମାର ଯୋଷୀ

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି । ସେ ତୁମକୁ ଜୀବନ –ଯାତ୍ରାରେ ପଥ ଦେଖାଇ ନେଇଯିବେ । ବହୁ ବାଧାବିଘ୍ନ ଆସିବ ଓ ଯିବ । କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ
–ଶ୍ରୀଅରବିନ୍ଦ



# କେବଳ ଟୋକନିଜ୍‌ମ

ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉପସ୍ଥାପିତ ୨୦୨୦–୨୧ର ବଜେଟ କେବଳ ଟୋକନିଜ୍‌ମ ଭଳି ମନେହେଉଛି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାବି କରିଥିଲେ ଯେ, ଚଳିତବର୍ଷର ରାଜ୍ୟ ବଜେଟ କେତେକ ଦୃଷ୍ଟିରୁ ଦେଶରେ ଓ ଆଉ କେତେକ ଦୃଷ୍ଟିରୁ ରାଜ୍ୟରେ ପ୍ରଥ । ତେବେ କାଗଜବିହୀନ ବା ଇ–ବଜେଟ କ୍ଷେତ୍ରରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ । ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବା ସମୟରେ ଇ–ବଜେଟ ଦେଖିବା ପାଇଁ ବିଧାୟକମାନଙ୍କୁ ଟାବ୍‌ଲେଟ ଦିଆଯାଇଥିଲା । ତେବେ ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍, ଟିଭି ବା କମ୍ପ୍ୟୁଟର ନାହିଁ, ସେମାନଙ୍କ ପକ୍ଷେ ବଜେଟର ତଥ୍ୟ ପାଇବା କଷ୍ଟକର ହୋଇଥିଲା । ସରକାର ଦାବି କରିଛନ୍ତି ଯେ, ବଜେଟ ପୁସ୍ତିକା ପ୍ରକାଶ ନ କରିବା ଦ୍ୱାରା ୭୦,୦୦୦ରୁ ଅଧିକ ଗଛଙ୍କ ଜୀବନ ବଞ୍ଚିଯାଇପାରିଛି । କାରଣ ବଜେଟ ବହି ଛାପିବା ପାଇଁ ଯେତିକି କାଗଜ ଖର୍ଚ୍ଚ ହୋଇଥାନ୍ତା, ସେତିକି କାଗଜ ତିଆରି ପାଇଁ ୭୦,୦୦୦ରୁ ଅଧିକ ଗଛ କାଟିବାକୁ ପଡ଼ିଥାନ୍ତା । ତେଣୁ ଇ–ବଜେଟ ଏକ ପରିବେଶ ଅନୁକୂଳ ପଦକ୍ଷେପ ।

ପୂଜାରୀ ପୁଣି କହିଲେ ଯେ, ସେ ଏଥର ଜଳବାୟୁ ଓ ପୋଷଣ ଉପରେ ଭିନ୍ନ ଭିନ୍ନ ବଜେଟ ଉପସ୍ଥାପନ କରିଛନ୍ତି, ଯାହା ସମ୍ଭବତଃ ଦେଶରେ ପ୍ରଥମ । ପିଲାଙ୍କ ପାଇଁ ବଜେଟ ଓ ଲିଙ୍ଗ (ଜେଣ୍ଡର) ବଜେଟ ଆଉ ଦୁଇଟି ନୂଆ ଚିନ୍ତାଧାରା । କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ପାଣିପାଗ ଉପରେ ଆଉ ଏକ ବଜେଟ ଶୀଘ୍ର ଆସିବ । ୨୦୧୩–୧୪ ମସିହାରୁ ସରକାର କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିଆସୁଛନ୍ତି ଏବଂ ଏଥର ମଧ୍ୟ ତାହା କରିଛନ୍ତି । ବାସ୍ତବରେ କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବାରେ କର୍ଣ୍ଣାଟକ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ । ଏହିସବୁ ଟୋକନିଜ୍‌ମ ବ୍ୟତୀତ ଅର୍ଥନୈତିକ ଦୃଷ୍ଟିରୁ ବଜେଟରେ ସେମିତି ମନେରଖିଲା ଭଳିଆ କିଛି ନୂଆ କଥା ନାହିଁ । ସମ୍ବଳ ସଂଗ୍ରହ ଓ ବ୍ୟୟ ଦୃଷ୍ଟିରୁ ସରକାର ପୂର୍ବ ଢାଞ୍ଚାରେ ରହିଛନ୍ତି । ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ସମ୍ଭବତଃ ସରକାର କୃଷି ଲାଗି ଅଧିକ ବ୍ୟୟ ବରାଦ କରିପାରି ନାହାନ୍ତି । ଏହି କ୍ଷେତ୍ର ପାଇଁ ସରକାର ୧୯,୪୦୮ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ତାହା ୨୦୧୯–୨୦ କୃଷି ବଜେଟରେ ହୋଇଥିବା ବ୍ୟୟ ବରାଦ ତୁଳନାରେ ୧୩୦୬ କୋଟି ଟଙ୍କା କମ୍ ।

## ଆଜିର ଅର୍ଥନୀତି

ଅର୍ଥମନ୍ତ୍ରୀ କିଛି କ୍ଷେତ୍ର ପାଇଁ କେତେକାଂଶରେ ମୁଣା ଖୋଲି ଦେଇଥିବା ବେଳେ ସମ୍ବଳ କେଉଁଠୁ ଆସିବ ସେ ବାବଦରେ ନୀରବ ରହିଛନ୍ତି । ପୂଜାରୀ ଦାବି କରିଛନ୍ତି ଯେ, ସେ ଶିଳ୍ପ କ୍ଷେତ୍ର ପାଇଁ ୫୭୫ କୋଟି ଟଙ୍କା ବା ଦୁଇଗୁଣ ବ୍ୟୟ ବରାଦ କରିଛନ୍ତି । ବାସ୍ତବ ଦୃଷ୍ଟିରୁ ଦେଖିଲେ ଏହା ସେମିତି ବେଶି କିଛି ନୁହେଁ । କୃଷି କ୍ଷେତ୍ରର ଦୁଃଖ ଦୂରକରିବାରେ ଚଳିତ ବଜେଟ ବିଫଳ ହୋଇଛି । ରାଜ୍ୟର ୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବେଳେ କୃଷି ଭିତ୍ତିଭୂମି ବିକାଶ ଲାଗି କୌଣସି ଦୀର୍ଘମିଆଦୀ ଯୋଜନା ଗ୍ରହଣ କରାଯାଇନାହିଁ । ବିଶେଷତଃ ଉପକୂଳ ଅଞ୍ଚଳରେ ଜଳସେଚନ ଭିତ୍ତିଭୂମି ବିକାଶ, ନିର୍ଦ୍ଦିଷ୍ଟ କୃଷିଜାତ ସାମଗ୍ରୀ ପାଇଁ ମଣ୍ଡିର ବିକାଶ, କୃଷି ଉତ୍ପାଦର ବିକ୍ରି ପାଇଁ ବଜାର ସୁବିଧା ପ୍ରତିଷ୍ଠା, ରାଜ୍ୟରେ ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ଭଣ୍ଡାର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ଥିଲା । ବଢୁଥିବା ବେକାରି ସମସ୍ୟାର ସମାଧାନ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ଲାଗି କୌଣସି ପଦକ୍ଷେପ ନିଆଯାଇ ନାହିଁ । ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଇଥିଲେ ସେଥିରେ ବହୁ ଲୋକ ନିଯୁକ୍ତିର ସୁବିଧା ପାଇପାରିଥାନ୍ତେ । ରାଜ୍ୟରେ ୪୮୦ କିଲୋମିଟର ଦୀର୍ଘ ଉପକୂଳ ଏବଂ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ରହିଛି । ଏସବୁଗୁଡ଼ିକ ମଧ୍ୟରେ ଅନେକ ସ୍ଥାନ ରହିଛି ଯାହାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବିକାଶ କରାଯାଇପାରିଥାନ୍ତା । ତା'ଛଡ଼ା ଅସଂଖ୍ୟ ପ୍ରାଚୀନ ମନ୍ଦିର ରହିଛି । ବିଶେଷତଃ ସ୍ୱର୍ଣ୍ଣ ତ୍ରିଭୁଜ (ପୁରୀ, କୋଣାର୍କ ଓ ଭୁବନେଶ୍ୱର)କୁ ହଜାର ହଜାର ଧାର୍ମିକ ପର୍ଯ୍ୟଟକ ପ୍ରତିବର୍ଷ ଦେଶ ତଥା ଦେଶ ବାହାରୁ ଆସିଥାନ୍ତି । ପର୍ଯ୍ୟଟନ ବଜେଟର ସିଂହଭାଗ ପୁରୀ ଓ ଭୁବନେଶ୍ୱର ପାଇଁ ଦିଆଯାଇଛି । ଏହି କ୍ଷେତ୍ର ପାଇଁ ମୋଟ ୧୬୬୦ କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ସେଥି ମଧ୍ୟରୁ ଏହି ଦୁଇଟି ସହର ପାଇଁ ୮୪୫ କୋଟି ଟଙ୍କା ଦିଆଯାଇଛି । ରାଜ୍ୟର ଅନ୍ୟ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ବି ଅନୁରୂପ ଭାବେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଥିଲା । ତେବେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ସରକାର ବଜେଟରେ ଯେଉଁ ବ୍ୟବସ୍ଥା କରିଛି ତାହା କିଛି ପରିମାଣରେ ଆଶାନୁରୂପ ହୋଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଫେବୃୟାରୀ ୧୯୯୫**

- ଷ୍ଟକ ଦୁର୍ନୀତି ମାମଲାର ମୁଖ୍ୟ ନାୟକ ହର୍ଷଦ ମେହେଟ୍ଟା ଏବଂ ବ୍ୟାଙ୍କ ଅଫ ଆମେରିକା ମଧ୍ୟରେ ୧୨୮ କୋଟି ଟଙ୍କାର କାରବାର ହୋଇଥିଲା ବୋଲି ସିବିଆଇ ପ୍ରକାଶ କରିଛି ।
- ଓଡ଼ିଶାରେ ମୋଟ ୮୫,୯୧୭ ଜଣଙ୍କ ରକ୍ତ ପରୀକ୍ଷା କରାଯିବା ପରେ ସେମାନଙ୍କ ମଧ୍ୟରେ ୧୨୯୪ ଜଣଙ୍କଠାରେ ଏଚ୍.ଆଇ.ଭି. ପଜିଟିଭ ଜୀବାଣୁ ଥିବାର ଜଣାପଡିଛି ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | | | | | | | | | B | | 7 | | 5 |
| A | | | | | | | | 3 | 1 | | C | | | 0 |
| | | | 0 | A | | 4 | B | | | | | | | |
| | | E | | | | | 5 | | | 2 | 9 | 1 | A | 8 |
| | 5 | | | C | | | | D | 8 | | | 4 | 9 | |
| | | | B | | | | | C | | 1 | A | 6 | | |
| C | | | | 2 | | | | | | 6 | | | | |
| | 7 | | | | 4 | | | 6 | | | D | | | |
| 5 | | 1 | A | | | 7 | | | B | | | D | | |
| 8 | E | | D | | | | | | 7 | | 2 | | | 3 |
| | 1 | | 2 | | B | | 0 | | | | | | | 9 |
| E | 4 | | | 9 | C | | | | | 7 | | | | |
| | | 7 | E | | | | 6 | A | | | 0 | | 3 | |
| 3 | | 6 | | | | | 1 | | 9 | | | 8 | D | 2 |
| B | 2 | | | | | | | | | D | | C | E | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | C | E | 8 | 1 | B | 4 | 3 | 0 | 6 | D | 7 | A | 5 |
| 6 | 4 | E | B | 5 | 7 | D | 1 | A | 8 | C | 9 | 2 | 0 | 3 |
| 7 | A | B | 4 | D | 3 | 8 | C | 0 | 1 | 5 | 2 | E | 6 | 9 |
| 3 | 8 | 0 | 9 | A | C | 5 | 6 | 2 | B | 7 | E | D | 4 | 1 |
| 1 | D | 5 | 6 | 2 | 0 | 9 | 7 | E | 4 | A | 3 | C | B | 8 |
| 4 | C | 3 | 1 | 9 | E | 0 | 5 | D | A | 2 | 6 | B | 8 | 7 |
| A | E | 7 | 5 | B | 8 | C | 2 | 9 | D | 4 | 0 | 1 | 3 | 6 |
| 8 | 5 | 2 | 7 | 0 | A | 1 | E | 6 | 3 | B | C | 9 | D | 4 |
| D | 6 | 9 | 3 | C | 2 | 4 | 8 | B | 5 | 1 | 7 | 0 | E | A |
| 0 | B | 1 | D | 4 | 6 | A | 3 | 7 | E | 9 | 8 | 5 | 2 | C |
| B | 0 | 4 | C | E | 5 | 3 | 9 | 8 | 7 | D | A | 6 | 1 | 2 |
| E | 9 | A | 0 | 7 | 4 | 6 | B | C | 2 | 3 | 1 | 8 | 5 | D |
| C | 3 | D | 2 | 6 | B | E | A | 1 | 9 | 8 | 5 | 4 | 7 | 0 |
| 5 | 7 | 8 | A | 1 | 9 | 2 | D | 4 | 6 | 0 | B | 3 | C | E |
| 2 | 1 | 6 | 8 | 3 | D | 7 | 0 | 5 | C | E | 4 | A | 9 | B |

ଗତକାଲିର ଉତ୍ତର

# ଭାଷାର ସୀମାନ୍ତ ନାହିଁ

ଲୋକନାଥ ପଣ୍ଡା

ସାରା ବିଶ୍ୱରେ ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଆସୁଛି । ଏହାର ମୂଳ ଉଦ୍ଦେଶ୍ୟ ବିଶ୍ୱରେ ଭାଷା ଏବଂ ସଂସ୍କୃତିକୁ ନେଇ ଯେଉଁ ବିବିଧତା ରହିଛି, ତାହାର ସଂରକ୍ଷଣ ଓ ସମୃଦ୍ଧି । ୟୁନେସ୍କୋ ତରଫରୁ ପ୍ରଥମ ଥର ପାଇଁ ୧୯୯୯ ନଭେମ୍ବର ୧୭ ତାରିଖରେ ଏହି ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ପରବର୍ତ୍ତୀ ସମୟରେ ବାଂଲାଦେଶର ଭାଷା ଆନ୍ଦୋଳନ ଓ ୧୯୫୨ ଫେବୃୟାରୀ ୨୧ ତାରିଖରେ ଘଟିଥିବା ଘଟଣାବଳୀକୁ ସମ୍ମାନ ଜଣାଇ ସାରା ବିଶ୍ୱରେ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷର ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅନୁଚିନ୍ତା ରହିଛି– Language without Border ବା 'ସୀମାନ୍ତ ନ ଥିବା ଭାଷା ।'

ସାରା ବିଶ୍ୱରେ ୬୦୦୦ ଭାଷାଭାଷୀ ଲୋକ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଶତକଡ଼ା ୪୩ ଭାଗ ଭାଷା ସଂକଟ ଦେଇ ଗତି କରୁଛି । ପ୍ରତି ଦୁଇ ସପ୍ତାହରେ ଗୋଟିଏ ଲେଖାଏ ଭାଷା ପୃଥିବୀରୁ ଲୋପ ପାଇଯାଉଛି । କେବଳ ଭାଷା ଲୋପ ପାଇଯାଉନି, ସେହି ଭାଷାକୁ ନେଇ ଯାହା ସଂସ୍କୃତି, ଜ୍ଞାନକୌଶଳ, ପରମ୍ପରା ରହିଛି, ତାହା ମଧ୍ୟ ଲୋପ ପାଇଯାଉଛି । ଜଗତୀକରଣ ପ୍ରଭାବରେ ଅନେକ ଭାଷା ଲୋପ ପାଇବାକୁ ବସିଲାଣି । ଭାଷା ସହିତ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭାଷା ଲୋପ ପାଇବା ସହିତ ସାଂସ୍କୃତିକ ବିବିଧତା ମଧ୍ୟ ନଷ୍ଟ ହେଲାଣି ।

ୟୁନେସ୍କୋ ତରଫରୁ ଭାଷାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଉତ୍ସାହିତ କରାଯାଉଛି । ସାରା ପୃଥିବୀରେ ପ୍ରଚଳିତ ୪୦ ପ୍ରତିଶତ ଭାଷାରେ ଶିକ୍ଷାଦାନ ହେଉନାହିଁ କିମ୍ବା ସେମାନେ ନିଜ ମାତୃଭାଷାରେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ଏହି ଦୃଷ୍ଟିରୁ ୨୦୦୮ ମସିହାକୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯାଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା, ବିବିଧତା ମଧ୍ୟରେ ଏକତା ଏବଂ ବିଶ୍ୱ ସମନ୍ୱୟ ଭାବ, ବହୁଭାଷୀ ଏବଂ ବହୁ ସଂସ୍କୃତି ମଧ୍ୟରେ ଏକତାକୁ ଗୁରୁତ୍ୱ ଦେବା ଓ ସମ୍ମାନ ଜଣାଇବା । ଭାଷା ବିବିଧତା, ବିବିଧ ସଂସ୍କୃତି ମାନବ ସମାଜକୁ ସାଂସ୍କୃତିକ ସମନ୍ୱୟ, ଶାନ୍ତି, ସମାନତା ଇତ୍ୟାଦି ଯୋଗାଇ ଦେଇଥାଏ । ମାତୃଭାଷାରେ କେତେ ଜ୍ଞାନ ଭରିରହିଛି ଏବଂ ଏହାର ମହାନତାକୁ ଉପଲବ୍ଧି କରିବା ଓ ଉତ୍ସାହ ସୃଷ୍ଟି କରିବା ପାଇଁ ଏହି ଦିବସରେ ଗୁରୁତ୍ୱ ଦିଆଯାଉଛି । ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ । ପ୍ରତ୍ୟେକ ଭାଷାଭାଷୀ ନିଜ ମାତୃଭାଷାକୁ ସ୍ୱାଭିମାନର ସହିତ ଭଲ ପାଇବା ସହ ଏହାକୁ ଗୁରୁତ୍ୱ ଦେଇ ବଞ୍ଚାଇ ରଖିବା ନିମନ୍ତେ ପ୍ରୟାସ କରିବାର ସମୟ ପହଞ୍ଚିଛି । ଗତ କିଛି ବର୍ଷ ଧରି ଭାରତରେ ମଧ୍ୟ ବହୁଳ ଭାବରେ ଅନ୍ତର୍ଜତୀୟ ମାତୃଭାଷା ଦିବସ ପାଳିତ ହେଉଛି । ଏହି ଦିବସରେ ଅନେକେ ଭାଷାକୁ ନେଇ କର୍ମଶାଳା କରୁଛନ୍ତି । ଭାଷାଗତ ବିବିଧତାକୁ ନେଇ ସଚେତନତା ସୃଷ୍ଟି କରାଯାଉଛି । ଗୋଷ୍ଠୀ ସ୍ତରରେ ଭାଷା ଓ ସଂସ୍କୃତିର ଗୁରୁତ୍ୱକୁ ଉପଲବ୍ଧ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ

କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ ।

ଓଡ଼ିଶାରେ ମଧ୍ୟ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବିଭିନ୍ନ କ୍ଷେତ୍ରରେ ପାଳିତ ହେଉଛି । ଏହି ଅବସରରେ ଓଡ଼ିଶାର ସଂଖ୍ୟାଲଘୁ ତଥା ଜନଜାତିଙ୍କ ମାତୃଭାଷା, ଯାହାକି କ୍ଷିପ୍ର ଗତିରେ ଲୋପ ପାଇବାରେ ଲାଗିଛି, ସେ ସମ୍ପର୍କରେ ଆଲୋଚନା କରିବାର ଅବକାଶ ଆସିଛି । ବିଶ୍ୱ ଭାଷାକୁ ନେଇ ଏକ ରିପୋର୍ଟରେ ଓଡ଼ିଶାର ଅନେକ ଜନଜାତି ଭାଷା ସଂକଟ ଦେଇ ଗତି କରୁଛି ବୋଲି ପ୍ରକାଶ ପାଇଥିଲା । ବର୍ତ୍ତମାନ ଯେଉଁ ପରିମାଣରେ ବିଭିନ୍ନ ସଂଖ୍ୟାଲଘୁ ଭାଷାଭାଷୀ କଥିତ ଭାଷାର ସଂଖ୍ୟା କମି କମି ଆସୁଛି, ମନେହୁଏ ଅଚିରେ ଅନେକ ଭାଷା ଲୋପ ପାଇଯିବ । ଓଡ଼ିଶା କ୍ଷେତ୍ରରେ ଆଲୋଚନା କଲେ ତଥ୍ୟ କହୁଛି ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ଲୋକ ବସବାସ କରନ୍ତି । କିନ୍ତୁ ସେଥିମଧ୍ୟରୁ କେତେ ଜନଜାତିର ଭାଷାଭାଷୀ ଲୋକ ବର୍ତ୍ତମାନ ନିଜ ମାତୃଭାଷାରେ କଥା ହେଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ୨୦୦୬–୦୭ ମସିହା ବେଳକୁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା ଏବଂ ୧୦ଟି ଆଦିବାସୀବହୁଳ ଜିଲାର କେତେକ ବିଦ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୩ ଆଦିବାସୀ ଭାଷାରେ ପ୍ରାଥମିକ ସ୍ତରରେ ଏବଂ ପ୍ରାକ୍–ପ୍ରାଥମିକ ତଥା ଅଙ୍ଗନୱାଡ଼ି ସ୍ତରରେ ମାତୃଭାଷା ଆଧାରିତ ପ୍ରାକ୍–ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିସହିତ କିଛିବର୍ଷ ଧରି ଦରିଆପାରି ସଂସ୍ଥା ବିଭିଏଲ୍ଏଫ୍‌ଙ୍କ ସହାୟତାରେ ଅଙ୍ଗନୱାଡ଼ି କେନ୍ଦ୍ରରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଗଲା ।

ଗତ କିଛିଦିନ ଧରି କେତେକ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଅଙ୍ଗନୱାଡ଼ି ଦିଦି, ଅଭିଭାବକ ଏବଂ ଅଙ୍ଗନୱାଡ଼ି ସହାୟକଙ୍କ ସହ କଥା ହେଉଥିଲି ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରୁଥିଲି । ଅଙ୍ଗନୱାଡ଼ି ଦିଦି ତିନିବର୍ଷର ଶିଶୁଟିକୁ ପ୍ରଶ୍ନ କରୁଥିଲେ, କଥା ହେବା ପାଇଁ ଉତ୍ସାହିତ କରୁଥିଲେ, ପ୍ରଶ୍ନ ଅତି ସରଳ ଥିଲା, ତା'ର ନାମ, ଗ୍ରାମ ଇତ୍ୟାଦି । ଶିଶୁଟି ବେଳେ ବେଳେ ମୁଣ୍ଡ ଟୁଙ୍ଗାରୁଥିଲା, କେତେବେଳେ କେମିତି ମୁଣ୍ଡ ହଲଉଥିଲା, ଶିଶୁଟି ମୁଣ୍ଡର ଠାର ମାଧ୍ୟମରେ ନିଜର ଉତ୍ତର ଦେଉଥିଲା । ଏହାପରେ ଶିଶୁଟି ସହିତ କେନ୍ଦ୍ରର ସହାୟିକା ନିଜ ଭାଷାରେ କଥା ହେଲେ । ଶିଶୁର ମୁଖମଣ୍ଡଳରେ ହସ ଦେଖାଗଲା । ଖୁସି ହେଲା । ନିଜ ଭାଷାରେ ଉତ୍ତର ଦେଲା । ମୁଁ ଅଙ୍ଗନୱାଡ଼ି ଦିଦିଙ୍କୁ ଭାଷା ବିଷୟରେ ପଚାରୁଥିଲି, ଉତ୍ତର ଥିଲା ଶିଶୁମାନେ ଓଡ଼ିଆ ଜାଣୁଛନ୍ତି, କହୁଛନ୍ତି ! ଘରେ ଓଡ଼ିଆରେ କଥା ହେଉଛନ୍ତି ! ମାଆଙ୍କ ସହିତ ଆଲୋଚନା କରୁଥିଲି, ଅନେକ ମାଆ ଓଡ଼ିଆ ଠିକ୍ ଭାବରେ ଜାଣି ନ ଥିଲେ, ଯଦି ବୁଝୁଥିଲେ ଏହାର ଉତ୍ତର ଦେବା ପାଇଁ ସଂକୋଚ କରୁଥିଲେ କିମ୍ବା ଚାରି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ମାଆ କିଛି କିଛି ଉତ୍ତର ଦେଉଥିଲେ । ଯଦି ଅଙ୍ଗନୱାଡ଼ି ଦିଦି ସେହି ଗୋଷ୍ଠୀର, ତେବେ ନ ବୁଝିଲେ ନିଜ ଭାଷାରେ ମାଆମାନଙ୍କୁ ବୁଝାଉଥିଲେ ଏବଂ ସେମାନଙ୍କ ଉତ୍ତର ମଧ୍ୟ ମତେ ଅନୁବାଦ କରି କହୁଥିଲେ ।

ପ୍ରାଥମିକ ସ୍ତରରେ ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମର ସ୍ଥିତି କିପରି ଚାଲିଛି ବୋଲି ମୋର ଜଣେ ଆଦିବାସୀ ବନ୍ଧୁ, ଯିଏକି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ, ତାଙ୍କ ସହ ଆଲୋଚନା କରୁଥିଲି । ସେ ଦୁଃଖ ପ୍ରକାଶ କରୁଥିଲେ । ତଳସ୍ତରରେ ମାତୃଭାଷାରେ ଶିକ୍ଷା ଦେବା ପାଇଁ ଜିଲାସ୍ତରରେ ଆନ୍ତରିକ ଉଦ୍ୟମ ନାହିଁ, ବ୍ଲକ ସ୍ତରରେ କିମ୍ବା ଶିକ୍ଷକଙ୍କ ସ୍ତରରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହ ନାହିଁ । ଅନେକ ସମୟରେ ବ୍ଲକକୁ ମାତୃଭାଷା ଆଧାରିତ ପୁସ୍ତକ ଆସୁଛି, ସେଠାରେ ପଡ଼ି ପଡ଼ି ନଷ୍ଟ ହେଉଛି ।

କଥା ହେଉଛି ମାତୃଭାଷା ପ୍ରତି ଆଦର ! ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ, ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି । ଓଡ଼ିଶାରେ ୬୨ ପ୍ରକାର ଯେଉଁ ଭାଷାଭାଷୀ ଜନଜାତିର ଲୋକ ଅଛନ୍ତି, ସେହି ଭାଷାଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପୂର୍ବରୁ ଅନେକ କିଛି କାର୍ଯ୍ୟ ହୋଇଛି, କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବେସରକାରୀ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ଯେଉଁଭଳି ଭାବରେ ଇଂଲିଶ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି, ପ୍ରାଥମିକ ସ୍ତରରୁ ସ୍ପୋକନ୍ ଇଂଲିଶକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ପର୍ଯ୍ୟାଲୋଚନା ହେଲାଣି । ତେବେ ଭାଷା ସଂକଟ ଦେଇ ଗତିକରୁଛି ଏବଂ ଆହୁରି କ୍ଷିପ୍ର ଗତିରେ ମରଣ ଦିଗରେ ଗତି କରିବ, ଏଥିରେ ସନ୍ଦେହ ନାହିଁ । ଭବିଷ୍ୟତରେ ଯେଉଁପରି ଆଦିବାସୀ ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ନେଇ ନାଚ, ଗୀତ ଓ ପ୍ରଦର୍ଶନୀ ହେବ, ସମୟ ଆସିବ ଲୋକମାନେ ମଧ୍ୟ ଭାଷାକୁ ନେଇ ସଚେତନ ହେବେ ।

୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼,
ମୋ– ୯୪୩୮୦୮୧୪୩୦,
lokanath07@gmail.com

# ଚେତନାର ଅମୃତ ଦିଗନ୍ତ



ବିମଳ ପ୍ରସନ୍ନ ଦାସ

୧୮୭୮ ଫେବୃୟାରୀ ୨୧ ତାରିଖ ବିଶ୍ୱଜନନୀ ଶ୍ରୀମାଙ୍କର ପବିତ୍ର ଜନ୍ମତିଥି । କାଳବକ୍ଷରେ ଇତିମଧ୍ୟରେ ୧୪୨ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଏ ବର୍ଷ ଆମେ ତାଙ୍କର ୧୪୩ତମ ପବିତ୍ର ଜୟନ୍ତୀ ପାଳନ କରୁଛୁ । ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟ ଜନନୀଙ୍କର ଚାରିଗୋଟି ମହାରୂପ ବର୍ଣ୍ଣନା କରିଛନ୍ତି । ତାହା ହେଲା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ଋଷି କବିଙ୍କ ଦିବ୍ୟଦୃଷ୍ଟିରେ ଶ୍ରୀମା ହିଁ ସର୍ବୋତ୍ତମା ଶକ୍ତି The Supreme Power. ସେ ଆଦିମାତା, ଅଦିତି । ମନୁଷ୍ୟ ଶରୀରରେ ଆଉ ଜଣେ ପାର୍ଥିବ ଜନନୀଙ୍କ ଗର୍ଭରୁ ଜନ୍ମ ହେଲେ । ଯିଏ ସ୍ୱୟଂ ଅନନ୍ତକାଳ, ସେ ପୁଣି ନିଜକୁ କାଳ ହାତରେ ସମର୍ପି ଦେଇ ଜନ୍ମମୃତ୍ୟୁର ଘୂର୍ଣ୍ଣନ ମଧ୍ୟରେ ଆବିର୍ଭୂତା ହେଲେ । ଅସୀମା ହେଲେ ସୀମା । ଉଦ୍ଦେଶ୍ୟ ହେଲା ଏହି ସୀମାଭୁକ୍ତ ପୃଥିବୀକୁ ଦିବ୍ୟ ରୂପାନ୍ତର ଦେଇ ଅମରାବତୀରେ ପରିଣତ କରିବା । ପରା ପ୍ରକୃତିର ଅପରା ରୂପାୟନ । ଚିନ୍ମୟୀ ଶକ୍ତିଙ୍କର ମୃଣ୍ମୟୀ ରୂପ ଧାରଣର କାରଣ ସମଗ୍ର ପୃଥିବୀ ଓ ପ୍ରକୃତିର ଆହ୍ୱାନ । ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ 'ସାବିତ୍ରୀ'ର ୩୧୪ ପୃଷ୍ଠାରେ ଲେଖିଛନ୍ତି–''ସମଗ୍ର ପ୍ରକୃତି କରେ ତବ ଆବାହନ ବିମୌନ ଭାଷାରେ/ଚରଣ ପରଶେ ତବ କରିବାକୁ ନିରାମୟ ଜୀବନ ବ୍ୟଥାରେ ।''

ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ସେ ସହ–ତପସ୍ୱିନୀ । ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ସାବଲୀଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା । ଶ୍ରୀଅରବିନ୍ଦ ସାଧ ହେଲେ ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି । ଶ୍ରୀଅରବିନ୍ଦ ତପଶକ୍ତି ହେଲେ ଶ୍ରୀମା ତାଙ୍କର କ୍ରିୟାତ୍ମିକା ଶକ୍ତି । ଶ୍ରୀଅରବିନ୍ଦଙ୍କୁ ଆମର ମନ, ବୁଦ୍ଧି, ବାକ୍ୟ ସ୍ପର୍ଶ କରିପାରେନା । ସେ ଆମ ପାଖେ ପାଖେ ଥିଲେ ମଧ୍ୟ ଆମେ ତାଙ୍କର ସୌର ତେଜର ପ୍ରଚଣ୍ଡତା ସହ୍ୟ କରିପାରୁନା । କିନ୍ତୁ ମା' ଆମ ଦେହକୁ ଦେହ ଲାଗିକରି ଅଛନ୍ତି ଠିକ୍ ମାନୁଷୀ ମା'ଟିଏ ପରି, ଯେପରି ମା' ତା'ର ଛୁଆକୁ ଦେହଲଗ୍ନ କରି ରଖିଥାଏ । ମା' ସୂର୍ଯ୍ୟ ତେଜକୁ ଧାରଣ କରିଛନ୍ତି । ସେ ସ୍ୱୟଂ ସବିତୃ, ଶକ୍ତି, ସାବିତ୍ରୀ, ସେ ମଧ ବ୍ରହ୍ମ ଶକ୍ତି ଗାୟତ୍ରୀ । ସେ ହିଁ ଚେତନାର ଅମୃତ ଦିଗନ୍ତ ।

ଏସବୁ ସତ୍ତ୍ୱେ ସେ ସନ୍ତାନ ଲାଗି ସୁଧାମୟୀ, ମଧୁମୟୀ, ପ୍ରେମମୟୀ, କଲ୍ୟାଣମୟୀ, କ୍ଷମାମୟୀ, ଶ୍ରୀମୟୀ ଏବଂ ଆହ୍ଲାଦିନୀ ଚନ୍ଦ୍ରମା ଭଳି । ସେ ଆମକୁ ଅତିମାନସର ସ୍ନିଗ୍ଧ ଜ୍ୟୋତ୍ସ୍ନାରେ ଆପ୍ଲୁତ କରି ରଖିଛନ୍ତି । ପ୍ରଚଣ୍ଡ ମାର୍ତ୍ତଣ୍ଡର ଅମ୍ଲାନ ତେଜକୁ ସେ ନିଜ ଭିତରେ ଧାରଣ କରିଛନ୍ତି । କିନ୍ତୁ ସେ



ଶ୍ରୀମାଙ୍କ ଜୟନ୍ତୀ ଉପଲକ୍ଷେ

ତେଜକୁ ଆମ ପାଇଁ ଚନ୍ଦ୍ରମାର ଶାନ୍ତ ଶୀତଳ ଜ୍ୟୋତ୍ସ୍ନାରେ ରୂପାନ୍ତରିତ କରି ଅଜାଡି ଦେଇଛନ୍ତି । ମା'ଙ୍କ ବ୍ୟତିରେକେ ପ୍ରଚଣ୍ଡ ସୂର୍ଯ୍ୟ ପିଣ୍ଡ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ଆମେ ପାଇପାରି ନ ଥାନ୍ତୁ । ସେ ନିଜେ କହିଛନ୍ତି, ଶ୍ରୀଅରବିନ୍ଦଙ୍କ ବିନା ମୋର ସ୍ଥିତି ନାହିଁ ଏବଂ ମୋ ବିନା ତାଙ୍କର ପ୍ରକାଶ ନାହିଁ । ଦୁଇଟି ମହାନ୍ ଆତ୍ମାର ମହାମିଳନ–ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିର, ଜୀବାତ୍ମା ସହ ପରମାତ୍ମାର । ଧୂଳି ମାଟିର ଧରିତ୍ରୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେଯେପରି ଏହା ବିଧିର ବିଧାନ ।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି । ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ । ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ । ଭାରତର ସମୃଦ୍ଧ ଚେତନା ଇତିହାସର ନିର୍ଯ୍ୟାସ । ଦୁର୍ଭାଗ୍ୟ ଯେ ଭାରତ ସମ୍ପୂର୍ଣ୍ଣ ଭାବେ ବସ୍ତୁବାଦକୁ ଗ୍ରହଣ କରିପାରୁ ନାହିଁ କି ମାୟାବାଦକୁ ଅଗ୍ରାହ୍ୟ କରିପାରୁନାହିଁ । ବର୍ତ୍ତମାନ ମାନବ ଜାତି ଏକ ଛଳନାମୟ ମାୟା ଭିତରେ ଛନ୍ଦିହୋଇ ରହିଛି । ଏଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଦୁଷ୍କର୍ମ ବ୍ୟାପି ଚାଲିଛି । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା ବେଶି ସମୟ ରହିବ ନାହିଁ । ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ମଣିଷକୁ ଏ ଦୁଃସ୍ଥିତିରୁ ଉତ୍ତୀର୍ଣ୍ଣ କରିନେବ । ପ୍ରକୃତ ଚେତନା କ'ଣ ତାହା ମାନବ ଜାତି ଆଗରେ ଉତ୍ଥାପନ କରିବ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତା ପାଶ୍ଚାତ୍ୟ ମତାନୁଯାୟୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ । ଆଧ୍ୟାତ୍ମିକତାର ଦୁଇଟି ଦିଗ: ଯୋଗ ଓ ତନ୍ତ୍ରର ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ ।

ମା'ଙ୍କ ପ୍ରତି ଆମର ଶ୍ରଦ୍ଧା, ଆନ୍ତରିକତା ଓ ସମର୍ପଣ ଯେତିକି ପୂର୍ଣ୍ଣତର ହେବ, ମା'ଙ୍କ ଅଭୟ ଓ କରୁଣା ସେତିକି ଆମକୁ ଘେରି ରହିବ । ମା'ଙ୍କ କୃପାରୁ ଅଳ୍ପ ଟିକିଏ ବି ଆମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାର କରିଦେବ । ନିରାପଦରେ ଆମେ ଆମ ପଥରେ ଚାଲିଯାଇପାରିବା । କାରଣ ସେ ପଥ ମା'ଙ୍କର । ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ କୌଣସି ଶତ୍ରୁଶକ୍ତି ଆମକୁ ସ୍ପର୍ଶ କରିପାରିବ ନାହିଁ । ମାତୃ କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ରୂପାନ୍ତରିତ ହୋଇଯିବ । କାରଣ ଦିବ୍ୟଜନନୀଙ୍କ ଅନୁକମ୍ପା ହିଁ ପରମେଶ୍ୱରଙ୍କ ଅନୁମତି । ଏହାର ଫଳ ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ । ମା'ଙ୍କ ଶକ୍ତି ହିଁ ଆଜିର ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତ୍ତାରି ଆଣିବ ସତ୍ୟ, ଜ୍ୟୋତି ଓ ଦିବ୍ୟ ଜୀବନ ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ଉତ୍ତର କର୍ଣ୍ଣାଟକର ଗଡଗ ଜିଲାସ୍ଥିତ ଏକ ଲିଙ୍ଗାୟତ ମଠ ଧାର୍ମିକ ବନ୍ଧନରୁ ମୁକ୍ତ ହୋଇ ସାମାଜିକ ସୌହାର୍ଦ୍ଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦେଇଛି । ଏହି ମଠ ତା' ପରମ୍ପରାକୁ ଭାଙ୍ଗି ଜଣେ ମୁସଲମାନ ଯୁବକ ଦିୱାନା ଶରିଫ୍ ରହମାନସାବ ମୁଲ୍ଲାଙ୍କୁ ମଠର ପୂଜାରୀ ଭାବେ ନିଯୁକ୍ତି ଦେଇଛି । ଗଡଗ ଜିଲା ଆସୁତି ଗାଁରେ ମୁରୁଗରାଜେନ୍ଦ୍ର କୋରାନେଶ୍ୱରା ଶାନ୍ତିଧାମ ମଠର ପୂଜାରୀ ଭାବେ ଶରିଫ ୨୬ ଫେବୃୟାରୀରେ ଶପଥ ନେବେ । ଶରିଫଙ୍କୁ ବୟସ ଏବେ ୩୩ । ଖଜୁରି ଗାଁରେ ଥିବା ସବୁଠୁ ପୁରୁଣା ୩୫୦ ବର୍ଷର କୋରାନେଶ୍ୱର ମଠ ସହ ଆସୁତିରେ ଥିବା ଏହି ଲିଙ୍ଗାୟତ ମଠର ସମ୍ପର୍କ ରହିଛି । ଏହି ମଠକୁ ଦୁଇ ବର୍ଷ ପୂର୍ବରୁ ଶରିଫଙ୍କ ପିତା ୨ ଏକର ଜମି ଦାନ କରିଥିଲେ । ଦ୍ୱାଦଶ ଶତାବ୍ଦୀର ସମାଜ ସଂସ୍କାରକ ତଥା ଦାର୍ଶନିକ ବସବନ୍ନାଙ୍କ ନୀତିଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି ବୋଲି କୁହନ୍ତି ଶରିଫ । ବସବନ୍ନା ସାମାଜିକ ନ୍ୟାୟ ଓ ସଦ୍‌ଭାବନା ଉପରେ ଗୁରୁତ୍ୱ ଦେଉଥିଲେ ଓ ସେହି ଆଦର୍ଶରେ କାମ କରିବେ ବୋଲି କହିଛନ୍ତି ଶରିଫ ।

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ ।
(ଚିତ୍ରୋତ୍ପଳା)
ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକାରୀଙ୍କ କବ୍‌ଜାରେ ବାଘବଂଶ

ମହାଶୟ,

ଆମ ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ଜଙ୍ଗଲ ଦୁଇଟିକୁ ବ୍ୟାଘ୍ର ପ୍ରକଳ୍ପ ଯୋଜନାରେ ସାମିଲ କରାଯାଇଛି । ମାତ୍ର ପରିତାପର ବିଷୟ ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାକୁ ଲାଗିଛି । ଏହାର ମୁଖ୍ୟ କାରଣ ଅବାଧ ଶିକାର । ଶିମିଳିପାଳରେ ୨୦୦୪ରେ ୯୧ଟି ବାଘ ଥିଲେ । ବର୍ତ୍ତମାନ ମାତ୍ର ୨୦ଟି ଅଛନ୍ତି । ସେହିପରି ସାତକୋଶିଆ ଅଭୟାରଣ୍ୟରେ ପୂର୍ବରୁ ଯେଉଁ ବାଘ ଥିଲେ, ଶିକାରୀମାନେ ତାଙ୍କୁ ଗୋଟିକ ପରେ ଗୋଟିଏ ଶିକାର କରିବାକୁ ଲାଗିଲେ । ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟପ୍ରଦେଶରୁ 'ସୁନ୍ଦରୀ' ଓ ମହାବୀରକୁ ସାତକୋଶିଆ ଅଣାଗଲା । ମାତ୍ର ଶିକାରୀ 'ମହାବୀର'କୁ ମାରିଦେଲେ । ବର୍ତ୍ତମାନ ସାତକୋଶିଆରେ ଏକମାତ୍ର ସୁନ୍ଦରୀ ଅଛି । ଅନେକଥର ବନବିଭାଗ ଦ୍ୱାରା ଧରାହୋଇ ଶିକାରୀ ଜେଲ ଯାଉଛନ୍ତି ସତ, ଆଇନର ଗଳା ବାଟରେ ଜାମିନରେ ଆସି ପୁଣି ବାଘ ଶିକାର କରୁଛନ୍ତି । ତେଣୁ ଶିକାରୀମାନଙ୍କ ପ୍ରତି ତୀକ୍ଷ୍ଣ ନଜର ରଖି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କଲେ ଆମ ରାଜ୍ୟ ବ୍ୟାଘ୍ର ବଂଶ ଲୋପରୁ ରକ୍ଷା ପାଇପାରନ୍ତା ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କ୍ୟାରିୟର ସାଙ୍ଗକୁ ଚରିତ୍ର ନିର୍ମାଣ ଜରୁରୀ

ଧରିତ୍ରୀ (୨୦।୧)ରେ ପ୍ରକାଶିତ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ ଅବିଦ୍ୟାର ଅନ୍ଧାରରେ ବିଦ୍ୟାର ଆରାଧନା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ହେଉଛି ପ୍ରାଥମିକ ବିଦ୍ୟାଳୟ । ଭଲ ମଣିଷଟିଏ ଗଢିବା ପାଇଁ ଭଲ ଶିକ୍ଷକ ଲୋଡା । ଶିକ୍ଷା ଏକ ପଣ୍ୟ ନୁହେଁ, ମୌଳିକ ଅଧିକାର । ଶିଶୁର ଚରିତ୍ର ଗଠନର ଦିଗ ଶୈଶବରୁ କକ୍ଷଚ୍ୟୁତ ହେବା ଠିକ୍ ନୁହେଁ । ମାତ୍ର ଆମ୍ଭର ମତ ଜନ୍ମଦାତ୍ରୀ ମାଆ ହେଉଛି ଶିଶୁମାନଙ୍କର ପ୍ରଥମ ଶିକ୍ଷକ । ମାଆ ନିହାତି ଶିକ୍ଷିତା ହେବା ଦରକାର । ଶିକ୍ଷକଙ୍କ ଭଳି ପିତାମାତାଙ୍କର ମଧ୍ୟ ସମାଜ ଦାୟିତ୍ୱ ରହିଛି । ଶିଶୁର ଚରିତ୍ର ଗଠନ ଓ କ୍ୟାରିୟର ପ୍ରତିଷ୍ଠା ପାଇଁ ଯଦି ପିତାମାତା ସଚ୍ଚୋଟ ଓ ଦୟାଶୀଳ, ଉଦାର ହୁଅନ୍ତି ତେବେ ଶିଶୁ ନିଶ୍ଚିତ ସମାଜରେ ଭଲ ମଣିଷଟିଏ ହୋଇ ପ୍ରତିଭାତ ହେବ । କୁହାଯାଏ, ଶିଶୁ ନିଜ ଘରୁ ଦୟାଶୀଳତା ଶିଖିଥାଏ (ଚାରିଟି ବିଗିନ୍‌ସ ଆଟ୍ ହୋମ୍) । ଅତଏବ ପିତାମାତା ନିଜ ଉପରୁ ଦାୟିତ୍ୱ ଖସାଇ ଶିକ୍ଷକଙ୍କୁ ଦାୟୀ କରିବା ଠିକ୍ ନୁହେଁ । ନିଜ ଘର ହେଉଛି ପାଠଶାଳା । ପିତାମାତା ପ୍ରଥମ ଶିକ୍ଷକ ଓ ଚରିତ୍ର ନିର୍ମାତା ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ. ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ



## ସଂକ୍ଷେପରେ...



### ଜିଲା ଖାଉଟି ଫୋରମ ସଭାପତି ସନ୍ତୋଷ ଓଝାଙ୍କ ପରଲୋକ

ବେଲପାହାଡ଼,୨୦।୨ (ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ଉପଭୋକ୍ତା ବିବାଦ ପ୍ରତିକାର ବିଚାରପୀଠ (ଡ଼ିଷ୍ଟ୍ରିକ୍ଟ କଞ୍ଜୁମର ଡ଼ିସପ୍ୟୁଟ ରିଡ୍ରେସାଲ ଫୋରମ)ର ଭାରପ୍ରାପ୍ତ ସଭାପତି ସନ୍ତୋଷ ଓଝାଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା।୨ସପ୍ତାହ ପୂର୍ବରୁ କିଡ଼ନିରେ ସମସ୍ୟା ଦେଖାଯିବାରୁ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଚିକିତ୍ସା ଝାରସୁଗୁଡ଼ାର ଏକ ନର୍ସିଂହୋମରେ ଚାଲିଥିଲା। ମାତ୍ର ଗୁରୁବାର ସକାଳେ ସ୍ୱାସ୍ଥ୍ୟ ଅବନତି ଘଟିଥିଲା। ମରଶରୀର ବେଲପାହାଡ଼ସ୍ଥିତ ବାସସ୍ଥାନକୁ ପହଞ୍ଚିଲାପରେ ଲୋକେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଧ୍ୟାହ୍ନରେ ବେଲପାହାଡ଼ ଘିଚାଘାଟସ୍ଥିତ ଶବଦାହ କେନ୍ଦ୍ରରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।



### ବ୍ରିଜ୍ ତଳେ ଚିରା ନୋଟ୍

ସମ୍ବଲପୁର,୨୦।୨(ବ୍ୟୁରୋ)
ସମ୍ବଲପୁର ସଦର ଥାନା ଅଧୀନ ତୁମ୍ଭେସିଂହା ଗାଁରେ ବ୍ରିଜ ତଳେ ଚିରା, ଫଟା ଅଚଳ ନୋଟ ପଡିଥିବା ଏକ ଭିଡିଓ ସାମଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏସ୍‌ପି କନୱର ବିଶାଳ ସିଂ ଏହାର ତଦନ୍ତ କରିବାକୁ ସଦର ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓରେ ପୋଡ଼ିଯାଇଥିବା, ଉଈ ଖାଇଥିବା ଓ ଅଧଖଣ୍ଡ ହୋଇ ପଡିଥିବା ୫ ଶହ ଟଙ୍କିଆ ଦେଖା ଯାଉଛି। ପାଖରେ ଏକ ହିନ୍ଦୀ ଭାଷାର ଖବର କାଗଜ ପଡିଛି।

# ପ୍ରତିଭା ପ୍ରଦର୍ଶନ କଲେ ୩ ଶହ କଳାକାର

## ଏମ୍‌ସିଏଲ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଲଖନପୁର,୨୦।୨(ଡି.ଏନ୍.ଏ.)
ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ତରଫରୁ ବନ୍ଧବାହାଲସ୍ଥିତ ଇନ୍ଦ୍ରଧନୁ କ୍ଲବ୍‌ରେ ୨ ଦିନ ଧରି ଚାଲିଥିବା ୨୮ତମ ଏମ୍‌ସିଏଲ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ ଉଦ୍‌ଘାଟନ କରିଥିଲେ। ଏଥିରେ ଏମ୍‌ସିଏଲ୍‌ର ବସୁନ୍ଧରା, ଭରତପୁର, ଇବ୍‌ଭ୍ୟାଲି, ତାଳଚେର, ହିଙ୍ଗୁଳା, ଜଗନ୍ନାଥ, କଣିହା, ଲଖନପୁର, ଲିଙ୍ଗରାଜ, ମୁଖ୍ୟକାର୍ଯ୍ୟାଳୟ ବୁର୍ଲା, ଓରିଏଣ୍ଟ କ୍ଷେତ୍ର ପ୍ରଭୃତି କ୍ଷେତ୍ର ଯୋଗ ଦେଇଥିଲେ। ଏହି କ୍ଷେତ୍ରଗୁଡିକୁ ନେଇ ୧୩ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଏଥିରେ କମ୍ପାନୀର ୩ଶହ କଳାକାର ଯୋଗଦେଇ ଭଜନ, ସଙ୍ଗୀତ, ଓଡିଶୀ ନୃତ୍ୟ, ଭାରତ ନାଟ୍ୟମ୍, କଥକ, ଫୋକ୍ ଡ୍ୟାନ୍ସ, ତବଲା, ବଂଶୀ ବାଦନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଭରାଲ୍ ଚାମ୍ପିୟନଶିପ୍‌ରେ ପ୍ରଥମ ବସୁନ୍ଧରା କ୍ଷେତ୍ର, ଦ୍ୱିତୀୟ ରନ୍‌ର୍ସ ଅପ୍‌ରେ ଇବ୍‌ଭ୍ୟାଲି କ୍ଷେତ୍ର ପୁରସ୍କୃତ ହୋଇଛି। ଇଣ୍ଡିଭିଜୁଆଲ୍ ଚାମ୍ପିୟନ୍‌ଶିପ୍‌ରେ ବସୁନ୍ଧରା କ୍ଷେତ୍ରର ରାଜି ଜୋଶୁଆ ରବୀନ୍ଦ୍ର ସଙ୍ଗୀତ, ଗଜଲ, ଲାଇଟ୍ ସଂଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବସୁନ୍ଧରା କ୍ଷେତ୍ରର ପିଏନ୍ ମିଶ୍ର ଭଜନରେ ପ୍ରଥମ ଓ ମାଉଥ୍ ଅରଗାନ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟରେ ଲଖନପୁର କ୍ଷେତ୍ରର ସନ୍ତୋଷ କୁମାର ଚନ୍ଦେଲ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ନିର୍ଦ୍ଦେଶକ (ପର୍ଶନାଲ୍) କେଶବ ରାଓ, ସମ୍ମାନିତ ଅତିଥି ବୁର୍ଲା ମୁଖ୍ୟକାର୍ଯ୍ୟାଳୟ ମହାପ୍ରବନ୍ଧକ (ୱେଲ୍‌ଫେୟାର)ଆର୍‌ଏଲ୍ ଖତିକ୍, ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ, ଓସିଏମ୍‌ଏସ୍ ଶ୍ରମିକନେତା କିଶୋର ଚନ୍ଦ୍ର ପଟେଲ, ରବୀନ୍ଦ୍ର ପ୍ରସାଦ, ଏପି ଶୁକ୍ଳା, ଅନିତ ଚକ୍ରବର୍ତ୍ତୀ, ଦେବରାଜ ପ୍ରଧାନ, ସୁରେଶ ଚନ୍ଦ୍ର ମଲ୍ଲିକ, ସୌଭାଗ୍ୟ ପ୍ରଧାନ, ସୁବ୍ରତ କୁମାର ମାଝି, ଆଲୋକ ପଣ୍ଡା, ଆର୍‌କେ ବାବୁ, ପିଜେ ରାୟ, ବ୍ରିଜେଶ୍ ଶର୍ମା, ପ୍ରସନ୍ନ ଚୌଧୁରୀ, ପ୍ରକାଶ ରାୟ, ପ୍ରଦୀପ ନାୟକ ଓ ଏସ୍‌କେ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ପିଇଓ ଲାଞ୍ଚ ମାଗୁଥିବା ବିଡିଓଙ୍କୁ ଜଣାଇଲେ ହିତାଧିକାରୀ

କୋଲାବିରା,୨୦।୨(ଡି.ଏନ.ଏ.)
ଝାରସୁଗୁଡା ଜିଲା କୋଲାବିରା ବ୍ଲକର କେଲଣ୍ଡାମାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାଏକ ଜଣେ ହିତାଧିକାରୀଙ୍କୁ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଏ ନେଇ ଖୋଦ୍ କେଲଡାମାଲ ଗ୍ରାମର ସନ୍ତୋଷିନି ସାହୁ, ଶ୍ରୀକାନ୍ତ ସାହ ଓ ହିତାଧିକାରୀ ମୋହନ ଡନସନା ଲିଖିତ ଭାବରେ କୋଲାବିରା ବିଡିଓଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠା ଗ୍ରହଣ ପାଇଁ ଦାବି କରିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସନ୍ତୋଷିନି ସାହୁ ଘର କରିଛନ୍ତି। ମାତ୍ର ତାଙ୍କୁ କାଗଜପତ୍ର କରିବା ଆଳରେ ହଇରାଣ କକରାଯାଉଛି। ହେଲେ ସବୁ ଠିକ୍‌ଠାକ କରିଦେବା ପାଇଁ ନିର୍ବାହୀ ଅଧିକାର ତାଙ୍କଠାରୁ୨ ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରିଣୀ କିନ୍ତୁ ତାଙ୍କୁ ମୁଲଚାଲ କରି ୧୪ଶହ ଟଙ୍କା ଦେଇଥିବା ବିଡିଓଙ୍କ ପାଖରେ ନେଇ ଅଭିଯୋଗ କରିଛନ୍ତି। ସେହିଭଳି ଶ୍ରୀକାନ୍ତ ସାହୁଙ୍କ ଠାରୁ ମଧ ପ୍ରୋତ୍ସାହନ ରାଶି ପ୍ରଦାନ କରିବାରେ ସହଯୋଗ କରିବାକୁ କହି ୨ହଜାର ଟଙ୍କା ଦାବି କରି ୧୨ଶହ ଟଙ୍କା ନେଇଥିବା ଅଭିଯୋଗ ଉଠିଛି। ମୋହନ ଡନସନା ନାମକ ହିତାଧିକାରୀଙ୍କଠାରୁ ମଧ୍ୟ ୧ହଜାର ଟଙ୍କା ଲାଞ୍ଚ ନେଇଛନ୍ତି ବୋଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କ ବୟାନ ରେକର୍ଡ କରାଯିବା ସହ ତଦନ୍ତ ଅମ୍ଭ କରାଗଲାଣି ବୋଲି ବିଡିଓ ବିଜୟ କୁମାର ସଏ କହିଛନ୍ତି। ଏହି ଅଭିଯୋଗକୁ କିନ୍ତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାଏକ ଖଣ୍ଡନ କରିଛନ୍ତି। ଅଭିଯୋଗ ଅମୂଳକ। କାହାରିଠାରୁ ସେ ଅର୍ଥ ଦାବି କରିନାହାନ୍ତି କି ଟଙ୍କା ନେଇ ନାହାନ୍ତି। ସମୟସୀମା ମଧ୍ୟରେ ଘର ସଂପୂର୍ଣ୍ଣ ହୋଇ ନ ଥିବାରୁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ଅର୍ଥ ମିଳିନି। ଏବେ ସବୁ ବିଷୟ ମୋବାଇଲରେ ଅପ୍‌ଲୋଡ୍ ହେଉଛି। ତେଣୁ କୌଣସି ବିଷୟକୁ ଲୁଚାଇବା ପରି ନାହିଁ ବୋଲି ସଫେଇ ଦେଇଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ




ଶୋଭାଯାତ୍ରରେ ସାମିଲ ଛାତ୍ରୀଛାତ୍ରମାନେ ନଗର ପରିକ୍ରମା କରୁଛନ୍ତି।

ଦେବଗଡ଼,୨୦।୨(ଡ଼ି,ଏନ୍.ଏ.)
ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ଼. ସୁରେନ୍ଦ୍ର ଦାଶ ଏବଂ ସମ୍ମାନୀତ ଅତିଥି ଭାବେ ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଆଚାର୍ଯ୍ୟା ମିଲିରାଣୀ ଧର ତଥା ସମସ୍ତ ସହକର୍ମୀ ଏଥିରେ ସହଯୋଗ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା ।

# ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଅ

ଝାରସୁଗୁଡା ଅଫିସ,୨୦।୨
ସମଗ୍ର ଭାରତ ବର୍ଷରେ ଓଡିଶା ବେକାରି ସମସ୍ୟା କ୍ଷେତ୍ରରେ ଏକ ନମ୍ବର ରହିଛି। ଏହା ଖୋଦ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲାର ଅବସ୍ଥା ମଧ ସମାନ। ଶିଳ୍ପ ପାଇଁ ପରିଚିତ ଏହି ଜିଲାର କଳ କାରଖାନାର କିନ୍ତୁ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଫଳରେ ସେମାନେ ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେବା ସହିତ ମୃତ୍ୟୁ ମୁଖରେ ପଡୁଥିବା ମଧ ଉଦାହରଣ ରହୁଛି। ଏମିତି ଅଭିଯୋଗ କରିଛି ଜିଲା ଭଜପା ଯୁବ ମୋର୍ଚ୍ଚା। ସ୍ଥାନୀୟ କଳ କାରଖାନାଗୁଡିକରେ ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦେବାକୁ ଦାବିକରିଛି। ଏହି ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାପାଳଙ୍କୁ ଏ ସମ୍ପର୍କିତ ଦାବିପତ୍ର ଦେବାକୁ ତାଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବା ପାଇଁ ଉଦ୍ୟମ ବେଳେ କିନ୍ତୁ ପୋଲିସ ସହ କଥା କଟାକଟି ହୋଇଥିଲା। ବିଶ୍ୱଜିତ ଷଡଙ୍ଗୀଙ୍କ ନେତୃତ୍ୱରେ ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ଜିଲା ଯୁବ ମୋର୍ଚ୍ଚା ସଭାପତି ବଳବିନ୍ଦର ସିଂ, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ମହେଶ୍ୱର ନାୟକ, ଯୁବ ଉପସଭାପତି ପୁରୁଷୋତ୍ତମ ଥିରାନି, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିମଳେନ୍ଦୁ ଭୋଳ, ସୋସିଆଲ ମିଡିଆ କନଭେନର ଶ୍ଳୋକ ଶରନା, ବିଶ୍ୱଜିତ ମହାନ୍ତି ଓ ଫୁଲ ସିଂ ମାଝି ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।




ଯୁବ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ



କଳସ ଯାତ୍ରାରେ ସାମିଲ ମହିଳା ଓ ପୁରୁଷମାନେ।

ଦେବଗଡ଼,୨୦।୨(ଡ଼ି,ଏନ୍.ଏ.)
ଦେବଗଡ଼ ଜିଲା ବାରକୋଟ ବ୍ଲକର ନିକ୍ତିମାଳ ଗ୍ରାମରେ ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଅଧିବାସ ପାଇଁ ଶତାଧିକ ମହିଳା ଓ ପୁରୁଷ ସୁଗୁଡ଼ା ନିକଟସ୍ଥ ସୋଗଡ଼ିଆ ନାଳରୁ କଳସରେ ପାଣି ଆଣି ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଞ୍ଚି ଥିଲେ । ସମ୍ବଲପୁରରୁ ଆସିଥିବା ପୂଜକ ଚନ୍ଦ୍ରଶେଖର ନନ୍ଦ, ତ୍ରିନାଥ ନନ୍ଦ, ଚିନ୍ମୟ ଶତପଥୀ ଓ ପିଙ୍କୁ ନନ୍ଦ ପୂଜାର୍ଚ୍ଚନା କରି ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ । କର୍ତ୍ତା ଭାବେ ନଗେନ୍ଦ୍ର ରାଉଳ,ବୈକୁଣ୍ଠ ସାହୁ ଓ ନବୀନ ରାଉଳ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଶୁକ୍ରବାର ତଥା ମହାଶିବରାତ୍ରୀ ଦିନ ହୋମଯଜ୍ଞ ସହିତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବ । ଆସନ୍ତା ୨୨ ତରିଖରେ ବିଗ୍ରହ ପ୍ରତିଷ୍ଠା ସହ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି ।

# ଟ୍ରାଭେରାରୁ କାଠ ଜବତ

ରେଢ଼ାଖୋଲ,୨୦।୨(ଡି.ଏନ.ଏ.);
ରେଢ଼ାଖୋଲ ବନ ବିଭାଗ ଗୁରୁବାର ଚୋରା ଚାଲାଣ ବେଳେ ଗୋଟିଏ ଟ୍ରାଭେରା(ଓଆର୍ ୧୫ ଜେ ୦୯୩୩)ରୁ କାଠ ଜବତ କରିଛି। ଏଥିରେ ସମ୍ପୃକ୍ତ ଗାଡିକୁ ମଧ ବିଭାଗ ଜବତ କରିଛି। ଏହି ଘଟଣାରେ ବନ ବିଭାଗ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଲୁହାପଙ୍କ ଗ୍ରାମର ରଞ୍ଜନ ବେହେରା। ଗାଡିରୁ ୩୦ଖଣ୍ଡ ସାଇଜ୍ ଶାଳ କାଠ ଜବତ ହୋଇଛି। ଅନ୍ୟପକ୍ଷେ କୁଟାସିଂଘା ଗ୍ରାମରେ ବନ ବିଭାଗ ଚଢ଼ାଉ କରି ଧନଞ୍ଜୟ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ୩ଟି ଶାଳ ଗଣ୍ଡି, ଟାଙ୍ଗିଆ ଓ କରତ ପ୍ରଭୃତି ଜବତ କରାଯାଇଛି। ଶୁକ୍ରବାର ଏ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫରେଷ୍ଟର ରବୀନ୍ଦ୍ର ସାହୁ କହିଛନ୍ତି।



ଜବତ ହୋଇଥିବା କାଠ ଓ ଟ୍ରାଭେରା।

### ଆଇନ ସଚେତନତା ଶିବିର

ରିଆମାଳ,୨୦।୨(ଡି.ଏନ.ଏ.)
ଦେବଗଡ ଜିଲା ରିଆମାଳ ବ୍ଲକ ଟଙ୍କବୀର ଗ୍ରାମ ପଞ୍ଚାୟତ ସଭାଗୃହରେ ରିଆମାଳ ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରିଆମାଳ କୋର୍ଟରେ ବିଚାରପତି ରାଜେଶ ରୋଶନ ନନ୍ଦ, ସମ୍ମାନିତ ଅତିଥିଭାବେ ସରକାରୀ ଓକିଲ ସୁରେଖା କୁଜୁର, ଆଇନଜୀବୀ ଜ୍ଞାନେନ୍ଦ୍ର ବିଶ୍ୱାଳ, ସଞ୍ଜୟ ସାହୁ, ଧନେଶ୍ୱର ସାହୁ, ସର୍ବସୁଖ ଶାନ୍ତିମୟ ପ୍ରଧାନ, ଟଙ୍କବୀର ସରପଞ୍ଚ ଅନୀତା ସାହୁ ଯୋଗଦେଇଥିଲେ। ନାଗରିକମାନଙ୍କର ମୌଳିକ ଅଧିକାର, କର୍ତ୍ତବ୍ୟ ଏବଂ ମୁକ୍ତ ଆଇନ୍ ସେବା ଉପରେ ବକ୍ତବ୍ୟ ରଖିଥିଲେ। ତାପସ ଜେନା ମଞ୍ଚ ପରିଚାଳନା କରିଥିଲେ। ଅଜିତ କୁମାର ପାନ୍ନା, ସୁକାନ୍ତ କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ରେଳ ବିକାଶ ନିଗମ ଲିମିଟେଡ୍
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

### ବିଜ୍ଞପ୍ତି

ପତ୍ର ସଂଖ୍ୟା: RVNL/BBS/HDS-PRDP/CPM-II/11443 ତାରିଖ: 20.02.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପ ନିମନ୍ତେ, କେନ୍ଦ୍ରାପଡ଼ା ଜିଲ୍ଲା, ମାର୍ଶାଘାଇ ତହସିଲର ଦୁମୁକା ଗ୍ରାମର ଶ୍ରୀ ଅରୁଣ କୁମାର ଦାସଙ୍କ, ଖାତା ନଂ.386 (ଜମାବନ୍ଦୀ), ପ୍ଲଟ ନଂ.1137, ଏକର 0.050 ଘରବାରି, ଦୁମୁକା ଗ୍ରାମର ଶ୍ରୀ ରବିନ୍ଦ୍ର ନାଥ ଦାସଙ୍କ, ଖାତା ନଂ.88, ପ୍ଲଟ ନଂ.1138, ଏକର 0.020 ଘରବାରି, ଦୁମୁକା ଗ୍ରାମର ଶ୍ରୀ ଅଶୋକ କୁମାର ନାୟକଙ୍କ, ଖାତା ନଂ.169, ପ୍ଲଟ ନଂ.1149, ଏକର 0.040 ଘରବାରି ଏବଂ ଦୁମୁକା ଗ୍ରାମର ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ, ଖାତା ନଂ.2286, ପ୍ଲଟ ନଂ.1133, ଏକର 0.090 ଘରବାରି ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ବ୍ୟକ୍ତି ବିଶେଷ ଉକ୍ତ ଜମିର ମାଲିକ ଭାବରେ ନିଜକୁ ଦାବି କରୁଛନ୍ତି, ଏଣୁ ଉପରୋକ୍ତ ପ୍ରଦତ୍ତ କୌଣସି ଜମିର ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ, ରେଳ ବିକାଶ ନିଗମ ଲିମିଟେଡ୍, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩
୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ, ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩
୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643,
ଫାକ୍ସ : (0674) 2303798



## ଆଲ୍ଲାହାବାଦ ବ୍ୟାଙ୍କ

ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟର ସମ୍ପତ୍ତିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୫.୦୩.୨୦୨୦ ରିଖ (ବୁଧବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୩.୦୩.୨୦୨୦ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ଦେବସ୍ମିତା ସାମନ୍ତରାୟ, ସ୍ୱା: ବିଶ୍ୱରଞ୍ଜନ ଖଟେଇ, ପ୍ଲଟନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ରୁଦ୍ରପୁର, ହଂସପାଳ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଜାମିନ୍‌ଦାର: (୧)ସୂର୍ଯ୍ୟ ନାରାୟଣ ସ୍ୱାଇଁ, ପ୍ଲଟ ନଂ.: ଇବି-୫୮୪, ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, (୨)ପଞ୍ଚାନନ ପଟ୍ଟନାୟକ, ପିତା-ଏଲୋକନାଥ ପଟ୍ଟନାୟକ, ପ୍ଲଟ ନଂ.-ଡିଏମ/ ୧୨, ମଧୁସୂଦନ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା । | କ)୧୬.୦୮.୨୦୧୯ ଖ)୩୦.୧୧.୨୦୧୯ ଗ)୧୫.୦୮.୨୦୧୯ ରିଖ ସୁଦ୍ଧା ଟ.୪୫,୨୧,୦୨୮/- +୧୬.୦୮.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଶ୍ରୀମତୀ ଦେବସ୍ମିତା ସାମନ୍ତରାୟଙ୍କ ନାମରେ ଅଛି ଯାହାର ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ହାଲ ଖାତା ନଂ.: ୪୧୨/୩୯୫, ରେଭିନ୍ୟୁ ପ୍ଲଟ ନଂ-୭୪୩(ପି), ମୌଜା- ରୁଦ୍ରପୁର, ଥାନା-ବାଲିଅନ୍ତା, ଥାନା ନଂ.-୧୪, ତହସିଲି- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏରିଆ-ଏକର୦.୦୩୪.୪୪ ଡିସିମିଲି, ଚଉହଦି: ଉତର-ସବ୍ ପ୍ଲଟ ନଂ.-୭୭, ଦକ୍ଷିଣ/ପୂର୍ବ-ରାସ୍ତା, ପଶ୍ଚିମ-ସବ୍ ପ୍ଲଟ ନଂ.-୭୫ । | କ) ଟ.୪୮,୦୩,୦୦୦/- ଖ) ଟ.୪,୮୦,୩୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009, ମାଧମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା୨୧.୦୨.୨୦୨୦ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।
ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୨୦.୦୨.୨୦୨୦
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



No. 21-TT:-

## ବିଶ୍ୱ ମାତୃଭାଷା ଦିବସ

**ଫେବ୍ରୁଆରୀ ୨୧ ତାରିଖ**

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
*ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।*

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

### ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
OIPR-27009/11/0002/1920

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଅମିତାଭ


ପ୍ରହ୍ଲାଦ


ପିଣ୍ଟୁ


ପ୍ରମୋଦ


ଶିବରାମ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଧାମରା ବନ୍ଦରରେ ବାଂଲାଦେଶର ଜାହାଜ

## ଚାଇନା କର୍ମଚାରୀ ଅବତରଣକୁ ନେଇ ଗୁଜବ

ଚାନ୍ଦବାଲି,୨୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ବନ୍ଦରରେ ବୁଧବାର ବାଂଲାଦେଶର ଦୁଇଟି ଜାହାଜ ଇସ୍ପାତ ନେବାକୁ ଲାଗିଛି। ଏହି ଦୁଇ ଜାହାଜରେ ଚାଇନା କର୍ମଚାରୀ ଧାମରା ବନ୍ଦରରେ ଅବତରଣକୁ ନେଇ ଗୁଜବ ପ୍ରକାଶ ପାଇଛି। ଚାଇନା ଜାହାଜର କର୍ମଚାରୀଙ୍କ ଦ୍ୱାରା କରୋନା ସଂକ୍ରମଣ ହେବାର ଆଶଙ୍କା ଗୁଜବକୁ ଅଧିକ ଖୋରାକ ଯୋଗାଇଛି। ଜାନୁୟାରୀ ୧୪ ପରେ ଚାଇନାରୁ ଆସିଥିବା ଲୋକଙ୍କଠାରେ କରୋନା ଭାଇରସ୍ ଥିବା ଆଶଙ୍କା ଥିବାବେଳେ ବାଂଲାଦେଶୀ ଜାହାଜର ୪୪ଜଣ ଚାଇନା କର୍ମଚାରୀଙ୍କୁ ନେଇ ଏପରି ମିଥ୍ୟା ଗୁଜବକୁ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଚାଇନାରେ କରୋନା ଆତଙ୍କ ପରେ ଧାମରା ବନ୍ଦର ପକ୍ଷରୁ ମଧ ସତର୍କତା ଅବଲମ୍ବନ କରାଯାଇଛି। ମାଲ ପରିବହନ ପାଇଁ ବାହାର ଦେଶର ଜାହାଜ ଧାମରା ବନ୍ଦର ଜେଟିରେ ଲାଗୁଥିଲେ ମଧ କର୍ମଚାରୀଙ୍କ ଅବତରଣ ଲାଗି ଏଠାରେ ଅନୁମତି ନାହିଁ। ଧାମରା ବନ୍ଦରକୁ ଆସୁଥିବା ଜାହାଜ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିୟମିତ ଖବର ପ୍ରଦାନ କରାଯାଉଛି। ଜାହାଜର କର୍ମଚାରୀଙ୍କୁ ବନ୍ଦରର ଡାକ୍ତର ମାସ୍କ ପିନ୍ଧି ବିନା ସ୍ପର୍ଶ (ଥର୍ମାଲ ସ୍କାନିଂ ସିଷ୍ଟମ)ରେ ଯାଞ୍ଚ କରିବା ସହ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଏହାର ରିପୋର୍ଟ ଜାହାଜ ଚଳାଚଳ(ଭାରତ ସରକାର) ଓ ବନ୍ଦର ନିର୍ଦ୍ଦେଶାଳୟ(ଓଡ଼ିଶା)କୁ ପ୍ରତିଦିନ ପ୍ରଦାନ କରାଯାଉଥିବା ବନ୍ଦର କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ। ବାଂଲାଦେଶର ଜାହାଜ ଦ୍ୱୟ ଇସ୍ପାତ ନେବାକୁ ଏଠାରେ ଲାଗିଛି। ଜାହାଜର ୨୨ଜଣ ଲେଖାଏ ମୋଟ ୪୪ଜଣ କର୍ମଚାରୀ ଚାଇନାର ଅଛନ୍ତି। ଧାମରା ବନ୍ଦରକୁ ଆସିବା ପୂର୍ବରୁ ସେମାନେ ବାଂଲାଦେଶର ଚିଟାଗଞ୍ଜ ବନ୍ଦରରେ ଅବତରଣ କରିଥିବାର ରିପୋର୍ଟ ରହିଛି। ସେମାନେ ଜାହାଜରେ କାମ କରିବା ଓ ଜଳପଥରେ ରହିବା କାରଣରୁ ଦୀର୍ଘଦିନ ହେବ ନିଜ ଦେଶକୁ ଯାଇନାହାନ୍ତି। ଫଳରେ ସେମାନେ କରୋନା ଆକ୍ରାନ୍ତ ହେବା ଆଶଙ୍କା ନାହିଁ ବୋଲି ବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।


ଧାମରା ବନ୍ଦରରେ ଲାଗିଥିବା ଜାହାଜ।

ଧାମରା ବନ୍ଦରର ସୁରକ୍ଷା ବିଭାଗ ମୁଖ୍ୟ ସୁନୀଲ କୁମାର ଏଠାରେ କରୋନା ସଂକ୍ରମଣରୁ ସୁରକ୍ଷା ଲାଗି ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଧାମରା ଥାନା, ଜିଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର କହିଛନ୍ତି, ଧାମରା ବନ୍ଦରରେ ଲାଗୁଥିବା ଜାହାଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ।

# ଜାଗର ପାଇଁ ଚଳଚଞ୍ଚଳ ଆଖଣ୍ଡଳମଣି ପୀଠ

ଆରଡ଼ି,୨୦।୨ (ଡି.ଏନ.ଏ.)

ମହାଶିବରାତ୍ରି ପାଇଁ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜିଲା, ପୋଲିସ ଓ ମନ୍ଦିର ପ୍ରଶାସନ ତତ୍ପର ହୋଇପଡ଼ିଛନ୍ତି। ଶୁକ୍ରବାର ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯିବ। କନିକା ରାଜାଙ୍କ ପକ୍ଷରୁ ପହିଲି ଘର୍ଷଣ କରାଯିବା ପରେ ୫ଟା ୧୫ରେ ପାଳିଆଙ୍କ ଦ୍ୱାରା ପହିଲି ଖେଚୁଡି ଭୋଗ, ୫ଟା ୪୫ରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦିଅଁ ଦର୍ଶନ ଓ ଘର୍ଷଣ ଭୋଗ କରାଯିବ। ରାତି ୧ଟା ୩୦ରୁ ୩ଟା ୧୫ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସୁନାବେଶ ଦର୍ଶନ ଓ ୪ଟା ୩୦ରୁ ୫ ଟା ମଧରେ ମନ୍ଦିର ଚୂଡାକୁ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପୀଠରେ ମହାଦୀପ ଦର୍ଶନ ଲାଗି ଦୂରଦୂରାନ୍ତରୁ ଭକ୍ତଙ୍କ ଆଗମନ ବି ଧୀରେ ଧୀରେ ହେଲାଣି। ସ୍ଥାୟୀ ବ୍ୟବସାୟୀମାନେ ନିଜର ଦୋକାନ ସଜାଇବାରେ ଲାଗିଛନ୍ତି। ଉଠାଦୋକାନୀ ମଧ ନିଜର ଦୋକାନ ମେଲି ଦେଲେଣି। ପାରମ୍ପରିକ ପ୍ରଥା ଅନୁସାରେ ଶିବରାତ୍ରି ପୂର୍ବଦିନ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ ଅବସ୍ଥାନ କରୁଥିବା ୨୭୦ ସେବାୟତ ପରିବାରଙ୍କୁ ମିଠା ପ୍ୟାକେଟ ବଣ୍ଟନ କରାଯାଇଛି। ଏହାଦ୍ୱାରା ସେବାୟତ ଓ ମନ୍ଦିର ପ୍ରଶାସନ ମଧରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୁଦୃଢ଼ ହୁଏ ବୋଲି ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ସୂଚନା ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା ସହ ପୀଠର ଅନ୍ୟାନ୍ୟ ସ୍ଥାନରେ ବାଉଁଶ ଖୁଣ୍ଟ ପୋତା ଚାଲିଛି। ପୂର୍ବବର୍ଷ ପରି ପୀଠକୁ ଲାଗି ରହିଥିବା ତିନିତର, ଧାନଖଣିଆ, ମୂଆଁ-ମାନପୁର ଘାଟ ଶିବରାତ୍ରିର ସନ୍ଧ୍ୟା ସାଢ଼େ ୬ଟାରୁ ବନ୍ଦ ରହିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ**
**ବାନ୍ଧି ମାଇଲେ ସେ ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା । ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ । ଧରିକି ହେଉ କିମ୍ବା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି । ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି । ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି । ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜି କ'ଣ କେଉଁଠି

**ବେଲପାହାଡ**
■ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଉଦ୍‌ଘାଟନ, ଆହର କେନ୍ଦ୍ର ନିକଟ ପଡିଆ, ସନ୍ଧ୍ୟା ୫ଟା ।

**ବିଜେପୁର**
■ଶିବରାତ୍ରି ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁଖାମୁଣ୍ଡା ଷଣ୍ଡେଶ୍ୱର ମନଦିର, ସନ୍ଧ୍ୟା ୭ଟା ।
■ଶିବ ପାରାୟଣ, କନଡିହି ରଙ୍ଗମାଟିଆସ୍ଥିତ ଡଙ୍ଗରବାବା ପୀଠ, ସନ୍ଧ୍ୟା ୭ଟା ।

**ସୁନ୍ଦରଗଡ**
■ଜିଲାସ୍ତରୀୟ ପୁସ୍ତକ ମେଳା, ପୁଷ୍ପ ପ୍ରଦର୍ଶନୀ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ନାରୀ କଲ୍ୟାଣ ମଣ୍ଡପ ପଡିଆ,ସନ୍ଧ୍ୟା ୬ଟା ।

**ଦେବଗଡ଼**
■ଶିବ ମନ୍ଦିର ପ୍ରତିଷ୍ଠା ଦିବସ ନିକ୍ତିମାଳ ଗାଁ, ବାରକୋଟ, ପୂର୍ବାହ୍ନ ୧୦ଟା ।
■ଶିବରାତ୍ରି ଅବସରରେ କଟାସର ମହୋତ୍ସବ, କଟାସର ମନ୍ଦିର ପରିସର, ସନ୍ଧ୍ୟା ୬ଟା ।

**ବୌଦ୍ଧ**
■ବୌଦ୍ଧ ଜିଲା କରଞ୍ଜକଟା ବାବା ଗୁପ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, କରଞ୍ଜକଟା ନୂତନ ମନ୍ଦିର ପ୍ରାଙ୍ଗଣ, ସକାଳ ୬ଟା ।

**ବରଗଡ଼**
■ରୁଦ୍ର ମହାଯଜ୍ଞର ଶୁଭାରମ୍ଭ, ଜୀରାନଦୀ କୂଳ ଆନନ୍ଦକାନନ ଆଶ୍ରମ, ପୂର୍ବାହ୍ନ ୮ଟା ୩୦ମିନିଟ୍ ।
■ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା, ରାଇଜିଂ ଷ୍ଟାର ବନାମ ସୋହେଲ, ବିକାଶ ଗ୍ରାଉଣ୍ଡ, ପୂର୍ବାହ୍ନ ୯ଟା ।
■ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବରାଡ଼ ବାଲୁଙ୍କେଶ୍ୱର ମନ୍ଦିର, ଗାଇସୀମା ପୂର୍ବାହ୍ନ ୯ଟା ।
■ତୁଳସୀ ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ, ଖୁଣ୍ଟପାଲି ଶିବ ମନ୍ଦିର, ସନ୍ଧ୍ୟା ୬ଟା ।
■ମହାଶିବରାତ୍ରି ପୂଜାରମ୍ଭ, ଶ୍ୟାମାକାଳୀ ମନ୍ଦିର, ସନ୍ଧ୍ୟା ୬ଟା ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇତ୍ୟାଦି ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଫେବୃୟାରୀ, ୨୦୨୦



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା। -ଟିଲଟ୍‌ସନ



## ସଂକ୍ଷେପରେ...

### ଆୟକର ଫାଙ୍କି ଅଭିଯୋଗରେ ଚଢ଼ାଉ

ରାଉରକେଲା ଅଫିସ,୨୦। ୨ ଆୟକର ଫାଙ୍କି ଅଭିଯୋଗରେ ଗୁରୁବାର ରାଉରକେଲା ମୁଖ୍ୟ ମାର୍ଗ ଠାରେ ଥିବା ଦେଓକରଣ ଦାସ କମ୍ପ୍ଲେକ୍ସ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଥିଲା। ଏଠାରେ ରହିଥିବା ଜଣେ ବ୍ୟବସାୟୀଙ୍କ ଅଫିସ ସହ ସିଭିଲ ଟାଉନଶିପ ସ୍ଥିତ ତାଙ୍କ ଘର ଓ କାଲୁଙ୍ଗା ଶିଳ୍ପାଞ୍ଚଳ କାରଖାନାରେ ମଧ ଆୟକର ଟିମ କମ୍ପାନୀର କାଗଜପତ୍ର ଯାଞ୍ଚ କରିଛନ୍ତି। ଏଥିରେ କେନ୍ଦ୍ରୀୟ ଟିମ ସହ ରାଉରକେଲା ଆୟକର ଅଧିକାରୀ ସାମିଲ ଥିବା କୁହାଯାଇଛି। ସକାଳ ସାଢେ ୮ଟାରୁ ଏହି ଚଢ଼ାଉ ଅପରାହ୍ନ ଯାଏ ଜାରି ରହିଥିଲା। ଯାଞ୍ଚକାଳରେ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଅନିୟମିତତାକୁ ଟିମ ବିଶେଷ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି। ତେବେ ଏନେଇ ସବିଶେଷ ତଥ୍ୟ ମିଳି ପାରିନି।

### ଜୁଆ ଖେଳ ଉପରେ ଚଢ଼ାଉ :୬ ଗିରଫ

କୁଆଁରମୁଣ୍ଡା,୨୦।୨(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଭାଟିଟୋଲି ଫୁଟବଲ ପଡିଆରେ ଗୁରୁବାର ଅପରାହ୍ନରେ ଜୁଆ ଖେଳ ଚାଲୁଥିବା ଖବର ପାଇ ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ସଦଳବଳେ ଚଢ଼ାଉ କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜୁଆରେ ବ୍ୟବହୃତ ୫୩୮୦ଟଙ୍କା, ୧୧୦ଟି ତାସପଟି ପୋଲିସ ଜବତ କରିଛି। ଏହାସହ ଘଟଣାସ୍ଥଳରୁ ୩ଟି ମୋବାଇଲ ଫୋନ ଓ ୭ଟି ବାଇକ ଜବତ କରାଯାଇଛି ବୋଲି ଫାଣ୍ଡି ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ଘଟଣାସ୍ଥଳରୁ କେତେକ ଛତ୍ରଭଙ୍ଗ ଦେଇ ଫେରାର ହୋଇଯାଇଥିବା ବେଳେ ପୋଲିସ କେବଳ ୬ ଜଣଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ୬ କୁଆଁରମୁଣ୍ଡା ଅଞ୍ଚଳର ବୋଲି ଜଣାପଡିଛି।

### ଆନ୍ତଃକ୍ଲବ କ୍ରିକେଟ: ଗୋଲଡେନ୍ ଷ୍ଟାର ବିଜୟୀ

ଦେବଗଡ, ୨୦।୨(ଡ଼ି.ଏନ୍.ଏ.) ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଇ.ଜି. ଷ୍ଟାଡ଼ିୟମ୍‌ଠାରେ ଗୋଲଡ଼େନ୍ ଷ୍ଟାର କ୍ରିକେଟ କ୍ଲବ କଲା ଓ ଷ୍ଟାର ଇଲେଭେନ୍ କଣ୍ଢେଲ ମଧରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଲଡ଼େନ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୫ ଉଇକେଟ ହରାଇ ୨୨୯ ରନ୍ କରିଥିଲା । ଏହାର ଜବାବ୍‌ରେ ଷ୍ଟାର ଇଲେଭେନ୨୨.୨ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରି ପରାସ୍ତ ହୋଇଥିଲା। ଫଳରେ ଗୋଲଡ଼େନ୍ ଷ୍ଟାର ୬୭ ରନ୍‌ରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚ୍‌କୁ କିରଣ ନାୟକ ଓ ସୁମନ ବେହେରା ପରିଚାଳନା କରିଥିଲେ ।







ଦେବଗଡ଼ ପରିବା ବଜାରକୁ ଗୁରୁବାର ସକାଳେ ଚାଷୀମାନେ ପରିବା ବିକ୍ରି କରିବାକୁ ଆସିଛନ୍ତି। (ବାମ)। ପୌର କର୍ମଚାରୀ ବ୍ୟବସାୟୀଙ୍କ ତମ୍ବୁ, ପାଲ, ତାରପୋଲିନ ଛାଉଣି ଭଙ୍ଗାରୁଜା କରିଛନ୍ତି। (ମଝି)। ବ୍ୟବସାୟୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ପରିବା ବଜାର ଉଚ୍ଛେଦ ନେଇ ସାନି ଉତ୍ତେଜନା

ଦେବଗଡ଼, ୨୦।୨(ଡ଼ି.ଏନ୍.ଏ.)

- ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ
- ଦୈନିକ ପରିବା ବଜାର ପିଣ୍ଡି ତିଆର କରିବା ଘଟଣା ନେଇ ଜିଲା ପ୍ରଶାସନ -ପରିବା ବ୍ୟବସାୟୀ ମୁହାଁମୁହିଁ
- ବ୍ୟବସାୟୀଙ୍କ ଦାବି ପିଣ୍ଡି ସହ ଛାଉଣି, ପରିସ୍ରାଗାର ଦରକାର

ଦେବଗଡ଼ ସହରର ଦୈନିକ ପରିବା ବଜାରରେ ପିଣ୍ଡି ତିଆରି କରିବା ଘଟଣା ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଥମିଛି। ପରିବା ବ୍ୟବସାୟୀଙ୍କ ଦାବି ପୂରଣ ନ ହେଲେ ସେମାନେ ଉଠିବେ ନାହିଁ ବୋଲି ଜିଦରେ ଅଟଳ ଥିବାରୁ ଜିଲା ପ୍ରଶାସନ -ପରିବା ବ୍ୟବସାୟୀ ମୁହାଁମୁହିଁ ହୋଇ ଦୁଇ ଦିନ ତଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗୁରୁବାର ପୁଣି ପରିବାର ବ୍ୟବସାୟୀଙ୍କ ତମ୍ବୁ, ତାରପୋଲିନ ଛାଉଣୀ ଭାଙ୍ଗିବା ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡ଼ିଡ଼ିଆରଡ଼ିଏ) ଭୀମସେଣ୍ଟ ପୁନମକାନ୍ତ ଏକ୍କାଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ବ୍ୟବସାୟୀଙ୍କ ଦାବି ପିଣ୍ଡିସହ ଖରାବର୍ଷାରୁ ରକ୍ଷାପାଇବା ପାଇଁ ଆଜ୍‌ବେଷ୍ଟସ ଛାଉଣୀ ବ୍ୟବସ୍ଥା, ଉକ୍ତ ସ୍ଥାନରେ ପାନୀୟ ଜଳ ଯୋଗାଣ ତଥା ପରିଶ୍ରାଗାର ବ୍ୟବସ୍ଥା କରାଯାଉ। ଏହି ଦାବି ପୂରଣ କରାଯିବ ବୋଲି ପିଡ଼ିଡ଼ିଆରଡ଼ିଏ ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସାୟୀମାନେ ମଧ୍ୟ ଏଥିରେ ରାଜି ହୋଇ ପିଣ୍ଡି ତିଆରି ଲାଗି ସହଯୋଗ କରିବେ କହିଛନ୍ତି। ସୋମବାର ସେମାନେ ପରିବା ବଜାର ଛାଡ଼ି ପ୍ରଶାସନ ନିର୍ଦ୍ଧାରଣ କରିଥିବା ସ୍ଥାନରେ ଦୋକାନ ଦେବେ। ପିଣ୍ଡି, ଛାଉଣୀ ତିଆରି ପରେ ପୁଣି ଫେରିଆସିବେ। ପ୍ରକାଶ ଯେ, ଦୈନିକ ପରିବା ବଜାରରେ ପିଣ୍ଡି ତିଆରି କରିବା ପାଇଁ ଗୋହୀରା ବନ୍ଧ ନିକଟକୁ ଉଠା ଦୋକାନୀମାନଙ୍କୁ ବସାଇବାକୁ ପ୍ରଶାସନ ଉଦ୍ୟମ କରୁଥିଲା। ଦୈନିକ ପରିବା ବ୍ୟବସାୟୀମାନଙ୍କୁ ଜିଲା ପ୍ରଶାସନ ଏନେଇ ଗତ ଜାନୁୟାରୀ ୨ ଓ ୧୦ ତାରିଖରେ ନୋଟିସ କରିଥିଲେ। ବ୍ୟବସାୟୀମାନେ ନିକଟସ୍ଥ ଗୋହିରୀ ବନ୍ଧ ପାଖରେ ବସିବା ପାଇଁ ନୋଟିସ ହୋଇଥିଲା। କିନ୍ତୁ ବ୍ୟବସାୟୀମାନେ ବାରମ୍ବାର ଦାବି କରିଆସୁଛନ୍ତି ଯେ, ପିଣ୍ଡିସହ ଖରାବର୍ଷାରୁ ରକ୍ଷାପାଇବା ପାଇଁ ଆଜ୍‌ବେଷ୍ଟସ ଛାଉଣୀ ବ୍ୟବସ୍ଥା କରାଯାଉ। ଉକ୍ତ ସ୍ଥାନରେ ପାନୀୟ ଜଳ ଯୋଗାଣ ତଥା ପରିଶ୍ରାଗାର ବ୍ୟବସ୍ଥା କରାଯାଉ। ବର୍ଷାପାଣିର ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ। ଏହି ଦାବି ନେଇ ପରିବା ବ୍ୟବସାୟୀମାନେ ଜିଲାପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିଲେ ମଧ୍ୟ ପ୍ରଶାସନ କାହାରି କଥା ଶୁଣୁ ନ ଥିଲା। ବ୍ୟବସାୟୀମାନଙ୍କ କହିବା କଥା ଉପରୋକ୍ତ ଦାବିପୂରଣ ଲାଗି ପ୍ରତିଶ୍ରୁତି ଦେଲେ ସେମାନେ ଗୋହିରା ବନ୍ଧ ନିକଟକୁ ଉଠିଯିବେ। ପ୍ରଶାସନ କେବଳ ପିଣ୍ଡି ତିଆରି ଲାଗି ସେମାନଙ୍କୁ ଉଚ୍ଛେଦ କରୁଥିବାରୁ ସେମାନେ ରାଜି ହେଉନାହାନ୍ତି। ଫଳରେ ପ୍ରଶାସନକୁ ବାରମ୍ବାର ଦାବି ଜଣାଇଆସୁଛନ୍ତି। ମାତ୍ର ପ୍ରଶାସନ କିଛି ନ ଶୁଣି ବାରମ୍ବାର ଧମକ ଚମକ କରିବା ସହ ଦାଦାଗିରି କରୁଥିବା ଅଭିଯୋଗ ହେଉଛି । ନିରାଶ ହୋଇ ବ୍ୟବସାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡ଼ବ୍ଲୁପି(ସି) ନଂ.୧୪୨୦/୨୦୨୦ରେ ରହିତାଦେଶ ଥିଲେ ମଧ ପ୍ରଶାସନ ଏହାକୁ ଅବମାନନା କରିବା ସହ ବ୍ୟବସାୟୀମାନଙ୍କର ଅଭିଯୋଗକୁ ବିଚାର ନ କରିବାରୁ ବାଧ ହୋଇ ବ୍ୟବସାୟୀମାନେ ଆଉ ଥରେ ହାଇକୋର୍ଟ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ବିରୋଧରେ ଅଦାଲତ ଅବମାନନା ଦାୟର କରିଥିଲେ। ଫଳରେ ଆଡଭୋକେଟ ଜେନେରାଲଙ୍କ ପତ୍ର ଅନୁଯାୟୀ ଜିଲାପାଳଙ୍କୁ ରିପୋର୍ଟ ତଲବ କରାଯାଇଥିବା ଜଣାପଡିଛି। ଏହା ସତ୍ତ୍ୱେ ମଙ୍ଗଳବାର ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ମାଜିଷ୍ଟ୍ରେଟ ଦାୟୀତ୍ୱରେ ଆସିଥିବା ସହକାରୀ ଜିଲାପାଳ କୈବଲ୍ୟ କର ପୋଲିସ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ଦୈନିକ ପରିବା ବଜାର ପରିସରରେ ଭାଙ୍ଗିବା ସମୟରେ ଉତ୍ତେଜନା ହୋଇଥିଲା। ପରିବା ବ୍ୟବସାୟୀମାନେ ତାଙ୍କ ଦାବିରେ ଜିଦଧରି ବସିଲେ। ଆମ ଦାବି ପୂରଣ ନ ହେଲେ ମରିବୁ ପଛେ ଛାଡିବୁ ନାହିଁ। ପାଖାପାଖି ଦୁଇ ଘଣ୍ଟା ଧରି ଉତ୍ତେଜନା ହୋଇଥିଲା। ପରେ ଉଚ୍ଛେଦ କାମକୁ ବନ୍ଦ କରି ଫେରିଯାଇଥିଲେ। ଗୁରୁବାର ସକାଳେ ଚାଷୀମାନେ କିଛି ପରିବା ବିକ୍ରି କରିବାକୁ ଆସିଥିଲେ। ପୌର କର୍ମଚାରୀମାନେ ସେଠାରେ ବସିବାକୁ ଦେଇ ନ ଥିଲେ। ଗୁରୁବାର ଅପରାହ୍ନରେ ପୁଣି ପୌରପରିଷଦର କର୍ମଚାରୀ, ମାଜିଷ୍ଟ୍ରେଟ ଦାୟୀତ୍ୱରେ ଆସିଥିବା ସହକାରୀ ଜିଲାପାଳ କୈବଲ୍ୟ କର ପୋଲିସ ଉପସ୍ଥିତିରେ ପରିବା ବ୍ୟବସାୟୀଙ୍କ ତମ୍ବୁ, ପାଲ, ତାରପୋଲିନ ଛାଉଣୀ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବସାୟୀମାନେ ଦାବି ପୂରଣ ଜିଦରେ ଅଟଳ ରହିଥିଲେ। ପରିସ୍ଥିତି ଅଣାୟତ ହେବାରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘଟଣାସ୍ଥଳରେ ପହଞ୍ଚି ପରିବା ବ୍ୟବସାୟୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ହୋଇଥିଲା।




ମଦବିକ୍ରି ବନ୍ଦ କରିବାରେ ସାମିଲ୍ ଏଚ୍‌ଏଚ୍‌ଜି ମହିଳା।

## ରୁନଗାଁରେ ମଦ ବିକ୍ରି ନକରିବାକୁ ମାନିଲେ ବିକ୍ରେତା

ବଡଗାଁ,୨୦।୨(ଡି.ଏନ.ଏ.);

ସୁନ୍ଦରଗଡ଼ ଜିଲା, ବଡଗାଁ ଥାନା ଅନ୍ତର୍ଗତ ରୁନଗାଁ ଗ୍ରାମରେ ଦେଶି ମହୁଲି ମଦ ବିକ୍ରି ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି ବହୁସଂଖ୍ୟକ ଏସ୍‌ଏଚ୍‌ଜି ମହିଳା। ମଙ୍ଗଳବାର ବଡଗାଁ ଥାନାରେ ମଦ ବିକ୍ରି ବନ୍ଦ ପାଇଁ ଲିଖିତ ଜଣାଇଥିଲେ। ଗୁରୁବାର ଗ୍ରାମରେ ୭ଟି ଏଚ୍‌ଏଚ୍ଜିର ୭୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଏକ ବୈଠକ ହୋଇଥିଲା। କୃଷକ ନେତା ରବୀନ୍ଦ୍ର ପଟେଲଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ଗାଁରେ କୁଚିଆ ମଦ ବିକ୍ରି ବନ୍ଦ କରିବା ଉପରେ ଆଲୋଚନା ହୋଇଥିଲା। ସେଠାରେ କୃଷକ ନେତା ପଟେଲ ମଦର କୁପ୍ରଭାବ ଉପରେ ବୁଝାଇଥିଲେ। ଘଟଣାସ୍ଥଳରୁ ପଟେଲ ବଡଗାଁ ଅବକାରୀ ଏଏସ୍‌ଆଇ ଗିରିଶ ଚନ୍ଦ୍ର ପଣ୍ଡା ଏବଂ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ଫୋନ୍‌ରେ ସୂଚନା ଦେଇଥିଲେ। ଏଏସ୍‌ଆଇ ପଣ୍ଡା ଘଟଣାସ୍ଥଳକୁ ଯାଇ ନଥିବାବେଳେ ବଡଗାଁ ଥାନା ପୋଲିସ୍ ପହଞ୍ଚିଥିଲେ। ପୋଲିସ୍ ସହିତ ମହିଳାମାନେ ମଦ ବିକ୍ରି କରୁଥିବା (ରୁନଗାଁ ଅଙ୍ଗନୱାଡି କେନ୍ଦ୍ର ପଛପଟେ) ହରୀ ସାରଟିଆ, ସୁମିତ୍ରା ଗରତିଆ ଓ ରମେଶ ସେଠିଙ୍କ ଘରକୁ ଯାଇ ପହଞ୍ଚିଥିଲେ। ସେମାନଙ୍କୁ ମଦ ବିକ୍ରି ବନ୍ଦ କରିବାକୁ କୁହାଯାଇଥିଲା। ବିକ୍ରେତାମାନେ ଆଜିଠାରୁ ମଦ ବିକ୍ରି କରିବୁ ନାହିଁ କହିବା ସହ ମଦ ଯୋଗାଉଥିବା ଭୋଇପାଲି ଲାଇସେନ୍ସ ପ୍ରାପ୍ତ ଦେଶି ମଦ ଭାଟିକୁ ଘରେ ଥିବା ମଦ ଫେରାଇଦେବୁ ବୋଲି କହିଥିଲେ। ଏହାପରେ ଗାଁ ମାଟିରେ ସଭା କରି ମଦ ବିକ୍ରି ବନ୍ଦ ପାଇଁ ସମସ୍ତେ ସହଯୋଗ କରିବେ ବୋଲି କହିଥିଲେ।

## ଦୁଇ ମୋଟର ସାଇକେଲ ମୁହାଁମୁହିଁ ଧକ୍କା: ୩ ଗୁରୁତର

ନୂଆଗାଁ, ୨୦।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ନୂଆଗାଁ କଲେଜଛକ ନିକଟରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଚାଳକ ସମେତ ୩ ଗୁରୁତର ହୋଇଛନ୍ତି। ଅପରାହ୍ନ ୨ଟାରେ କାରକାଟା ଗ୍ରାମର ସୁରଜ ଡୁଙ୍ଗଡୁଙ୍ଗ ମୋଟର ସାଇକେଲ ନଂ. ଓଆର୍ ୧୪ ଏନ୍ ୫୩୬୩ ଯୋଗେ ନୂଆଗାଁ ଅଞ୍ଚଳକୁ ଆସୁଥିଲେ। ତାଙ୍କ ପଛରେ ବାର୍ଥ ଲୁମି ଡୁଙ୍ଗଡୁଙ୍ଗ ନାମକ ଯୁବକ ବସିଥିଲେ। ନୂଆଗାଁ କଲେଜ ଛକ ନିକଟରେ ବିପରୀତ ଦିଗରୁ ଚୁଆବାହାଲ ଗ୍ରାମର ସୁଶୀଲ କୁଲୁ ମୋଟର ସାଇକେଲ ନଂ. ଓଡ଼ି ୧୪ଡ଼ି ୩୧୩୧ ଯୋଗେ ଆସୁଥିଲେ। ଉଭୟ ମୋଟର ସାଇକେଲ ମଧ୍ୟରେ ଜୋରରେ ଧକ୍କା ହେବାରୁ ୩ଜଣ ତଳେ ପଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା।



ଆହତମାନଙ୍କ ଚିକିତ୍ସା ଚାଲିଛି।

## କୁଣ୍ଡୁକେଲାରେ ଆଇନ ସଚେତନତା ଶିବିର

ସୁନ୍ଦରଗଡ ,୨୦।୨ (ଡି.ଏନ୍.ଏ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁଣ୍ଡୁକେଲା ରମ୍ଭାବତୀ-ଭେଷଜ ମହାବିଦ୍ୟାଳୟ ଠାରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଶିବିରରେ ଅଧ୍ୟକ୍ଷତା କରିଥିଲେ। ମୌଳିକ କର୍ତ୍ତବ୍ୟ ଓ ମୋଟରଯାନ ଦୁର୍ଘଟଣା କ୍ଷତିପୂରଣ ସମ୍ବନ୍ଧୀୟ ଆଇନଗତ ସୁବିଧା ଉପରେ ଆଲୋକପାତ କରିଥିଲେ। ମୋଟର ଦୁର୍ଘଟଣା କ୍ଷତିପୂରଣ କେସ୍ ଏହି ସଂସ୍ଥାରେ ଆପୋଷ ସମାଧାନ କରାଯାଇଥାଏ ବୋଲି ସୂଚନା ଦେଇଥିଲେ। ଯଦି ସମାଧାନ ନ ହୋଇପାରେ ତେବେ ମାମଲାଟି ଟ୍ରିବ୍ୟୁନାଲକୁ ଫେରିଯିବ। ଏହାଦ୍ୱାରା ଶିଘ୍ର ଫଇସଲା କରାଯାଇ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆଦେଶ କରାଯାଇଥାଏ ବୋଲି କହିଥିଲେ। ଆଇନଜୀବୀ ପୁରୁଷୋତ୍ତମ ପ୍ରଧାନ, ଅଂଜନା ସାହୁ ,ସୁମିତା ମହାପାତ୍ର ଓ ନମିତା କାନୁନଗୋ ପ୍ରମୁଖ ଶିବିରରେ ଯୋଗଦେଇ ମୌଳିକ କର୍ତ୍ତବ୍ୟ ଓ ମୋଟରଯାନ ଦୁର୍ଘଟଣା ଉପରେ ସବିଶେଷ ଆଲୋଚନା କରିଥିଲେ। ଭଷ୍ମା ଥାନା ଆଇଆଇସି ରମେଶ ପ୍ରସାଦ ମାହାନା ଟ୍ରାଫିକ ନିୟମ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ନାଏକ ସ୍ୱାଗତ ଅଭିଭାଷଣ ଦେଇଥିଲେ।

## ଅପରିପକ୍ୱ ଶିଶୁମାନଙ୍କର ଦୃଷ୍ଟିପଟଳ ପରୀକ୍ଷା ଶିବିର



ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଶିଶୁମାନଙ୍କ ଦୃଷ୍ଟିପଟଳ ପରୀକ୍ଷା କରାଯାଉଛି।

ସୁନ୍ଦରଗଡ଼,୨୦।୨ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପୂର୍ଣ୍ଣ ଗର୍ଭଧାରଣର ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସବ ଲାଭ କରିଥିବା ବା ଅପରିପକ୍ୱ ଶିଶୁମାନଙ୍କ ଦୃଷ୍ଟିପଟଳ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଭଳି ଶିଶୁମାନଙ୍କର ଦୃଷ୍ଟିପଟଳଜନିତ ସମସ୍ୟା ଦୂର କରିବା ପାଇଁ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଆରବିଏସକେ ମାଧ୍ୟମରେ ଏଲ.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱର ସହାୟତାରେ ଆୟୋଜିତ ଏହି ପରୀକ୍ଷା ଶିବିରରେ ସୁନ୍ଦରଗଡ଼ ଏସଏନସିୟୁରୁ ଡିସ୍‌ଚାର୍ଜ ହୋଇଥିବା ୩୪ ଶିଶୁଙ୍କୁ ପରୀକ୍ଷା କରାଯାଇଥିଲା। ବିଶେଷଜ୍ଞ ଡାକ୍ତର ତାପସ ରଞ୍ଜନ ପାଢୀଙ୍କ ନେତୃତ୍ୱରେ ଶିଶୁ ରୋଗ ବିଶେଷଜ୍ଞ ଡା. ଅନାମିକା ପଟେଲ ଓ ଆରଓପି ମ୍ୟାନେଜର ସମୀର ରଞ୍ଜନ ନାୟକଙ୍କ ଦ୍ୱାରା ଦୃଷ୍ଟିପଟଳ ପରୀକ୍ଷା କରାଯାଇଥିଲା। ଏହି ୩୪ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଏଲ.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱରକୁ ଆସନ୍ତା ସପ୍ତାହରେ ପଠାଯିବ। ଅନ୍ୟ ୩୦ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଚିହ୍ନଟ କରାଯାଇଛି।

# ଗୋଟିଏ ଦିନରେ ମିଳିଲା ଭତ୍ତା

ବଡଗାଁ,୨୦।୨(ଡି.ଏନ.ଏ.);

ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡମେମ୍ବରଙ୍କଠାରୁ ଚେୟାରମ୍ୟାନ୍ ପର୍ଯ୍ୟନ୍ତ ମାଳମାଳ ଜନ ପ୍ରତିନିଧି ଥିଲେ ମଧ ଅନେକ ଗରିବ, ଅସହାୟ, ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଦାୟିତ୍ୱହୀନତା, ସେବା ମନୋଭାବରର ଅଭାବ ଓ ଠିକା କୋଟା ସର୍ବସ୍ୱ ରାଜନୀତି ଯୋଗୁଁ ଏମାନେ ଦୀର୍ଘବର୍ଷ ସରକାରୀ ଭତ୍ତା ପାଇଁ ଚାତକ ପକ୍ଷୀ ପରି ଅପେକ୍ଷାରେ ଚାହିଁ ରହୁଛନ୍ତି। ଏଭଳି ଜଣେ ଦୁଃଖିନୀ ସୁନ୍ଦରଗଡ଼ ଜିଲା, ବଡଗାଁ ବ୍ଲକ ଇତମା ଗ୍ରାମର କାଦୋମତୀ ସା(୭୫) ଓ ତାଙ୍କ ପୁଅ ମୁରଲୀଧର(୩୮)ଙ୍କ ଦୁଃଖଭରା କାହାଣୀ ସମ୍ପର୍କରେ ଗୁରୁବାର 'ଭତ୍ତା ପାଇଁ ଆଧାର ସମସ୍ୟା' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ବଡଗାଁ ବିଡିଓ କ୍ଷମାନିଧି ଭୋଇଙ୍କ ଦୃଷ୍ଟିକୁ ଆସିବାରୁ ସେ ଗୁରୁବାର ଅପରାହ୍ନରେ ମା'ପୁଅଙ୍କୁ ଡକାଇ ଗୋଟିଏ ଦିନରେ ଭତ୍ତା କରାଇବା ସହିତ ମାନସିକ



ବିଡିଓ କ୍ଷମାନିଧି ଭୋଇ ଦିବ୍ୟାଙ୍ଗ ମୁରଲୀଧରଙ୍କୁ ଭତ୍ତା ଟଙ୍କା ଦେଉଛନ୍ତି।

**ଧରିତ୍ରୀ ପ୍ରଭାବ**

ଭିନ୍ନକ୍ଷମ ସାର୍ଟିଫିକେଟ ଦେବାର ବ୍ୟବସ୍ଥା କରାଇଛନ୍ତି। ଗୁରୁବାର ଅପରାହ୍ନରେ ବିଡିଓ ଭୋଇ ଭତ୍ତା ଟଙ୍କା ଦେଲାବେଳେ ସେ ଅତ୍ୟନ୍ତ ଖୁସି ହୋଇ ଅଫିସର ବାବୁ ମାନ୍‌କେ କୋଟି କୋଟି ଜୁହାର କହି ମୁହଁରେ ହସ ଫୁଟାଇଥିଲେ। ସୂଚନାଯୋଗ୍ୟ ଯେ, କାଦୋମତୀଙ୍କ ସ୍ୱାମୀ ଅନ୍ତ ସା'ଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଅଲଗା ହୋଇଯିବାରୁ ଅସହାୟ କାଦୋମତୀ ମାନସିକ ଭିନ୍ନକ୍ଷମ ପୁଅଙ୍କୁ ନେଇ ଏକାକୀ ରହୁଛନ୍ତି। ସରକାରଙ୍କ ଦ୍ୱାରା ମିଳୁଥିବା ୩୫ କେଜି ଚାଉଳ ଓ ୫ଶହ ଟଙ୍କା ଭତ୍ତାରେ ଉଭୟ ଗୁଜୁରାଣ ମେଣ୍ଟାଉଛନ୍ତି। ଦୁଃଖକଷ୍ଟ ଭରା ଦୁର୍ବିସହ ଜୀବନ ବିତାଉଥିବା ଏହି ବୃଦ୍ଧା ପୁଅର ଭତ୍ତା ପାଇଁ ଆଧାର ତିଆରି କରିବାକୁ ବାରମ୍ବାର ବ୍ଲକ ଅଫିସ ଆସି ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ସେ ରାଜନୈତିକ ଦଳର କର୍ମୀ, ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କୁ ଜଣାଇଥିଲେ ମଧ କେହି ଶୁଣି ନ ଥିଲେ। ତେବେ ଯାହା ବି ହେଉ ଗୋଟିଏ ଦିନରେ ତାଙ୍କୁ ବିଡିଓ ଭତ୍ତା କରାଇଦେବାରୁ ସାଧାରଣରେ ସାଧୁବାଦ ପ୍ରକଟ କରାଯାଇଛି। ହେଲେ ଏଠାରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ, ଆଧାର କାର୍ଡରେ ପୁଣି ହେଲା କିପରି। ଯଦି ହୋଇପାରୁଛି ଦୀର୍ଘବର୍ଷ ଭତ୍ତା ପାଇଁ ମାନସିକ ଭିନ୍ନକ୍ଷମ ବଞ୍ଚିତ ହୋଇଥିଲେ କାହିଁକି। ତେଣୁ ଏଭଳି କ୍ଷେତ୍ରରେ ଜନପ୍ରତିନିଧି, ସରକାରୀ ଅଧିକାରୀମାନେ ଆଧାରକୁ ବାଧ୍ୟତାମୂଳକ ନକରି ତଦନ୍ତ, ଯାଞ୍ଚ କରି ସମସ୍ୟାର ସମାଧାନ କଲେ ଅନ୍ତତଃ ମୂରଲୀଧରଙ୍କ ପରି ଭିନ୍ନକ୍ଷମ ସରକାରୀ ସାହାଯ୍ୟ, ସହଯୋଗ ସୁବିଧାରେ ପାଇପାରନ୍ତେ।

**ଆଦର୍ଶ ଗ୍ରାମ ଟିକଲାରେ ନିଶାକୁ ନା**

ବର୍ତ୍ତମାନ ସମୟରେ ନିଶା ସେବନ ଅନେକଙ୍କ ଅଭ୍ୟାସରେ ପରିଣତ ହେଲାଣି। କମ୍ ବୟସ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ନିଶା ସେବନ କରିଥାନ୍ତି। ମାତ୍ର ରାଜସ୍ଥାନର ଟିକଲା ନାମକ ଏକ ଛୋଟିଆ ଗ୍ରାମ ରହିଛି ଯେଉଁଠାରେ କେହି ନିଶା ସେବନ କରି ନ ଥାନ୍ତି। ବିଡି, ସିଗାରେଟ, ପାନ ମସଲାଠାରୁ ଏହି ଗ୍ରାମର ଲୋକମାନେ ସବୁବେଳେ ଦୂରେଇ ରହିଥାନ୍ତି। ଅନେକ ବର୍ଷ ହେବ ଏହି ପରମ୍ପରା ଚାଲିଆସୁଛି। ଏହି ଗ୍ରାମର ସମୁଦାୟ ଲୋକ ସଂଖ୍ୟା ୧୫୦୦। ଗାଁଟି ଛୋଟ ହୋଇଥିଲେ ମଧ୍ୟ ଏହାର ପରମ୍ପରା ତାଙ୍କୁ ସବୁଠାରୁ ଭିନ୍ନ କରିପାରିଛି।

# ବିକାଶ ଓ ଏକତାର ସେତୁ ମାତୃଭାଷା

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୧ ଫେବୃୟାରୀରେ ପାଳନ କରାଯାଉଛି। ୟୁନେସ୍କୋ ୧୭ ନଭେମ୍ବର ୧୯୯୯ ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ,୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପ୍ରତି ଏହିଦିବସରେ ସଚେତନତା ସୃଷ୍ଟି କରାଯାଏ। ଏହିଦିବସ ଘୋଷଣା କରାଯିବା ଦ୍ୱାରା ୧୯୫୨ର ବାଂଲାଦେଶ ଭାଷା ଆନ୍ଦୋଳନ ଦିବସକୁ ସ୍ମରଣ କରାଯାଇଥାଏ। ଆନ୍ଦୋଳନକାରୀମାନେ ବେଙ୍ଗଲୀ ଭାଷାକୁ ସ୍ୱୀକୃତି ଦେବା ଲାଗି ଲଢେଇ କରୁଥିଲେ। ୨୧ ଫେବୃୟାରୀରେ ବାଂଲାଦେଶୀ ଭାଷା ଆନ୍ଦେଳନରେ ରାଜଧାନୀ ଢାକାରେ ୪ ଜଣ ବେଙ୍ଗଲୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯିବା ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି। ୨୦୦୨ରୁ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଇଆସୁଅଛି। ଉକ୍ତ ଦିବସର ପ୍ରଥମ ସ୍ଲୋଗନ ଥିଲା– 'ଭାଷା ବିବିଧତା : ବିପଦରେ ୩ ହଜାର ଭାଷା'। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ବିଶ୍ୱରେ ଏବେ ୬୦୦୦ରୁ ଉର୍ଦ୍ଧ୍ୱ କଥିତ ଭାଷା ମଧ୍ୟରୁ ୪୫ ପ୍ରତିଶତ ବିପଦରେ। ଏହି ଭାଷାଗୁଡିକ ମଧ୍ୟରୁ ମାତ୍ର କେତେ ଶହ ଭାଷାକୁ ଏବେ ଶିକ୍ଷା କ୍ଷେତ୍ରରେ ସ୍ଥାନ ଦିଆଯାଇଛି ଓ ଶହେରୁ କମ୍ ଭାଷା ଡିଜିଟାଲ ୱାର୍ଲ୍ଡରେ ବ୍ୟବହାର କରାଯାଉଛି। ଭାଷା ଆମ ସଂସ୍କୃତିର ରକ୍ଷକ। ଭାଷା ଦିବସ ପାଳନ କରାଯିବା ଦ୍ୱାରା ଭାଷାଗତ ବିବିଧତା ଓ ବହୁ ଭାଷୀ ଶିକ୍ଷାକୁ ସଶକ୍ତ କରିବା ସହ ଭାଷାଗତ ତଥା ସାଂସ୍କୃତିକ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରାଯାଇପାରୁଛି। ବିଶ୍ୱରେ ଏହି ଦିବସ ବାଂଲାଦେଶରେ ନିଆରା ଢଙ୍ଗରେ ପାଳନ କରାଯାଏ। ଏହି ଦିବସରେ ଭାଷା ଆନ୍ଦୋଳନରେ ଶହୀଦ ହୋଇଥିବା ଶହୀଦ ସ୍ମାରକୀରେ ଫୁଲ ଅର୍ପଣ କରାଯିବା ସହ ଏହିଦିନକୁ ଛୁଟି ଘୋଷଣା କରାଯାଇଥାଏ। ପ୍ୟାରିସ ୟୁନେସ୍କୋ ମୁଖ୍ୟାଳୟରେ ମଧ୍ୟ ପାଳନ କରାଯାଏ। ସ୍କୁଲ୍ ଗୁଡିକରେ ପିଲାମାନଙ୍କୁ ମାତୃଭାଷାରେ କହିବା ଓ ଲେଖିବାକୁ କୁହାଯାଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ।




# କୁକୁରର ପିଣ୍ଡଦାନ

**ପାଟନା:** କୁକୁର-ମଣିଷ ମଧ୍ୟରେ ସମ୍ପର୍କର ଗଭୀରତା କାହାରିକୁ ଅଛପା ନାହିଁ। ଦୀର୍ଘଦିନରୁ ଏହି ବିଶ୍ୱସ୍ତ ଜୀବ ମଣିଷ ସହ ରହି ଆସିଛି। ଅନେକ ସମୟରେ କୁକୁର ପାଇଁ ଜୀବନ ବଞ୍ଚିଯାଇଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି। ବିହାରର ମଧୁବନୀରେ କୁକୁର ଏବଂ ମାଲିକ ଭିତରେ ଥିବା ଗଭୀର ସମ୍ପର୍କ ଏବେ ସୋସିଆଲ ମିଡିଆରେ ସାଉଁଟୁଛି ଚର୍ଚ୍ଚା। ନିଜ ପାଳିତ କୁକୁର 'ଲାଇକନ୍'ର ପିଣ୍ଡଦାନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଏନ୍‌ଆର୍‌ଆଇ ପ୍ରମୋଦ ଚୌହାନ। ନ୍ୟୁଜିଲାଣ୍ଡର ଅନ୍ୟତମ ପ୍ରମୁଖ ସହର ଅକ୍‌ଲାଣ୍ଡରେ ରହି ବ୍ୟବସାୟ କରନ୍ତି ପ୍ରମୋଦ। ଦୀର୍ଘ ୧୦ବର୍ଷ ଧରି ପରିବାରର ସଦସ୍ୟ ପାଲଟିଥିବା 'ଲାଇକନ୍'ର ନିକଟରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ ନିଜର ପ୍ରିୟ କୁକୁରର ଅସ୍ଥି ବିସର୍ଜନ କରିବାକୁ ବିହାରର ପାଟନାରେ ପହଞ୍ଚିଥିଲେ। ଏଥିସହ



ଗୟାରେ ପିଣ୍ଡଦାନ ମଧ୍ୟ କରିଥିଲେ। ଏ ନେଇ ପ୍ରମୋଦ କୁହନ୍ତି, ଦୀର୍ଘଦିନ ଧରି ସାଥିରେ ରହିବା ପରେ 'ଲାଇକନ୍' ପରିବାରର ସଦସ୍ୟ ପାଲଟିଯାଇଥିଲା। ତେଣୁ ହିନ୍ଦୁ ରୀତିନୀତି ଅନୁଯାୟୀ ତା'ର ଅସ୍ଥି ଗଙ୍ଗାରେ ବିସର୍ଜନ କରିବାକୁ ମନସ୍ଥ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଜୀବେ ଦୟା ଏହାର ଏକ ଅଂଶ। ଅକ୍‌ଲାଣ୍ଡରେ ହିନ୍ଦୁ ରୀତି ଅନୁଯାୟୀ ଲାଇକନର ଦାହ ସଂସ୍କାର କରିଥିଲେ। ପାଟନା ନିକଟରେ ପ୍ରବାହିତ ଗଙ୍ଗାନଦୀରେ ଅସ୍ଥି ବିସର୍ଜନ ପରେ ସେ ଗୟାରେ ପିଣ୍ଡଦାନ କରିଥିଲେ। କେବଳ ଏତିକି ନୁହେଁ, କୁକୁରର ମୃତ୍ୟୁଠାରୁ ୩୦ ଦିନ ଯାଏ ସେ ଯଥାନୀତି ମୃତ୍ୟୁକ୍ରିୟା ପାଳନ କରିବେ। ଏହାପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ପ୍ରମୋଦ ସୂଚନା ଦେଇଛନ୍ତି।

# ସୌଦି ଆରବରେ ନଦୀ ନାହିଁ

**ରିୟାଧ:** ପ୍ରାୟ ସବୁ ଦେଶରେ ନଦୀ କିମ୍ବା ଝରଣା ରହିଥିବା ଜାଣିଥିବେ। ମାତ୍ର ବିଶ୍ୱରେ ଏମିତି ଏକ ଦେଶ ରହିଛି, ଯେଉଁଠି ସ୍ଥାୟୀ ନଦୀ କିମ୍ବା ଝରଣାଟିଏ ମଧ୍ୟ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଦେଶ ହେଉଛି ସୌଦି ଆରବ। ଏଠାରେ ନଦୀ କିମ୍ବା ଝରଣା ନ ଥିବାରୁ ଲୋକେ ପାଣି ପାଇଁ ହାହାକାର ହୁଅନ୍ତି। ଏଠାରେ ବହୁ କମ୍ ପାଣି ମିଳେ। ତାହା ପୁଣି ଉଚ୍ଚ ଦରରେ। ପାଣି ଅଭାବ ଅନୁଭବ ନ କରିବା ପାଇଁ ଏହି ଦେଶର ଲୋକେ ଅଣ୍ଡରଗ୍ରାଉଣ୍ଡ୍‌ରୁ ଜଳ ସଂଗ୍ରହ କରିଥାନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୭୦ରେ ସରକାର ଜଳ ବିଶୋଧନାଗାର କାର୍ଯ୍ୟ ଆରମ୍ଭ କରିଥିଲେ। ଏଠାରେ ୧ ହଜାରରୁ ଉର୍ଦ୍ଧ୍ୱ ଜଳ ବିଶୋଧନାଗାର ନିର୍ମାଣ କରାଯାଇଛି। ଏହି ଜଳକୁ ବ୍ୟବସାୟ ଏବଂ କୃଷିରେ ବିନିଯୋଗ କରାଯାଉଛି। ନଦୀ କିମ୍ବା ଝରଣା ସିନା ନାହିଁ। ମାତ୍ର ସମୁଦ୍ର ରହିଛି। ସମୁଦ୍ର ପାଣିକୁ ସଂରକ୍ଷଣ କରି ରଖାଯାଉଛି। ଲବଣାକ୍ତ ଅଂଶକୁ କମାଇବା ପାଇଁ ପାଣି ଫିଲ୍‌ଟରିଂ କରାଯାଉଛି। ସାଧାରଣ ସ୍ଥାନରେ ଶୁଦ୍ଧ ପାଣି ପାଇଁ ୨୦୦ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏଠାରେ ୧୦୦୦ ଡଲାର ପ୍ରତି ଏକର ଫୁଟକୁ ଦେବାକୁ ପଡ଼ିଥାଏ। ଏଠାରେ କେମିତି ପାଣି ପାଇଁ ଖର୍ଚ୍ଚ କମ୍ ହେବ ସେନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

# କ୍ୟାପ୍‌ସିକମରେ ଜିଅନ୍ତା ବେଙ୍ଗ

**ଓଟାୱା:** ପନିପରିବାରୁ ପୋକ ବାହାରିବା ସାଧାରଣ ଘଟଣା। ମାତ୍ର କ୍ୟାପ୍‌ସିକମ୍ ଭିତରୁ ଜିଅନ୍ତା ବେଙ୍ଗ ବାହାରିବା ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ। ଏପରି ଏକ ଘଟଣା ଦେଖିବାକୁ ମିଳିଛି କାନାଡାରେ। ଏଠାକାର ଏକ ଦମ୍ପତି କିଛିଦିନ ତଳେ ବଜାରରୁ କିଛି ପନିପରିବା କିଣି ଆଣିଥିଲେ। ରାତିରେ ଡିନର ପ୍ରସ୍ତୁତି ପାଇଁ ପରିବା କାଟୁଥିବା ସମୟରେ ଏକ କ୍ୟାପ୍‌ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କ୍ୟୁବେକ୍‌ରେ ରହୁଥିବା ନିକୋଲ୍ ଗାଗୋନ୍ ଏବଂ ଗେରାଡ ବ୍ଲାକବର୍ଣ୍ଣ ଗତ ୯ ତାରିଖରେ ରାତିରେ ରୋଷେଇ କରିବା ପାଇଁ ପରିବା କାଟୁଥିଲେ। ଏହି ସମୟରେ କ୍ୟାପ୍‌ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଡରି ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା କ୍ୟାପ୍‌ସିକମ ଭିତରେ କୌଣସି ରନ୍ଧ୍ର ନ ଥିଲା। ମାତ୍ର ବେଙ୍ଗଟି ଏହା ଭିତରେ କିପରି ରହିଲା ତାହା ଆଶ୍ଚର୍ଯ୍ୟଜନକ। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ପରେ ଲୋକେ କ୍ୟାପ୍‌ସିକମ ଖାଇବାକୁ ଡରୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମୋତେ ସବୁ ପରିବା କାଟିବା ସମୟରେ ଏବେ ଡର ଲାଗୁଛି। ଆଉ ଜଣେ ୟୁଜର ଲେଖିଛନ୍ତି, କ୍ୟାପ୍‌ସିକମ କାଟିବା ସମୟରେ ମନରେ ଭିନ୍ନ ଏକ ଭୟ ଖେଳିଯାଉଛି।



# ରେଖାଙ୍କ ଡେଞ୍ଜର୍ ଜୋନ୍

**ମୁମ୍ବାଇ:** ବଲିଉଡ୍ ନାୟିକା ରେଖା ଓ ନାୟକ ଅମିତାଭ ବଚ୍ଚନଙ୍କ ପ୍ରେମ କାହାଣୀ ସମସ୍ତଙ୍କୁ ଅଳ୍ପ ବହୁତେ ଜଣା। ଏମାନଙ୍କ ପ୍ରେମ, ବିବାହର ରୂପ ନେଇପାରି ନ ଥିବା ବେଳେ ଏବେବି ଏହା କେବେ କେବେ ଆଲୋଚନାର ପରିସରକୁ ଚାଲିଆସିଥାଏ। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହାକୁ ଦେଖିବା ପରେ କେହି ନ ହସି ରହି ପାରୁ ନାହାନ୍ତି। ଉକ୍ତ ଭିଡିଓରେ ଅମିତାଭଙ୍କ ଫଟୋ ଦେଖି ରେଖା ଏମିତି ମଜା କରିଛନ୍ତି ଯାହାକୁ ଦେଖିଲେ ଆପଣାଛାଏଁ ସମସ୍ତେ ହସି ପକାଉଛନ୍ତି। ନିକଟରେ ଖ୍ୟାତନାମା ଫଟୋଗ୍ରାଫର ଡବ୍ବୁ ରତନାନୀଙ୍କ ଚଳିତ ବର୍ଷ ଅର୍ଥାତ୍ ୨୦୨୦ର କ୍ୟାଲେଣ୍ଡର ଲଞ୍ଚିଂ ସେରିମନିରେ ବହୁ ବଲିଉଡ୍ ସେଲିବ୍ରିଟି ଯୋଗ ଦେଇଥିଲେ। ଏହି ସମୟରେ ରେଖା ଫଟୋ ପାଇଁ ପୋଜ୍ ହେବା ସମୟରେ ତାଙ୍କ ପଛରେ ଅମିତାଭଙ୍କ ଫଟୋ ଥିବା ଦେଖିଥିଲେ। ଆଉ ମଜା କରିବାକୁ କହିଥିଲେ ଏହା ଡେଞ୍ଜର ଜୋନ୍। ଏହା କହିବା ସହ ରେଖା ସେଠାରୁ ପଳାଇ ଯାଇଥିଲେ। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୁଣି ଥରେ ରେଖା-ଅମିତାଭଙ୍କ ପ୍ରେମ କାହାଣୀ ଚର୍ଚ୍ଚାକୁ ଆସିଛି।





# ଏଥର ତବୁ କହିବେ 'ଆମି ଯେ ତୋମାର'

**ମୁମ୍ବାଇ:** ବଲିଉଡ୍ ଆକ୍ଟର କାର୍ତ୍ତିକ ଆର୍ୟନ୍ ଏବଂ କିୟାରା ଆଡ୍‌ଭାନୀଙ୍କ ଅପ୍‌କମିଂ ଫିଲ୍ମ 'ଭୁଲ୍ ଭୁଲୈୟା-୨'ର ଶୁଟିଂ ଚାଲିଛି। ୨୦୦୭ରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଭୁଲ୍ ଭୁଲୈୟା'ର ଏହା ହେଉଛି ସିକ୍ୱେଲ୍। ଏନେଇ ଦର୍ଶକେ ଖୁବ୍ ଉତ୍ସାହିତ ଥିବାବେଳେ ଫିଲ୍ମକୁ ନେଇ ଏକ ନୂଆ ଅପ୍‌ଡେଟ୍ ଜଣାପଡ଼ିଛି। 'ଭୁଲ୍ ଭୁଲୈୟା'ର ଲୋକପ୍ରିୟ 'ଆମି ଯେ ତୋମାର' ଗୀତଟିକୁ ସିକ୍ୱେଲରେ ରିକ୍ରିଏଟ୍ କରାଯିବ। ଆଉ ଏଥିରେ ବଲିଉଡ୍ ଭର୍ସାଟାଇଲ୍ ଆକ୍ଟ୍ରେସ୍ ତବୁ ନଜରକୁ ଆସିବେ। 'ଭୁଲ୍ ଭୁଲୈୟା'ର 'ଆମି ଯେ ତୋମାର' ବା 'ମେରେ ଢୋଲ୍‌ନା' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ବିଦ୍ୟା ବାଲନ୍‌ଙ୍କ ପର୍ଫର୍ମାନ୍ସ ଗୀତଟିକୁ ଆହୁରି ଲୋକପ୍ରିୟ କରିଦେଇଥିଲା। ଶ୍ରୀୟା ଘୋଷାଲ୍‌ଙ୍କ ସୁମଧୁର ଗାୟକୀରେ ଗୀତଟି ଆଜି ବି ଶ୍ରୋତାଙ୍କୁ ଆନ୍ଦୋଳିତ କରୁଛି। ଏହାକୁ ଦୃଷ୍ଟିରେ ରଖି 'ଭୁଲ୍ ଭୁଲୈୟା-୨'ରେ ଗୀତଟିକୁ ରିକ୍ରିଏଟ୍ କରାଯିବାକୁ ଥିବାବେଳେ ଏଥିରେ ବିଦ୍ୟାଙ୍କ ବଦଳରେ କିନ୍ତୁ ତବୁଙ୍କୁ ଦେଖିବାକୁ ମିଳିବ। ତେବେ ବିଦ୍ୟାଙ୍କ ପର୍ଫର୍ମାନ୍ସ ତ ଉଚ୍ଚକୋଟୀର ଥିଲା, ଏବେ ସମାନ ଗୀତରେ ତବୁ କେତେ ଦମ୍‌ଦାର ପର୍ଫର୍ମାନ୍ସ ଦେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ। ଖାସ୍ ଏଥିଲାଗି ତବୁ ଖୁବ୍ ଉତ୍ସାହିତ ଥିବାବେଳେ ପରିଶ୍ରମ ମଧ୍ୟ କରୁଛନ୍ତି। 'ଭୁଲ୍ ଭୁଲୈୟା'ର ମ୍ୟୁଜିକ୍ ଆଲ୍‌ବମ୍ ଭଳି 'ଭୁଲ୍ ଭୁଲୈୟା-୨'ର ମ୍ୟୁଜିକ୍ ଆଲ୍‌ବମ୍‌କୁ ମଧ୍ୟ ସୁପରହିଟ କରିବାକୁ ଫିଲ୍ମର ପୂରା ଟିମ୍ ଚେଷ୍ଟା ଚଳାଇଛି। 'ଭୁଲ୍ ଭୁଲୈୟା-୨' ଏକ ହରର୍ କମେଡି ଫିଲ୍ମ। ଏହାର ପ୍ରଥମ ସେଡ୍ୟୁଲ୍ ଶୁଟିଂ ଚାଲିଥିବାବେଳେ ଏପ୍ରିଲ ସୁଦ୍ଧା ୨ୟ ସେଡ୍ୟୁଲ୍ ଶୁଟିଂ ମଧ୍ୟ ଶେଷ ହୋଇଯିବ। ରାଜସ୍ଥାନ, ଲକ୍ଷ୍ନୌ, ମୁମ୍ବାଇ ସମେତ ଭିନ୍ନ ଭିନ୍ନ ସ୍ଥାନରେ ପୁରୁଣା କୋଠା ଦେଖି ସେଠାରେ ଶୁଟିଂ କରାଯାଉଛି। ଅନୀସ୍ ବାଜ୍‌ମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିକ୍ୱେଲ୍‌ଟି ଜୁଲାଇରେ ରିଲିଜ୍ ହେବ।

# କଣ୍ଟ୍ରୋଲ ସି, କଣ୍ଟ୍ରୋଲ ଭି ଜନକଙ୍କ ଦେହାନ୍ତ

**ନ୍ୟୁୟର୍କ:** କମ୍ପ୍ୟୁଟର ଓ ସ୍ମାର୍ଟଫୋନ୍ ବ୍ୟବହାରକାରୀ କଣ୍ଟ୍ରୋଲ ସି (ctrl c) ଓ କଣ୍ଟ୍ରୋଲ ଭି (ctrl v)ର ବ୍ୟବହାର ଅଧିକାଂଶ ସମୟରେ କରିଥାନ୍ତି। ବିଶେଷକରି କମ୍ପ୍ୟୁଟର ବା ଲ୍ୟାପ୍‌ଟପ ଯୋଗେ କାର୍ଯ୍ୟ କରିବା ସମୟରେ ଏହାର ଅଧିକ ବ୍ୟବହାର କରାଯାଇଥାଏ। ହେଲେ ଏହି କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଜନକଙ୍କୁ ଅନେକ ଜାଣନ୍ତିନାହିଁ। କମ୍ପ୍ୟୁଟର ବ୍ୟବହାରର ସରଳୀକରଣ ପାଇଁ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଆବିଷ୍କାର କରିଥିବା ସଫ୍ଟୱେର ଇଞ୍ଜିନିୟର ଲେରୀ ଟେସ୍‌ଲରଙ୍କ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଟେସ୍‌ଲରଙ୍କ ଜନ୍ମ ୧୯୪୫ରେ ନ୍ୟୁୟର୍କ ସହରରେ ହୋଇଥିଲା। ସେ କାଲିଫର୍ନିଆର ଷ୍ଟାନ୍‌ଫର୍ଡ ୟୁନିଭରସିଟିରୁ ଗ୍ରାଜୁଏଶନ ଶେଷ କରିବା ପରେ କମ୍ପ୍ୟୁଟର ବ୍ୟବହାରକୁ ସରଳ କରିବା ପାଇଁ ସିଷ୍ଟମ ଇଣ୍ଟରଫେସ୍ ଡିଜାଇନ୍‌ରେ ବିଶେଷଜ୍ଞତା ହାସଲ କରିଥିଲେ। ସେ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି'ର ଆବିଷ୍କାର କରିବା ସହ ଆହୁରି ଅନେକ କମାଣ୍ଡସ୍ ବାହାର କରିଛନ୍ତି, ଯାହା ଏବେ କମ୍ପ୍ୟୁଟରର ବ୍ୟବହାରକୁ ବେଶ ସରଳ କରିପାରିଛି। ୧୯୬୦ରେ ଟେସଲର ଆମେରିକାର ସିଲିକନ୍ ଭ୍ୟାଲିରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। କ୍ୟାରିୟର ଆରମ୍ଭରୁ ଅନେକ ବର୍ଷ ସେ ଜେରକ୍ସ କମ୍ପାନୀରେ କାର୍ଯ୍ୟ କରିଥିଲେ। ଏହାପରେ ଆପଲ୍‌ର କୋ-ଫାଉଣ୍ଡର ଷ୍ଟିଭ୍ ଜୋବସ୍‌ଙ୍କ ଅଫର୍ ପାଇ ସେ ଆପଲରେ ଯୋଗଦେଇଥିଲେ। ସେଠାରେ ୧୭ ବର୍ଷ କାମ କରିବା ପରେ ଟେସ୍‌ଲର ଶିକ୍ଷା କ୍ଷେତ୍ରରେ ସାମିଲ ହୋଇଥିଲେ। ଏବଂ କିଛିଦିନ ଆମାଜନ୍ ଓ ୟାହୁ ପାଇଁ ମଧ୍ୟ କାମ କରିଥିଲେ। ଟେସ୍‌ଲରଙ୍କ ମୃତ୍ୟୁରେ ଜେରକ୍ସ ଓ ଅନ୍ୟ କମ୍ପାନୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



# ଭଉଣୀ ପାଇଁ ଗାଉନ୍ ତିଆରି କଲେ ଭାଇ

**ମାନିଲା:** ଭଉଣୀ-ଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ନିଆରା ବୋଲି କୁହାଯାଏ। ସବୁ ଭାଇ ଭାବନ୍ତି, ତାଙ୍କ ଭଉଣୀ ସବୁଠାରୁ ଭଲ। ଆଉ ଭଉଣୀଙ୍କ କଷ୍ଟ କୌଣସି ଭାଇ ସହଜରେ ହଜମ କରି ପାରନ୍ତି ନାହିଁ ବୋଲି ମଧ୍ୟ କୁହାଯାଏ। ଏବେ ଏମିତି ଏକ ଖବର ଫିଲିପାଇନ୍ସରୁ ଆସିଛି। ଏଠାରେ ଜଣେ ଭଉଣୀଙ୍କୁ ଖୁସି କରିବାକୁ ତାଙ୍କ ଭାଇ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟି ଯାଇଛନ୍ତି କହିଲେ ଚଳେ। ଫିଲିପାଇନ୍ସରେ କଲ୍‌ଚର ଓ ଆର୍ଟସ୍ ପଢୁଥିବା ଛାତ୍ର ମାଭେରିକ ଫ୍ରାନସିସ୍‌କୋ ଓୟେଙ୍କ ଭଉଣୀ ଲୁ ଅସେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଗୋଟିଏ ନୂଆ ପୋଷାକ କିଣିବାକୁ କହିଥିଲେ। ହେଲେ ପୋଷାକ କିଣିବାକୁ ଅର୍ଥାଭାବ ଥିବାରୁ ଭାଇ ମାଭେରିକ ତାଙ୍କ ମାଆଙ୍କ ସହାୟତାରେ ଘରେ ଏକ ସୁନ୍ଦର ଗାଉନ୍ ପ୍ରସ୍ତୁତ କରିଥିଲେ। ବ୍ଲୁ ଓ ହ୍ୱାଇଟ୍ କଲର୍‌ର ଏହି ଗାଉନ୍ ଦେଖିବା ପରେ ସମସ୍ତେ କହିଥିଲେ, ଏହା କୌଣସି ଫ୍ୟାଶନ ଡିଜାଇନର ତିଆରି କରିଛନ୍ତି। ପ୍ରକୃତରେ ଭଉଣୀଙ୍କୁ ଖୁସି କରିବାକୁ ଭାଇ ମାଭେରିକ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟିଯାଇଥିବା କୁହାଯାଉଛି।






ଦକ୍ଷିଣ ଦିଲ୍ଲୀର ମୁନିର୍କା ଅଞ୍ଚଳରେ ଏକ ୬ ମହଲା କୋଠା ଗୁରୁବାର ଢଳିଯିବାରୁ ଏହାର ବାସିନ୍ଦା ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଭୋର ସମୟରେ ଏହି ଘଟଣା ଜଣାପଡିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ବିଲ୍ଡିଂରୁ ୪୫ ଜଣ ଏବଂ ପାଖରେ ରହୁଥିବା ଶତାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଛି। ସେଠାରେ ମ୍ୟୁନିସିପାଲ କର୍ପୋରେଶନ ଟିମ୍ ଏବଂ ଜାତୀୟ ଏନ୍‌ଡିଆର୍‌ଏଫ୍ ଟିମ୍ ଉପସ୍ଥିତ ରହିଛନ୍ତି।

## ସଂକ୍ଷେପରେ

### ଗୁଳିକାଣ୍ଡରେ ୯ ନିହତ

**ହନାଉ,୨୦।୨:** ଜର୍ମାନୀର ଜଣେ ବନ୍ଧୁକଧାରୀ ଫ୍ରାଙ୍କ୍‌ଫର୍ଟର ବିଭିନ୍ନ ସ୍ଥାନରେ ଗୁଳି ଚଳାଇବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ୧୦ଟାରେ ସେ ପ୍ରଥମେ କେନ୍ଦ୍ରୀୟ ହନାଉସ୍ଥିତ ହୁକା ବାର୍ ଉପରେ ଆକ୍ରମଣ କରିଥିଲେ। ଏହାପରେ ସେ ପ୍ରାୟ ୨.୫ କିଲୋମିଟର ଯାଇ ପୁଣିଥରେ ଗୁଳି ଚଳାଇଥିଲେ। ପୋଲିସ ଆକ୍ରମଣକାରୀଙ୍କ କାର୍‌କୁ ପିଛା କରି ତାଙ୍କ ଘରେ ପହଞ୍ଚିଥିଲା। ସେଠାରେ ଆକ୍ରମଣକାରୀଙ୍କୁ ତାଙ୍କ ବୃଦ୍ଧା ମାଆଙ୍କ ନିକଟରୁ ମୃତାବସ୍ଥାରେ ଉଦ୍ଧାର କରାଯାଇଛି। ବିଦେଶୀଙ୍କୁ ଘୃଣା କରିବା ମାନସିକତାରୁ ଏଭଳି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ହେସେ ପ୍ରଦେଶର ଗୃହମନ୍ତ୍ରୀ ପିଟର ବେଉଥ୍ କହିଛନ୍ତି। ସ୍ୱାଧୀନ ଓ ଶାନ୍ତିପୂର୍ଣ୍ଣ ସମାଜ ଉପରେ ଏହା ଆକ୍ରମଣ ବୋଲି ସେ ମତ ଦେଇଛନ୍ତି। ଆକ୍ରମଣରେ ନିହତଙ୍କ ମଧ୍ୟରୁ ଅଧିକାଂଶ ତୁର୍କୀ ନାଗରିକ। ଆକ୍ରମଣର କାରଣ ଜାଣିବା ପାଇଁ ପୂର୍ବରୁ ଉକ୍ତ ବ୍ୟକ୍ତି ଅନଲାଇନରେ କୌଣସି ଭିଡିଓ ପୋଷ୍ଟ କରିଥିଲେ କି ନାହିଁ ପୋଲିସ ତାହାର ଅନୁଧ୍ୟାନ କରୁଛି।

# ଉଚ୍ଛେଦ ହେବନି ୩୭୧

ଇଟାନଗର,୨୦।୨(ପି.ଟି.)




ଉତ୍ତର-ପୂର୍ବାଞ୍ଚଳକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୧କୁ ହଟାଯିବ ନାହିଁ। ଏହାକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଉଦ୍ଦେଶ୍ୟ ନାହିଁ। ଅନୁଚ୍ଛେଦ ୩୭୧କୁ ନେଇ ଗୁଜବ ପ୍ରସାର କରୁଥିବା ଲୋକେ ସେମାନଙ୍କ ଉଦ୍ୟମରେ ସଫଳ ହେବେ ନାହିଁ ବୋଲି ଗୁରୁବାର ଚେତାବନୀ ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ଗତ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହାସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ପରେ ବିରୋଧୀ ଦଳଗୁଡ଼ିକ ଘୋର ବିରୋଧ କରିଥିଲେ। ଏଥିସହ ଅନୁଚ୍ଛେଦ ୩୭୧କୁ ହଟାଇବା ପାଇଁ ସରକାର ଯୋଜନା କରୁଥିବା ନେଇ ବିରୋଧୀ ସମାଲୋଚନା କରିଥିଲେ। ଅରୁଣାଚଳ ପ୍ରଦେଶକୁ ରାଜ୍ୟ ମାନ୍ୟତା ମିଳିବାର ୩୪ତମ ବର୍ଷପୂର୍ତ୍ତି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ରାଜଧାନୀ ଇଟାନଗର ଗସ୍ତ କରିଥିଲେ। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଥିଲେ, ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସରେ ସମଗ୍ର ଉତ୍ତର-ପୂର୍ବାଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି

### ଅରୁଣାଚଳରେ ସ୍ପଷ୍ଟକଲେ ଶାହା

ଦେଉଛି ଯେ ଅନୁଚ୍ଛେଦ ୩୭୧ ହଟିବ ନାହିଁ। ଏହାକୁ ନେଇ ଯେଉଁମାନେ ଅପପ୍ରଚାର ଚଳାଇଛନ୍ତି, ସେମାନେ କେବେହେଲେ ସଫଳ ହେବେ ନାହିଁ। ଆମ ସରକାର ଆପଣମାନଙ୍କ ସଂସ୍କୃତିକୁ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସଂସ୍କୃତିର ସୁରକ୍ଷା କେନ୍ଦ୍ର ସରକାରଙ୍କ କେବଳ ଦାୟିତ୍ୱ ନୁହେଁ, କର୍ତ୍ତବ୍ୟ ମଧ୍ୟ। ଏଥିଲାଗି ବିଗତ ୫ ବର୍ଷରେ କେନ୍ଦ୍ରମନ୍ତ୍ରୀମାନେ ୨୦୦ ଥର ଏହି ଅଞ୍ଚଳକୁ ଗସ୍ତ କରିଥିଲେ। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ୩୦ ଥର ଉତ୍ତର-ପୂର୍ବାଞ୍ଚଳକୁ ଆସିଛନ୍ତି ବୋଲି ଶାହା ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅନୁଚ୍ଛେଦ ୩୭୧ ଅଧୀନରେ ଉତ୍ତର-ପୂର୍ବାଞ୍ଚଳର ଅଧିକାଂଶ ରାଜ୍ୟ ସମେତ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଗୋଆକୁ ସ୍ୱତନ୍ତ୍ର କ୍ଷମତା ମିଳିଛି। ଏହି ରାଜ୍ୟଗୁଡ଼ିକୁ ସେମାନଙ୍କ ଆଦିବାସୀ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଏହା ପ୍ରଦାନ କରାଯାଇଛି।

## ଦୁଇ ଦଳିତଙ୍କୁ ନିର୍ମମ ପ୍ରହାର

ଜୟପୁର,୨୦।୨(ପି.ଟି.)



ରାଜସ୍ଥାନର ନାଗୌର ଅନ୍ତର୍ଗତ କାର୍‌ନୁ ଗ୍ରାମରେ ଦୁଇ ଦଳିତ ଯୁବକଙ୍କୁ ନିସ୍ତୁକ ମାଡ଼ ମରାଯିବା ଘଟଣା ଏବେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଏକ ମୋଟର ସାଇକେଲ ଶୋ'ରୁମ୍‌ରୁ ଏଦୁହେଁ ଟଙ୍କା ଚୋରି କରୁଥିବା ଅଭିଯୋଗ କାରଣରୁ ଏମାନଙ୍କୁ ଆକ୍ରମଣ କରାଯାଇଛି। ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ମଳଦ୍ୱାରରେ ସ୍କ୍ରୁଡାଇଭର ପୂରାଇ ନିସ୍ତୁକ ମାଡ଼ ମରାଯାଇଛି। ଏନେଇ ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ରାଜସ୍ଥାନ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହା ପରେ ଶୋ'ରୁମ୍‌ରେ କାମ କରୁଥିବା ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଭଳି ହିଂସ୍ର ଆଚରଣ ମାନବିକ ଅଧିକାରର ସୀମା ସରହଦ ପାର୍ କରିଥିବା ନାଗୌର ଏମ୍‌ପି ହନୁମାନ ବେନିୱାଲ୍ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଆଇନ ସହ ଅନ୍ୟ ଦଫା ଲଗାଯାଇଥିବା ଏସ୍‌ପି କହିଛନ୍ତି।

ଭିଡିଓଟି ଫେବୃୟାରୀ ୧୬ରେ ଭାଇରାଲ ହୋଇଥିବାବେଳେ ପୋଲିସ

- ଭିଡିଓ ଭାଇରାଲ ପରେ ୭ ଅଭିଯୁକ୍ତ ଗିରଫ
- ରାଜସ୍ଥାନରେ ରାଜନୈତିକ ଝଡ଼

କାର୍ଯ୍ୟାନୁଷ୍ଠାନକୁ ଦାୟୀ କରିଛନ୍ତି ଭାଜପା ଓ ବେନିୱାଲ ନେତୃତ୍ୱାଧୀନ ଆର୍‌ଏଲ୍‌ପି। ଆର୍‌ଏଲ୍‌ପିର ୩ ବିଧାୟକ ଗୁରୁବାର ପ୍ଲାକାର୍ଡ ଧରି ବିଧାନସଭାରେ ପଶିବା ସହ ଦଳିତଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ରୋକାଯାଉ ବୋଲି ନାରାବାଜି କରିଥିଲେ। ବଜେଟ ଅଧିବେଶନ ଯୋଗୁ ବାଚସ୍ପତି ହସ୍ତକ୍ଷେପ କରିବାରୁ ୩ ବିଧାୟକ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରଦେଶ ଭାଜପା ଅଧ୍ୟକ୍ଷ ସତୀଶ ପୂନିଆ କହିଛନ୍ତି, ରାହୁଲଙ୍କ ଟୁଇଟ ପରେ ରାଜ୍ୟ ସରକାର ଆଖି ଖୋଲିବା ଦରକାର। ପୋଲିସ ଫେବୃୟାରୀ ୧୬ ପରିବର୍ତ୍ତେ ୧୯ରେ କାହିଁକି ମାମଲା ରୁଜୁ କଲା ବୋଲି ସେ ପ୍ରଶ୍ନ କରିଛନ୍ତି।

### ବିଏଟି ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ସେନା

**ନୂଆଦିଲ୍ଲୀ,୨୦।୨(ପି.ଟି.):** ଜମ୍ମୁ-କଶ୍ମୀର ସୀମାରେ ଅଶାନ୍ତି ସୃଷ୍ଟି କରିବା ପାଇଁ ପାକିସ୍ତାନୀ ସୈନ୍ୟବାହିନୀର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବିଏଟି)ର ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଏପରିକି ସେମାନେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ଆମ ଯବାନମାନେ ତାହାକୁ ବିଫଳ କରିଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଏମ୍.ଏମ୍. ନରୱଣେ କହିଛନ୍ତି। ବିଏଟିରେ ପାକିସ୍ତାନୀ ସୈନ୍ୟ ସମେତ ଜୈଶ-ଇ-ମହମ୍ମଦ ଏବଂ ଲଶ୍କର-ଇ-ତୋଇବା ଭଳି ସଂଗଠନର ଆତଙ୍କବାଦୀମାନେ ରହିଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରହିଥିବା ଭାରତୀୟ ଘାଟିଗୁଡ଼ିକୁ ଅଚାନକ ଆକ୍ରମଣ କରିବା ପାଇଁ ସେମାନଙ୍କୁ ପାକ୍ ସେନା ଟାର୍ଗେଟ ଦେଇଥିଲା। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୧୫ରୁ ୨୦ ଆତଙ୍କବାଦୀ ଶିବିର ସକ୍ରିୟ ରହିଥିବାବେଳେ ସେଠାରେ ୨୫୦ରୁ ୩୫୦ ଆତଙ୍କବାଦୀ ମହଜୁଦ୍ ରହିଥିବା ଜେନେରାଲ ନରୱଣେ କହିଛନ୍ତି।

## ମାନସିକ ରୋଗ ଚିକିତ୍ସା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୨୦।୨(ପି.ଟି.)



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମା ଗୁରୁବାର ନିଜ ମୁଣ୍ଡକୁ ଜେଲ୍‌କାନ୍ଥରେ ପିଟି ଆହତ ହେବା ପରେ ଚିକିତ୍ସା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମାନସିକ ଅସୁସ୍ଥ ଥିବା ଦାବି କରିବା ସହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମ୍ୟାନ ବିହେଭିୟର ଆଣ୍ଡ ଆଲାଏଡ୍ ସାଇନ୍ସେସ୍‌ରେ ଚିକିତ୍ସା ପାଇଁ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରଣା ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଶନିବାର ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ଅଧିକାରୀଙ୍କ କହିବା ଅନୁଯାୟୀ ବିନୟ ନିଜ ସେଲ୍‌ରେ ମୁଣ୍ଡ ବାଡ଼େଇ ଆହତ ହୋଇଛନ୍ତି। ରବିବାର ଅପରାହ୍ଣରେ ଜେଲ୍ ନମ୍ବର ୩ରେ ଏହି ଘଟଣା ଘଟିଥିଲା। ସାମାନ୍ୟ ଆହତ ବିନୟଙ୍କୁ ଜେଲ୍ ପରିସରରେ ଚିକିତ୍ସା କରାଯାଇଥିଲା। ତେବେ ବିନୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ

- ଜେଲ୍ କାନ୍ଥରେ ମୁଣ୍ଡ ପିଟି ବିନୟ ଶର୍ମା ଆହତ
- ତିହାର କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଲେ ଅଦାଲତ

ଡାହାଣ ହାତ ଭାଙ୍ଗିଯାଇଛି। ମୁଣ୍ଡରେ ଆଘାତ ଯୋଗୁ ତାଙ୍କର ମାନସିକ ବିକୃତି ହୋଇଛି ଓ ପାଗଳାମି ଦେଖାଦେଇଛି ବୋଲି ତାଙ୍କ ଓକିଲ କହିଛନ୍ତି। ବିନୟ ତାଙ୍କ ମାଆଙ୍କ ସମେତ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ଓକିଲ କୋର୍ଟଙ୍କୁ ଜଣାଇଛନ୍ତି।

ନିର୍ଭୟା ମାମଲାର ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ଗତ ୧୭ରେ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଏବେ ବିନୟ ମାନସିକ ରୋଗର ଚିକିତ୍ସା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ୩ରେ ଅପରାଧୀମାନଙ୍କୁ ଫାଶୀ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

### କମଲ ହାସନଙ୍କ ଶୁଟିଂ ସେଟ୍‌ରେ ଦୁର୍ଘଟଣା: ୩ ମୃତ

ଚେନ୍ନାଇ,୨୦।୨(ପି.ଟି.)

ଅଭିନେତା କମଲ ହାସନଙ୍କ ଆଗାମୀ ଚଳଚ୍ଚିତ୍ର 'ଇଣ୍ଡିଆନ-୨' ଶୁଟିଂ ଚାଲିଥିବାବେଳେ ଏକ କ୍ରେନ୍ ଖସିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା କମଲ ହାସନ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ସେ ମୃତକମାନଙ୍କ ପରିବାର ଓ ଆହତମାନଙ୍କ ପାଇଁ କୋଟିଏ ଟଙ୍କା ସହାୟତା ଘୋଷଣା କରିଛନ୍ତି।



ବୁଧବାର ରାତିରେ ଚଳଚ୍ଚିତ୍ର ଶୁଟିଂ ଚାଲିଥିବାବେଳେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସହକାରୀ ନିର୍ଦ୍ଦେଶକ ଅଛନ୍ତି। ଦୁର୍ଘଟଣାସ୍ଥଳରୁ ଟିକିଏ ପୂର୍ବରୁ ସେ ଚାଲିଆସିଥିବାରୁ ବଞ୍ଚିଗଲେ ବୋଲି କମଲ ହାସନ କହିଛନ୍ତି। ଫେରାର ଥିବା କ୍ରେନ୍ ଅପରେଟରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଏପ୍ରିଲରେ ରାହୁଲଙ୍କ ଦ୍ୱିତୀୟ ଇନିଂସ

ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)



### ପୁଣି ହେବେ କଂଗ୍ରେସ ଅଧ୍ୟକ୍ଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ଦଳର ମଙ୍ଗ ଧରିବେ। ଆସନ୍ତା ଏପ୍ରିଲରେ ସେ କଂଗ୍ରେସ ଅଧ୍ୟକ୍ଷ ପଦକୁ ଫେରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ବଜେଟ ଅଧିବେଶନ ଶେଷ ହେବା ପରେ ଅମଳର ପର୍ବ ବୈଶାଖୀ ବେଳକୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯିବ। ଏଥିସକାଶେ କଂଗ୍ରେସ ପକ୍ଷରୁ ଏକ ବିସ୍ତୃତ ବୈଠକ ଡକାଯିବ ବୋଲି କୁହାଯାଉଛି।

କଂଗ୍ରେସର ବିଭିନ୍ନ ମହଲରୁ ଦାବି ହେବା ପରେ ୨୦୧୭ରେ ରାହୁଲ ଗାନ୍ଧୀ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ମାତ୍ର ୫୦ ଆସନରେ ବିଜୟୀ ହୋଇଥିଲା। ଏପରି କି ବିରୋଧୀ ଦଳର ମାନ୍ୟତା ମଧ୍ୟ ହାସଲ କରିପାରି ନ ଥିଲା। ନିର୍ବାଚନରେ ଶୋଚନୀୟ ପରାଜୟ ପାଇଁ ରାହୁଲ ନିଜକୁ ଦାୟୀ କରି କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଯେତେ ଅନୁରୋଧ କରିଥିଲେ ବି ସେ ଇସ୍ତଫାପତ୍ର ପ୍ରତ୍ୟାହାର କରି ନ ଥିଲେ। ଫଳରେ ଗତ ଅଗଷ୍ଟରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ରାହୁଲଙ୍କ ମା' ତଥା ଉପାଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା। ସୋନିଆଙ୍କ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ରାହୁଲଙ୍କୁ ପୁଣିଥରେ ଏହି ଦାୟିତ୍ୱ ଦେବା ପାଇଁ କଂଗ୍ରେସର ବରିଷ୍ଠ ନେତାମାନେ ବିଚାର କରୁଛନ୍ତି।

### ସ୍କୁଲ ଉଡ଼ାଇଦେବାକୁ ନବମ ଶ୍ରେଣୀ ଛାତ୍ରଙ୍କ ଧମକ

**ବରେଲୀ,୨୦।୨(ପି.ଟି.):** ଦାବି ମୁତାବକ ୨ ଲକ୍ଷ ଟଙ୍କା ନ ମିଳିଲେ ପୁଲ୍‌ୱାମା ଆକ୍ରମଣ ଭଳି ନିଜ ସ୍କୁଲ କୋଠାକୁ ବିସ୍ଫୋରଣରେ ଉଡାଇଦେବାକୁ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଧମକ ଦେଇଛନ୍ତି। ଖବରକାଗଜ ହକର ଭାବେ କାର୍ଯ୍ୟ କରୁଥିବା ଏହି ପିଲାଙ୍କୁ ସୁଧାର ଗୃହକୁ ପଠାଯାଇଥିବା ବରିଷ୍ଠ ଏସ୍‌ପି ଶୈଳେନ୍ଦ୍ର ପାଣ୍ଡେ କହିଛନ୍ତି। ଛାତ୍ର ଜଣକ ଶୁକ୍ରବାର ପ୍ରଧାନଶିକ୍ଷକଙ୍କ ଘରେ ଏକ ଚିଠି ପକାଇଥିଲେ, ଯେଉଁଥିରେ ସ୍କୁଲ କୋଠା ଉଡ଼ାଇଦେବାର ଧମକ ଦିଆଯାଇଥିଲା। ପୁଣିଥରେ ମଙ୍ଗଳବାର ଉକ୍ତ ଛାତ୍ର ପ୍ରଧାନଶିକ୍ଷକଙ୍କୁ ଚିଠି ଦେଇ ପୁଲ୍‌ୱାମା ଭଳି ଆକ୍ରମଣ କରିବେ ବୋଲି ଧମକ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଜେରା ବେଳେ ଛାତ୍ର ଜଣକ ସହଜରେ ଟଙ୍କା ରୋଜଗାର ପାଇଁ ଏଭଳି କରିଥିବା ସ୍ୱୀକାର କରିଛନ୍ତି।

# କରୋନା ସଂକ୍ରମଣ କମୁଛି

ବେଜିଂ,୨୦।୨
(ପି.ଟି./ ଆଇଏଏନ୍‌ଏସ୍)

ଚାଇନାରେ କରୋନା ସଂକ୍ରମଣରେ ଏପର୍ଯ୍ୟନ୍ତ ୨,୧୧୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ସଂକ୍ରମିତଙ୍କ ସଂଖ୍ୟା ୭୪,୫୭୬ରେ ପହଞ୍ଚିଛି। ବୁଧବାର ୧୧୪

- ମୃତ୍ୟୁ ସଂଖ୍ୟା ୨,୧୧୮
- ଚାଇନାରେ ୭୪,୫୭୬ ଆକ୍ରାନ୍ତ

ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ନୂଆ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ଜଣାପଡ଼ିଛି। ଚାଇନାର ଜାତୀୟ



ସ୍ୱାସ୍ଥ୍ୟ କମିଶନ ପକ୍ଷରୁ କୁହାଯାଇଛି ଯେ, ନୂଆ ସଂକ୍ରମିତଙ୍କ ସଂଖ୍ୟା କମି ୩୯୪କୁ ଚାଲିଆସିଛି। ଗତ ଡିସେମ୍ବରଠାରୁ କରୋନା ଭୟଙ୍କର ରୂପ ଧାରଣ କରିଥିବା ବେଳେ ଏବେ ପ୍ରଥମ ଥର ଲାଗି ନୂଆ ସଂକ୍ରମଣକାରୀଙ୍କ ସଂଖ୍ୟା କମିବା ଆରମ୍ଭ କରିଛି। ତଥାପି ଏବେ ୪,୯୨୨ ଜଣ କରୋନାରେ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଉହାନ ସହର ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ବୁଧବାର ୧,୭୭୯ ବ୍ୟକ୍ତି ରୋଗମୁକ୍ତ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ମୋଟ ୧୬,୧୫୫ ବ୍ୟକ୍ତି ଅଦ୍ୟାବଧି କରୋନା କବଳରୁ ମୁକୁଳିଥିବା ଜଣାପଡ଼ିଛି। ହଂକଂରେ ଏପର୍ଯ୍ୟନ୍ତ କରୋନା ଭାଇରସ୍ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୋଟ ୬୫ ସଂକ୍ରମଣର ଶିକାର ହୋଇଛନ୍ତି। ତାଇୱାନ୍‌ରେ ୨୪, ମାକାଉରେ ୧୦ ବ୍ୟକ୍ତି କରୋନା ସଂକ୍ରମିତ ଥିବା ପ୍ରକାଶ।

### ରାମମନ୍ଦିର ଶିଳାନ୍ୟାସ ପାଇଁ ମୋଦିଙ୍କୁ ଆମନ୍ତ୍ରଣ

ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣର ଭୂମିପୂଜନ ଉତ୍ସବରେ ଯୋଗଦେବା ସହ ଶିଳାନ୍ୟାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରାଯାଇଛି। ମନ୍ଦିର ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ରାମଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ନୃତ୍ୟଗୋପାଳ ଦାସ, ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଏବଂ କୋଷାଧ୍ୟକ୍ଷ ଗୋବିନ୍ଦ ଗିରି ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆମନ୍ତ୍ରଣ କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୦।୨(ପି.ଟି.)

### ସିଏଏ ବିରୋଧରେ ସାନି ପିଟିଶନ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ସାନି ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। କେରଳ ନଦଭାଥୁଲ ମୁଜାହିଦ୍ଦିନ, ଅଞ୍ଜୁମନ ଟ୍ରଷ୍ଟ ଏବଂ ଦକ୍ଷିଣ କେରଳ ଜମିୟାଥୁଲ ଉଲେମା ସମେତ ୧୫ ଆବେଦନକାରୀ ସାନି ପିଟିଶନ ଦାଏର କରିଥିଲେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନ ଉପରେ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ପୂର୍ବରୁ ଦାଖଲ ହୋଇଥିବା ୧୫୦ରୁ ଊର୍ଦ୍ଧ୍ୱ ପିଟିଶନ ସହିତ ନୂଆ ପିଟିଶନଗୁଡ଼ିକର ଏକତ୍ର ଶୁଣାଣି ମାର୍ଚ୍ଚରେ ହେବ। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସି ରହିଥିବା ସଂଖ୍ୟାଲଘୁ ଅଣମୁସଲମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ ଲାଗି ସରକାର ସଂଶୋଧିତ ନାଗରିକତ୍ୱ ଆଇନ ଆଣିଥିଲେ।

### ଇତିହାସର ଆଇନାରେ

### ଫେବୃୟାରୀ ୨୧ର ପ୍ରମୁଖ ଘଟଣା

୧୯୭୨ ଫେବୃୟାରୀ ୨୧ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଚାଇନା ଗସ୍ତକରି ଦୁଇଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ। ପୂର୍ବରୁ ଦୁଇଦେଶ ମଧ୍ୟରେ ସୁସମ୍ପର୍କ ଥିଲେ ହେଁ ୨୦୧୯ରେ ଆମେରିକା ବିଶ୍ୱର ସର୍ବବୃହତ ଅର୍ଥନୀତି ହେବା ପରେ ଆର୍ଥିକ କାରବାର, ପ୍ରତିରକ୍ଷା ଓ ଦକ୍ଷିଣ ଚାଇନା ସାଗର ସ୍ଥିତିକୁ ନେଇ ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିବାର ଲାଗିଛି।

୨୦୧୩ ଫେବୃୟାରୀ ୨୧ରେ ଭାରତର ହାଇଦ୍ରାବାଦରେ ସିରିଜ୍ ବୋମା ବିସ୍ଫୋରଣ କରାଯିବା ଫଳରେ ୧୮ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିଲେ। ଜନବହୁଳ ଦିଲ୍‌ସୁଖ ନଗରରେ ପ୍ରଥମ ବିସ୍ଫୋରଣ ହୋଇଥିବାବେଳେ ଏହାର ୧୦୦ ମିଟର ଦୂରରେ ପୁଣି ଏକ ବିସ୍ଫୋରଣ କରାଯାଇଥିଲା।

## ଅନ୍‌ସଲ ଭ୍ରାତାଙ୍କ ଦଣ୍ଡ ବଢ଼ାଇବା ଆବେଦନ ଖାରଜ

ନୂଆଦିଲ୍ଲୀ,୨୦।୨(ପି.ଟି.)

ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲାରେ ଅନ୍‌ସଲ ଭ୍ରାତାଙ୍କ ଜେଲ୍‌ଦଣ୍ଡ ମିଆଦ ବଢ଼ାଇବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏନ୍.ଭି. ରମନା ଏବଂ ଅରୁଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମ୍ବରରେ କ୍ୟୁରେଟିଭ୍ ପିଟିଶନର ଶୁଣାଣି କରିଥିଲେ। ଉପହାର ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କ ସଂଗଠନ(ଏଭିୟୁଟି) ପକ୍ଷରୁ କ୍ୟୁରେଟିଭ ପିଟିଶନ ଦାଏର କରାଯାଇଥିଲା।

୨୦୧୭ ଫେବୃୟାରୀ ୯ରେ ସୁପ୍ରିମକୋର୍ଟ ୭୮ ବର୍ଷୀୟ ସୁଶୀଲ ଅନ୍‌ସଲଙ୍କ ବୟସାଧିକ୍ୟକୁ ବିଚାରକୁ ନେଇ କୋହଳ ଦଣ୍ଡାଦେଶ ଶୁଣାଇଥିଲେ, ଯେଉଁ ସମୟକିସେ ଜେଲ୍‌ରେ କଟାଇସାରିଥିଲେ। ସୁଶୀଲଙ୍କ ସାନଭାଇ ଗୋପାଳ ଅନସଲଙ୍କୁ ଆଉ ୧ ବର୍ଷ ଜେଲ୍ କାଟିବା ପାଇଁ କୁହାଯାଇଥିଲା। ଦଣ୍ଡାଦେଶର ପୁନର୍ବିଚାର ପାଇଁ ଏଭିୟୁଟି ଓ ଏହାର ଅଧ୍ୟକ୍ଷ ନୀଳମ କ୍ରିଷ୍ଣମୂର୍ତ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ପୁଣିଥରେ ଉପହାର କ୍ଷତିଗ୍ରସ୍ତଙ୍କୁ ନିରାଶ କରିଥିବାରୁ ଆଜିର ଦିନକୁ ସେମାନେ କଳାଦିବସ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମାହଲ୍‌ରେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ପ୍ରଦର୍ଶନ ହେଉଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଶ୍ୱାସରୁଦ୍ଧ ହୋଇ ୫୯ଜଣଙ୍କ ମୃତ୍ୟୁ ହେବା ସହ ଦଳାଚକଟାରେ ୧୦୦ ଜଣ ଆହତ ହୋଇଥିଲେ।

### ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲା



# ଦୁର୍ଘଟଣାରେ ଗଲା ୨୬ ଜୀବନ

ଚେନ୍ନାଇ,୨୦।୨
(ପି.ଟି./ ଆଇଏଏନ୍‌ଏସ୍)

ତାମିଲନାଡୁରେ ଗୁରୁବାର ଦୁଇଟି ରାସ୍ତା ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ତିରୁପୁର ଜିଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ଟାଇଲ୍ ନେଇ ଆସୁଥିବା ଏକ ଟ୍ରକ୍‌ର ଆଗଚକ ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ବେଙ୍ଗାଲୁରୁରୁ ଏର୍ନାକୁଲମ୍ ଯାଉଥିବା କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ତିରୁପୁର ହସ୍ପିଟାଲରେ



ତିରୁପୁର ଜିଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ବସ୍ ଚୂରମାର୍।

ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ କୋଏମ୍ବାଟୁର ସ୍ଥାନାନ୍ତର କରାଯାଇଛି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ଆହତ ୨୩ ଯାତ୍ରୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟର ଯୋଗେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶୋକବ୍ୟକ୍ତ କରିବା ସହ ଦୁଇଜଣ ମନ୍ତ୍ରୀଙ୍କୁ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ତାମିଲନାଡୁ ପଠାଇଛନ୍ତି। ତିରୁପୁର ଜିଲା ପ୍ରଶାସନ ସହ କେରଳ ସରକାର ନିୟମିତ ଯୋଗାଯୋଗରେ ଅଛନ୍ତି।

ତାମିଲନାଡୁର ସାଲେମ ଜିଲାରେ ଅନ୍ୟ ଏକ ଦୁର୍ଘଟଣାରେ ୬ ଜଣ ନେପାଳୀ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହ ୨୪ ଆହତ ହୋଇଛନ୍ତି। କନ୍ୟାକୁମାରୀରୁ ରାଜସ୍ଥାନ ଯାଉଥିବା ସେମାନଙ୍କ ଭ୍ୟାନ୍ ଏକ ବସ୍‌କୁ ଧକ୍କା ଦେଇଥିଲା।

ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ୨୧ ଫେବୃୟାରୀ, ୨୦୨୦




ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା
ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ



## ସଂକ୍ଷେପରେ...

### କର୍ତ୍ତବ୍ୟରେ ଅବହେଳା ନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ରାଉରକେଲା ଅଫିସ,୨୦। ୨

ଜଣେ ମାଟ୍ରିକ ଛାତ୍ରୀଙ୍କ ଫର୍ମ ପୂରଣରେ ଅବହେଳା କରିବା ଓ ପରବର୍ତ୍ତୀ ସମୟରେ ନକଲି ଆଡମିଟ କାର୍ଡ ପ୍ରଦାନ କରି ଛାତ୍ରୀଙ୍କୁ ଭୂଆଁ ବୁଲା ଅଭିଯୋଗରେ ମ୍ୟୁନିସିପାଲ ନୋଡାଲ ହାଇସ୍କୁଲ ପାନପୋଷ ପ୍ରଧାନ ଶିକ୍ଷୟିତ୍ରୀ ମାନସମୋହିନୀ ବଳଙ୍କୁ ଜିଲା ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି। ସେହି ବିଦ୍ୟାଳୟ ୧୦ ଶ୍ରେଣୀ ଛାତ୍ରୀ ନେହା ସୋରେନଙ୍କ ପରୀକ୍ଷା ଫର୍ମ ପୂରଣ ନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅବହେଳା କରିଥିଲେ। ଯେଉଁ କାରଣରୁ ଛାତ୍ରୀଙ୍କ ଆଡମିଟ କାର୍ଡ ଆସି ପାରିଲା ନାହିଁ କି ସେ ପରୀକ୍ଷା ଦେଇ ପାରିଲେ ନାହିଁ। ଯାହାକୁ ନେଇ ଛାତ୍ରୀଙ୍କ ପରିବାର ଲୋକେ ଜିଲାର ବରିଷ୍ଠ ଅଧିକାରୀଙ୍କୁ ଗୁହାରି ହେବା ସତ୍ତ୍ୱେ କିଛି ଫଳ ମିଳି ନ ଥିଲା। ଏହା ପରେ କଥା ଯାଇଥିଲା ସୁନ୍ଦରଗଡ ଜିଲାପାଳଙ୍କ କାନକୁ। ସେ ଏନେଇ ବୋର୍ଡ କର୍ତ୍ତୃପକ୍ଷ ସହ ଯୋଗାଯୋଗ କରି ଛାତ୍ରୀଙ୍କ ପରୀକ୍ଷା ବ୍ୟବସ୍ଥା କରିଥିଲେ। ଯେଉଁ ଅବହେଳାକୁ ନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ବଳଙ୍କୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ବଦଳରେ ସେହି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅମିତା ଦାସଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ଘଟଣାକୁ ନେଇ ଶିକ୍ଷକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ସ୍ଥାନୀୟ ବେକାରଙ୍କୁ ଅଣଦେଖା

ରାଉରକେଲା ଅଫିସ,୨୦। ୨

ବିଭିନ୍ନ କଳ କାରଖାନାରେ ବାହାର ଶ୍ରମିକଙ୍କୁ ଅଗ୍ରାଧିକାର ଦେବା, ସ୍ଥାନୀୟ ବେକାରଙ୍କୁ ଅଣଦେଖା କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଗୁରୁବାର ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ଜିଲା କର୍ମ ନିୟୋଜନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ କରାଯାଇଥିଲା। ଶ୍ରମିକ ନେତା ତଥା ୟୁନିୟନ ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ଶ୍ରମିକମାନେ ପାଖ ଶ୍ରମ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ଆସି କର୍ମ ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏଥିରେ ବକ୍ତବ୍ୟ ପ୍ରଦାନ କରି ମହାନ୍ତି କହିଥିଲେ, ରାଉରକେଲା ଇସ୍ପାତ କାରଖାନା ସମେତ ଆଇଜିଏଚ୍ ପରିସରରେ ଚାଲିଥିବା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଓ ବିର୍ସା ମୁଣ୍ଡା ଷ୍ଟାଡ଼ିୟମ ଆଧୁନିକିକରଣ ଭଳି କାମରେ ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ମିଳୁନି। ରାଜ୍ୟ ବାହାରୁ ଆସି ୯୦ ପ୍ରତିଶତ ଶ୍ରମିକ କାମ କରୁଛନ୍ତି। ଯେଉଁ ୧୦ ପ୍ରତିଶତ ଓଡ଼ିଆ କାମ କରୁଛନ୍ତି, ସେମାନଙ୍କୁ ସରକାରୀ




ସୁନ୍ଦରଗଡ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ କର୍ମ ନିୟୋଜନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ କରାଯାଉଛି।

- ରାଜ୍ୟ ବାହାର ଶ୍ରମିକଙ୍କୁ ଅନୁକମ୍ପା
- ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ ବିକ୍ଷୋଭ

ଧାର୍ଯ୍ୟ ମଜୁରି କିମ୍ବା ସାମାଜିକ ସୁରକ୍ଷା ଦିଆଯାଉନି। ଏହାକୁ ବିଡମ୍ବନା ବୋଲି କହିବା ସହ ମହାନ୍ତି ଅଭିଯୋଗ କରିଥିଲେ ଯେ, ଜିଲା କର୍ମ ନିୟୋଜନ ସଂସ୍ଥା, ଶ୍ରମ ଦପ୍ତର ଅବହେଳା ଯୋଗୁ ସ୍ଥାନୀୟ ବେକାର ଏସବୁ କାମରେ ନିଯୁକ୍ତି ପାଉ ନାହାଁନ୍ତି। ଏଠାରେ ବହୁ କୁଶଳୀ ଶ୍ରମିକ ରହିଥିବା ବେଳେ ବାହାର ଶ୍ରମିକ ଆସି ଏଠାରେ କାମ କରିବା ବିଭିନ୍ନ ମହଲରେ ନିରାଶା ସୃଷ୍ଟି କରିଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ଖୋଲା ଉଲ୍ଲଂଘନ କରାଯାଉଛି। ବିଭାଗୀୟ ଅଧିକାରୀ ଏହାକୁ ଦେଖି ନ ଦେଖିବା ପରି ନୀରବ ବସି ରହିଛନ୍ତି ବୋଲି ମହାନ୍ତି ଅଭିଯୋଗ କରିଥିଲେ। ଏନେଇ କର୍ତ୍ତୃପକ୍ଷ ସଚେତନ ନ ହେଲେ ଆଗାମୀ ଦିନରେ ୟୁନିୟନ ପକ୍ଷରୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଏହି ମର୍ମରେ ସୁନ୍ଦରଗଡ ଜିଲାପାଳ, ରାଉରକେଲା ଏଡିଏମ, ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ମହାନ୍ତି ସୂଚନା ଦେଇଛନ୍ତି।

# ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ରାଷ୍ଟ୍ର ନିର୍ମାଣ ଅଭିଯାନ

ରାଉରକେଲା ଅଫିସ, ୨୦।୨

ଅରବିନ୍ଦ କେଜରିୱାଲଙ୍କ ଦିଲ୍ଲୀ ବିକାଶ ମଡେଲକୁ ଓଡ଼ିଶାର ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ ଆପ ଓଡ଼ିଶା ପକ୍ଷରୁ ଅଭିଯାନ ଆରମ୍ଭ କରାଯିବ। ରାଷ୍ଟ୍ର ନିର୍ମାଣର ଏହି ଅଭିଯାନରେ ଯୋଗ ଦେବା ପାଇଁ ନିର୍ଦ୍ଦିଷ୍ଟ ନମ୍ବରରେ ମିସକଲ କରିବେ ଆଗ୍ରହୀ। ଏଥିସହ ଜାତି ଓ ଧର୍ମ ରାଜନୀତିରେ ବ୍ୟଥିତ ସାଧାରଣ ଜନତାକୁ ଏହି ରାଷ୍ଟ୍ର ନିର୍ମାଣ ମହାଯଜ୍ଞରେ ସାମିଲ ହେବା ପାଇଁ ପାର୍ଟି ଆହ୍ୱାନ ଜଣାଇଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପାଇଁ ଦଳ ଉଲ୍ଲସିତ ହୋଇ ପଡିଛି। ରାଷ୍ଟ୍ର ନିର୍ମାଣ ଅଭିଯାନ ମାଧ୍ୟମରେ କାମର ରାଜନୀତିକୁ ଦେଶର ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ନିଷ୍ପତି ନିଆଯାଇଛି। ଓଡ଼ିଶାରେ ଏହି ଅଭିଯାନ ଫେବୃୟାରୀ ୨୩ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ଚାଲିବ। ଏହା ମାଧ୍ୟମରେ ପାର୍ଟି ଅରବିନ୍ଦ କେଜରିୱାଲଙ୍କ ବିକାଶ ମଡେଲକୁ ପ୍ରତ୍ୟେକ ଅଞ୍ଚଳରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। କାମର ରାଜନୀତିରେ ଯୋଡି ହେବା ପାଇଁ ସାଧାରଣ ଲୋକଙ୍କୁ ଆହ୍ୱାନ ଦିଆଯାଉଛି। ଏହି ଅଭିଯାନ ମାଧ୍ୟମରେ ଲୋକମାନଙ୍କ ସମ୍ମୁଖରେ ଦିଲ୍ଲୀ ଏବଂ ଓଡ଼ିଶାର ବିକାଶର ତୁଳନା କରାଯିବ। ଦିଲ୍ଲୀରେ ଅରବିନ୍ଦ କେଜରିୱାଲଙ୍କ ବିପୁଳ ବିଜୟ ପରେ ସାରା ଦେଶରେ ରାଷ୍ଟ୍ର ନିର୍ମାଣ ଅଭିଯାନ ଆରମ୍ଭ କରି ଦେଇଛି ଦଳ। ବିକାଶକୁ ନେଇ ରାଜନୀତି ପ୍ରତି ସାରା ଦେଶରେ ସମର୍ଥନ ବୃଦ୍ଧି ପାଇଛି ବୋଲି ଦଳ ଦାବି କରିଛି। ଇତି ମଧ୍ୟରେ ୧୧ ଲକ୍ଷ ଲୋକ ମିସ୍‌ଡ କଲ କରି ରାଷ୍ଟ୍ର ନିର୍ମାଣ ଅଭିଯାନରେ ସାମିଲ ହୋଇଛନ୍ତି। କାରଣ ଦିଲ୍ଲୀରେ ସରକାରଙ୍କ ତରଫରୁ ସ୍କୁଲ, ହସ୍ପିଟାଲ, ବିଜୁଳି, ପାଣି, ମହିଳା ସୁରକ୍ଷା ଏବଂ ଅନ୍ୟାନ୍ୟ ବିକାଶମୂଳଖ କାର୍ଯ୍ୟ ସାଧାରଣ ଜନତାଙ୍କୁ ଆକର୍ଷିତ କରିଛି। ଲୋକେ ଜାତି ଓ ଧର୍ମର ରାଜନୀତି ପ୍ରତି ବିମୁଖ ହେଲେଣି। କେବଳ କାମର ରାଜନୀତିକୁ ଅପେକ୍ଷା ରହିଛି। ଏହା ହିଁ ଆମ ଆଦମି ପାର୍ଟିର ନୀତି। ଏଣୁ ରାଷ୍ଟ୍ର ନିର୍ମାଣ ଅଭିଯାନରେ ଲୋକ ଯୋଡ଼ି ହେବା ଆରମ୍ଭ କରିଛନ୍ତି। ଏହି ସମୟରେ କାମର ରାଜନୀତିକୁ ନେଇ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଛି। ଏମିତି ଅବସ୍ଥାରେ ସୁନ୍ଦରଗଡ ଜିଲାରେ ଦଳର ଭବିଷ୍ୟତ ନେଇ ଏଠା ନେତା ଆଗ୍ରହୀ ହୋଇ ପଡିଛନ୍ତି। ଗୁରୁବାର ଠାରୁ ଏନେଇ ଅଭିଯାନ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଘରକୁ ଯାଇ ରାଷ୍ଟ୍ର ନିର୍ମାଣ ଅଭିଯାନରେ ଲୋକଙ୍କୁ ଯୋଡ଼ିବାକୁ ଦଳ ନିଷ୍ପତି କରିଛି। ଜିଲାରେ ରାଷ୍ଟ୍ର ନିର୍ମାଣ ଅଭିଯାନକୁ ଆଗକୁ ନେବା ପାଇଁ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ପୋଷ୍ଟର ଲଗାଇବାକୁ ଦଳ ଯୋଜନା କରିଥିବା ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଡିଏଭି ସ୍କୁଲରେ ମହର୍ଷି ଦୟାନନ୍ଦ ଜୟନ୍ତୀ

ରାଉରକେଲା ଅଫିସ, ୨୦।୨

ଡିଏଭି ପବ୍ଲିକ ସ୍କୁଲରେ ଆର୍ଯ୍ୟ ସମାଜ ପ୍ରତିଷ୍ଠାତା, ଆଧୁନିକ ସମାଜର ମାର୍ଗ ଦର୍ଶକ ତଥା ବେଦ ପ୍ରଚାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୧୯୬ତମ ଜୟନ୍ତୀ ମଙ୍ଗଳବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଡିଏଭି ସ୍କୁଲ ସମୂହ ଜୋନ ୨ ଓଡ଼ିଶା ଆଞ୍ଚଳିକ ଅଧିକାରୀ ଏଲ.ଏନ ପ୍ରଧାନ ମହର୍ଷି ଦୟାନନ୍ଦଙ୍କ ଫଟୋଚିତ୍ରରେ ମଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ଜଳନ କରି ଦୟାନନ୍ଦଙ୍କ ନୀତି ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ତତ୍କାଳୀନ ସମାଜରେ ପ୍ରଚଳିତ ଥିବା ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ମହର୍ଷି ସ୍ୱର ଉତ୍ତୋଳନ କରି ବିପଥଗାମୀ ଲୋକଙ୍କୁ ସଂସ୍କାରି ହେବା ପାଇଁ ମାର୍ଗପ୍ରଦର୍ଶନ କରିଥିଲେ। ନାରୀ ଶିକ୍ଷା ଓ ସ୍ୱାଧୀନତା ଉପରେ ଲୋକଙ୍କୁ ସଚେତନ କରାଇଥିଲେ ବୋଲି ସେ ମତ ଦେଇଥିଲେ। ସମାଜରେ ନାରୀଙ୍କ ଆତ୍ମପରିଚୟ ସୃଷ୍ଟି କରିବା ପାଇଁ ମହର୍ଷି ସର୍ବଦା ଚେଷ୍ଟା କରୁଥିଲେ। ତାଙ୍କ ମତରେ ବେଦ ହେଉଛି ଧର୍ମର ମୂଳମନ୍ତ୍ର। ପ୍ରତ୍ୟେକ ବ୍ୟକ୍ତି ସ୍ୱଧର୍ମ, ସ୍ୱରାଜ, ସ୍ୱଭାଷା ଓ ସ୍ୱଦେଶ ପ୍ରତି ନିଜର ଆନୁଗତ୍ୟ ପୋଷାଣ କରିବା ଉଚିତ। ତେଣୁ ଆମେ ସମସ୍ତେ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଦେଶ ସେବାରେ ବ୍ରତୀ ହେବାକୁ ପ୍ରଧାନ ପରାମର୍ଶ ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାମୂହିକ ଯଜ୍ଞ ଆୟୋଜିତ ହୋଇଥିଲା। ଭଜନ ଓ ବେଦ ମନ୍ତ୍ର ଉଚ୍ଚାରଣ ଦ୍ୱାରା ସ୍କୁଲରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମକୁ ସଙ୍ଗୀତ ଶିକ୍ଷକ ପୁଲିନ ରାଉତରାୟ ଓ ସଂସ୍କୃତ ଶିକ୍ଷୟିତ୍ରୀ ବୈଜୟନ୍ତି ପଟ୍ଟନାୟକ ପରିଚାଳନା କରିଥିଲେ।



ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ।

### ଦୁର୍ଘଟଣାରେ ୨ ଯୁବକ ଆହତ

ରାଉରକେଲ ଅଫିସ.୨୦। ୨

ଦେଓଗାଁ ସ୍ଲାଗ ଗ୍ରାନୁଲେଶନ ପ୍ଲାଣ୍ଟ ନିକଟ ୧୪୩ ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। ବଣାଇ ଅଭିମୁଖେ ଯାଉଥିବା ଶାରଳା ବସ ବାଇକ ସହ ପିଟି ହୋଇଯିବାରୁ ଏଥିରେ ବସିଥିବା ଦୁଇ ଯୁବକ ସୂରଜ ପୁରନ ଓ ସୁଶାନ୍ତ ବାଙ୍କ୍ରା ଆହତ ହୋଇଛନ୍ତି। ଉଭୟ ନିକଟସ୍ଥ ଜଲଦା ଅଞ୍ଚଳ ବାସିନ୍ଦା। ଚିକିତ୍ସା ନିମନ୍ତେ ଦୁହିଁଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।



ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସଠାରେ ମହାଶିବରାତ୍ରି ଓ ଜାଗର ମେଳା ଅବସରରେ ରାଉରକେଲା ଏସ୍‌ପି କେ. ଶିବାସୁବ୍ରମଣି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ମେଳାଦାଣ୍ଡ ପରିଦର୍ଶନ ଅବସରରେ ଉପସ୍ଥିତ ଅଛନ୍ତି।

# ରେଳ ଓଭର ବ୍ରିଜ୍ ନିର୍ମାଣ ଶୀଘ୍ର ଆରମ୍ଭ କରାଯାଉ

ରାଉରକେଲା ଅଫିସ, ୨୦। ୨

ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡିଭିଜନ ଅଧିନରେ ମଞ୍ଜୁରୀ ପାଇଥିବା ୫ଟି ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ସାକ୍ଷାତ କରି ମଞ୍ଜୁରୀପ୍ରାପ୍ତ ୨୦୭/ବନ୍ଧମୁଣ୍ଡା କୁକୁଡା ଗେଟ, ୨୦୯/ମାଲଗୋଦାମ, ୨୦୧୩/ଆଇଡିସି, ୨୦୧୪/କଳୁଙ୍ଗା, ୨୦୧୫/କଳୁଙ୍ଗା ବଜାର ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି। ତେବେ ଏହି ୫ଟି ରେଳ ଓଭର ବ୍ରିଜ ମଧ୍ୟରୁ ୨୧୪ କଳୁଙ୍ଗା ସ୍କୁଲ ନିକଟସ୍ଥ ରେଳ ଓଭରବ୍ରିଜର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟାରମ୍ଭ ହେବାକୁ ଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେବା ସହ ଅବଶିଷ୍ଟ ୪ଟିର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଥିଲେ। ତେବେ ବିଗତ ଦିନରେ ରାଉରକେଲାରେ ନିର୍ମିତ ୨ଟି ରେଳ ଓଭରବ୍ରିଜ ନିମ୍ନମାନର ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇ ଥିଲା। ତ୍ରୁଟିପୂର୍ଣ୍ଣ ଡିଜାଇନ ଯୋଗୁ ଏହି ବ୍ରିଜ ଉପରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଆଗାମୀ ଦିନରେ ମଞ୍ଜୁରୀପ୍ରାପ୍ତ ରେଳ ଓଭରବ୍ରିଜର ନିର୍ମାଣ ବେଳେ ଏହାର ଡିଜାଇନ ମାନ ପ୍ରତି ଗୁରୁତ୍ୱାରୋପ କରିବାକୁ କଂଗ୍ରେସ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ଅଧପନ୍ତୁରିଆ ଅବସ୍ଥାରେ ପଡିଥିବା ବାସନ୍ତୀ କଲୋନୀ ଡିଏଲ ଛକ ୪ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲେ। ଗତ କିଛିଦିନ ତଳେ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଇଂ ଦୁର୍ଗାଚରଣ ବେହେରା ଏ ସମସ୍ତ ଦାବି ପ୍ରତି ଗୁରୁତ୍ୱାରୋପ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ କାର୍ଯ୍ୟରତ କେତେକ ଯନ୍ତ୍ରୀ ଶାସକ ଦଳ ନେତାଙ୍କ ହାତବାରିସୀ ସାଜି କେବଳ ସେହି ଦଳର କର୍ମୀଙ୍କୁ ଠିକା କାର୍ଯ୍ୟ ପ୍ରଦାନ କରୁଥିବା କୁହାଯାଇଥିଲା। ତେଣୁ ଡିଭିଜନ କର୍ତ୍ତୃପକ୍ଷ ଠିକା କାର୍ଯ୍ୟ ପ୍ରଦାନ ବେଳେ ନିରପେକ୍ଷତା ଅବଲମ୍ବନ କରିବା ପାଇଁ କଂଗ୍ରେସ ନେତୃବୃନ୍ଦ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ତିର୍କୀଙ୍କ ସମେତ ବରିଷ୍ଠ ନେତା ବୀରେନ ସେନାପତି, କୀର୍ତ୍ତନ ଦାସ, ଇଂ ରାମପୁକାର ସିଂହ, ବିଜୟ ଆପଟ୍ଟ, ଯୁବ ନେତା ସରୋଜ ମହାନ୍ତି, ବିଶ୍ୱଜିତ ସାହୁ ଓ ବିଶ୍ୱରଞ୍ଜନ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ରାଉରକେଲା ପୋଲିସ ଜିଲା ପକ୍ଷରୁ ଜନସମ୍ପର୍କ ଶିବିର

ଲହୁଣୀପଡା, ୨୦।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହ ପଞ୍ଚାୟତ କୁଦାମୁଷାଠାରେ ବୁଧବାର ରାଉରକେଲା ପୋଲିସ ଜିଲା ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା ଏସ.ପି କେ. ଶିବା ସୁବ୍ରମଣି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇପିଏସ୍ ଏସ. ସୁଶ୍ରୀ, ଆଡିସିନାଲ ଏସ୍.ପି ଅବକାଶ ରାଉତରାୟ, କେ.ବଲାଙ୍ଗ ଥାନା ଅଧିକାରୀ ଦୀପ୍ତିରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ଆଦିବାସୀ ନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଜନସାଧାରଣ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ଜନସାଧାରଣ ନିର୍ଭୟରେ ପୋଲିସ ସହିତ ସମ୍ପର୍କ ସ୍ଥାପନ କରିଲେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଚୋରଧରା ଓ ଜାମୁଡିହ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏକ ଶହରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ, ଲୁଗା, ଛତା ବଣ୍ଟନ କରାଯାଇଥିଲା। ନୃତ୍ୟ ଦଳମାନଙ୍କୁ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ୮ଟି ଫୁଟବଲ ଦଳ ମଧ୍ୟରେ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ଏକ ଡାକ୍ତରୀ ଦଳ ପକ୍ଷରୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।



କୁଦାମୁଷାଠାରେ ଜନସମ୍ପର୍କ ଶିବିରରେ ଔଷଧ ବଣ୍ଟନ କରାଯାଉଛି।

# ଆଧୁନିକ ମେଟାଲିକ୍ସ ପୁନଃ କାର୍ଯ୍ୟକ୍ଷମ ନେଇ ସିଆଇଟିୟୁ ଆଶାବାଦୀ

ରାଉରକେଲା ଅଫିସ,୨୦। ୨

କୁଆଁରମୁଣ୍ଡା ବ୍ଲକର ଚାର୍ଡି ହରିହରପୁର ଠାରେ ବନ୍ଦ ପଡିଥିବା ଆଧୁନିକ ମେଟାଲିକ୍ସ (ଇସ୍ପାତ କାରଖାନା) ପୁନଃ ଚାଲି ହେବା ନେଇ ସିଆଇଟିୟୁ ଆଶାବାଦୀ ବୋଲି କହିଛି। ସବୁଠୁ ବଡ କଥା ହେଲା କାରଖାନା ପ୍ରମୁଖ ଶ୍ରମିକ ସଙ୍ଗଠନ ସହ ରାଜନୈତିକ ଦଳଙ୍କ ଖୋଲା ସମର୍ଥନ ଘୋଷଣା। କାରଖାନା ଚାଲୁ ହେଲେ ଛଟେଇ ଶ୍ରମିକ ପୁନଃ ନିଯୁକ୍ତି ପାଇବେ। ବକେୟା ମିଳିବା ନେଇ ବାଟ ଫିଟିବ। ଆଉ ଯଦି କାରଖାନା ସମ୍ପ୍ରସାରିତ ହୁଏ ତେବେ ଏଥିରେ ଆହୁରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଣୁ ଏ ଦିଗରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ସମେତ ସୁନ୍ଦରଗଡ ଶ୍ରମିକ ସଂଘ ଓ ସିଆଇଟିୟୁ ଭଳି ୟୁନିୟନ ସହଯୋଗର ହାତ ବଢାଇବାକୁ ଘୋଷଣା କରିଛି। ଏନେଇ ସିଆଇଟିୟୁ ନେତୃତ୍ୱରେ ଗୁରୁବାର ସେକ୍ଟର- ୧୬ ଠାରେ ସଙ୍ଗଠନର ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଥିଲା। ଏଥିରେ ମହାନ୍ତି କାରଖାନା ବନ୍ଦ ହେବାଠୁ ନେଇ ଏହାର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ, ଆଧୁନିକ ମେଟାଲିକ୍ସ ଦେବାଳିଆ ହେବା ପରେ କାରଖାନା ବନ୍ଦ ପଡିଛି। ଏହାକୁ ଲିବର୍ଟି ହାଉସ ନାମକ କମ୍ପାନୀ ହାତକୁ ନେଇ ଚଳାଇବାକୁ ଉଦ୍ୟମ ଆରମ୍ଭ କରିଛି। ଯାହାକୁ ଆମ ୟୁନିୟନ ସମ୍ପୂର୍ଣ୍ଣ ସ୍ୱାଗତ କରୁଛି। କାରଖାନା ଚଳାଇବା ଦିଗରେ ୟୁନିୟନ ପୂର୍ଣ୍ଣ ସହଯୋଗ କରିବ ବୋଲି ମହାନ୍ତି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ୟୁନିୟନ ପକ୍ଷରୁ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରାଜକିଶୋର ପ୍ରଧାନ, ପ୍ରଫୁଲ୍ଲ ପଡିହାରୀ, ପି.ଏଲ ମିଶ୍ର, ମହେଶ୍ୱର ନାଥ, ବିଜୟ ସ୍ୱାଇଁ, ଅଟଳ ସ୍ୱାଇଁ, ଏନ.ସେନାପତି, ଏସ.କେ ପାତ୍ର, ଦେବାଶିଷ ସାହୁ, ଆଲୋକ ଦେ ଓ ଦେବନାରାୟଣ ଜେନା ପ୍ରମୁଖ ପଉସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଏହି ଇସ୍ପାତ କାରଖାନା ଗତ ୨୦୦୪ରେ କାର୍ଯ୍ୟକ୍ଷମ ହୋଇଥିଲା। ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷ ଏହାକୁ ଚଳାଇ ନ ପାରି ଗତ ୨୦୧୫ରେ ଲକ୍ ଆଉଟ ଘୋଷଣା କରିଥିଲେ। ସେବେଠୁ ଏଠାରେ କାମ କରୁଥିବା ୧୧୪୦ ସ୍ଥାୟୀ ଶ୍ରମିକ ଜୀବିକା ହରାଇଲେ। ଏମାନଙ୍କ ବ୍ୟତୀତ ସହସ୍ରାଧିକ ଠିକା ଶ୍ରମିକ ଘରେ ବସି ରହିଲେ। ସେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ ଆଉଟକୁ ଅସିଦ୍ଧ ଘୋଷଣା କରାଯାଇ ଥିଲା। କାରଖାନା କର୍ତ୍ତୃପକ୍ଷ ବାଧ୍ୟ ହୋଇ ଏହାକୁ ସେହି ବର୍ଷ ମଇ ମାସରେ ଚାଲୁ କଲେ। ତେବେ କାରଖାନା ବେଶି ଦିନ ତିଷ୍ଠି ରହି ପାରିଲା ନାହିଁ। ପୁଣି ଏଥିରେ ତାଲା ଝୁଲିଲା। ନାନା ବାଦବିବାଦ ଘେରରେ ଛନ୍ଦି ହୋଇ କାରଖାନା ଶେଷରେ ଦେବାଳିଆ ଘୋଷିତ ହେଲା ଓ ଏହାର ନିଲାମ ପ୍ରକ୍ରିୟା ଆରମ୍ଭ କରାଗଲା। କର୍ମଚାରୀ ଦରମା ନ ପାଇ ଆଇନ ଅଦାଲତର ଦ୍ୱାରସ୍ଥ ହେଲେ। ଯାହା ଆଜି ପର୍ଯ୍ୟନ୍ତ ଝୁଲି ରହିଛି। ଏବେ ଲିବର୍ଟି ହାଉସ ଚାଲୁ ହେବା ନେଇ ବିଭିନ୍ନ ୟୁନିୟନ ପକ୍ଷରୁ ସକାରାତ୍ମକ ମତ ପ୍ରକାଶ ପାଇଛି। ମାର୍ଚ୍ଚରେ କାରଖାନା ଚଳାଯିବା ନେଇ ରୂପରେଖ ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।




ଖବରଦାତା ସମ୍ମିଳନୀରେ ସିଆଇଟିୟୁ ନେତା ଉପସ୍ଥିତ।



ନିର୍ମଳ କୁମାର ମିଶ୍ର

# ଓଡ଼ିଶାର ରଣଜୀ ଯାତ୍ରା



**ଓଡ଼ିଶାର ରଣଜୀ ଅଭିଯାନ ବେଶ୍ ଉତ୍ସାହଜନକ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା କ୍ୱାର୍ଟର ଫାଇନାଲରେ ବେଙ୍ଗଲକୁ ଭେଟିଛି। ବେଙ୍ଗଲକୁ ହରାଇପାରିଲେ ଦୀର୍ଘ ୧୬ ବର୍ଷ ପରେ ଓଡ଼ିଶା ସେମିରେ ପ୍ରବେଶ କରିବ। କୋଚ୍ ରଶ୍ମିରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଥର ଚମକପ୍ରଦ ପ୍ରଦର୍ଶନ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ..**

ଚଳିତ ସିଜନରେ ଓଡ଼ିଶା ଦଳର ରଣଜୀ ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି। ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ବେଶ୍ ଭଲ ସଫଳତା ପାଇବା ଆମ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପାଇଁ ସନ୍ତୋଷଜନକ ରହିଛି। ୨ବର୍ଷ ପରେ ପୁନର୍ବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଟିମ୍ ଓଡ଼ିଶା। ଗ୍ରୁପ୍-ସି' ରେ ସ୍ଥାନ ପାଇଥିବା ଓଡ଼ିଶା ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ପାଇଁ ଶକ୍ତିଶାଳୀ ଦଳଗୁଡିକୁ ଟକ୍କର ଦେଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଗୁଡିକରେ ଭେଟେରାନ୍ ବୋଲର ବସନ୍ତ ମହାନ୍ତି ସମସ୍ତ ମ୍ୟାଚ୍‌ରେ ବେଶ୍ ଭଲ ବୋଲିଂ କରିବା ସହିତ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ତାଙ୍କୁ ବେଶ୍ ସହାୟତା କରିଛନ୍ତି। ବ୍ୟାଟିଂରେ ବିପ୍ଳବ ସାମନ୍ତରାୟ କେତେକ ଉପଯୋଗୀ ଇନିଂସ ଖେଳିଥିବା ବେଳେ ଦେବାଶିଷ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଦେବବ୍ରତ ପ୍ରଧାନ ବିଭିନ୍ନ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ସହିତ ଟିମ୍ ଓଡ଼ିଶାକୁ ସଫଳତା ଦେବାରେ ସହାୟତା କରିଛନ୍ତି। ଦୀର୍ଘ ଦିନ ପରେ ଏପରି ସଫଳତା ବିଭିନ୍ନ ବର୍ଗର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଛି। ଏଥି ସହିତ ଓଡ଼ିଶା ଏଲିଟ ଗ୍ରୁପ ସି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଜମ୍ମୁ ଓ କଶ୍ମୀର ପରେ ରହିଛି। ଲିଗ୍ ପର୍ଯ୍ୟାୟରେ ଦଳରେ ପ୍ରଦର୍ଶନରେ ସ୍ଥିରତା ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଦଳ ଠିକଣା ସମୟରେ ସଫଳତା ପାଇଛି। ଏଥିପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା ସମ୍ପୂର୍ଣ୍ଣ ଟିମ୍‌କୁ ଉତ୍ସାହିତ କରିବା ସହିତ ପୁରସ୍କାର ରାଶି ଘୋଷଣା କରିବା ଦ୍ୱାରା ଟିମର ମନୋବଳ ବେଶ୍ ବୃଦ୍ଧି ପାଇଛି।

ଯଦିଓ ଗ୍ରୁପ୍-ସି ଏଲିଟ ଗ୍ରୁପ୍‌ରେ ଟିମ୍ ଓଡ଼ିଶା ସ୍ଥାନ ପାଇଛି ତଥାପି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବେଶ୍ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ରହିଥିଲା। ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସାମିଲ ହେବା କାମ ଗୌରବର କଥା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକ୍ ସମୟରେ କର ବା ମର ସ୍ଥିତିରେ ଥାଇ ଟିମ୍ ଓଡ଼ିଶା ଘରୋଇ ବାରବାଟୀ ଷ୍ଟାଡିୟମରେ ବେଶ୍ ସଫଳ ପ୍ରଦର୍ଶନ ମାଧ୍ୟମରେ ମ୍ୟାଚ ଡ୍ର ରଖିବାକୁ ସକ୍ଷମ ହେଲା। ଘରୋଇ ପରିବେଶ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଡୋଶୀ ବେଙ୍ଗଲକୁ ଭେଟିଛି। ବେଙ୍ଗଲ ସହିତ ଅନେକ ମ୍ୟାଚ ଖେଳିଥିବା ଟିମ୍ ଓଡ଼ିଶା ତାର ଗେମ୍ ପ୍ଲାନ ସହିତ ବେଶ୍ ଅଭ୍ୟସ୍ତ। ଯଦିଓ ଓଡ଼ିଶାର ସଫଳ ଦ୍ରୁତତମ ପେସ୍ ବୋଲର ରାଜେଶ ମହାନ୍ତି ମହାରାଷ୍ଟ୍ର ସହିତ ମ୍ୟାଚ ଖେଳିବା ସମୟରେ ଆଘାତ ସମସ୍ୟା ଯୋଗୁ ବାଦ୍ ପଡିଛନ୍ତି ତଥାପି ପଡୋଶୀ ବେଙ୍ଗଲକୁ ରୋକିବାର ଦକ୍ଷତା ରଖିଛି ଟିମ୍ ଓଡ଼ିଶା।

ଏଲିଟ ଗ୍ରୁପ୍-ସି' ରେ ଶକ୍ତିଶାଳୀ ମହାରାଷ୍ଟ୍ର, ହରିୟାଣା, ଜମ୍ମୁ ଓ କଶ୍ମୀର, ତ୍ରିପୁରା, ଉତ୍ତରାଖଣ୍ଡ, ଝାଡଖଣ୍ଡ, ଆସାମ, ସର୍ଭିସେସ୍ ଓ ଛତିଶଗଡ ସହିତ ସ୍ଥାନ ପାଇଥିଲା ଟିମ୍ ଓଡ଼ିଶା। ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଛତିଶଗଡ, ଉତ୍ତରାଖଣ୍ଡ ରହିଥିଲେ ମଧ୍ୟ ଅନ୍ୟ ସମସ୍ତ ଟିମ୍‌ଗୁଡିକ ବେଶ୍ ଶକ୍ତିଶାଳୀ ରହିଥିଲେ। ଛତିଶଗଡ଼, ସର୍ଭିସେସ୍ ଏବଂ ଆସାମ ସହିତ ଇନିଂସ ବିଜୟ ଆମ ପାଇଁ ସଫଳ ପ୍ରଦର୍ଶନ ମାଧ୍ୟମରେ ସମ୍ଭବ ହୋଇଥିବା ବେଳେ ଜମ୍ମୁ ଓ କଶ୍ମୀର ଏବଂ ମହାରାଷ୍ଟ୍ରଠାରୁ ପରାଜୟ ଦଳକୁ ବ୍ୟାକ୍‌ଫୁଟକୁ ନେଇ ଯାଇଥିଲା। ତେବେ ହରିୟାଣା ବିପକ୍ଷରେ ୧ ଉଇକେଟରେ ମ୍ୟାଚ ବିଜୟୀ ହେବା ବେଶ୍ ଉତ୍ସାହଜନକ ରହିଥିଲା।

ପ୍ରଥମ ସୋପାନକୁ ସଫଳତାର ସହିତ ଅତିକ୍ରମ କରି ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା ନିଶ୍ଚିତ ରୂପେ ଦଳଗତ ସଫଳତା । ଏହି ସିଜନରେ ନବାଗତ ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଥିବାର ଦେଖାଯାଇଛି। ଯଦିଓ କୌଣସି ଖେଳାଳି ସମସ୍ତ ମ୍ୟାଚରେ ଭଲ ସଫଳତା ପାଇବା ସହିତ ବିସିସିଆଇ ସିଲେକ୍ଟରମାନଙ୍କୁ ପ୍ରଭାବିତ କଲାପରି ପ୍ରଦର୍ଶନ କରିପାରି ନାହାନ୍ତି, ତଥାପି ଠିକଣା ସମୟରେ ସେମାନଙ୍କର ପ୍ରଦର୍ଶନ ସମସ୍ତଙ୍କୁ ଆକୃଷ୍ଟ ଏବଂ ପ୍ରଭାବିତ କରିଛି। ଏହା ନିଶ୍ଚିତ ଯେ ଲିଗ ପର୍ଯ୍ୟାୟରେ ନବାଗତ ମାନଙ୍କ ପ୍ରଦର୍ଶନ ଅଭିଜ୍ଞ ଖେଳାଳିମାନଙ୍କୁ ପଛରେ ପକାଇଦେଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦେବାଶିଷ ସାମନ୍ତରାୟ। ସେ ସମସ୍ତଙ୍କୁ ପଛରେ ପକାଇବାରେ ସକ୍ଷମ ହୋଇଛନ୍ତି। ୨ଟି ଶତକ ସହିତ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି ଏହି ମିଡଲଅର୍ଡର ବ୍ୟାଟ୍ସମ୍ୟାନ। ନିଜର ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଦେବବ୍ରତ ପ୍ରଧାନ ଚର୍ଚ୍ଚାରେ ଅଛନ୍ତି। ସେ ୨୨ଟି ଉଇକେଟ ସହିତ ୨ଟି ଅର୍ଦ୍ଧଶତକ ସହ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଅନ୍ୟତମ ଉଇକେଟ କିପର ବ୍ୟାଟସମ୍ୟାନ ରାଜେଶ ଧୁପର ମଧ୍ୟ ତାଙ୍କର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଦଳପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନୂଆ ରୂପେ ଶାନ୍ତନୁ ମିଶ୍ରଙ୍କୁ କୋଚ୍ ଏବଂ ଚୟନକର୍ତ୍ତାମାନେ ଇନିଂସ ଓପନ କରିବା ପାଇଁ ସୁଯୋଗ ଦେବା ସହିତ ପରୀକ୍ଷା କରିଥିବା ବେଳେ ଦେବାଶିଷ ସାମନ୍ତରାୟଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ସ୍କୋରର ରହିବା ଖୁସିର କଥା। କ୍ଲବ କ୍ରିକେଟ ଖେଳୁଥିବା ଏହି ସମସ୍ତ ଖେଳାଳିମାନେ ପାରାମାଉଣ୍ଟ ସ୍ପୋର୍ଟିଂ, ରାଇଜିଂ ଷ୍ଟୁଡେଣ୍ଟ ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ କଟର ସବୁଠାରୁ ସଫଳ ଖେଳାଳି ରୂପେ ରଣଜୀ ଟ୍ରଫିରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଶେଷ ମ୍ୟାଚରେ ଝାଡଖଣ୍ଡ ସହିତ ଅର୍ଦ୍ଧଶତକ କରିବା ସହିତ ଫର୍ମକୁ ଫେରିଥିଲେ। କ୍ୱାର୍ଟର ଫାଇନାଲ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଗୋବିନ୍ଦ ପୋଦ୍ଦାର ତାଙ୍କ ଦକ୍ଷତା ଅନୁଯାୟୀ ବ୍ୟାଟିଂ କରିବାକୁ ସକ୍ଷମ ହୋଇ ନ ଥିଲେ ମଧ୍ୟ ଉପଯୋଗୀ ଇନିଂସ ଖେଳିଛନ୍ତି।

ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ବିଦର୍ଭ ପରି ଶକ୍ତିଶାଳୀ ଦଳ ଦ୍ୱିତୀୟ ରାଉଣ୍ଡକୁ କ୍ୱାଲିଫାଇ କରି ପାରି ନଥିବା ବେଳେ ଓଡ଼ିଶା ଏହା କରି ଦେଖାଇଛି। ଓଡ଼ିଶା ୨ବର୍ଷ ପରେ ପୁନର୍ବାର କ୍ୱାଲିଫାଏ କରିବା ଆମ ପାଇଁ ଗର୍ବର ବିଷୟ। ପଡୋଶୀ ବେଙ୍ଗଲ ସହିତ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବାକୁ ଥିବା ବେଳେ ବେଙ୍ଗଲ ଅଧିନାୟକ ମନୋଜ ତିୱାରୀ ଭଲ ଫର୍ମରେ ରହି ୮ଟି ମ୍ୟାଚରୁ ୬୪୧ରନ୍ କରିଛନ୍ତି। କେରଳକୁ ପରାସ୍ତ କରିବା ସହିତ ରାଜସ୍ଥାନ ଏବଂ ପଞ୍ଜାବ ହାଇଦ୍ରାବାଦ୍ ପରି ଶକ୍ତିଶାଳୀ ଦଳକୁ ଚକମା ଦେଇଛି ବେଙ୍ଗଲ ଦଳ। କେବଳ ବିଦର୍ଭ ଠାରୁ ହାରିଥିବା ଦଳ ବେଙ୍ଗଲ ଓଡ଼ିଶା ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବାକୁ ବେଶ୍ ସକ୍ଷମ। ସର୍ଭିସେସ୍ ଦଳକୁ ପଏଣ୍ଟ ଟେବୁଲରେ ଅଳ୍ପ ବ୍ୟବଧାନରେ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଖେଳିବାକୁ ଥିବା ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ୫ଟି ବିଜୟ ୨ଟି ପରାଜୟ ଏବଂ ୨ଟି ଡ୍ର ମ୍ୟାଚ ସହିତ ଟିମ୍ ଓଡ଼ିଶାର ମନୋବଳ ବେଶ୍ ଉପରେ ରହିଛି। ସିମର ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି ଏବଂ ରାଜେଶ ମହାନ୍ତି ପ୍ରତ୍ୟେକ ୩୦ରୁ ଉର୍ଦ୍ଧ୍ୱ ଉଇକେଟ ନେଇଥିବା ବେଳେ ରାଜେଶ ମହାନ୍ତିଙ୍କ ଆଘାତ ଜନିତ ସମସ୍ୟା ଦଳକୁ ବ୍ୟାକ୍‌ଫୁଟରେ ରଖିଛି। ଗୋବିନ୍ଦ ପୋଦ୍ଦାର, ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଏବଂ ଦେବବ୍ରତ ପ୍ରଧାନଙ୍କ ଉପଯୋଗୀ ମିଡିୟମ ପେସ୍ ବୋଲିଂ ଡ୍ରିମସର ଖୋଲା ପଡିଆରେ ବେଶ୍ କାମରେ ଆସିବ। ସିନିୟର ଦଳର ଭଲ ପ୍ରଦର୍ଶନ ଉପରେ ସର୍ବଦା ରାଜ୍ୟ ଜୁନିୟର କ୍ରିକେଟ ପାଇଁ ଶୁଭଦାୟକ ସାବ୍ୟସ୍ତ ହୋଇଥାଏ।

# ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର



**ବ୍ରିଟେନ ଫର୍ମୁଲା- ୧ ଡ୍ରାଇଭର ଲୁଇସ୍ ହାମିଲଟନ ଏଥର ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ସହ ଯୁଗ୍ମ ଭାବେ ଲୌରିଅସ୍ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି...**

ଫର୍ମୁଲା-୧ ସୁପରଷ୍ଟାର ଲୁଇସ୍ ହାମିଲଟନଙ୍କୁ ବିଶ୍ୱ କ୍ରୀଡ଼ା ଜଗତରେ ଏକ ନୂଆ ସମ୍ମାନ ମିଳିଛି। ଫର୍ମୁଲା-୧ ରେସ୍‌ରେ ସଫଳତାର ଶୀର୍ଷକୁ ଛୁଇଁଥିଲେ ମଧ୍ୟ ପୂର୍ବରୁ ସେ କେବେ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରି ନ ଥିଲେ। ତେବେ ସେ ମୋଟ ଉପରେ ଏହି ପୁରସ୍କାର ପାଇଁ ୬ଥର ନୋମିନେଟ ହୋଇଥିଲେ। ସେ ଯୁଗ୍ମ ଭାବେ ଆର୍ଜେଣ୍ଟିନା ତଥା ବାର୍ସିଲୋନା ଷ୍ଟ୍ରାଇକର ଲିଓନେଲ ମେସିଙ୍କ ସହ ଏହି ପୁରସ୍କାର ପାଇଛନ୍ତି। ପୂର୍ବରୁ ୨ଜଣ ଫର୍ମୁଲା-୧ ଡ୍ରାଇଭର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଥିଲେ। ସେବାଷ୍ଟିଆନ ଭେଟେଲ ଓ ମାଇକେଲ ସୁମାକର ଲୋରିୟସ ସମ୍ମାନ ହାସଲ କରିଥିଲେ।

ମର୍ସିଡିଜର ହାମିଲଟନ ଗତବର୍ଷ ଷଷ୍ଠ ଫର୍ମୁଲା-୧ ୱାର୍ଲ୍ଡ ଚାମ୍ପିୟନଶିପ୍ ହାସଲ କରି ସଫଳତାର ଶୀର୍ଷକୁ ଛୁଇଁଥିଲେ। ତେବେ ସେ ମାଇକେଲ ସୁମାକରଙ୍କ ୭ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ହାମିଲଟନଙ୍କର ଏହି ସଫଳତା ସର୍ବକାଳୀନ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହେଉଛି।

ଏହି ପୁରସ୍କାର ଦୌଡ଼ରେ ଆମେରିକୀୟ ଅଭିଜ୍ଞ ଗଲ୍ଫର ଟାଇଗର ଉଡ୍ସ, ସ୍ପେନ୍ ଟେନିସ ସୁପରଷ୍ଟାର ରାଫାଲ ନାଡାଲ, ମୋଟର ସାଇକଲ ରେସର ମାର୍କ ମାର୍କୁଏଜ, ଲଙ୍ଗ ଡିଷ୍ଟାନ୍ସ ରନର ଏଲିଉଡ କିପଚୋଗ ସାମିଲ ରହିଥିଲେ। ଏମାନେ ହାମିଲଟନ ଓ ମେସିଙ୍କୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମଥର ପାଇଁ ଲୋରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ମ୍ୟାନ ଅଫ୍ ଦି ଇୟର ଭାଗ ହୋଇଛି। ବିଶ୍ୱ କ୍ରୀଡ଼ା ଜଗତରେ ଲୋରିୟସ ପୁରସ୍କାର ଓସ୍କାର ଭାବେ ପରିଗଣିତ ହୋଇଥାଏ। ପୁରସ୍କାର ପାଇବା ପରେ ହାମିଲଟନ ଖୁସି ଜାହିର କରିଛନ୍ତି।

## ଆଛ-ୱାସ୍

ପାରମ୍ପରିକ କ୍ରୀଡ଼ା କମାଲ ଜକିରେ
ଷଣ୍ଢ ସଙ୍ଗେ ଦୌଡ଼ି ଘୋଡା
ଦକ୍ଷିଣା କନ୍ନଡ଼ ମୁଦାବିଦରି ଗ୍ରାମର
ହିରୋ ଶ୍ରୀନିବାସ ଗୌଡ଼ା
କାଦୁଅ ହେଲେ ପୀଡ଼ା
ଶହେ ମିଟରକୁ ବୋଲ୍ଟ ସେକେଣ୍ଡରେ
ଧାଇଁ ଟୋକା କଲା ଜଡ଼ା।୧।

ଆଜିଠୁଁ ଆରମ୍ଭ ଫାଷ୍ଟ ଟେଷ୍ଟ ମ୍ୟାଚ୍
ଇଣ୍ଡିଆ ନ୍ୟୁଜିଲାଣ୍ଡ
ନିଲ ୱାଗନର ବାପା ହେବେ ବୋଲି
ଛୁଟି ନେଲା ଖୋଲି ତୁଣ୍ଡ
ମହିଳା ବିକାଶ ମୁଣ୍ଡ
ପାଇଁ ଆଜି ଆଗ ଧାଡ଼ିରେ ନରୱେ
ଡେନମାର୍କ, ଫିନ୍‌ଲ୍ୟାଣ୍ଡ।୨।

ରାଇଜର ଲେଡ଼ି ସ୍ୱାସ୍ଥ୍ୟକର୍ମୀ ଖଟେ
ଏନ୍.ସି.ଡି.ଠୁଁ ଧରି ଟିକା
ଏଠି ଗେହ୍ଲାପୁଅ ମେଲ ୱାର୍କର
ସ୍କୁଲକୁ ନ ଯାଆ କକା
ସରକାରୀ କଳ ଚଖା
ଖଟୁଥିବା ଲୋକ ପଛରେ ପ୍ରହାର
ନଖିଟିବା ଲୋକ ସଖା।୩।

–ସୁବାସ ଚନ୍ଦ୍ର ପ୍ରଧାନ

# ରେକର୍ଡ ଅପେକ୍ଷାରେ



**୩ଟି ଫର୍ମାଟରେ ୧୦୦ ଲେଖାଏ ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଏକ ବିରଳ କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ସେ ଏହି ମାଇଲଖୁଣ୍ଟ ସ୍ଥାପନ କରିବେ...**

ନ୍ୟୁଜିଲାଣ୍ଡର ସଙ୍କଟମୋଚକ ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ଏବେ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ଶୁକ୍ରବାର ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳି ସେ ଇତିହାସ ସୃଷ୍ଟି କରିବେ। ଏହି ମ୍ୟାଚ୍ ଖେଳି ସେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। କେବଳ ସେତିକି ନୁହେଁ ୩୫ ବର୍ଷୀୟ ଟେଲର ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୩ଟି ଯାକ ଫର୍ମାଟରେ ୧୦୦ଟି ଲେଖାଏ ମ୍ୟାଚ୍ ଖେଳି ବିରଳ ସଫଳତା ଅର୍ଜନ କରିବେ। ପୂର୍ବରୁ ଟେଲର ୯୯ଟି ଟେଷ୍ଟ ୨୩୧ଟି ଦିନିକିଆ ଓ ୧୦୦ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

୨୦୦୭ରେ ଟେଲର ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିଥିଲେ। ଇତି ମଧ୍ୟରେ ୧୪ ବର୍ଷ ବିତିଯିବା ପରେ ସେ ନିଜକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପ୍ରମାଣିତ କରିଛନ୍ତି। ୨୦୦୫ରେ ଟି୨୦ ଓ ୨୦୦୬ରେ ସେ ଦିନିକିଆରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ସିରିଜ ଖେଳିବା ପରେ ତାଙ୍କୁ ବାଂଲାଦେଶ ବିପକ୍ଷରେ ଦଳରେ ସ୍ଥାନ ମିଳି ନ ଥିଲା। କିନ୍ତୁ ଏହାପରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଖେଳିବାକୁ ତାଙ୍କୁ ସୁଯୋଗ ମିଳିଥିଲା ଓ ଏଥିରେ ସେ ଶତକ ହାସଲ କରିଥିଲେ। ଏହାପରେ ଅବଶ୍ୟ ସେ ପଛକୁ ଫେରି ଚାହିଁ ନ ଥିଲେ।

ଟେଲର ୯୯ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୨୮ ରନ ହାରରେ ୭୧୭୪ ରନ ସଂଗ୍ରହ କରିଛନ୍ତି। ଏଥିରେ ୧୯ଟି ଶତକ ଓ ୩୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ସେ ୨୩୧ଟି ଦିନିକିଆ ଖେଳି ୪୮. ୬୯ ରନ ହାରରେ ସେ ୮, ୫୭୦ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୨୧ଟି ଶତକ ଓ ୫୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ଟି୨୦ ଫର୍ମାଟରେ ସେ ୧୦୦ଟି ମ୍ୟାଚ୍ ଖେଳି ୨୬.୫୧ ରନ ହାରରେ ୧,୯୦୯ ରନ ସଂଗ୍ରହ କରିଛନ୍ତି। ଏଥିରେ ୭ଟି ଅର୍ଦ୍ଧଶତକ ସାମିଲ ରହିଛି।

ଏ ନେଇ ଟେଲର ଖୁସି ଜାହିର କରିଛନ୍ତି। ଆହୁରି କିଛି ବର୍ଷ କ୍ରିକେଟ ଖେଳିବା ଜାରି ରଖିବି। ୨୦୧୯ ବିଶ୍ୱକପ୍ ପରେ ଟେଲର ଅବସର ନେବା କଥା ଚିନ୍ତା କରିଥିଲେ। ତେବେ ପରେ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା। ଅଟିକମ୍‌ରେ ୨୦୨୩ ବିଶ୍ୱକପ ଖେଳିବାକୁ ସେ ଇଚ୍ଛା ଜାହିର କରିଛନ୍ତି। ଏବେ ମଧ୍ୟ ରନ ସଂଗ୍ରହ କରିବାକୁ ବ୍ୟଗ୍ର ଅଛି। କ୍ରିକେଟ ଖେଳିବାକୁ ଭଲ ପାଏ। କ୍ରିକେଟ ହେଉଛି ମୋର ପ୍ରଥମ ପ୍ରେମ। ଏହା ମୋ ପାଇଁ ଏକ ଚାକିରି ନୁହେଁ। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ସେ ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି।

୧୪ ବର୍ଷର କ୍ୟାରିୟରରେ ଟେଲର ଏକାଧିକ ବିଫଳତା ତଥା ଚ୍ୟାଲେଞ୍ଜର ଶିକାର ହୋଇଛନ୍ତି। ୨୦୧୨ରେ ନେତୃତ୍ୱରୁ ତାଙ୍କୁ ହଟାଯାଇଥିଲା। କେବଳ ସେତିକି ନୁହଁ ଗତ କ୍ରମାଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ପରାସ୍ତ ହୋଇ ଟାଇଟଲରୁ ବଞ୍ଚିତ ହେବା ମଧ୍ୟ ତାଙ୍କୁ କଷ୍ଟ ଦେଇଥିଲା। ତେବେ ଏଭଳି ବିଫଳତା ତାଙ୍କୁ ଆହୁରି ଦୃଢ଼ କରିଛି ବୋଲି ଟେଲର କୁହନ୍ତି। ସଫଳତା ସବୁ ବେଳେ ମିଳେନାହିଁ।ଏହା ସ୍ୱୀକାର କରିବାକୁ ହେବ। ତେବେ ବିଫଳତାରୁ ଶିକ୍ଷା କରିବାକୁ ହୁଏ ଓ ଜଣେ ଉଚ୍ଚକୋଟୀର ଖେଳାଳି ହେବା ପାଇଁ ପ୍ରେରଣା ମିଳିଥାଏ ବୋଲି ସେ କୁହନ୍ତି। ଜଣେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଭାବେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଟେଲର ଯଦି ଫର୍ମ ଓ ଫିଟ୍‌ନେସ ବଜାୟ ରଖନ୍ତି ତା'ହେଲେ ସେ ଆହୁରି କିଛି ବର୍ଷ କ୍ରିକେଟରେ ସକ୍ରିୟ ରହିପାରିବେ ବୋଲି କୁହାଯାଇପାରିବ।

### ସଂକ୍ଷେପରେ..

**ନାମ:** ଲୁଟେରୁ ରସ୍ ପୋଉଟାଓ ଲୋଟ ଟେଲର
**ଜନ୍ମ:** ୮ ମାର୍ଚ୍ଚ ୧୯୮୪
**ବୟସ:** ୩୫ ବର୍ଷ
**ଉଚ୍ଚତା:** ୬ ଫୁଟ୍
**ଟେଷ୍ଟ:** ୯୯
**ଦିନିକିଆ:** ୨୩୧
**ଟି୨୦:** ୧୦୦

# ରାସ୍ତା ଅବରୋଧ କରି ବସିଲେ ଚାଷୀ



ଶସ୍ୟବୀମା ନ ମିଳିବା ପ୍ରତିବାଦରେ ଗୁରୁବାର ଜମନକିରାଠାରେ ଚାଷୀମାନେ ରାସ୍ତା ବନ୍ଦ କରି ବସିରହିଛନ୍ତି ।

ଜମନକିରା, ୧୯।୨(ଡି.ଏନ୍.ଏ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କୁ ୨୦୧୮ ମସିହାର ଖରିଫ ଧାନ ଚାଷ ବୀମା ରାଶି ପ୍ରଦାନ କରିବା ନେଇ ସରକାର, ପ୍ରଶାସନ ଓ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଲିଖିତ ପ୍ରତିଶ୍ରୁତି ଦେଇ ମଧ ପ୍ରତାରଣା କରାଯାଉଛି। ଅସନ୍ତୁଷ୍ଟ ଚାଷୀ ଶେଷରେ ଗୁରୁବାର ପୂର୍ବ ନିଷ୍ପତି କ୍ରମେ ଏଠାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ମାରି ଦେଇଛନ୍ତି। ଏହାସହ ବ୍ଲକ୍ ଛକରେ ରାସ୍ତା ଅବରୋଧ କରି ବସି ରହିଛନ୍ତି। ବୀମାରାଶି ନ ପାଇବା ପର୍ଯ୍ୟନ୍ତ ସେମାନେ ସେମିତି ରାସ୍ତା ବନ୍ଦ କରି ବସି ରହିବେ ବୋଲି କହିଛନ୍ତି। ବ୍ଲକ୍ ଅଞ୍ଚଳର ଶହ ଶହ ଚାଷୀ ଉପସ୍ଥିତ ରହି ରାସ୍ତାରୋକ କରିଛନ୍ତି।

ଏହି ଆନ୍ଦୋଳନରେ ଜମନକିରା ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ ସମେତ ବ୍ଲକ୍ ଅଞ୍ଚଳର ଅନ୍ୟ ୮ ଟି ସଂଗଠନର ଚାଷୀ ଏକତ୍ରିତ ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଏହି ବନ୍ଦ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଛିଡ଼ା ହୋଇ ରହିଛି। ଯାତ୍ରୀମାନେ ଏଭଳି ସମସ୍ୟା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରକ୍ ଚାଳକ ଓ ଖଲାସୀମାନେ ଖାଦ୍ୟ ନ ପାଇ ଭୋକ ଉପାସରେ ରାସ୍ତା କଡ଼ରେ ଆଶ୍ରୟ ନେଇଛନ୍ତି। କୁଚିଣ୍ଡା ଉପଖଣ୍ଡ ଚାଷୀ ସଂଗଠନର ଆବାହକ କୁଷଧ୍ୱଜ ଚୌଧୁରୀ ଏବଂ ଜମନକିରା ଶ୍ରୀଲକ୍ଷ୍ମୀ ସୁରକ୍ଷା ସଂଗଠନର ସଭାପତି ନବୀନ ପଟେଲଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲୁ ରହିଛି। ତେବେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ବୀମା କମ୍ପାନୀର ଅଧିକାରୀ ଆନ୍ଦୋଳନସ୍ଥଳକୁ ଆସି ନ ଥିଲେ। ଏହି ଆନ୍ଦୋଳନରେ ସମ୍ପାଦକ ଅର୍ଜୁନ ମୋହନ ପଧାନ, ନନ୍ଦଲାଲ ସାହୁ, ପ୍ରତାପ ନାୟକ, ମାୟାଧର କାଲୋ, ଜୟନ୍ତ କୁମାର ଶର୍ମା, ନୁହାସ ସାମଥ, ଖେଡ଼ା କିସାନ, ଅଶୋକ କୁମାର ପଟେଲ, କିଶୋର ମହାପାତ୍ର, କିଶୋର ପଟେଲ, ଶରତ ପଟେଲ, ପ୍ରକାଶ ନାଏକ, ଦ୍ୱାରୁଚରଣ ସେଠ, ମନୋଜ ମହାକୁଲ, ସୁରେଶ ପଟେଲ, କ୍ଷମା ମହାକୁଲ, ଜିତେନ୍ଦ୍ର ଶର୍ମା, ବାସୁଦେବ ନାୟକ, ସନ୍ତୋଷ ମହାକୁଲ, ସିଦ୍ଧାର୍ଥ ପଟେଲ, ପଞ୍ଚାନନ ପଧାନ, ରମେଶ ଚନ୍ଦ୍ର ଭୋଇ, ବିରେନ୍ଦ୍ର ଚୌଧରୀ, ନରୋତ୍ତମ ପଟେଲ, ଶ୍ରୀକାନ୍ତ ପଟେଲ, ହରମୋହନ ପଟେଲ, ଭ୍ରମର ମହାପାତ୍ର, ମିତ୍ରଭାନୁ ପଟେଲ, ଦିଲିପ କୁମାର ପଟେଲ, ନରେନ୍ଦ୍ର ନାଏକ, ବଳରାମ ମହାକୁଲ, ପିତାମ୍ବର ବେହେରା, ନରୋତ୍ତମ ଭଇଁସା, ସୁଧାଂଶୁଶେଖର ଚୌଧୁରୀ, ଚମ୍ପେଶ୍ୱର ପୃଷେଠ, ଭୁବନେଶ୍ୱର ପଟେଲ, ପ୍ରଫୁଲ୍ଲ ପଟେଲ, ଚୁଡ଼ାମଣୀ ପଟେଲ ପ୍ରମୁଖ ଚାଷୀ ସମସ୍ୟା ନେଇ ଉଦ୍‌ବୋଧନ ଦେଇଛନ୍ତି। ସରକାରଙ୍କ ବିଫଳତା ତଥା ସ୍ଥାଣୁତା ନେଇ ଚାଷୀନେତା ବର୍ଷିଛନ୍ତି। ସେହିଭଳି ବୀମା କମ୍ପାନୀର କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି।

## ସିଆରପିଏଫ କ୍ୟାମ୍ପସରେ ଚକ୍ଷୁ ଚିକିତ୍ସା ଶିବିର




ସିଆରପିଏଫ କ୍ୟାମ୍ପସ୍‌ରେ ଚକ୍ଷୁ ଚିକିତ୍ସା ଶିବିରରେ ବିଭାଗୀୟ ଅଧିକାରୀମାନେ ।

ନାକଟିଦେଉଳ,୨୦।୨(ଡ଼ି.ଏନ.ଏ.)

ନାକଟିଦେଉଳରେ ଥିବା ସିଆରପିଏଫର ସି/୧୨ ବାଟାଲିୟନ ପରିସରରେ ଗୁରୁବାର ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ସେକେଣ୍ଡ ଇନ କମାଣ୍ଡ ଆଲୋକ ଅଗସ୍ତୀ ଉଦ୍‌ଘାଟନ କରିଥିଲେ। ୧୬୬ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୩୦ଜଣଙ୍କ ମୋତିଆ ବିନ୍ଦୁ ଅପରେସନ କରାଯିବାକୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦ଜଣଙ୍କୁ ଆସନ୍ତା ୨୬ତାରିଖରେ ମାଗଣାରେ ଚଷମା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଡାକ୍ତର କୁନାଲ ବର୍ମା ଶିବିରକୁ ଆସିଥିବା ସ୍ଥାନୀୟ ଗାଁଗୁଡ଼ିକର ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଶୀ ଉପସ୍ଥିତ ଥିବା ବେଳେ ଜବାନମାନେ ସହଯୋଗ କରିଥିଲେ ।

## ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦିଅ

ସମ୍ବଲପୁର,୨୦।୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଅନେକ ଶିଳ୍ପ ଓ କଳକାରଖାନା ଗୁଡିକ ରହିଛି । ହେଲେ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ଚାକିରି ପ୍ରଦାନ କରାଯାଉ ନାହିଁ । ଏହାକୁ ନେଇ ଭାଜପା ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ଜିଲାରେ ଉଚ୍ଚ ଶିକ୍ଷିତ ଓ ବିଭିନ୍ନ ଟ୍ରେଡ୍‌ରେ ପାଠ ପଢି ଯୁବତୀଯୁବକମାନେ ବେକାର ହୋଇ ବୁଲୁଛନ୍ତି । ଜିଲାର ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି । ଏଠାରେ ଲୋକମାନେ ଧୁଳିଧୂଆଁରେ ଜୀବନ ବିତାଉଛନ୍ତି। ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଧନ ଜୀବନ ଚାଲି ଯାଉଛି । ଲୋକମାନଙ୍କ ଚାଷ ଜମି ଅଧିଗ୍ରହଣ କରାଯାଉଛି। ସେମାନେ ବେରୋଜଗାର ହେଉଛନ୍ତି । ହେଲେ ସରକାରୀ ନିୟମ ଅନୁସାରେ ନିଯୁକ୍ତି ଦିଆଯାଉ ନାହିଁ। ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିବା ସମୟରେ ମଧ ସ୍ଥାନୀୟ ନିଯୁକ୍ତ ଦେବାକୁ ଉଲ୍ଲେଖ ରହିଥାଏ । ହେଲେ କମ୍ପାନୀ ଉକ୍ତ ନିୟମ ନ ମାନିଲେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କମ୍ପାନୀ ସହିତ ନେତା ଓ ମନ୍ତ୍ରୀ ସଲାସୁତୁରା କରି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲି ଯାଉଛନ୍ତି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ଓ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବି କରାଯାଇଛି। ଜିଲା ସଭାପତି ରିକନ ପଟ୍ଟନାୟକ, ଅବିନାଶ ତିୱାରୀ, ବିକାଶ ଚନ୍ଦ୍ର ଭୋଇ, ପର୍ଶୁରାମ ପଣ୍ଡା, ଆଶିଷ ବାବୁ, ନରେଶ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା ଯୁବ ମୋର୍ଚ୍ଚାର ସଦସ୍ୟ ।

## ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ

ନାକଟିଦେଉଳ,୨୦।୨(ଡ଼ି.ଏନ.ଏ.)

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗତ ୧୨ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ କନ୍ଦର୍ପ ରାଉଳ ଏଥିରେ ସଭାପତିତ୍ୱ କରିଥିଲେ। ଆତ୍ମ ସୁରକ୍ଷା କୌଶଳ ଶିଖିବା ଛାତ୍ରୀଙ୍କ ନିମନ୍ତେ ଜରୁରୀ ବୋଲି ପ୍ରାଧ୍ୟାପିକା ସରଶୀରାଣୀ ନାୟକ ପ୍ରକାଶ କରିଥିଲେ। ଆବଶ୍ୟକ ସ୍ଥଳେ ସେହି କୌଶଳକୁ ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶାନ୍ତ କୁମାର ଦାଶ, ସରୋଜ କୁମାର ଭୁଏ, ଅଧ୍ୟାପିକା ସରସ୍ୱତୀ ପଣ୍ଡା, ଅଧ୍ୟାପକ ସଞ୍ଜୀବ କୁମାର ଦାଶ ପ୍ରମୁଖ ଯୋଗଦେଇ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଦୀପେନ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ବିନୀତା ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ସମୁଦାୟ ୧୪୭ଜଣ ଛାତ୍ରୀ ତାଲିମ ନେଇଥିଲେ। ଦୀପାଞ୍ଜଳି ବାର୍ଲା ତାଲିମ ପ୍ରଦାନ କରିଥିଲେ।

## ଗରଗଡବାହାଲରେ ଚାଷୀ ସମାବେଶ



ଗରଗଡ଼ବାହାଲରେ ଗୁରୁବାର ଆୟୋଜିତ ସମାବେଶରେ ଉପସ୍ଥିତ ଚାଷୀମାନେ ।

ରେଢାଖୋଲ,୨୦।୨(ଡି.ଏନ.ଏ)

ରେଢାଖୋଲ ଉପଖଣ୍ଡସ୍ତରୀୟ ଚାଷୀ ସଂଗଠନ ପକ୍ଷରୁ ଗରଗଡବାହାଲ ପଞ୍ଚାୟତର ଲୋକନାଥ ବାବା ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତ ସ୍ତରୀୟ ଏକ ଚାଷୀ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଛି। ଚାଷୀ ସଂଗଠନର ସଭାପତି ଅନାଦି ଚରଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅଲେଖାନନ୍ଦ ପ୍ରଧାନ, ସତ୍ୟନାରାୟଣ ହୋତା, ସନ୍ତୋଷ କୁମାର ପ୍ରଧାନ, ଲିଙ୍ଗରାଜ ସାହୁ, କିଶୋର ପ୍ରଧାନ, ରମାକାନ୍ତ ଗଡନାୟକ, ଚେରେଙ୍ଗା ଦେହୁରୀ, ଅମରେଶ ପ୍ରଧାନ, ବିମଳ ବିଶ୍ୱାଳ ପ୍ରମୁଖ ଯେଗାଦେଇ ଧାନର ସହାୟକ ମୂଲ୍ୟ ବୃଦ୍ଧି, ଟୋକନ ବ୍ୟବସ୍ଥା ଉଚ୍ଛେଦ କରାଯିବା, ଚାଷୀମାନଙ୍କୁ ପେନସନ ବ୍ୟବସ୍ଥା ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ଆଦି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗରଗଡବାହାଲ ପଞ୍ଚାୟତର ଏକ ଚାଷୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ରମାକାନ୍ତ ଗଡନାୟକ, ସଂପାଦକ ଭାବେ ଗୋବର୍ଦ୍ଧନ ବେହେରା, ଉପସଭାପତି ଭାବେ କ୍ଷିରୋଦ ପ୍ରଧାନ, ଅନିରୁଦ୍ଧ ବେହେରା, ଚେରେଙ୍ଗା ଦେହୁରୀ, ବିଜୟ ପ୍ରଧାନ, ସହ ସଂପାଦକ ଭାବେ ବସୁଦେବ ବିଶ୍ୱାଳ, ଖଗେଶ୍ୱର ପ୍ରଧାନ, ଉମେଶ ଧଳ, ବିମଳ ବିଶ୍ୱାଳଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି।

## ଏମ୍‌ଜିଏନ୍ ଆର୍‌ଇଜିଏସ୍ ଜନ ଶୁଣାଣି

ସମ୍ବଲପୁର,୨୦।୨(ବ୍ୟୁରୋ)

ଯୁଯୁମୁରା ବ୍ଲକ ସଭା ଗୃହରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନ ଶୁଣାଣି ଓ ଜାତୀୟ ସମାଜିକ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଜ ବିଶ୍ୱାଳ ଅଧକ୍ଷତା କରିଥିବାବେଳେ ଡିଆରଡିଏ ପିଡି ସୁକାନ୍ତ ତ୍ରୀପାଠି ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନ ପ୍ରତିନିଧି ଓ ସାଧାରଣ ଲୋକେ ଅଭିଯୋଗ କରିଥିଲେ। ବିଭିନ୍ନ ସମସ୍ୟା ଓ ନୂତନ ପ୍ରକଳ୍ପ ଉପରେ ଲୋକେ ଦାବି କରିଥିଲେ । ଆଗାମୀ ବର୍ଷରୁ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରି କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଗତ ବର୍ଷ ମୋଟ ୬୭୯ ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା । ସେଥି ମଧରୁ ୫୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୮ ଜହାର ୪୭୭ ଶ୍ରମିକ କାମ ପାଇଁ ଆବେଦନ କରିଥିଲେ। ସେମାନଙ୍କୁ ୧ ଲକ୍ଷ ୨୫ ହଜାର ଶ୍ରମ ଦିବସ ଦିଆଯାଇଛି। ଶ୍ରମିକ ବାବଦକୁ ୧ କୋଟି ୯୯ ଲକ୍ଷ ୩୨ ହଜାର ଟଙ୍କା ଓ ସାମଗ୍ରୀ ପାଇଁ ୯୭ ଲକ୍ଷ ୧୨ ହଜାର ୩୦୪ ଟଙ୍କା ଖର୍ଚ୍ଚ ହୋଇଛି । ୧୬ ପରିବାର ୧୦୦ ଦିନ କାମ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ସୂଚନା ଦିଆଯାଇଛି।

## ତୃତୀୟ ଦିନରେ ବିଦ୍ୟୁତ୍ କାଟ୍

ସମ୍ବଲପୁର,୨୦।୨(ବ୍ୟୁରୋ)

ୱେସ୍କୋ ପକ୍ଷରୁ ଗୁରୁବାର ତୃତୀୟ ଦିନରେ ବକେୟା ବିଦ୍ୟୁତ୍ ବିଲ୍ ସଂଗ୍ରହ କରାଯାଇଛି। । ମୋଟ ୧୭୨୮ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି । ଗୁରୁବାର ୨ କୋଟି ୫୩ ଲକ୍ଷ ୭୭ ହଜାର ଟଙ୍କା ବକେୟା ବିଲ୍ ଆଦାୟ କରାଯାଇଛି । ଏହାକୁ ମିଶାଇ ୩ ଦିନରେ ମୋଟ ୭ କୋଟି ୨୦ ଲକ୍ଷ ୭୭ ହଜାର ଟଙ୍କା ଅଦାୟ ହୋଇଛି ।

## ସଫା କରିବା ଆଳରେ ନେଇଗଲେ ସୁନା

ସମ୍ବଲପୁର,୨୦।୨(ବ୍ୟୁରୋ)

ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅଞ୍ଚଳରେ ଫେବୃୟାରୀ ୧୦ ତାରିଖ ସଫେଇ କରିବା ଆଳରେ ସୁନା ଅଳଙ୍କାର ଲୁଟ୍ ହୋଇଥିଲା । ପୁଣି ଗୁରୁବାର ଅନୁରୂପ ଭାବେ ୨ ଜଣ ମହିଳା ଠକେଇରେ ପଡିଛନ୍ତି। ପୂର୍ବ ଘଟଣାରେ କ୍ଷେତରାପଜୁର ଥାନା ଅଭିଯୋଗ ପାଇ ମଧ ଶୋଇ ପଡିଛି। ତେଣୁ ଲୁଟେରା ପୁଣି ଏଭଳି ସାହସ କରିଛନ୍ତି। ଏଥର ଲୁଟ୍‌ରେ ପଡିଛନ୍ତି କୁଲତକାନୀର ଅପର୍ଣ୍ଣା ଜେନା। ତାଙ୍କ ମଙ୍ଗଳସୂତ୍ର ସଫା କରିଦେବାକୁ କହି ଲୁଟେରା ତାହାକୁ ନେଇ ପଳାଇଛନ୍ତି। ସେହିଭଳି ହୀରାକୁଦ ଥାନା ଅଧୀନ ଗାନ୍ଧୀନଗର ଅଞ୍ଚଳ ସରିତା ପାଢୀ ଠକେଇରେ ପଡିଛନ୍ତି। ସରିତାଙ୍କ ୨ ଭରି ସୁନା ଚେନ୍ ଯାଇଛି।

## ଖନ୍ଦାଢିପ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ



ଖନ୍ଦାଢିପ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବରେ ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ।

ରେଢାଖୋଲ,୨୦।୨ (ଡି.ଏନ.ଏ)

ରେଢାଖୋଲ ସହରର ଖନ୍ଦାଢିପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ତରଙ୍ଗିନି ପ୍ରଧାନ ସଭାପତିତ୍ୱ କରିଥିଲେ । ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମେଘନାଦ ରାଉଳ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ପରିଚାଳନା କମିଟିର ସଭାପତି ମହାବୀର ସିଂଦେଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନିତା ପ୍ରଧାନ, ସରିତା ବେହେରା, ମୋନିକା କୁମାରୀଙ୍କ ସମେତ ପରିଚାଳନା କମିଟିର ସଭ୍ୟ ସହଯୋଗ କରିଥିଲେ। ଶିକ୍ଷକ ଖଗେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ ସଂଗଠନ ଅଫିସ ଗୃହ ଉଦ୍‌ଘାଟିତ

ରେଙ୍ଗାଲି, ୨୦।୨(ଡି.ଏନ୍.ଏ)

ଖୃଣ୍ଡା ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ଶ୍ରମିକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବୀରସୁରେନ୍ଦ୍ର ସାଏ ଶ୍ରମିକ ସଂଗଠନର କାର୍ଯ୍ୟାଳୟ ଜଟିଆ ପିପଲଠାରେ ଉଦ୍‌ଘାଟିତ ହୋଇଯାଇଛି । ଲାଲ ଫକୀର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଲିଙ୍ଗରାଜ ଦାସ ଶ୍ରମିକ ସଂଗଠନର ମାନପତ୍ରକୁ ଲୋକାର୍ପିତ କରିଥିଲେ । ଶ୍ରମିକ ସଂଗଠନ ରେଙ୍ଗାଲି ବ୍ଲକର ଶ୍ରମିକମାନଙ୍କ ହକ ତଥା ଉନ୍ନତି ପାଇଁ କାର୍ଯ୍ୟ କରିବା ସହିତ ବେକାର ଯୁବତୀ, ଯୁବକମାନଙ୍କୁ ଅଞ୍ଚଳରେ ଥିବା ବିଭିନ୍ନ କାରଖାନାରେ ନିଯୁକ୍ତି ଦେବାନେଇ ସାହାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା। ହରିହର ନାଥ, ପୂର୍ବତନ ବିଜେଡି ବ୍ଲକ ସଭାପତି ମକୁନ୍ଦ ବେହେରା, ନାଏକ ସରପଞ୍ଚ ଯଦୁମଣି ପଟେଲ, କୃପା ବୁଧିଆ, ଗୁଣସାଗର ବୁଧିଆ, ଦିଲୀପ ସାହୁ, ଶ୍ରମିକ ସଂଗଠନର ସଭାପତି କିରଣ ବେହେରା, କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ, ସରୋଜ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅମିତ ନାଥ ସଭା ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମହାଶିବରାତ୍ରି ମହୋତ୍ସବ, ଦାନିବନ୍ଧ ଶିବଦର୍ଶନ ଭବନ, ସକାଳ ୮ଟା ।
- ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ମା' ଘଣ୍ଟେଶ୍ୱରୀଙ୍କ ଧନୁଯାତ୍ରା, ଚିପିଲିମା, ରାତି ୭ଟା ।
- ଟ୍ରେଡ୍ ଫେୟାରରେ ନୃତ୍ୟ ପ୍ରତିଯୋଗିତା, ଅଇଁଠାପାଲି ପିଏଚଡି ପଡିଆ ମଞ୍ଚ, ରାତି ୭ଟା ।

## ଫଟୋରେ ଖବର





ଗୁରୁବାର ସମ୍ବଲପୁର ଜିଲା କଂଗ୍ରେସ କମିଟିର ନେତା ଓ କର୍ମୀମାନେ ଉତ୍କଟ ପାନୀୟ ଜଳ ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି (ବାମ)। ହାୱା ମଇଦାନଠାରେ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ରେଢ଼ାଖୋଲ ଓ ସ୍ପୋର୍ଟିଂ ୟୁନିୟନ ଖେଳାଳିମାନେ ।



ମହାଶିବରାତ୍ରି ପାଇଁ ବିଶ୍ୱେଶ୍ୱର ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକରେ ସଜାଯାଉଛି।



ମହାଶିବରାତ୍ରି ମେଳାରେ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରୁଥିବା ସଚ୍ଚିଦା ନନ୍ଦ ମିଶ୍ର ଏବଂ ପତ୍ନୀ ଅଂଶୁ ମିଶ୍ର।

## ମନ୍ଦିର ଓ ଶିବରାତ୍ରି ମେଳା କମିଟି

ସରଣ୍ଡା ବିଶ୍ୱେଶ୍ୱର ବାବା ମନ୍ଦିର ପରିଚାଳନା ପାଇଁ ଏକ କମିଟି ରହିଛି । କମିଟିରେ ସଚ୍ଚିଦାନନ୍ଦ ମିଶ୍ର ସଭାପତି ଏବଂ ପ୍ରମୋଦ ମହାପାତ୍ର ସମ୍ପାଦକ ଭାବେ ରହିଛନ୍ତି। ସେହିପରି ମହାଶିବରାତ୍ରି ମେଳା ପରିଚାଳନା ପାଇଁ ଅନ୍ୟ ଏକ କମିଟି ରହିଛି। ଏଥିରେ ଦାରାସିଂ ମହାପାତ୍ର ସଭାପତି, ସାଧୁ ମହାପାତ୍ର ଉପସଭାପତି ଏବଂ ମନୋଜ ମହାପାତ୍ର ଉଭୟ ସମ୍ପାଦକ, କୋଷାଧ୍ୟକ୍ଷ ପଦବୀରେ ଅଛନ୍ତି। ଅନ୍ତର୍ଯ୍ୟାମୀ ମହାପାତ୍ର, ସମାରୁ ମହାପାତ୍ର, ମହାନ୍ତି ମହାପାତ୍ର, ଶଶୀ ମହାପାତ୍ର, ବୃଷଭ ମେହେର, ରତ୍ନାକର ମହାପାତ୍ର, ତରଣୀ ମହାପାତ୍ର, ମଧୁ ମହାପାତ୍ର ସଭ୍ୟ ଭାବେ କମିଟିରେ ଅଛନ୍ତି।

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଆନନ୍ଦ ଉଲ୍ଲାସର ପର୍ବ ମହାଶିବରାତ୍ରି ଉଜାଗର ମେଳାରେ ସମସ୍ତ ଭକ୍ତମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରି ପ୍ରଭୁ ଶିବଙ୍କ ଦର୍ଶନ କରନ୍ତୁ । ଅତାବିରା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ସେମାନେ ସରଣ୍ଡା ଓ ସୋର୍ଣ୍ଡା ମନ୍ଦିରରେ ଦାୟୀତ୍ୱ ନେଇଛନ୍ତି ।
ପୁରୁଷୋତ୍ତମ ଭୋଇ
ଆଇଆଇସି, ଅତାବିରା ଥାନା

## ସେମାନଙ୍କ ମୁହଁରୁ...



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରୁ ବିଶ୍ୱେଶ୍ୱର ବାବାଙ୍କ ପୀଠ ଅନ୍ୟତମ ଏଠାରେ କାହିଁ ଆବହମାନ କାଳରୁ ବିଶ୍ୱେଶ୍ୱର ବାବା ପୂଜାପାଇ ଆସୁଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରି ନାହିଁ। ତାହା ବିଡ଼ମ୍ବନାର ବିଷୟ। ସରକାର ଏଥିପ୍ରତି ପଦକ୍ଷେପ ନେବେ ବୋଲି ଆଶା କରୁଛି।

–ମଦନ ମହାପାତ୍ର, ସରଣ୍ଡା।



ସରଣ୍ଡାର ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର କୋଣଅନୁକୋଣରେ ପରିଚିତ। ପ୍ରତ୍ୟେହ ଏଠାକୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳଙ୍କ ସୁଅ ଛୁଟୁଛି। ପରିତାପର ବିଷୟ ଏପର୍ଯ୍ୟନ୍ତ ଏହି ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ଏଥିପ୍ରତି ରାଜ୍ୟ ସରକାର, ଜନପ୍ରତିନିଧିମାନେ ଦୃଷ୍ଟି ଦେବା ଆବଶ୍ୟକ।

–ସଚ୍ଚିଦାନନ୍ଦ ମିଶ୍ର, ସରଣ୍ଡା।



ଅତାବିରା ବ୍ଲକର ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଡାର ସପ୍ତେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ମେଳାରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଫଳରେ ଉଭୟ ମନ୍ଦିରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ଏନେଇ ସ୍ୱତନ୍ତ୍ର ସ୍କ୍ୱାଡ଼ ଗଠନ କରାଯାଇଛି ଏବଂ ମେଳା ଶୃଙ୍ଖଳିତ ଭାବେ ସମାପନ ହେବ ବୋଲି ଆଶା ରହିଛି।

–ପୁରୁଷୋତ୍ତମ ଭୋଇ, ଥାନା ଅଧିକାରୀ।

## ମହାଶିବରାତ୍ରି ମେଳା କାର୍ଯ୍ୟକ୍ରମ

ମହାଶିବରାତ୍ରି ମେଳା ପାଇଁ ସୋମବାର ସନ୍ଧ୍ୟାରେ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଶୁକ୍ରବାର ସକାଳ ୯ଟାରେ ପିଠାପୋଟଲର ମା' ସମଲେଶ୍ୱରୀ ଭଜନ କଳା ପରିଷଦର ଭଜନ କାର୍ଯ୍ୟକ୍ରମ ରହିଥିବା ବେଳେ ପୂର୍ବାହ୍ନ ୧୦ଟାରୁ ଜଳନ୍ଧର ମହାରାଜଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି। ସେହିପରି ସନ୍ଧ୍ୟା ୬ଟାରେ ମେଳାରେ ପ୍ରଥମ ଥର ପାଇଁ ରାଜା ଜଳନ୍ଧର ବଧ ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ ରହିଛି। ନାଟକରେ ଜଳନ୍ଧର ଭୂମିକାରେ ଚଳଚିତ୍ର ଅଭିନେତା ସୁଶୀଲ କୁମାର ନାଏକ, ମହାମନ୍ତ୍ରୀ ଗୁରୁ ଶୁକ୍ରଚାର୍ଯ୍ୟ– କୃଷ୍ଣ ବାରିକ, ସେନାପତି ରାଜୁଦତ୍ୟ–କ୍ଷେତ୍ରବାସୀ ସ୍ୱାଇଁ, ପ୍ରହରୀ– ଜିତେ ମହାର, ବହ୍ମା– ନିତ୍ୟାନନ୍ଦ ଭୁଏ, ମହାରାଣୀ ବୃନ୍ଦାବତୀ– ନିଳିମା ବାରିକଙ୍କ ସହ ଅନ୍ୟମାନେ ନାଟ୍ୟାଭିନୟରେ ନିଜ କଳା ପ୍ରଦର୍ଶନ କରିବେ। ରାତ୍ରି ୧୦ଟାରୁ ରେମଣ୍ଡା ମାଷ୍ଟରପାର୍ଟି ଏବଂ ଟୁଲୁ ପାର୍ଟି କୃଷ୍ଣଗୁରୁ ପରିବେଷଣ କାର୍ଯ୍ୟକ୍ରମ ରହିଛି। ଏପରି କି କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କାର୍ଯ୍ୟକ୍ରମ ରଖାଯାଇଛି।

With Best Compliments from
Inodaya Hospitals
A unit of Godavarthy Narasimha Murthy Healthcare Private Limited
Sri Godavarthy Narasimha Murthy
Dr. Godavarthy Ram Mohan
Sri Godavarthy Satyanarayana
Sri Mullapudi Ram Babu
Doctors, Staff & Inodaya Family

Distributor for Western Odisha
KS.9300
PRICE 20,65,000/-
SUBSIDY 3,00,000/-
Model KS 9300 & KS8500
KS GROUP
KS AGRICULTURAL INDUSTRIES PVT. LTD.
PRICE 16,60,000/-
SUBSIDY 2,40,000/-
Agents Required for all Blocks in Western Odisha
PREET
Ashok Leyland 76HP Engine
Immediate Delivery
SUBSIDY 3,00,000/-
BULL
20,65,000/-
Tractor mounted Combines Model Standard S390, TSC513, KS Green Gold available for all makes
18,75,000/-
Tractor Trailer 1,60,000/- 1,60,000/-
Backhoe, Front Lodders & Dozers available for all Tractors
N.H-53, RENGALICAMP, BARGARH,
9439693766, 9937209766

ମହାନ ଶିବରାତ୍ରି ଉପଲକ୍ଷେ ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ଶିବରାତ୍ରି ମହୋତ୍ସବରେ ମହାରାଜ ଜଳନ୍ଧରଙ୍କ ଅଭିନନ୍ଦନ ।
ଶୁଶିଲ କୁମାର ନାୟକ
ମହାରାଜ ଜଳନ୍ଧର,
ଆନ୍ତର୍ଜାତିୟ ଚଳଚ୍ଚିତ୍ର ଅଭିନେତା
"ଶଳାବୁଢ଼ାର ବଦଳା"
ଗ୍ରାମ– ସୋର୍ଣ୍ଡା, ଅତାବିରା, ବରଗଡ

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Fancy Saree, Garments
Gift Items, Purse, Vanity Bag
Air Bag, Cosmetics Etc.
MOdisha Trends
GARMENTS & VERITIES
OPPOSITE OF OLD SBI, AT-ATTABIRA, BARGARH
MOB. : 94373_44684, E-mail-modisha44@gmail.com

ROURKELA SENIOR NURSING COLLEGE
SUNDARGARH GNM TRAINING SCHOOL
MAA BAUTI ANM TRAINING SCHOOL
Approved by (INC), New Delhi, Recognized by Govt. Of Odisha (ONC)BBSR, Sambalpur University
SUNDARGARH DMLT INSTITUTE
Approved by Health & Familly Welfare Deptt. Govt of Odisha
MAHESWARI +2 SCIENCE & ARTS COLLEGE
Approved by Council of Higher Secondary Education, Bhubaneswar, Odisha

| | | |
|---|---|---|
| B.Sc. NURSING (Male / Female) 4 Years Course | ELIGIBILITY +2 Science Passed with PCB from CHSE Odisha/CBSE/ICSE (45% Gen. & 40% SC/ST) | AGE LIMIT 17 Years to 30 Years |
| GNM (STAFF NURSE) (Male / Female) 3 Years Course | ELIGIBILIT +2 Passed Any Stream (40% Gen. & 35% SC/ST) | AGE LIMIT 17 Years to 30 Years |
| ANM (HW/F) (Female) 2 Years Course | ELIGIBILITY +2 Passed Any Stream | AGE LIMIT 17 Years to 30 Years |
| DMLT (Male / Female) 2 Years Course | ELIGIBILITY +2 Science Passed with Bio-logy as a subject from CHSE Odisha/CBSE/ICSE | AGE LIMIT 17 Years to 30 Years |
| +2 SCIENCE (Male / Female) | ELIGIBILITY 10th Passed | |

CONTACT FOR ADMISSION:
AT/PO-SANKARA, DIST-SUNDARGARH, ODISHA, 770001
MOB: 94371-58472, 99376-93555, 83429-27552, PH-06622-219214, FAX- 06622-273781
Email- snggnmtrainingcolleg@gmail.com, nlcattabira@gmail.com, rsncbsc@gmail.com
maheswariscience college@gmail.com
FACILITIES AVAILABLE:-
Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H. Sundargarh & CHC,PHC, Library, Book Bank and Reading Room, In House Hostel Accommodation, Study Lone Support and Scholarship, 100% Placement Assistance, Study Tour, Best Exposure visit inside and outside the state.



ବିଶ୍ୱେଶ୍ୱର ବାବା ମନ୍ଦିର ନିକଟରେ ଥିବା ପୁଷ୍କରିଣୀ।

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଅଶୋକ କୁମାର ଅଗ୍ରୱାଲ
ସମ୍ବଲପୁର

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Siddhartha PUBLIC SCHOOL
AFFILIATED TO CBSE, DELHI, AFFILIATION NO-1530100
(AN ENGLISH MEDIUM CO-EDUCATIONAL RESIDENTIAL) KUMELSINGHA
ADMISSION OPEN
Admission begins for the academic Session for classes from Class LKG to Class XI.
SEPARATE HOSTELS available for boys and Girls.
Admissions on first come first admit basis
ALSO REQUIRES TEACHERS FOR DIFFERENT SUBJECTS
Contact: 9437421179
9337570326
Principal

## ଦୀପରେ ଝଲସିଉଠେ ମନ୍ଦିର

ମହାଶିବରାତ୍ରି ମୁଖ୍ୟ ପର୍ବ। ହେଲେ ଏଠାରେ ବାରମାସରେ ତେରପର୍ବ ପାଳନ କରାଯାଏ। ନିୟମିତ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଶ୍ରାବଣ ମାସରେ ବୋଲବମ୍ ଭକ୍ତଙ୍କ ଲମ୍ଫାଧାଡ଼ିରେ ମନ୍ଦିର ଏକ ଭିନ୍ନ ପରିବେଶ ମଧ୍ୟରେ ରହିଥାଏ। ବୋଲବମ ଧ୍ୱନିରେ କମ୍ପିଉଠେ ମନ୍ଦିର ପରିସର। ତେବେ ମହାଶିବରାତ୍ରି ମେଳାରେ ଶ୍ରଦ୍ଧାଳୁଙ୍କ ଦୀପରେ ମନ୍ଦିର ଝଲସି ଉଠିଥାଏ। ଏହା ସହିତ ମାଘ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସହିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଉପସ୍ଥାପନା–ଯୁଧିଷ୍ଠିର ମହାପାତ୍ର, ସରଣ୍ଡା

PSF
ପିୟୁଷ ଷ୍ଟିଲ ଏଣ୍ଡ ଫର୍ନିଚର
ସପ୍ତାହିକ ବଜାର ସାମନା, ଅତାବିର,ଜିଲ୍ଲା– ବରଗଡ
ଏଠାରେ ସମସ୍ତ ପ୍ରକାର ବିବାହ ସମଗ୍ରୀ ତଥା ଘରୋଇ ଉପକରଣ ମିଳେ ।
ପ୍ରୋ– କୈଳାଶ ସାହୁ
ସ୍ୱତନ୍ତ୍ର ରିହାତି ମୂଲ୍ୟରେ ଉପଲବ୍ଧ ।
Mob- 9439643179, 9658676086
9853063375
Hawkins KENSTAR HAVELLS Godrej BAJAJ MILTON Kurl-on LG Whirlpool



"ସହରାଞ୍ଚଳରେ ହାଉସିଂ ଅଭାବ ସମସ୍ୟାକୁ ସରକାର ନଜରରେ ରଖିଛନ୍ତି। ଏହାର ସମାଧାନ ଲାଗି ଶୀଘ୍ର କେନ୍ଦ୍ର ସରକାର ପକ୍ଷରୁ ନୂଆ ରେଣ୍ଟାଲ ନୀତି ଆସିବ।"

– ହରଦୀପ ସିଂ ପୁରୀ, କେନ୍ଦ୍ର ମନ୍ତ୍ରୀ

"ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ମୁତାବକ ଏଜିଆର୍ ଦେୟ ପ୍ରଦାନ କରିବୁ। ଟେଲିକମ୍ ଶିଳ୍ପ ଉପରେ ଟିକସ ବୋଝ ଅଧିକ ହେଉଥିବାରୁ ଏହା ହ୍ରାସ ହେବାର ଆବଶ୍ୟକତା ରହିଛି।"

–ସୁନୀଲ ଭାରତୀ ମିତ୍ତଲ, ଭାରତୀ ଏୟାଟେଲ ଅଧ୍ୟକ୍ଷ



# ହୋଣ୍ଡା ପକ୍ଷରୁ ନୂଆ ସାଇନ୍ ୧୨୫ ବିଏସ୍-୬

ଭୁବନେଶ୍ୱର,୨୦-୨

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଲୋକପ୍ରିୟ ୧୨୫ ସିସି ମୋଟରସାଇକେଲ୍ ନୂଆ ସାଇନ୍‌ର ବିଏସ୍-୬ ମଡେଲ୍‌କୁ ବଜାର ପ୍ରବେଶ କରାଯାଇଛି। ଏଥିରେ ଗ୍ରାହକଙ୍କ ଲାଗି ୫ ସ୍ପିଡ୍ ଟ୍ରାନ୍ସମିସନ୍ ରହିଛି। ଏହା ଦ୍ୱାରା ଗ୍ରାହକ ୧୪% ଅଧିକ ମାଇଲେଜ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୬୭ ,୮୫୭ ଟଙ୍କା ରହିଛି। ନୂଆ ପିଢ଼ିର ସାଇନ୍ ବିଏସ୍-୬ କୁ ଉନ୍ମୋଚନ କରି କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ, ମିନୁରୋ କାଟୋ କହିଛନ୍ତି ଯେ, ପରବର୍ତ୍ତୀ ଯୁଗର ପରିବର୍ତ୍ତନର ଅଗ୍ରଦୂତ ସାଜି ବିଏସ୍-୬ ମଡେଲ୍‌ଗୁଡ଼ିକ ବଜାରକୁ ଆଣିଛୁ। ଏହା ୨.୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଉଲ୍ଲସିତ କରିସାରିଛି। ଗ୍ରାହକ ଓ ଅଂଶୀଦାରଙ୍କ ତରଫରୁ ମିଳିଥିବା ଭଲ ପାଇବା ଓ ସମର୍ଥନକୁ ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ। ଆମେ ନିଶ୍ଚିତ ଯେ ଏହା ୧୨୫ ସିସି ମୋଟରସାଇକେଲ୍ ବର୍ଗରେ ମଡେଲଟି ବିପ୍ଳବକୁ ଆଗକୁ ବଢ଼ାଇବ। ଭାରତରେ ଆମର ବ୍ୟବସାୟ ସଂପ୍ରସାରଣକୁ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ସାଇନ୍‌ର ସଫଳତା ହେଉଛି ଆମ ଉତ୍ପାଦ ଉପରେ ୮ ନିୟୁତରୁ ଅଧିକ ସନ୍ତୁଷ୍ଟ ଗ୍ରାହକଙ୍କ ବିଶ୍ୱାସ ଓ ଭରସାର ପ୍ରତିଫଳନ। ହୋଣ୍ଡାର ସୁପରିୟର ପ୍ରଯୁକ୍ତି,୫ ସ୍ପିଡ୍ ଟ୍ରାନ୍ସମିଶନ ଓ ନୂଆ ସୁବିଧା ସହିତ ନୂଆ ମଡେଲ ଅଧିକ ମାଇଲେଜ୍ ପ୍ରଦାନ କରୁଛି। ଏହି ମଡେଲଟି ନେଟ୍‌ୱର୍କରେ ୨୦୨୦ ଫେବ୍ରୁଆରି ଶେଷ ଆଡ଼କୁ ଆସି ପହଞ୍ଚିବ।



# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ଏସି ମହାସେଲ୍

ଭୁବନେଶ୍ୱର,୨୦-୨

ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଏସି ମହାସେଲ୍ ଘୋଷଣା କରାଯାଇଛି। ବିଶ୍ୱ ମାନ୍ଦାବସ୍ଥା ଏବଂ ଚାଇନାରେ କରୋନା ଭାଇରସ୍ ପ୍ରଭାବରୁ ବିଶ୍ୱର ଶିଳ୍ପ ଜଗତ ଏକ ଅହେତୁକ ଅଚଳାବସ୍ଥାରେ ରହିଛି। ଏହାର ପ୍ରଭାବରେ ବିଭିନ୍ନ ସାମଗ୍ରୀ ସହିତ ଏସି ଉତ୍ପାଦନ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଖରାଦିନ ଆସିଥିବାରୁ ଏସିର ଚାହିଦା ବୃଦ୍ଧି ହୋଇଛି। ଉପରୋକ୍ତ ଦୁଇଟି କାରଣରୁ ଏସିର ବଜାର ଦର ଉପରେ ଜବରଦସ୍ତ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏପରିକି ମାର୍ଚ୍ଚ ବେଳକୁ ମୂଲ୍ୟ ୧୦ ରୁ ୧୫% ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏସି ଯୋଗାଇ ଦେବା ପାଇଁ ଏହି ମହାସେଲ୍ ଘୋଷଣା କରିଛି। ବିଭିନ୍ନ ବ୍ରାଣ୍ଡେଡ୍ ଏସି ଯଥା- ଭୋଲଟାସ୍, ଏଲଜି, ବ୍ଲୁଷ୍ଟାର୍, କ୍ୟାରିୟର୍, ସାମସଙ୍ଗ୍, ହ୍ୱାଇର୍ଲପୁଲ, ହାୟର୍, ପାନାସୋନିକ୍, ଗୋଦରେଜ୍, ହିତାଚି, ଆଇଏଫ୍‌ବି ଏବଂ ଲୟଡ୍ ଭଳି କମ୍ପାନୀଗୁଡିର ଏସି ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନ ଦେଇ ସ୍ୱଳ୍ପ ଡାଉନ୍‌ପେମେଣ୍ଟରେ ଶୂନ ପ୍ରତିଶତ ସୁଧ ଓ ସହଜକିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ଏବେ ନେଇପାରିବେ। ଡାଡିବଢ଼ିବା ପାଇଁ ଅପେକ୍ଷା ନ କରି ଗ୍ରାହକମାନେ ଏବେଠୁ ଏସି କିଣିଲେ ଖରାଦିନେ ଘରେ ଏସି ଇନଷ୍ଟଲ ପାଇଁ ହେଉଥିବା ଭିଡ଼ରୁ ରକ୍ଷା ପାଇପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ ଇଲେକ୍‌ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ (ଗୁଡୁଭାଇ) କୁହନ୍ତି, ମୂଲ୍ୟ ବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବା ସହିତ ଖରାଦିନେ ତାତିରୁ ଆରାମ ପାଇପାରିବେ। ଶୋ'ରୁମ୍‌ରେ ଅଭିଜ୍ଞ ଟିମ୍ ରହିଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପରେ ଗ୍ରାହକମାନେ ଦୀର୍ଘବର୍ଷ ହେଲା ଭରସା ରଖିଛନ୍ତି। ଏଠାରେ ସୁଲଭ ମୂଲ୍ୟରେ ସାମଗ୍ରୀ ମିଳିଥାଏ ବୋଲି ଲୋକଙ୍କ ଦୃଢ଼ବିଶ୍ୱାସ ରହିଛି। ଗ୍ରାହକଙ୍କ ବିଶ୍ୱାସ ଓ ଭରସାକୁ ପାଥେୟ କରି ସର୍ବଦା ଆଗକୁ ବଢ଼ିଥିବା ରାଜ୍ ଇଲେକ୍‌ଟ୍ରୋନିକ୍ସ ଏହି ମହାସେଲ୍ ଅଫର୍ ଆରମ୍ଭ କରିଛି। ତେଣୁ ଦରବୃଦ୍ଧିକୁ ଅପେକ୍ଷା ନକରି ଗ୍ରାହକମାନେ ଏବେ ରାଜ୍ ଇଲେକ୍‌ଟ୍ରୋନିକ୍ସରୁ ସୁଲଭ ଦରରେ ସବୁ ନାମୀଦାମୀ ବ୍ରାଣ୍ଡର ଏସି କିଣିବାର ସୁଯୋଗ ନେବେ ବୋଲି ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି।

RAJ ELECTRONICS
ODISHA's No.1 Retail Chain Store
ଦୀର୍ଘ 42 ବର୍ଷଧରି ସମସ୍ତ ଓଡିଶାବାସୀଙ୍କ ଘରେ ଘରେ ପରିଚିତ

# ଓରିଏଣ୍ଟ ଇଲେକ୍‌ଟ୍ରିକ୍‌ର ଇନ୍‌ଭର୍ଟର ଆଇସିରିଜ ଫ୍ୟାନ୍

ଭୁବନେଶ୍ୱର,୨୦-୨

ସି.କେ.ବିର୍ଲା ଗ୍ରୁପର ଅଂଶବିଶେଷ ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡ ପକ୍ଷରୁ ନୂଆ ଇନଭର୍ଟର ଆଇସିରିଜ ଫ୍ୟାନ ବଜାରକୁ ଆସିଛି। ନୂଆ ଫ୍ୟାନଗୁଡିକରେ ଇସିଏମ୍ ଟେକ୍ନୋଲୋଜି ରହିଛି। ଏହା ୫୦% ଶକ୍ତି ସଞ୍ଚୟ କରିବାକୁ ସକ୍ଷମ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ରେଞ୍ଜର ଫ୍ୟାନ ମଧ୍ୟରେ ଗ୍ରାହକମାନେ ଆଇଫ୍ଲୋରାଲ, ହେକ୍ଟର ୫୦୦, ଆଇଓଟି ଭିତ୍ତିକ ଭଏସ କଣ୍ଟ୍ରୋଲ ଆଇଫ୍ଲୋଟଫ୍ୟାନ, ଡେକୋରକୁ ସୁହାଇଲା ଭଳି ବିସ୍ତୃତ ରଙ୍ଗ ରହିଛି। ଶକ୍ତି ସଞ୍ଚୟକାରୀ ଫ୍ୟାନ ଏବଂ ପ୍ରିମିୟମ ଫ୍ୟାନ ବର୍ଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଲକ୍ଷ୍ୟ ଦିଗରେ କମ୍ପାନୀ ଏବେ ପଦକ୍ଷେପ ଗ୍ରହଣ କରିଛି। ଏହି ଅନ୍ତର୍ଗତ ନୂଆ ଫ୍ୟାନ ବଜାରକୁ ଆସିଥିବା କମ୍ପାନୀ ସୂଚନା ଦେଇଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ବିଚାର କରି ନୂଆ ପ୍ରଡକ୍ଟ ଡିଜାଇନ ଏବଂ ଉଦ୍ଭାବନକୁ ଗୁରୁତ୍ୱ ଦିଆଯାଉଥିବା ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡର ଏମ୍‌ଡି ତଥା ସିଇଓ ରାକେଶ ଖାନ୍ନା କହିଛନ୍ତି। ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟକୁ ବିଚାର କରି ନୂଆ ଫ୍ୟାନ ବଜାରକୁ ଛାଡିଥିବା ସେ ମତ ପ୍ରକାଶ କରିଛନ୍ତି। ବିଇଇ ଶକ୍ତି ନିୟମକୁ ଦୃଷ୍ଟିରେ ରଖି ନୂଆ ଫ୍ୟାନ ମଡେଲ ବଜାରକୁ ଛଡାଯାଇଥିବା କମ୍ପାନୀର ଉପସଭାପତି ଅତୁଲ ଜୈନ ସୂଚନା ଦେଇଛନ୍ତି।




# ବିଗ୍ ବଜାର ଆଣିଲା ବିୟୁଟି ବଜାର୍

ଭୁବନେଶ୍ୱର,୨୦-୨

ବିଗ୍ ବାଜାର ପକ୍ଷରୁ ବିୟୁଟି ବଜାର ଶୁଭାରମ୍ଭ ଘୋଷଣା କରାଯାଇଛି। ସୌନ୍ଦର୍ଯ୍ୟ ଅଭିଳାଷୀ, ମେକ୍‌ଅପ୍ ପ୍ରେମୀ, ଯୁବାବର୍ଗ ତଥା ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ବିଗ୍ ବଜାର ପକ୍ଷରୁ ଭାରତର ବିୟୁଟି ବଜାର୍‌ର ଉନ୍ମୋଚନ କରାଯାଇଛି। ପ୍ରମୁଖ ବ୍ରାଣ୍ଡଗୁଡିକର ସର୍ବୋତ୍ତମ ବିୟୁଟି ପ୍ରଡକ୍ଟଗୁଡିକୁ ଗ୍ରାହକ ସୁଲଭ ଦରରେ ଏଠାରେ ପାଇପାରିବେ। ଷ୍ଟୋରରେ ହେୟାର୍, ସ୍କିନ୍, ଫେସ୍, ଆଇଜ୍, ଲିପ୍ସ, ନେଲ୍‌ର ଏବଂ ଅନ୍ୟାନ୍ୟ ବିୟୁଟି ଏସେନ୍‌ସିଆଲ୍‌ସରୁ ନିଜ ପସନ୍ଦର ଉତ୍ପାଦ ଚୟନ କରିବାର ସୁବିଧା ମିଳିପାରିବ। ଏସମ୍ପର୍କରେ ଗ୍ରୁପ୍‌ର ଡିଜିଟାଲ ଆଣ୍ଡ ମାର୍କେଟିଂ ଗ୍ରୁପ୍ ହେଡ୍ ପଓ୍ୱନ ସାର୍ଦା କହିଛନ୍ତି ଯେ, ବିୟୁଟି ବଜାର୍ ସହ ଗ୍ରାହକମାନେ ବ୍ରାଣ୍ଡେଡ୍ ପ୍ରଡକ୍ଟଗୁଡିକୁ ଖୁବ୍ କମ୍ ମୂଲ୍ୟରେ ପାଇବା ସହ ଅଧିକ ଅର୍ଥ ସଞ୍ଚୟ କରିପାରିବେ। ବିଗ୍‌ବାଜାର୍ ଖୁବଶୀଘ୍ର ଏହାର ଏକ ଡିଜିଟାଲ ପ୍ଲାଟ୍‌ଫର୍ମ ଲଞ୍ଚ କରିବାକୁ ଯାଉଛି ବୋଲି ସେ କହିଛନ୍ତି।




# ଏୟାର ଏସିଆ ଇଣ୍ଡିଆର ସଫଳତା

ଭୁବନେଶ୍ୱର,୨୦-୨

ଚଳିତ ବର୍ଷ ଜାନୁୟାରୀ ମାସ ଲାଗି ଅନ୍ ଟାଇମ ପର୍‌ଫର୍‌ମାନ୍ସ(ଓଟିପି) କ୍ଷେତ୍ରରେ ଏୟାର ଏସିଆ ଇଣ୍ଡିଆ ସଫଳତା ହାସଲ କରିଛି। ସଚୀଭୁକ୍ତ ଘରୋଇ ବିମାନ ଉଡାଣ କ୍ଷେତ୍ରରେ କମ୍ପାନୀ ପ୍ରଥମ ସ୍ଥାନରେ ରହିଛି। ବାଙ୍ଗାଲୋର, ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ ମୁମ୍ବାଇ ଭଳି ମେଟ୍ରୋଗୁଡିକୁ ବିଚାରକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ଟାଟାସନ୍ସ ଏବଂ ଏୟାର ଏସିଆ ବରହାଦର ସହଭାଗିତାରେ ଏକ ଯୌଥ ଉଦ୍ୟୋଗ ଭାବେ ଭାରତରେ କମ୍ପାନୀ ବିମାନ ସେବା ଯୋଗାଇ ଦେଉଛି। ଦେଶ ମଧ୍ୟରେ ୨୧ଟି ସ୍ଥାନକୁ ବିମାନ ସେବା ଯୋଗାଉଥିବା ଏହି କମ୍ପାନୀ ନିକଟରେ ୨୯ ବିମାନ ରହିଛି। ଜାନୁୟାରୀରେ ଦୈନିକ ୨୦୦ ଫ୍ଲାଇଟ ସହ ୯ ଲକ୍ଷ ଯାତ୍ରୀଙ୍କୁ ଏହା ସେବା ଯୋଗାଇ ଦେଇଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟରେ ଲିଜର ଡେଷ୍ଟିନେଶନକୁ ସେବା ପ୍ରଦାନ କରୁଛି। ଗ୍ରାହକଙ୍କୁ ସେବା ଯୋଗାଣ ଦିଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଦିଗରେ ଉଦ୍ୟମ ଜାରି ରହିଥିବା ଏୟାର ଏସିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ସୁନୀଲ ଭାସ୍କରନ ସୂଚନା ଦେଇଛନ୍ତି।

AirAsia

# ଦକ୍ଷିଣ ଆଫ୍ରିକାରେ ରେନୋ ଟ୍ରାଇବର

**ଭୁବନେଶ୍ୱର,୨୦-୨:** ପ୍ରମୁଖ ଯାନ ନିର୍ମାତା କମ୍ପାନୀ ରେନୋ ପକ୍ଷରୁ ଟ୍ରାଇବରକୁ ଦକ୍ଷିଣ ଆଫ୍ରିକାରେ ଶୁଭାରମ୍ଭ କରାଯାଇଛି। ଏହି ମଡେଲଟି ଭାରତରେ ୨୮ ହଜାର ୟୁନିଟ ବିକ୍ରି ଟପିଛି। ଏହା ପରେ ଦକ୍ଷିଣ ଆଫ୍ରିକାରେ ଯାନଟିକୁ ଶୁଭାରମ୍ଭ କରାଯାଇଥିବା ବେଳେ ସେଠାରେ ମଧ୍ୟ ଉନ୍ନତ ବିକ୍ରି ସଫଳତା ହାସଲ କରିବାକୁ ସକ୍ଷମ ହେବା ନେଇ କମ୍ପାନୀ ଆଶାବାଦୀ ରହିଛି। ଏହି ମଡେଲଟିକୁ ଆଫ୍ରିକା, ଏସିଆନ ଏବଂ ସାର୍କ ଦେଶଗୁଡିକୁ ରପ୍ତାନି କରିବାକୁ ଏହା ଆଶାବାଦୀ ରହିଛି। ଉନ୍ନତମାନ ଏବଂ ଉନ୍ନତ ଭାଲ୍ୟୁ ପ୍ୟାକେଜ ସହ ଆକର୍ଷଣୀୟ ଡିଜାଇନ, ସ୍ପେଶିୟସ, ମଡ୍ୟୁଲାର ହେତୁ ରେନୋ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ଏଥିରେ ଗ୍ରାହକମାନେ ୩୦ରୁ ଅଧିକ ଆକର୍ଷଣୀୟ ବୈଶିଷ୍ଟ୍ୟ ଲାଭ କରିପାରିବେ। ଇଜିଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଟୁଇନ ଏସି ସହିତ ଭେଣ୍ଟ, ଷ୍ଟାଇଲ ଫ୍ଲେକ୍ସ ହ୍ୱିଲ, ୧୮୦ ମିଲି ମିଟରର ହାଇ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏବଂ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଗ୍ରାହକ ଲାଭ କରିପାରିବେ। ଆଫ୍ରିକା, ଏସିଆ ଏବଂ ସାର୍କ ଦେଶଗୁଡିକରେ ଏହି ମଡେଲର ଚାହିଦା ବଢାଇବା ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀର ଏମ୍‌ଡି ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।



**THE ODISHA STATE COOPERATIVE BANK LTD.**
(Schedueld Bank)
Pandit Jawaharlal Nehru Marg, Bhubaneswar – 751 001 No.LL-43

Ref. No. OSCB/DIT/7883//2019-20 Date : 19.02.2020

**REQUEST FOR PROPOSAL**

Name of the Work : **Request for Proposal for "Financial Inclusion Gateway in " in OSCB and DCCBs.**

Last date and time of submission : **17.03.2020 upto 3.00 PM**
Time and date of opening of Technical Bid : **18.03.2020 at 11.30 AM**
The RFP details can be downloaded from the official website www.odishascb.com from 20.02.2020 to 15.03.2020

Sd/- Managing Director
Odisha State Cooperative Bank Ltd.
Bhubaneswar
OIPR-39012/11/0034/1920

**ନେସ୍କୋ ୟୁଟିଲିଟି**
NESCO UTILITY
ମୁଖ୍ୟ କାର୍ଯ୍ୟାଳୟ, ଜାନୁଗଞ୍ଜ, ଜିଲ୍ଲା- ବାଲେଶ୍ୱର

**ବିଦ୍ୟୁତ ଗ୍ରାହକ ଧ୍ୟାନ ଦିଅନ୍ତୁ !**

**ଆପଣ ଯଦି ନିଜର ବିଦ୍ୟୁତ୍‌ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ "ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ" (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇଯାଆନ୍ତୁ।**

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍‌ବିଲ୍‌ରେ କୌଣସି ତ୍ରୁଟିଥିଲେ ତୁରନ୍ତ ନିକଟସ୍ଥ ନେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶିଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ, ନେସ୍କୋ ଅଧିକାରୀଙ୍କ ଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଗ୍ରାହକମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର **"ଡିସ୍‌କନେକସନ୍ ସ୍କ୍ୱାଡ୍"** ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପଟ୍) ଦେଖାନ୍ତୁ।
- ବକେୟା ଦେୟ ନେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ, ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କ ଠାରେ ଅଥବା ଆମର ୱେବ୍‌ସାଇଟ **www.nescoodisha.com** ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

**ସ୍ୱା/- କ୍ଷମତା ପ୍ରାପ୍ତ ଅଧିକାରୀ, ନେସ୍କୋ ୟୁଟିଲିଟି, ବାଲେଶ୍ୱର**

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
**NAYAGARH (ODISHA), PIN-752069**
**e-Mail : nacnayagarh@yahoo.co.in**
**TENDER CALL NOTICE No.604, Dt.20.02.2020**
**E-Procurement Notice No.MUNLNGR-8/2019-20**

| | | | |
|---|---|---|---|
| 1 | Name of the work | : | Civil works |
| 2 | No. of works | : | 02 Nos. |
| 3 | Value of work | : | Rs.6,69,643/- to 42,40,555/- |
| 4 | Class of Contractor | : | B & A for Sl. No.1, D & C for Sl. No.2 |
| 5 | Period of Completion | : | 90 days |
| 6 | Date of Publication | : | 25.02.2020 |
| 7 | Date and Time of availability of document in the portal. | : | From Dt.25.02.2020 at 10.00 A.M. to Dt.06.03.2020 up to 5.00 P.M. |
| 8 | Last Date / Time for receipt of bids in portal | : | Dt.06.03.2020 up to 5.00 P.M. |
| 9 | Last date of Submission of original documents in this office. | : | On or before 1.00 P.M. on 11.03.2020 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | : | Dt.11.03.2020 at 4.00 P.M. at Municipality Office, Nayagarh |
| | Name and address of the officer inviting bid | : | **Sd./- Executive Officer, Nayagarh Municipality** |

Further details can be seen from e-Procurement portal **https://tendersodisha.gov.in**

**Sd./- Executive Officer**
**Nayagarh Municipality**

**NTPC Limited**
(A Govt. of India Enterprise)
**EASTERN REGION II HEADQUARTERS, BHUBANESWAR**
**Invitation for Expression of Interest for Following Work under DDUGJY Package**
**Ref No.:**GePNIC Tender ID 2020_NTPC_31157_1, **Work Description:** Rural Electrification works of 164 Nos. of PE Villages of Keonjhar District in Odisha State under DDUGJY Scheme, **Application Submission Period:** From 20.02.2020 to 27.02.2020 (upto 3.30 PM), **Opening Date:** 28.02.2020
For detailed EOI & Other details Plz. Visit at **www.ntpctender.com** or **https://eprocurentpc.nic.in** or may contact AGM (C&M)/Manager (C&M) NTPC ER-II HQ, 3rd, 4th & 5th Floor, OLIC BLD, N-17/2 Nayapalli, Bhubaneswar-751012, Phone: (0674) 2500946, 9437043529 , 9650998113
**Registered Office:** NTPC Bhawan, SCOPE Complex, 7, Institutional Area, Lodhi Road, New Delhi-110003, **CIN:** L40101DL1975GOI007966.
1044/NIT/2020/20022000001
interads
**Leading the Power Sector**

**SBRG WOMENS COLLEGE ALUMNI MEET 2020**
The above meet will be held on 1st March 2020 at 11 A.M inside the College premises. Please register your name by 28th Feb in the College website **www.sbrgautowomenscollege.ac.in** to share your proud and sweet moments.
**PRINCIPAL**




**ODISHA COAL AND POWER LTD.**
OCPL Odisha Coal and Power Limited
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664

**NOTICE INVITING TENDER**
**NIT No: OCPL/SITE/SER-10/2020** **Date:21/02/2020**
Sealed bids in prescribed format are invited from reputedagencies/service provider/ contractor for following job:

| Sl. No. | Name of the work | Cost of Tender Paper | BID Security | ContractPeriod | Last date of Sale of Tender Document | Date of Submission/ Opening |
|---|---|---|---|---|---|---|
| 1 | Appointment of an agency for comprehensive maintenance of Rehabilitation & Resettlement (R & R) colony of Odisha Coal and Power Limited (OCPL) at Hemgir, Sundargarh, Odisha | Rs. 1,180/- (Rupees One Thousand One Hundred and Eighty Only) inclusive of GST @ 18% | Rs.20,000/- (Rupees Twenty Thousand Only) | 01 Year | 14/03/2020 | 03:00 PM on 24/03/2020<br>03.30PM on 24/03/2020 |

Interested agencies maydownload the RFP document from our website, i.ewww.ocpl.org.in . Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

**Sd/-Sr. Manager (Commercial & Contracts.), OCPL**
**Tel -7608008703 (M)**

**BEACH DEVELOPMENT COMMITTEE**
**CHANDRABHAGA, KONARK, PURI**
Sealed proposals are invited from Reputed Agency for "Selection of an Agency for Operation & Maintenance of Chandrabhaga Beach, Konark, Puri". The last date of submission of the Proposal by dt.17.03.2020, time: 5.00 PM through Speed / Registered / Courier post only.
The detail request for proposal can be viewed in the district website **www.puri.nic.in.**
*Sd./- Chairman, BEACH DEVELOPMENT COMMITTEE, Chandrabhaga, Puri*

**ROURKELA DEVELOPMENT AUTHORITY**
RDA
**UDITNAGAR, ROURKELA-769012**
**No.710 /RDA** **Dated: 19.02.2020**
**PROCLAMATION**
It is hereby informed to the General public that one Sri Dasharath Pandab, S/o- Late Bhagaban Pandab has been applied for mutation of House No.-L/29 under Durgapur Foot Hill Housing Project, Stage-I, Basanti Colony, Rourkela-12 in his favour consequent upon death of his wife Late Gelabati Pandab W/o- Dasharath Pandab. If anybody has got objection to the proposed mutation. He/She may file objection Petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expire of the stipulated period.
**Sd./- Secretary**
**Rourkela Development Authority**

## ସଂକ୍ଷେପରେ

### ବିଶ୍ୱ ରେକର୍ଡରୁ ଡୁପ୍ଲାଣ୍ଟିସ ବଞ୍ଚିତ

ଲିଭିନ (ଫ୍ରାନ୍ସ),୨୦।୨ (ଏଏଫ୍‌ପି)-ସ୍ୱିଡିଶ ଆଥଲେଟ୍ ଆର୍ମାଣ୍ଡ ଡୁପ୍ଲାଣ୍ଟିସ ଜାଭେଲିନ୍ ଥ୍ରୋ'ରେ ୧୨ ଦିନ ମଧ୍ୟରେ ଅଲ୍ପକେ ତୃତୀୟ ଥର ବିଶ୍ୱ ରେକର୍ଡ ଭଙ୍ଗ କରିବାରୁ ବଞ୍ଚିତ ହୋଇଛନ୍ତି। ଏଠାରେ ବୁଧବାର ଏକ ଇନ୍‌ଡୋର ଇଭେଣ୍ଟରେ ସେ ୬.୦୭ ମିଟର ଦୂର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଆମେରିକାର ବିଶ୍ୱ ଚାମ୍ପିୟନ ସାମ୍ କେଣ୍ଡ୍ରିକ୍ସ (୫.୯୦ମିଟର) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦ବର୍ଷୀୟ ଡୁପ୍ଲାଣ୍ଟିସ ଏହା ପୂର୍ବରୁ ଗତ ରବିବାର ଗ୍ଲାସ୍‌ଗୋଠାରେ ୬.୧୮ ମିଟର ଏବଂ ଚଳିତ ମାସ ପ୍ରାରମ୍ଭରେ ପୋଲାଣ୍ଡଠାରେ ୬.୧୮ ମିଟର କ୍ଲିୟର କରି ଫ୍ରାନ୍ସର ରେନଡ ଲାଭେଲିନ୍ (୬.୧୬)ଙ୍କ ୬ବର୍ଷ ତଳର ରେକର୍ଡକୁ ଭଙ୍ଗ କରିଥିଲେ।

### ହେବନାହିଁ ଅଲଷ୍ଟାର ମ୍ୟାଚ୍

ମୁମ୍ବାଇ,୨୦।୨- ଆଗାମୀ ଆଇପିଏଲ ପୂର୍ବରୁ ଅଲଷ୍ଟାର ମ୍ୟାଚ୍ ଖେଳାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ସମ୍ପର୍କରେ ଏପର୍ଯ୍ୟନ୍ତ ବିଧିବଦ୍ଧ ଘୋଷଣା ହୋଇନାହିଁ। କିନ୍ତୁ ଫ୍ରାଞ୍ଚାଇଜମାନେ ଜଣାଇ ଦେଇଛନ୍ତି ମ୍ୟାଚ୍ ଅନୁଷ୍ଠିତ ହୋଇପାରିବ ନାହିଁ। ଅତିକମ୍‌ରେ ୨୯ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ ପୂର୍ବରୁ ନୁହେଁ। କାରଣ ଏସିଆ ଏକାଦଶ ଓ ବିଶ୍ୱ ଏକାଦଶ ମଧ୍ୟରେ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ବିଶ୍ୱର ସବୁଠୁ ବଡ଼ କ୍ରିକେଟ ମୋଟେରା ଷ୍ଟାଡିୟମରେ ଖେଳାଯିବାର ଅଛି। ଏଣୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଲଷ୍ଟାର ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଅଲଷ୍ଟାର ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ଫ୍ରାଞ୍ଚାଇଜଙ୍କ ସହ ପରାମର୍ଶ କରାଯାଇ ନ ଥିଲା। ଫ୍ରାଞ୍ଚାଇଜମାନେ ଖେଳାଳି ଛାଡ଼ିବାକୁ ନାରାଜ। ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ଖେଳାଳି ଆହତହେବାର ସମ୍ଭାବନା ରହିଛି, ଏହା ହେଉଛି ପ୍ରଥମ କାରଣ। ଦ୍ୱିତୀୟତଃ ଫ୍ରାଞ୍ଚାଇଜମାନେ ସିଜନ ପୂର୍ବରୁ ଖେଳାଳିଙ୍କୁ ପ୍ରମୋଟ କାର୍ଯ୍ୟରେ ନିଯୁକ୍ତ କରିବେ। ଏହାବାଦ୍ ଖେଳାଳିଙ୍କ ପାଇଁ କିଏ ଅର୍ଥ ଦେବ, ସେ ନେଇ ମଧ୍ୟ ପ୍ରଶ୍ନ ରହିଛି। ଭାରତୀୟ ଖେଳାଳିମାନେ ରାଜି ହୋଇପାରନ୍ତି, କିନ୍ତୁ ବିଦେଶୀ ଖେଳାଳି ଟଙ୍କା ଉପରେ ହିଁ ଜୋର ଦେବେ। ଖେଳାଳିଙ୍କ ପାଇଁ ଅର୍ଥ ଖର୍ଚ୍ଚ କରିବା ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ରିକେଟ ବୋର୍ଡ ବିସିସିଆଇ ଲାଗି ବଡ଼ କଥା ନୁହେଁ। କିନ୍ତୁ କିଛି ସ୍ପଷ୍ଟ କରାଯାଇ ନାହିଁ। ବିସିସିଆଇ କିମ୍ବା ଆଇପିଏଲ ଅଲଷ୍ଟାର ମ୍ୟାଚ୍ ବିଷୟରେ ମତ ଦେଇନାହାନ୍ତି। ହେଲେ ଫ୍ରାଞ୍ଚାଇଜ ସୂତ୍ରରୁ ବାତିଲ କରାଯିବା ନେଇ ସ୍ପଷ୍ଟ କରିଛନ୍ତି। ବିସିସିଆଇ ନିକଟରେ ଆଇପିଏଲର କାର୍ଯ୍ୟସୂଚୀ ପ୍ରକାଶ କରିଛି। ମାତ୍ର ସେଥିରେ ଅଲଷ୍ଟାର ମ୍ୟାଚ୍ ସମ୍ପର୍କରେ କିଛି କୁହାଯାଇ ନାହିଁ। ଲିଗ୍ ପର୍ଯ୍ୟାୟ ମାର୍ଚ୍ଚ ୨୯ରୁ ମେ ୧୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ମେ ୨୪ ତାରିଖରେ ଅନୁଷ୍ଠିତ ହେବ। ଉଭୟ ଉଦ୍‌ଘାଟନୀ ଓ ଫାଇନାଲ ମ୍ୟାଚ୍ ମୁମ୍ବାଇରେ ଖେଳାଯିବାର ଅଛି।

### ମାସ୍କରେ ଟ୍ରେନିଂ କରୁଛନ୍ତି ଚାଇନିଜ ଆଥ୍‌ଲେଟ

ହଂକଂ,୨୦।୨- କରୋନା ଭାଇରସ ଚାଇନିଜ ଆଥ୍‌ଲେଟଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି କରିଛି। ବିଦେଶରେ ହେଉଥିବା ଟୁର୍ଣ୍ଣାମେଣ୍ଟରେ ଚାଇନିଜ ଆଥ୍‌ଲେଟ ଅଂଶଗ୍ରହଣ କରିପାରୁନାହାନ୍ତି ଓ ଟ୍ରେନ ସହ ବିମାନସେବା ମଧ୍ୟ ବନ୍ଦ ଥିବାରୁ ଅଲଗା ରହିବାକୁ ପଡୁଛି। ଭାଇରସ ଯୋଗୁ ଚାଇନାରେ ୨୧ ଶହ ଲୋକ ପ୍ରାଣ ହରାଇସାରିଛନ୍ତି। ଏହାସତ୍ତ୍ୱେ ଟୋକିଓ ଅଲିମ୍ପିକ୍ସ ବାତିଲ ହେବନାହିଁ ବୋଲି ଆୟୋଜକ କମିଟି ଓ ଆଇଓସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମାତ୍ର ଚାଇନିଜ ଦଳର ପ୍ରଦର୍ଶନ ଉପରେ ଭାଇରସ ପ୍ରଭାବ ପକାଇବାର ବିଶେଷ ସମ୍ଭାବନା ରହିଛି। ଚାଇନିଜ ଆଥ୍‌ଲେଟଙ୍କ ମଧ୍ୟରେ କେହି ଭାଇରସରେ ପ୍ରଭାବିତ ହୋଇଥିବା ସୂଚନା ମିଳିନାହିଁ। କିନ୍ତୁ ଭାଇରସ ଯୋଗୁ ଚାଇନିଜ ଆଥ୍‌ଲେଟମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସଦ୍ୟ ଉଦାହରଣ ହେଲା ଚାଇନିଜ ମହିଳା ଫୁଟବଲ ଦଳକୁ ବ୍ରିସବେନ ହୋଟେଲ କରିଡରରେ ଷ୍ଟ୍ରେଚିଂ ଓ ଅଭ୍ୟାସ କରିବାକୁ ପଡ଼ିଥିଲା। ବିଶ୍ୱରେ ଫେବୃୟାରୀରୁ ଏପ୍ରିଲ ମଧ୍ୟରେ ପ୍ରାୟ ୧୦୦ ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ହେବାର ଅଛି ବୋଲି ଚାଇନିଜ ଅଲିମ୍ପିକ୍ କମିଟି (ସିଓସି) ଉପସଭାପତି ଲିଉ ଗୁୟଙ୍ଗ କହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ବିଭିନ୍ନ ଦେଶର ଅନ୍ତର୍ଜାତୀୟ କ୍ରୀଡ଼ା ଫେଡେରେଶନକୁ ସିଓସିର ସାହାଯ୍ୟ କରିବା ପାଇଁ କହିଛି।

> ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଭାରତ ବିପକ୍ଷ ଓପନିଂ ମ୍ୟାଚରେ ଅଷ୍ଟ୍ରେଲିଆ ଫେଭରାଇଟ୍, କିନ୍ତୁ ଜିତିବା ସହଜ ହେବନାହିଁ।
> –ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟର



> ରିଷଭ ପନ୍ତ ବର୍ତ୍ତମାନ ଖରାପ ସମୟ ଦେଇ ଗତି କରୁଥିବାରୁ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦିଅନ୍ତୁ।
> –ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ



## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଛି ଓଡ଼ିଶା–ବେଙ୍ଗଲ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ପ୍ରଥମ ସେସନରେ ୧୬.୨ ଓଭର ମଧ୍ୟରେ ମାତ୍ର ୪୬ ରନ ବିନିମୟରେ ୫ ଉଇକେଟ ହାସଲ କରିଥିବା ଓଡ଼ିଶା ସୁଯୋଗ ହାତଛଡ଼ା କରିଛି। ଅନୁଷ୍ଟୁପ ମଜୁମଦାରଙ୍କ ଶତକ ଏବଂ ଶାହବାଜ ଅହମ୍ମଦଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ବଳରେ ବେଙ୍ଗଲ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ବେଙ୍ଗଲ ୮୬ ଓଭରରେ ୬ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ମଜୁମଦାର ୧୩୬ ଓ ଶାହବାଜ ୮୨ ରନରେ ଅପରାଜିତ ଅଛନ୍ତି।

**ଘାତକ ବୋଲିଂ ପରେ ଦିଗହରା**

ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦ୍ରୁତ ବୋଲରମାନେ ଘାତକ ବୋଲିଂ କରି ବେଙ୍ଗଲକୁ ଘାଇଲା କରିଦେଇଥିଲେ। କୌଶିକ ଘୋଷ ୯, ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୭, ଅଭିଷେକ ରମଣ ୧, ଅର୍ଣ୍ଣବ ନନ୍ଦି ୨୪ ଓ ମନୋଜ ତିୱାରୀ ୪ ରନରେ ଆଉଟ ହେବାରୁ ବେଙ୍ଗଲକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା ଓଡ଼ିଶା। ଏହାପରେ ହାଲ୍‌କା ମନୋଭାବ ହେଉ କିମ୍ବା ଦିଗହରା ବୋଲିଂ ଯୋଗୁ ଓଡ଼ିଶା ବୋଲରମାନେ ଆଉ ସଫଳତା ପାଇଲେ ନାହିଁ। ବଲ୍ ପୁରୁଣା ହେବା ସହିତ ପିଚ୍‌ରୁ ଆର୍ଦ୍ରତା କମିବାପରେ ବେଙ୍ଗଲ ବ୍ୟାଟ୍ସମ୍ୟାନମାନେ ଧୈର୍ଯ୍ୟର ସହିତ ବ୍ୟାଟିଂ କରି ସଫଳ ପ୍ରତ୍ୟାବର୍ତ୍ତନ କଲେ।

**ମଜୁମ୍‌ଦାରଙ୍କ ଶତକ**

ବେଙ୍ଗଲକୁ ବିପଦରୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅନୁଷ୍ଟୁପ ମଜୁମଦାର। ସେ ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି କ୍ୟାରିୟରର ୮ମ ପ୍ରଥମଶ୍ରେଣୀ ଶତକ ହାସଲ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ୧୨୮ ବଲ୍‌ରୁ ଶତକ ପୂରଣ କରିଥିବା ମଜୁମଦାର ମୋଟ ୧୯୪ ବଲ୍ ଖେଳି ୨୦ ଚୌକା ସହାୟତାରେ ୧୩୬ ରନରେ ଅପରାଜିତ ରହିଛନ୍ତି। ଶତକୀୟ ଇନିଂସ ଅବସରରେ ସେ ୨ଟି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ବେଙ୍ଗଲକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଛନ୍ତି। ୧୬ ରନରେ ଜୀବନଦାନ ପାଇଥିବା ଶ୍ରୀବତ୍ସ ଗୋସ୍ୱାମୀ ୩୪ ରନ କରି ଆଉଟ ହୋଇଥିଲେ। ଫଳରେ ମଜୁମଦାର–ଶ୍ରୀବତ୍ସ ୬ଷ୍ଠ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୯୫ ରନ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଶ୍ରୀବତ୍ସ ଆଉଟ ହେବାପରେ ବେଙ୍ଗଲର ଜାଡେଜା କୁହାଯାଉଥିବା ଶାହବାଜ ଅହମ୍ମଦ କ୍ରିଜକୁ ଆସିଥିଲେ। ମଜୁମଦାର ଓ ଶାହବାଜଙ୍କ ଆତ୍ମବିଶ୍ୱାସପୂର୍ଣ୍ଣ ବ୍ୟାଟିଂ ଆଗରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ଫିକା ପଡ଼ି ଯାଇଥିଲା। ଏହି ଅବସରରେ ଶାହବାଜ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ୮୨ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୬୧* ରନ। ଚଳିତ ସିଜନରେ ଜୟପୁରଠାରେ ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚରେ ଶାହବାଜ ୬୧ ରନ କରି ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୭ମ ଉଇକେଟ ଯୋଡ଼ିରେ ୧୬୭ ରନ ଯୋଗକରି ଓଡ଼ିଶା ଶିବିରରେ ନୈରାଶ୍ୟ ଖେଳାଇ ଦେଇଛନ୍ତି।



ଶତକ ହାସଲ ପରେ ଅନୁଷ୍ଟୁପ ମଜୁମଦାର।

**ସତର୍କ ଘଣ୍ଟି**

ପ୍ରଥମେ ମଜୁମଦାର–ଶ୍ରୀବତ୍ସ ଏବଂ ପରେ ମଜୁମଦାର–ଶାହବାଜଙ୍କ ପାର୍ଟନରଶିପ୍ ଓଡ଼ିଶା ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ୪୬ ରନରେ ୫ ଉଇକେଟ ହରାଇଥିଲେ ହେଁ ଲଞ୍ଚ୍ ବ୍ରେକ୍ ବେଳକୁ ୧୧୧/୫, ଟୀ' ବିରତି ସୁଦ୍ଧା ୨୦୯/୬ ଓ ପ୍ରଥମ ଦିନ ଶେଷସୁଦ୍ଧା ୩୦୮/୬ ରନ ସଂଗ୍ରହ କରି ବେଙ୍ଗଲ ନିଜ ଦକ୍ଷତା ଦେଖାଇଛି। ସୁଯୋଗ ହାତପାଆନ୍ତାରେ ଥାଇ ମଧ୍ୟ ତାହାର ସଦ୍‌ବ୍ୟବହାର କରି ନ ପାରିବା ତୃତୀୟ ସେସନରେ ଓଡ଼ିଶା ଖେଳାଳିଙ୍କ ବଡି ଲାଙ୍ଗୁଏଜରୁ ସ୍ପଷ୍ଟ ବାରି ହେଉଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ଓ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ପ୍ରୀତ୍ କନୱର ସିଂ ଚୌହାନ ୨ଟି ଲେଖାଏ ଉଇକେଟ ନେଇଥିବାବେଳେ ଭେଟେରାନ ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଶୁକ୍ରବାର ଦ୍ୱିତୀୟ ଦିବସର ପ୍ରଥମ ସେସନ ଓଡ଼ିଶା ପାଇଁ ଅନେକ ମହତ୍ତ୍ୱ ରଖୁଛି। ବେଙ୍ଗଲ ୩୫୦ ସ୍କୋର ଅତିକ୍ରମ କଲେ ଓଡ଼ିଶା ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି କ୍ରିକେଟ ପଣ୍ଡିତମାନେ ପୂର୍ବାନୁମାନ କରୁଛନ୍ତି। ୨ ବର୍ଷ ପରେ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳୁଥିବାରୁ ଏବେ ଆଶା ଯେତିକି ଆଶଙ୍କା ମଧ୍ୟ ସେତିକି ରହିଛି।

ସଂକ୍ଷିପ୍ତ ସ୍କୋର

ବେଙ୍ଗଲ ପ୍ରଥମ ଇନିଂସ: ୩୦୮/୬ (ଅନୁଷ୍ଟୁପ ମଜୁମଦାର–୧୩୬*, ଶାହାବାଜ ଅମହ୍ମଦ–୮୨*, ଶ୍ରୀବତ୍ସ ଗୋସ୍ୱାମୀ–୩୪, ଅର୍ଣ୍ଣବ ନନ୍ଦି–୨୪, ସୂର୍ଯ୍ୟକାନ୍ତ ପ୍ରଧାନ–୨/୯୬, ପ୍ରୀତ୍ କନୱର ସିଂ ଚୌହାନ–୨/୫୨, ବସନ୍ତ ମହାନ୍ତି–୧/୪୮, ଦେବବ୍ରତ ପ୍ରଧାନ–୧/୫୪)।

### ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର



ପ୍ରୀତ୍ କନୱର ସିଂ ଚୌହାନ

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ପ୍ରୀତ୍ କନୱର ସିଂ ଚୌହାନ। କେବଳ କ୍ୟାରିୟର ଆରମ୍ଭ କରିନାହାନ୍ତି, ନିଜ ପ୍ରଥମ ଓଭରରେ ଉଇକେଟ ହାସଲ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ଏହି ପ୍ରତିଭା ସମ୍ପନ୍ନ ଦ୍ରୁତ ବୋଲର। ପ୍ରୀତ୍ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଅର୍ଣ୍ଣବ ନନ୍ଦିଙ୍କୁ ଏବଂ ଓଡ଼ିଶା ପାଇଁ ବ୍ରେକ୍ ଥ୍ରୁ ଆବଶ୍ୟକ ଥିବାବେଳେ ଶ୍ରୀବତ୍ସ ଗୋସ୍ୱାମୀଙ୍କୁ ଆଉଟ କରିଥିଲେ। ସେ ପ୍ରଥମ ଦିବସରେ ୫୨ ରନ ବିନିମୟରେ ୨ଟି ଉଇକେଟ ନେଇଛନ୍ତି। ପ୍ରୀତଙ୍କ ପିତା ଗୁରଜିତ୍ ସିଂ ଚୌହାନ ୮୦ ଦଶକ ପ୍ରାରମ୍ଭରେ ଓଡ଼ିଶା ପକ୍ଷରୁ ୨ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର ଭାବେ ଗୁରଜିତ–ପ୍ରୀତ୍ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବରୁ ମଦନ ମୋହନ ମହାନ୍ତି ଓ ଯଶପାଲ ମହାନ୍ତି ଏହି କ୍ଲବର ସଦସ୍ୟ ଥିଲେ।

# ଟ୍ରଫି ଉନ୍ମୋଚିତ



ଖେଳାଳିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ପ୍ରଥମ ସଂସ୍କରଣ ଶନିବାରଠାରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବ ମଧ୍ୟରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଗୁରୁବାର ଏହି ପ୍ରତିଯୋଗିତାର ଟ୍ରଫି ଔପଚାରିକ ଭାବେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ କିଟ୍ କ୍ୟାମ୍ପସ ରଗ୍‌ବୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଟ୍ରଫି ଉନ୍ମୋଚନ ଉତ୍ସବରେ ମହୀଶୂର ବିଶ୍ୱବିଦ୍ୟାଳୟ ଓ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ (ଗ୍ୱାଲିୟର)ର ଛାତ୍ରୀଛାତ୍ରମାନେ ଏହି ଟ୍ରଫିକୁ ଉନ୍ମୋଚନ କରିଥିଲେ। ମହୀଶୂର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାଗ୍ୟଶ୍ରୀ, ପ୍ରିୟଙ୍କା ଓ ବୈଷ୍ଣବୀ ଏବଂ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ପକ୍ଷରୁ ହିମାଂଶୁ ଯାଦବ, ବିନାୟକ କୁମାର ଓ ପଙ୍କଜ ବୋରା ଉପସ୍ଥିତ ରହିଥିଲେ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଅଂଶଗ୍ରହଣ କରିଥିବାରୁ ପ୍ରିୟଙ୍କା ବେଶ୍ ଉତ୍ସାହିତ ଥିଲେ। ଏଭଳି ଏକ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିଥିବାରୁ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଥିସହ ଭବିଷ୍ୟତରେ ଏଥିରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ବାହାରି ପାରିବେ ବୋଲି ଭଲିବଲରେ ଭାଗନେବାକୁ ଆସିଥିବା ପ୍ରିୟଙ୍କା ଏହା ଆଶାବ୍ୟକ୍ତ କରିଛନ୍ତି।

**୧୭ କ୍ରୀଡ଼ାରେ ୩୩୪୩ ଆଥ୍‌ଲେଟ**

ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ କେଆଇୟୁଜିର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଭାରତର ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରୁ ୩୩୪୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୧୬୦୫ ଛାତ୍ରୀ ଓ ୧୭୩୮ ଛାତ୍ର ସାମିଲ ରହିଛନ୍ତି। ପ୍ରତିଯୋଗୀଙ୍କ ବ୍ୟତୀତ ଟେକ୍ନିକାଲ ଓ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ଦଳ ସହ ଆସିଛନ୍ତି। ସେହିଭଳି ମୋଟ୍ ୧୭ଟି କ୍ରୀଡ଼ାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ମଧ୍ୟରେ ତୀରନ୍ଦାଜ, ଆଥ୍‌ଲେଟିକ୍ସ, ବକ୍ସିଂ, ଫେନସିଂ, ଜୁଡୋ, ସୁଇମିଂ, ଭାରୋତ୍ତୋଳନ ଓ କୁସ୍ତିରେ ପ୍ରତିଯୋଗୀମାନେ ବ୍ୟକ୍ତିଗତ ଭାବେ ଭାଗ ନେଇପାରିବେ। ସେହିଭଳି ଟିମ୍ ଇଭେଣ୍ଟରେ ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଫୁଟ୍‌ବଲ, ହକି, ଟେବୁଲ ଟେନିସ, ଟେନିସ, ଭଲିବଲ୍, ରଗ୍‌ବୀ ଓ କବାଡ଼ି ସାମିଲ ରହିଛି।

**୧୫୦୨ ପଦକ ପାଇଁ ଲଢ଼େଇ**

ମୋଟ୍ ୧୫୦୨ ପଦକ ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ ହେବ, ଯେଉଁଥିରେ ୪୫୮ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଥିବାବେଳେ ବ୍ରୋଞ୍ଜ ପଦକ ସଂଖ୍ୟା ୫୮୬ ରହିଛି।

**୧୦ ସ୍ଥାନରେ ଖେଳ**

ଭୁବନେଶ୍ୱର ଓ କଟକରେ ମିଳିତ ଭାବେ କେଆଇୟୁଜିର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ଉଭୟ ସହରର ମୋଟ୍ ୧୦ଟି ସ୍ଥାନରେ ଇଭେଣ୍ଟ ଖେଳାଯିବ। କିଟ୍ ପ୍ରତିଯୋଗିତାର ମୁଖ୍ୟ ସେଣ୍ଟର ରହିଛି। ସେଗୁଡ଼ିକ ମଧ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ରହିଥିବାବେଳେ ଭୁବନେଶ୍ୱରରୁ କଳିଙ୍ଗ ଷ୍ଟାଡିୟମ, ସହିଦ୍ ନଗର ସ୍ପୋର୍ଟ୍ସ ହଲ୍, କିଟ୍‌ରୁ କ୍ୟାମ୍ପସ ୫, ୮,୯, ୧୩ରେ ବିଭିନ୍ନ ଇଭେଣ୍ଟ ହେବ।

**ବେଡ୍ ସାଇଡ୍‌ରେ ରହିବ ଫ୍ରୁଟ୍ସ ବାସ୍କେଟ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ପ୍ରଥମ ସଂସ୍କରଣରେ ପାଖାପାଖି ୩୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପାଇଁ ସେମାନଙ୍କ ଲାଗି ବିଭିନ୍ନ ଫଳମୂଳର ବ୍ୟବସ୍ଥା କରାଯାଇଛି। ସେଓ, କମଳା ପ୍ରଭୃତି ଗୁରୁବାର କିଟ୍‌ରେ ପହଞ୍ଚିଥିବାବେଳେ ଏହାକୁ ବାସ୍କେଟ୍‌ରେ ପୂରାଇ ରଖାଯାଇଛି। ଖେଳାଳିଙ୍କ ବେଡ୍‌ସାଇଡ୍‌ରେ ଏହି ଫ୍ରୁଟ୍ ବାସ୍କେଟ୍ ରହିବ।



ଉଦ୍‌ଘାଟନୀ ସମାରୋହ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତିମ ପ୍ରସ୍ତୁତି।

# ଇଏସ୍‌ପିଏନ୍ ସାହସିକ ପୁରସ୍କାର ଜିତିଲେ ଦୂତୀ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ଷ୍ଟାର୍ ସ୍ପ୍ରିଣ୍ଟର ତଥା ମହିଳା ୧୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିବା ଦୂତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ 'ସାହସିକ ପୁରସ୍କାର' ଜିତିଛନ୍ତି। ଇଏସ୍‌ପିଏନ୍ କ୍ରୀଡ଼ା ଚ୍ୟାନେଲ ପକ୍ଷରୁ ପ୍ରଥମ ଥର ଲାଗି ସାହସିକ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦୂତୀ ଏହାର ପ୍ରଥମ ବିଜେତା ହୋଇଛନ୍ତି। ଉଭୟ ପଡ଼ିଆ ଭିତରେ ଓ ବାହାରେ ଦୂତୀ ସମସ୍ତଙ୍କ ଲାଗି ପ୍ରେରଣାଦାୟୀ ରହିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ ଫେଡେରେଶନ (ଆଇଏଏଏଫ୍)ର ଭେଦଭାବପୂର୍ଣ୍ଣ ହାଇପରଆଣ୍ଡ୍ରୋଜେନିଜମ ନିୟମ ବିରୋଧରେ ଲଢ଼େଇ କରି ପୁନର୍ବାର ଦୌଡ଼ିବା ଲାଗି ଅଧିକାର ଲାଭ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିଭଳି ଦେଶର ପ୍ରଥମ ଆଥ୍‌ଲେଟ୍ ଭାବେ ଦୂତୀ ୨୦୧୯ରେ ସମଲିଙ୍ଗୀ ବୋଲି ନିଜକୁ ଘୋଷଣା କରିଥିଲେ। ଭାରତୀୟ ରୁଢ଼ିବାଦୀ ସମାଜରେ ଏହା ଘୋଷଣା କରି ସେତେବେଳେ ସେ ଖବରର ଶିରୋନାମାରେ ରହିଥିଲେ। ପଡ଼ିଆ ଭିତର ଓ ବାହାରର ଏହି ଦୁଇଟି କାରଣ ଲାଗି ତାଙ୍କୁ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମ 'ସାହସିକ' ପୁରସ୍କାର ବିଜେତା ଭାବେ ଚୟନ କରାଯାଇଥିଲା।



ଦୂତୀ ଚାନ୍ଦ

ବିଶ୍ୱ ଚାମ୍ପିୟନ ତଥା ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଇଏସ୍‌ପିଏନ୍ ପକ୍ଷରୁ ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ପୁରସ୍କାର ହାସଲ କରିଛନ୍ତି। ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ ତୃତୀୟ ଥର ଲାଗି ସିନ୍ଧୁ ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ସେହିଭଳି ଯୁବ ଶୁଟର୍ ସୌରଭ ଚୌଧାରୀ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି।

# ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ ଫେଡରର

ପ୍ୟାରିସ୍,୨୦।୨

ସୁଇଜରଲାଣ୍ଡ କିମ୍ବଦନ୍ତୀ ରୋଜର ଫେଡରର ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ। କେବଳ ଫ୍ରେଞ୍ଚ ଓପନ ନୁହେଁ, ସିଜନର ପ୍ରାୟ କ୍ଲେ କୋର୍ଟ ଇଭେଣ୍ଟରୁ ସେ ବାଦ୍ ପଡ଼ିଛନ୍ତି। ସୁଇଜରଲାଣ୍ଡରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଛି। ପୁରୁଷ ବର୍ଗରେ ସର୍ବାଧିକ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ଅଷ୍ଟ୍ରେଲିଆନ ଓପନରେ ଆହତ ସମସ୍ୟା ସତ୍ତ୍ୱେ ସଂଘର୍ଷ କରିଥିଲେ। ଇଭେଣ୍ଟର ସେମିଫାଇନାଲରେ ଫେଡରରଙ୍କୁ ସର୍ବିଆର ନୋଭାକ ଜୋକୋଭିଚ୍ ହରାଇଥିଲେ। ସେହି ମ୍ୟାଚ୍‌ଠାରୁ ଫେଡରର କୋର୍ଟକୁ ଓହ୍ଲାଇ ନାହାନ୍ତି। ୩୮ ବର୍ଷୀୟ ଖେଳାଳି କହିଛନ୍ତି, ସେ ଦୁବାଇଠାରେ ହେବାକୁ ଥିବା ଏଟିପି ଟୁର୍ଣ୍ଣାମେଣ୍ଟ, ଇଣ୍ଡିଆନ ୱେଲ୍ସ, ବୋଗୋଟା ଓ ମିଆମିରେ ଖେଳିବେ ନାହିଁ। କିଛି ଦିନ ହେଲା ଡାହାଣ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଥିଲି। ଏହା ଧୀରେ ଧୀରେ ଭଲ ହୋଇଯିବ ବୋଲି ଭାବିଥିଲି। କିନ୍ତୁ ଯାଞ୍ଚ ରିପୋର୍ଟ ଓ ମୋ ଟିମ୍ ସହ ଆଲୋଚନା ପରେ ଅର୍ଥସ୍କୋପିକ ସର୍ଜରି କରିବାକୁ ମୁଁ ନିଷ୍ପତ୍ତି ନେଇଥିଲି ବୋଲି ଫେଡରର ଟୁଇଟ୍ କରି ଜଣାଇଛନ୍ତି। ଉଲ୍ଲେଖଥାଉ କି, ସେ ୨୦୧୭ ଓ ୨୦୧୮ରେ ପୂରା କ୍ଲେ କୋର୍ଟ ସିଜନରେ ଖେଳି ନ ଥିଲେ। ଗତବର୍ଷ ସେ ଫ୍ରେଞ୍ଚ ଓପନ ସମେତ କେବଳ ଦୁଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

# ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂ ପାଇଁ ଭାରତ ପ୍ରସ୍ତୁତ

ୱେଲିଂଟନ,୨୦।୨(ପି.ଟି.)

ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଦୁଇ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଘରୋଇ ଦଳ ମଧ୍ୟ ବିଜୟୀ ହେବା ପାଇଁ ଚେଷ୍ଟା କରିବ। ଟେଷ୍ଟ ଚାମ୍ପିୟନଶିପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସର୍ବାଧିକ ୩୬୦ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅତିକମ୍‌ରେ କାଗଜ କଲମରେ ଭାରତ ଫେଭରାଇଟ ମନେହେଉଛି। ତେବେ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ ବେଶ୍ ଶକ୍ତିଶାଳୀ ମନେହେଉଛି।


ଟ୍ରଫି ସହ କେନ ୱିଲିୟମ୍‌ସନ ଓ ବିରାଟ କୋହଲି।

ଶେଷଥର ପାଇଁ ୨୦୧୭ ମାର୍ଚ୍ଚରେ ଘରୋଇ ପରିବେଶ ନ୍ୟୁଜିଲାଣ୍ଡ ଭାରତଠାରୁ ସିରିଜ ପରାଜୟ ବରଣ କରିଥିଲା। ଏହାପରଠାରୁ ନ୍ୟୁଜିଲାଣ୍ଡ ୧୦ଟି ଟେଷ୍ଟରୁ ୫ଟିରେ ବିଜୟୀ ହୋଇଛି। ଗତ ସିରିଜରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆଠାରୁ ୦-୩ରେ ସିରିଜ ପରାଜୟ ବରଣ କରିଥିଲା। ତେଣୁ ନ୍ୟୁଜିଲାଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଅନ୍ୟପଟେ ଭାରତ ଗତବର୍ଷ ଅଷ୍ଟ୍ରେଲିଆରେ ପ୍ରତିକୂଳ ପରିବେଶରେ ଯେପରି ଦମ୍‌ଦାର ପ୍ରଦର୍ଶନ କରି ବାଜି ମାରିଥିଲା, ଠିକ୍ ସେହିଭଳି ଏହି ସିରିଜରେ ନିଜର ପ୍ରଭାବ ଜାହିର କରିବ ବୋଲି ଆଶା କରାଯାଉଛି। ଏହି ଗ୍ରାଉଣ୍ଡରେ ତେରଛା ପବନ ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି କରିଥାଏ।

ଭାରତର ନୂଆ ଓପନିଂ ଯୋଡି ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ନ୍ୟୁଜିଲାଣ୍ଡର କ୍ୱାଲିଟି ତଥା ଉଚ୍ଚକୋଟୀର ପେସ୍ ବୋଲିଂ ସମ୍ମୁଖରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଟ୍ରେଣ୍ଟ ବୋଲ୍ଟ, ଟିମ ସୌଦି ଓ କାଇଲ ଜେମିଶନଙ୍କୁ ନେଇ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେ ହେଉଛି। ଅବଶ୍ୟ ଜେମିଶନ ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରିବେ। ବାମହାତୀ ଦ୍ରୁତ ବୋଲର ନିଲ ୱାଗନରଙ୍କ ଅନୁପସ୍ଥିତି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। ୱାଗନରଙ୍କ ଶର୍ଟ ବଲ ଭ୍ରମଣକାରୀ ବ୍ୟାଟ୍ସମ୍ୟାନଙ୍କୁ ନିଶ୍ଚିତ ଭାବେ ସମସ୍ୟାରେ ପକାଇଥାନ୍ତା। ବାପା ହେବାକୁ ଯାଉଥିବାରୁ ୱାଗନର ଏହି ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସିମର ଅଲ- ରାଉଣ୍ଡର

**ପ୍ରଥମ ଟେଷ୍ଟ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ଭୋର ୪ଟା
- ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

ଡାରିଲ ମିଚେଲ କିମ୍ବା ବାମହାତୀ ଅର୍ଥୋଡକ୍ସ ଅଜାଜ ପଟେଲଙ୍କ ମଧ୍ୟରୁ ଜଣଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବ। ବର୍ଷା ସମ୍ଭାବନା ଥିବାରୁ ଏହି ଖୋଲା ପଡିଆରେ କୋହଲି ଟସ୍ ଜିତିଲେ ଭାରତ ଫାଇଦାରେ ରହିବ। ଯଶପ୍ରୀତ ବୁମ୍‌ରା, ଇଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଧୈର୍ଯ୍ୟର ସହ ଖେଳିବାକୁ ହେବ ବୋଲି କୋହଲି କହିଛନ୍ତି। ପ୍ରତିପକ୍ଷ ଦଳରେ ଧୈର୍ଯ୍ୟଶକ୍ତି ଯେତେ ଥିଲେ ମଧ୍ୟ ଆମ ଖେଳାଳିଙ୍କୁ ଅଧିକ ଧୈର୍ଯ୍ୟ ଅବଲମ୍ବନ କରି ଚାପକୁ ପ୍ରତିହତ କରିବାକୁ ହେବ।

୪ଜଣ ଆଗଧାଡିର ଦ୍ରୁତ ବୋଲର ସହିତ ସିମର ଅଲରାଉଣ୍ଡର କଲିନ ଡି ଗ୍ରାଣ୍ଡହୋମଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବା ଆଶା କରାଯାଉଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇବାର ସମ୍ଭାବନା ରହିଛି। ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ତୁଳନାରେ ଅଶ୍ୱିନଙ୍କ ପାଖରେ ଅଧିକ ବିବିଧତା ରହିଛି।

ପଡିଆରେ ହାଲକା ପବନ ବହିବା ନେଇ ଦୁଇ ଅଧିନାୟକ ଚିନ୍ତାରେ ଥିବେ। ପବନର ଦିଗ ନେଇ ବୋଲରମାନେ ଇନ୍ ସୁଇଙ୍ଗ କିମ୍ବା ଆଉଟ ସୁଇଙ୍ଗ୍ ବୋଲିଂ କରିବେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମା ସେମାନଙ୍କ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ଚେତେଶ୍ୱର ପୂଜାରା, କୋହଲି, ଅଜିଙ୍କ୍ୟ ରାହାନେଙ୍କ ସମେତ ପୃଥ୍ୱୀ, ମୟଙ୍କ ଓ ହନୁମା ବିହାରୀଙ୍କ ପ୍ରଦର୍ଶନ ଉପରେ ଭାରତର ବ୍ୟାଟିଂ ନିର୍ଭର କରିବ। ପବନର ଦିଗ ଓ ଗତି ଅନୁସାରେ ବ୍ୟାଟ୍ସମ୍ୟାନଙ୍କୁ ସତର୍କତାର ସହ ଖେଳିବାକୁ ହେବ ବୋଲି କୋହଲି ସତର୍କ କରାଇଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ନିଶ୍ଚିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଦ୍ଧିମାନ ଶାହ (ଉଇକେଟ କିପର), ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, କଲିନ ଡି ଗ୍ରାଣ୍ଡହୋମ, କାଏଲ ଜେମିଶନ, ଟମ୍ ଲଥାମ, ଡାରିଲ ମିଚେଲ, ହେନେରୀ ନିକୋଲ୍ସ, ଅଜାଜ ପଟେଲ, ଟିମ ସୌଦି, ରସ୍ ଟେଲର ଓ ବିଜେ ୱାଟଲିଂ।

**ଜନ୍ମଦିନ ଶୁଭେଚ୍ଛା**



ଅଭିନନ୍ଦନ ଘଡେଇ
ବାଙ୍କାବଜାର, ଘଡେଇ ସାହି, ଭଦ୍ରକ
ଅତୁଟ ଅମଳିନ ସ୍ନେହ ଓ ଆଦରର ବନ୍ଧନର ଏକ ଗୋଟି ବରଷ ବିତିଯାଇ ଅଛି। ତୁମେ ଋତୁରାଜ ବସନ୍ତ ପରି ଅମିତ ଅପ୍ରମିତ ସ୍ନେହ ଦେଇ ଶ୍ରଦ୍ଧାବାଣ୍ଟି ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କର କରୁଣାରୁ ସଦା ସୁସ୍ଥରହି ଯଶସ୍ୱୀ ହୁଅ। ଆଜି ଜନ୍ମଦିନ ଅବସରରେ ତୁମକୁ ଶୁଭେଚ୍ଛାସହ: ଜେଜେ ବାପା, ଜେଜେ ମା', ବାବା, ମାମା, କାକା, ଅଜା, ଆଈ, ମାମୁ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୧୨

**ଜନ୍ମବାର୍ଷିକ ଶୁଭେଚ୍ଛା**



ଶିବ, ମାମା
CDA, Sector-9, Cuttack
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଜି ମହାଶିବରାତ୍ରି ଜାଗରରେ ତୁମ ଦୁଇ ଭାଇ ଭଉଣୀଙ୍କ ଜନ୍ମଦିନରେ ଭଗବାନଙ୍କ ପାଖରେ ପ୍ରାର୍ଥନା ତୁମ ଚଲାପଥ କୁସୁମିତ ହେଉ, ଦୀର୍ଘାୟୁ ହେଉ। ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
-:ତୁମ ଜନ୍ମଦିନ ଅବସରରେ ଶୁଭେଚ୍ଛା:-
ବାପା, ବୋଉ, ଭାଇ, ଭାଉଜ, ଶିବ, ଅରୁ, ମାମା, ରିଙ୍କି, ନୈନା, ନିଖିଲ, ବାବୁନା, ଗୁଡ୍ଡୁ, ସୁଜା ଏବଂ ପରିବାରବର୍ଗ, ସାଙ୍ଗମାନେ।
ଧ-୧୬୭୭୧

# ଦିବ୍ୟା, ପିଙ୍କି, ସରିତାଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ଭାରତୀୟ ରେସ୍‌ଲର ଦିବ୍ୟା କାକ୍ରାନ, ପିଙ୍କି ଓ ସରିତା ମୋର୍ ଏଠାରେ ଚାଲିଥିବା ଏସିଆନ ମହିଳା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନିର୍ମଳା ଦେବୀ ଦେଶ ପାଇଁ ଏକ ରୌପ୍ୟ ଆଣିଦେଇଛନ୍ତି। ୫ ଜଣ ରେସଲରଙ୍କୁ ନେଇ ଅନୁଷ୍ଠିତ ୬୮ କେଜି କାଟେଗୋରି ଇଭେଣ୍ଟରେ ଦିବ୍ୟା ବିଶ୍ୱ ଜୁନିୟର ଚାମ୍ପିୟନ ଜାପାନର ନାହୁହା ମାତ୍ ସୁୟୁକିଙ୍କ ସମେତ ତାଙ୍କର ସମସ୍ତ ୪ଟି ବାଉଟ୍‌ରେ ବିଜୟ ହାସଲ କରିଛନ୍ତି। ପ୍ରତିଯୋଗିତା ରାଉଣ୍ଡ ରବିନ ଫର୍ମାଟରେ ହେଉଛି। ଏସିଆନ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ନବଜୋତ କୌର ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ରେସ୍‌ଲର। ସେ ୨୦୧୮ ବିଶ୍‌କେକ୍‌ଠାରେ ୬୫ କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ପରେ ଏଠାରେ ଦିବ୍ୟା, ପିଙ୍କି ଓ ସରିତା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପିଙ୍କି ମହିଳା ୫୫କେଜି ଫାଇନାଲରେ ମଙ୍ଗୋଲିଆର ଡୁଲ୍‌ଗୁନ୍ ବୋଲରମାଙ୍କୁ ୨-୧ରେ ହରାଇ ଦେଇଥିଲେ। ୫୦କେଜି କାଟେଗୋରି ଫାଇନାଲରେ ନିର୍ମଳା ଅଲ୍ପକେ ଜାପାନର ମିହୋ ଇଗାରାସିଙ୍କଠାରୁ ୨-୩ରେ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଗୁରୁବାର ୫୯କେଜି କାଟେଗୋରି ଫାଇନାଲରେ ସରିତା ମଙ୍ଗୋଲିଆର ବାଟ୍‌ସେଟ୍‌ସେଗ୍ ଆଟ୍‌ଲାଣ୍ଟସେଟସେଗ୍‌ଙ୍କ ବିପକ୍ଷ ମୁକାବିଲା ୩-୨ରେ ବିଜୟ ହାସଲ କରିଥିଲେ। କରୋନା ଭାଇରସ ଜନିତ କାରଣରୁ ଚାଇନିଜ ରେସ୍‌ଲରମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇ ନାହାନ୍ତି। ଜାପାନ ମଧ୍ୟରେ ଏହାର ଶ୍ରେଷ୍ଠ ରେସ୍‌ଲରମାନଙ୍କୁ ପଠାଇ ନାହିଁ। ଫଳରେ ଭାରତୀୟ ରେସ୍‌ଲରମାନେ ଏଥିରୁ ଫାଇଦା ଉଠାଇଥିବା କୁହାଯାଉଛି।

## ବାସନ୍ଦ ହେଲେ ଉମର ଆକମଲ

କରାଚୀ,୨୦।୨: ପାକିସ୍ତାନ ଦଳରୁ ବାଦ୍ ପଡ଼ିଥିବା ଉମର ଆକମଲଙ୍କ କ୍ୟାରିୟରକୁ ଗୁରୁବାର ଶକ୍ତ ଝଟ୍‌କା ଲାଗିଛି। ଏହି ବ୍ୟାଟ୍ସମ୍ୟାନଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାସନ୍ଦ କରିଛି। ଭ୍ରଷ୍ଟାଚାର ବିରୋଧୀ ଯାଞ୍ଚ ପରେ ତାଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। କିନ୍ତୁ ପିସିବି ପକ୍ଷରୁ ଜୁନିୟର ଆକମଲ କେଉଁଭଳି ନିୟମ ଭଙ୍ଗ କରିଥିଲେ, ତାହା ସ୍ପଷ୍ଟ କରାଯାଇନାହିଁ। ପିସିବି ଆକମଲଙ୍କୁ ତୁରନ୍ତ ବାସନ୍ଦ କରିଛି। ସେ କ୍ରିକେଟ ଜଡ଼ିତ କୌଣସି ଇଭେଣ୍ଟ କିମ୍ବା କାର୍ଯ୍ୟ କରିପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତଦନ୍ତ ଜାରି ରହିଥିବାରୁ, ପିସିବି ପକ୍ଷରୁ ଅଧିକ ତଥ୍ୟ ଦିଆଯାଇ ନାହିଁ। ଉମରଙ୍କ ପିଏସ୍‌ଏଲ ଦଳ କ୍ୱେଟା ଗ୍ଲାଡିଏଟର୍ସର ଉଦ୍‌ଘାଟନୀ ମ୍ୟାଚ୍‌ର କିଛି ଘଣ୍ଟା ପୂର୍ବରୁ ପିସିବି ଏଭଳି ଘୋଷଣା କରିଛି। ଗ୍ଲାଡିଏଟର୍ସ ଦଳକୁ ଉମରଙ୍କ ବଦଳ ଖେଳାଳି ଲାଗି ଆବେଦନ କରିବାକୁ ଅନୁମତି ଦିଆଯାଇଛି। ପାକିସ୍ତାନ ଉଇକେଟକିପର ବ୍ୟାଟ୍ସମ୍ୟାନ କମରାନ ଆକମଲଙ୍କ ସାନ ଭାଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ଲାଗି ୧୬ ଟେଷ୍ଟ, ୧୨୧ ଦିନିକିଆ ଓ ୮୪ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ଯଥାକ୍ରମେ ୧୦୦୩, ୩୧୯୪ ଓ ୧୬୯୦ ରନ୍ କରିଛନ୍ତି। ସେ ନ୍ୟୁଜିଲାଣ୍ଡ ବିପକ୍ଷ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରି ଚର୍ଚ୍ଚାକୁ ଆସିଥିଲେ। କ୍ୟାରିୟରର ଆରମ୍ଭରେ ସେ ବହୁ ସଫଳତା ପାଇଥିଲେ। କିନ୍ତୁ ଧୀରେ ଧୀରେ କ୍ରମାଗତ ପ୍ରଦର୍ଶନ କରିବାରେ ବିଫଳ ହେଲେ ଓ ଏଥିଯୋଗୁ ଜାତୀୟ ଦଳରୁ ତାଙ୍କୁ ସ୍ଥାନ ହରାଇବାକୁ ପଡ଼ିଥିଲା। ନିକଟରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଟ୍ରେନରଙ୍କ ସହ ଖରାପ ବ୍ୟବହାର କରିବା ଲାଗି ବାସନ୍ଦାଦେଶରୁ ବର୍ତ୍ତି ଯାଇଥିଲେ।

# ଭାରତ-ଅଷ୍ଟ୍ରେଲିଆ ପ୍ରୋ ମୁକାବିଲା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହେବ। ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ବିଶ୍ୱର ଏହି ଅନ୍ୟତମ ଶକ୍ତିଶାଳୀ ଦଳକୁ ମୁକାବିଲା ପାଇଁ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଭାରତୀୟ ଦଳ ଭଲଭାବେ ପ୍ରସ୍ତୁତି କରିଛି। ୨ଟି ଯାକ ମ୍ୟାଚ ରାତି ୭ଟାରେ ଅନୁଷ୍ଠିତ ହେବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବରରେ ଥିବା ଭାରତ ଓ ୨ ନମ୍ବର ଅଷ୍ଟ୍ରେଲିଆ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୪ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଭାରତ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହିତ ୮ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟାକ ମ୍ୟାଚ ଖେଳି ୧ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଚଳିତ ସିଜନରେ ଭାରତ ପ୍ରଥମେ ନେଦରଲାଣ୍ଡ୍ସ ଓ ପରେ ବିଶ୍ୱ ଚାମ୍ପିୟନ ବେଲଜିୟମକୁ ଭେଟିଥିବାବେଳେ ଅଷ୍ଟ୍ରେଲିଆର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବେଲଜିୟମ ଓ ଗ୍ରେଟ୍ ବ୍ରିଟେନ। ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଭାରତ ୧ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟଲାଭ କରିଥିବାବେଳେ ବେଲଜିୟମ ବିପକ୍ଷରେ ୧ ବିଜୟ ଓ ୧ ପରାଜୟ ପାଇଥିଲା। ଅନ୍ୟପକ୍ଷରେ ବେଲଜିୟମ ନିକଟରୁ ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରେ ଗ୍ରେଟ୍ ବ୍ରିଟେନକୁ ୧ ଶୁଟଆଉଟ ଓ ୧ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରେକର୍ଡ ଅନୁସାରେ ୨୦୧୩ଠାରୁ ଏପର୍ଯ୍ୟନ୍ତ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୋଟ ୩୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଅଷ୍ଟ୍ରେଲିଆ ୨୨ଟି ମ୍ୟାଚ ଜିତିଥିବାବେଳେ ଭାରତ ୬ଟି ଜିତିଛି ଏବଂ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି।


 କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତୀୟ ଦଳର ଅଭ୍ୟାସ।

**ସ୍ଥିର ପ୍ରଦର୍ଶନରେ ସକ୍ଷମ ହୋଇଛୁ: ରିଡ୍**

“ପ୍ରୋ ଲିଗ୍‌ରେ ଆମେ ନେଦରଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଖେଳିଥିବା ୪ଟି ମ୍ୟାଚରେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛୁ। ବିଶ୍ୱର ଶୀର୍ଷ ୩ରୁ ଆମେ ୨ଟି ଦଳକୁ ଭେଟି ସାରିଛୁ। ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆମେ ପ୍ରସ୍ତୁତ ବୋଲି ଏହି ମ୍ୟାଚ ଗୁଡ଼ିକରେ ପ୍ରମାଣିତ କରିଛୁ। ବିଶ୍ୱର ୨ ନମ୍ବର ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ଅଛୁ। ପୂର୍ବ ୨ ମ୍ୟାଚ ଖେଳିବାପରେ ଆମ ଖେଳାଳିଙ୍କ ମନୋବଳ ବୃଦ୍ଧି ପାଇଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଆମେ ପ୍ରୋ ଲିଗ୍‌ରେ କ୍ରମାଗତଭାବେ ଶକ୍ତିଶାଳୀ ଦଳ ଗୁଡ଼ିକ ବିପକ୍ଷରେ ଖେଳି ଆସିଛୁ। ତେଣୁ ଗେମ୍ ଉପରେ ଫୋକସ କରିବା ପ୍ରତି ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଭିନ୍ନ ଦଳର ଚ୍ୟାଲେଞ୍ଜକୁ ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ” ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ପରୀକ୍ଷା ନିରୀକ୍ଷା ଚାଲିଛି: ବ୍ୟାଚ୍**

ନେଦାଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଭାରତର ପ୍ରଦର୍ଶନ ଦର୍ଶନୀୟ ଥିଲା। ପ୍ରଦର୍ଶନରେ ସ୍ଥିରତା ରଖିଥିବାରୁ ଆଗାମୀ ମ୍ୟାଚରେ କ'ଣ କରିବାକୁ ପଡ଼ିବ ତାହା ସେମାନେ ଜାଣିଛନ୍ତି। ଏହି ଦଳର ମନୋବଳ ବହୁତ ଉପରେ, ତେବେ ଆମେ ଏହି ମ୍ୟାଚ ପାଇଁ ଭଲଭାବେ ପ୍ରସ୍ତୁତି କରିଛୁ। ଆମେ କେବଳ ଆଗାମୀ ୨ଟି ମ୍ୟାଚ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ। ଆଗକୁ ଟୋକିଓ ଅଲିମ୍ପିକ୍ସ ଆସୁଥିବାରୁ ପ୍ରୋ ଲିଗ୍‌ରେ ଶୀର୍ଷ ଦଳ ଗୁଡ଼ିକ ବିପକ୍ଷ ମ୍ୟାଚକୁ ଆମେ ଉପଭୋଗ କରୁଛୁ। ଭିନ୍ନଭିନ୍ନ ଲାଇନ୍‌ଅପ୍‌କୁ ନେଇ ଆମେ ଖେଳୁଛୁ। ଅଲିମ୍ପିକ୍ସ ପାଇଁ ଶ୍ରେଷ୍ଠ ଲାଇନ୍‌ଅପ୍ ପ୍ରସ୍ତୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଆମପରି ଅନ୍ୟ ଦଳ ଗୁଡ଼ିକ ମଧ୍ୟ ସେହି ରଣନୀତି ଅବଲମ୍ବନ କରୁଥିବା ମୁଁ ଅନୁଭବ କରୁଛି ବୋଲି ଅଷ୍ଟ୍ରେଲିଆ ହକି କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି।

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

CLASSIFIED DISPLAY



ବାସ୍ ଏବେ ଆଉ ଦୁଃଖ କାହିଁକି?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍‌ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶିକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ଲାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

# ଆଜିଠାରୁ ମହିଳା ଟି୨୦ ବିଶ୍ୱକପ୍

ସିଡ୍‌ନୀ,୨୦।୨(ପି.ଟି.)

ଅଷ୍ଟ୍ରେଲିଆରେ ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହେବେ। ଭାରତୀୟ ମହିଳା ଦଳ ସମ୍ମୁଖରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଭାରତ ତା'ର ପ୍ରଦର୍ଶନରେ ସ୍ଥିରତା ଆଣିବାକୁ ପ୍ରୟାସ କରିବ। ଦୀର୍ଘଦିନ ହେବ ଭାରତୀୟ ଦଳ ଅସ୍ଥିର ପ୍ରଦର୍ଶନ ପାଇଁ ମୂଲ୍ୟ ଦେଇଆସୁଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଅଷ୍ଟ୍ରେଲିଆରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା। ଏହି ସିରିଜରେ ଭାରତ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଶେଷରେ ବିଫଳ ହୋଇଥିଲା। ଶକ୍ତିଶାଳୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଜିତିବା ସହିତ ପରାସ୍ତ ହୋଇଥିଲା। ଶେଷରେ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ଗତ ୬ଟି ସଂସ୍କରଣରୁ ୪ଟିରେ ଟାଇଟଲ ଜିତିଛି।


ମେଗ୍ ଲାନିଂ ଓ ହରମନପ୍ରୀତ କୌର।

- ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଡିଡି ନ୍ୟାଶନାଲ

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ହରଲିନ ଦେଓଲ, ରାଜେଶ୍ୱରୀ ଗାଏକ୍ୱାଡ, ରିଚା ଘୋଷ, ବେଦା କ୍ରିଷ୍ଣମୂର୍ତ୍ତି, ସ୍ମୃତି ମନ୍ଧାନା, ଶିଖା ପଣ୍ଡେ, ଅରୁନ୍ଧତି ରେଡ୍ଡୀ, ଜେମିମା ରୋଡ୍ରିଗୁଏଜ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଶେଫାଳି ବର୍ମା, ପୁନମ ଯାଦବ ଓ ରାଧା ଯାଦବ।

ଅଷ୍ଟ୍ରେଲିଆ ଦଳ: ମେଗ୍ ଲାନିଂ (ଅଧିନାୟିକା), ଏରିନ ବର୍ନ୍ସ, ନିକୋଲା କାରେ, ଆଶଲେ ଗାର୍ଡନର, ରାଚେଲ ହେନ୍ସ (ଉପ-ଅଧିନାୟିକା), ଅଲିସା ହିଲି, ଜେସ ଜୋନାସିନ, ଡେଲିସା କିମିନ୍ସ, ସୋଫି ମୋଲିନେକ୍ସ, ବେଥ୍ ମୁନି, ଏଲିସ ପେରୀ, ମେଗାନ ସ୍କଟ, ଆନାବେଲ ସଦରଲାଣ୍ଡ, ଟେଲା ଭ୍ଲାଏମିଙ୍କ୍ ଓ ଜର୍ଜିଆ ୱାରେହାମ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୋବିନ୍ଦ ସାହୁ
ଦିୱାନ ପୋଖରୀ ରୋଡ, କୋଦଳା, ଗଞ୍ଜାମ
ଆବିର୍ଭାବ: ୦୧।୦୭।୧୯୨୬
ତିରୋଧାନ: ୦୩।୦୩।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା, ତଥାପି ତୁମେ ଆମ ଗହଣରେ ଥିଲାପରି ଲାଗ। ତୁମର ସ୍ମୃତି, ଘରପ୍ରତି ସ୍ନେହ, ମମତା ଓ କାର୍ଯ୍ୟକଳାପ ଆମ୍ଭମାନଙ୍କ ହୃଦୟକୁ ବ୍ୟଥିତ କରୁଛି। ଠାକୁର ତୁମର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପୁଅ: ଅଜିତ୍ ଓ ଅବନ୍ତି, ବୋହୂ: ସର୍ମିଷ୍ଠା ଓ ବନିତା, ଝିଅ: ନଳିନୀ ପ୍ରଭା, ରେଣୁପ୍ରଭା, ରଶ୍ମିରାଣୀ, ଜ୍ୱାଇଁ: ବିଜୟ, ବନମାଳୀ, ଶରତଚନ୍ଦ୍ର, ନାତି, ନାତୁଣୀ: ବାଦଲ, ପ୍ରିୟଙ୍କା, ଶଙ୍କର, ଟୁଟୁ, ଲିଟୁ, ଜଲି ଓ ଲିଲି ଓ ଆତ୍ମୀୟସ୍ୱଜନ।
ଧ-୬୬୬୩୨

**ଶ୍ରଦ୍ଧାଞ୍ଜଳି ବିଂଶତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା କନକଲତା ବେହେରା
ସ୍ୱାମୀ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା
ପୁଅ- ଓମ୍‌ପ୍ରକାଶ, ସତ୍ୟପ୍ରକାଶ
ବୋହୂ- ସନ୍ତୋଷୀ, ପିଙ୍କି
ଝିଅ- ରଶ୍ମିତା, ଜ୍ୱାଇଁ- ଡା. ଜଗଦୀଶ
ନାତି, ନାତୁଣୀ, ଯାଆ, ଦେଢ଼ଶୁର, ପୁତୁରା, ଝିଆରୀମାନେ
ନାରାୟଣ ମେଡିକାଲ ଷ୍ଟୋର, ରାଇକିଆ
ତିରୋଧାନ: ମହାଶିବରାତ୍ରି ୨୦୦୦
ତୁମର ସ୍ମୃତି ଆମ୍ଭମାନଙ୍କ ଠାରେ ଅଭୁଲା ହୋଇ ରହିବ। ତୁମର ଆଦର୍ଶ, କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୧୬୮୦୪

**ଦଶମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତା ସରସ୍ୱତୀ ବେହେରା
Qr. No-Type-II- 8/5, Unit-3, Bhubaneswar
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଭୁଲି ହେବ ନାହିଁ ସେ ପବିତ୍ର ଜାଗର ତିଥିରେ ଆମକୁ ଏକା କରି ଚାଲିଗଲ ପ୍ରଭୁଙ୍କ ଶରଣକୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୦୯

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଜୟନ୍ତ କୁମାର ଚୌଧୁରୀ
ସ୍ଥାନ/ ପୋଷ୍ଟ- ବେଲାମ, ମୟୂରଭଞ୍ଜ
ଆବିର୍ଭାବ: ୩୧।୦୧।୧୯୬୯
ତିରୋଧାନ: ୧୧।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୧୬୮୧୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ Sambalpur, Friday, February 21 / 2020

# ଅଶ୍ଳୀଳ ମେସେଜ ପଠାଇ ବୃଦ୍ଧ ଗିରଫ

**ଭଦ୍ରକ ଅଫିସ, ୨୦।୨**

ଯୁବତୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ବୃଦ୍ଧ ହେଲେ ଗ୍ରାମାଞ୍ଚଳ ଥାନା ଏରେଇଁ ଗ୍ରାମର ଶହୀଦ ହସ୍‌ମତ ସରିଫ। ସୂଚନା ଅନୁଯାୟୀ, ସରିଫଙ୍କ ନିଜ ଘର ଜଟଣୀ ଅଞ୍ଚଳରେ। ସେ ଏଫ୍‌ସିଆଇରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ଅବସର ନେବା ପରେ ୨୦୦୨ରୁ ସେ ଭଦ୍ରକ ଜିଲା ଚରମ୍ପାର ଏରେଇଁଠାରେ ପରିବାର ସହ ରହୁଥିଲେ। ସେ ସ୍ଥାନୀୟ ଅଞ୍ଚଳର ଏକାଧିକ ଯୁବତୀଙ୍କ ହ୍ୱାଟସପ୍ ନମ୍ବର ସଂଗ୍ରହ କରି ଅଶ୍ଳୀଳ ମେସେଜ ପଠାଉଥିଲେ। ଏ ନେଇ ଗାଁର ସୁକାନ୍ତ କୁମାର ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୧୬/୨୦) ରୁଜୁ କରାଯାଇ ପୋଲିସ ସରିଫଙ୍କୁ ଗିରଫ କରିଛି। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗ୍ରାମାଞ୍ଚଳ ପୋଲିସ କହିଛି।

# ସେନା ଚାକିରି ପାଇଁ ୨୨୦ କି.ମି. ଦୌଡ଼ିଲେ ସୌରଭ

**ପୁରୀ ଅଫିସ, ୨୦।୨**

ଭାରତୀୟ ସେନାରେ ଯୋଗଦେବାକୁ ପିଲାଟି ଦିନରୁ ରହିଛି ଆଗ୍ରହ। ବାପା ବି ଚାହୁଁଛନ୍ତି ତାଙ୍କ ପୁଅ ସୈନ୍ୟ ବାହିନୀରେ ଯୋଗଦେଇ ଦେଶ ମାତୃକାର ସେବା କରୁ। ନିଜର ଆଗ୍ରହ ଏବଂ ବାପାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ସେ ସେନାରେ ନିଯୁକ୍ତି ନିମନ୍ତେ ପରୀକ୍ଷା ଦେଉଛନ୍ତି। ହେଲେ ଲିଖିତ ପରୀକ୍ଷାରେ ବାରମ୍ବାର ଝୁଣ୍ଟି ପଡୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଲେ ସଫଳତା ମିଳିବ ବୋଲି ବାପା କହିଲେ। ଆଉ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଭଦ୍ରକରୁ ଦୌଡ଼ି ଦୌଡ଼ି ପୁରୀରେ ପହଞ୍ଚିଛନ୍ତି ସୌରଭ ସେଠୀ। ୨୨ ବର୍ଷୀୟ ଏହି ଯୁବକ ୨୮ ଘଣ୍ଟାରେ ଅତିକ୍ରମ କରିଛନ୍ତି ୨୨୦ କି.ମି. ରାସ୍ତା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜର ମନସ୍କାମନା ଜଣାଇଛନ୍ତି।

ଭଦ୍ରକ ଜିଲା ବନ୍ତ ଅଞ୍ଚଳର ଉଦୟନାଥ ସେଠୀ ଫରେଷ୍ଟର ଚାକିରି କରୁଥିଲେ। ହେଲେ ବ୍ୟକ୍ତିଗତ କାରଣରୁ ଚାକିରି ଛାଡ଼ିଦେଲେ। ଖାକି ବର୍ଦ୍ଦି ପ୍ରତି କିନ୍ତୁ ତାଙ୍କର ଦୁର୍ବଳତା ଥିବାରୁ ତାଙ୍କ ୫ ପୁଅଙ୍କୁ ପୋଲିସ ଏବଂ ସୈନ୍ୟବାହିନୀରେ ପଠାଇବାକୁ ଇଚ୍ଛା କରିଥିଲେ। ବଡ଼ପୁଅ ହରେକୃଷ୍ଣ ବନ୍ତରେ ହୋମିଓ କ୍ଲିନିକ କରିଥିବାବେଳେ ଦ୍ୱିତୀୟ ପୁଅ ସନ୍ତୋଷ ଓଡ଼ିଶା ପୋଲିସରେ, ଚତୁର୍ଥ ପୁଅ ଅରୁଣ ସିଆଇଏସ୍ଏଫ୍‌ରେ ଆଉ ସାନପୁଅ ସିଆର୍‌ପିଏଫ୍‌ର କୋବ୍ରା କମାଣ୍ଡୋରେ କାର୍ଯ୍ୟରତ। ତୃତୀୟ ପୁଅ ସୌରଭ। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ। ପିଲାଟି ଦିନରୁ ଖେଳକୁଦରେ ତାଙ୍କର ଆଗ୍ରହ ରହିଥିଲା। ସ୍କୁଲ କ୍ୟାରିୟରରୁ ପ୍ରତ୍ୟହ ବ୍ୟାୟାମ କରିବା ସହ ୧୦ରୁ ୧୫ କି.ମି. ଦୌଡ଼ିଆନ୍ତି, ଯାହାକୁ ଏବେ ବି ଜାରି ରଖିଛନ୍ତି। ୩ ଭାଇ ଖାକି ବର୍ଦ୍ଦି ପିନ୍ଧୁଛନ୍ତି। ତେଣୁ ସୌରଭଙ୍କ ଉପରେ ବି ଏହାର ପ୍ରଭାବ ପଡ଼ିଛି। ସେ ବି ସେନାରେ ଯୋଗଦେବା ପାଇଁ ଚେଷ୍ଟା ଚଳାଇଛନ୍ତି। ସେହିପରି ପୁଅ ସେନା ପୋଷାକ ପିନ୍ଧୁ ଏବଂ ଦେଶ ସେବା କରୁ ଏହା ଚାହୁଁଛନ୍ତି ପିତା ଉଦୟନାଥ। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ ଓ ନିଜର ଆଗ୍ରହ ଲାଗି ସୌରଭ ଏକାଧିକ ଥର ପରୀକ୍ଷା ଦେଲେଣି। ମାତ୍ର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ପାଇଲେ ନିଶ୍ଚିତ ସଫଳ ହେବୁ ବୋଲି ବାପା କହିଲେ। ତେଣୁ ବାପାଙ୍କ କଥା ରଖିବେ, କିନ୍ତୁ ବସ୍ କି ଟ୍ରେନରେ ନୁହେଁ, ଦୌଡ଼ି ଦୌଡ଼ି ପୁରୀ ଆସିବେ ବୋଲି ନିଷ୍ପତ୍ତି ନେଲେ ସୌରଭ। କାରଣ ସେନା ପରୀକ୍ଷାର ଏକ ଅଂଶ ହେଉଛି ଦୌଡ଼। ନିଜକୁ ପ୍ରମାଣିତ କରିବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିଲେ। ପରିବାର ଲୋକେ ଏବଂ ସାଙ୍ଗସାଥୀ ତାଙ୍କର ଏହି ଦୁଃସାହସିକ ନିଷ୍ପତ୍ତିକୁ ସମର୍ଥନ ଜଣାଇ ଥିଲେ। ପୂର୍ବରୁ ଅର୍ଥାତ୍ ଗତ ୪ ତାରିଖରେ ସୌରଭ ବନ୍ତରୁ ଘଟଗାଁ ୬୬ କି.ମି. ରାସ୍ତାକୁ ଦୌଡ଼ି ଅତିକ୍ରମ କରିବା ସହ ମା’ ତାରିଣୀଙ୍କ ଦର୍ଶନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ପୁରୀ ଦୌଡ଼ିବାକୁ ସ୍ଥିର କରିଥିଲେ ସୌରଭ।

ବୁଧବାର ସକାଳ ୭ଟାରୁ ବନ୍ତରୁ ଆରମ୍ଭ ହୋଇଥିଲା ସୌରଭଙ୍କ ଦୌଡ଼। ହାତରେ ଜାତୀୟପତାକା ଧରି ସେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ସାଥୀରେ ଭାଇ ଅରୁଣଙ୍କ ସମେତ ବହୁ ସାଥି କାର୍ ଓ ବାଇକ୍‌ରେ ଆସିଥିଲେ। ବାଟରେ କେଉଁଠି ପଇଡ଼, ଜୁସ୍, ପାଣି ପିଇବା ଏବଂ ନିତ୍ୟକର୍ମ ପାଇଁ ଅଳ୍ପ କିଛି ସମୟ ଅଟକୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ମହାପ୍ରଭୁଙ୍କୁ ହାତଯୋଡ଼ି ମୁଣ୍ଡିଆ ମାରିଥିଲେ। ପରେ ସ୍ନାନ, ଶୌଚ ଆଦି ନିତ୍ୟକର୍ମ ଶେଷ କରି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମନ କଥା ଜଣାଇଥିଲେ। ସୌରଭଙ୍କ ସମ୍ପର୍କରେ ଖବର ପାଇ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସେବାୟତ ବିନାୟକ ଦାସମହାପାତ୍ର, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ସିଂହଦ୍ୱାରଠାରେ ପହଞ୍ଚି ତାଙ୍କୁ ସ୍ୱାଗତ କରିଥିଲେ। ମହାପ୍ରଭୁ ତାଙ୍କୁ ଆଶୀର୍ବାଦ ଦିଅନ୍ତୁ, ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତୁ ବୋଲି କ୍ରୀଡ଼ା ଅଧିକାରୀ ସାହୁ କହିଥିଲେ।

ଏହି ନିଆରା ପ୍ରୟାସ ସମ୍ପର୍କରେ ସୌରଭ କହିଛନ୍ତି, ବାପାଙ୍କ ସ୍ୱପ୍ନ ଓ ନିଜର ଇଚ୍ଛାକୁ ପୂରଣ କରିବା ପାଇଁ ମୁଁ ଏଭଳି ନିଷ୍ପତ୍ତି ନେଲି। ସେନାରେ ଯୋଗଦେବା ଲାଗି ଏକାଧିକ ଥର ପରୀକ୍ଷା ଦେଲିଣି, ହେଲେ ଲିଖିତ ପରୀକ୍ଷାରେ କଟିଯାଉଛି। ନିକଟରେ ମା’ ତାରିଣୀଙ୍କ ପାଖକୁ ଦୌଡ଼ି ଦୌଡ଼ି ଯାଇ ଦର୍ଶନ କରି ମୋ’ ଗୁହାରି ଜଣାଇଥିଲି। ଏବେ ମହାପ୍ରଭୁଙ୍କୁ ଭରସା କରି ତାଙ୍କ ଆଶୀର୍ବାଦ ପାଇଁ ଦୌଡ଼ି ଦୌଡ଼ି ପୁରୀ ଆସିଛି।




ପୁରୀରେ ପହଞ୍ଚିଥିବା ସୌରଭ ସେଠୀ।

# ସ୍ତ୍ରୀଙ୍କୁ କୋଦାଳରେ ଆକ୍ରମଣ

**ଭଣ୍ଡାରିପୋଖରୀ, ୨୦।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ ଅଧୀନ ପିରିପୁର ଗ୍ରାମରେ ଘରୋଇ କଳହରୁ ସ୍ୱାମୀଙ୍କ କୋଦଳ ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ କଳିଝଗଡ଼ା ହେଉଥିଲା। ଏ ନେଇ ବାରମ୍ବାର ଥାନାକୁ ଅଭିଯୋଗ ଆସୁଥିଲେ ମଧ୍ୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ ହୋଇଯାଉଥିଲା। ବୁଧବାର ରାତିରୁ ଟଙ୍କାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଗୁରୁବାର ଏହି ଝଗଡ଼ା ଉଗ୍ରରୂପ ଧାରଣ କରିଥିଲା। ବ୍ୟକ୍ତି ଜଣଙ୍କ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡ ଓ ମୁହଁକୁ କୋଦାଳ ସାହାଯ୍ୟରେ ଆକ୍ରମଣ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପିରିପୁରରେ ପହଞ୍ଚି ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

# ସାନଭାଇ କାଠ ଫାଳିଆ ମାଡ଼ରେ ବଡ଼ଭାଇ ମୃତ

## ମୃତଦେହକୁ ୭ କିଲୋମିଟର ଖଟିଆରେ ବୁହାଗଲା

**ମୋହନଗିରି, ୨୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ପାହାଡ ଉପରେ ଥିବା ଆଦିବାସୀ ଗ୍ରାମ କାମରେଙ୍ଗରେ ଗତ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଥିଲା । ସମ୍ପର୍କୀୟ ସାନଭାଇଙ୍କ କାଠ ଫାଳିଆ ମାଡରେ ବଡ଼ଭାଇ ଗୁରୁତର ହୋଇଥିଲେ । ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ କାମରେଙ୍ଗ ଗ୍ରାମର ମାନା ମାଝି (୫୦)। ହତ୍ୟାର କାରଣ ସ୍ପଷ୍ଟ ଜଣାପଡି ନ ଥିଲେ ବି ପୂର୍ବ ଶତ୍ରୁତାକୁ ନେଇ ଏହି ଦୁଃଖଦ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛି।

ସୂଚନା ମୁତାବକ କାମରେଙ୍ଗ ଗ୍ରାମର ମାନା ନିଜ ଘରେ ଶୋଇଥିବା ବେଳେ ସନ୍ଧ୍ୟା ସାଢେ ୭ଟା ବେଳେ ତାଙ୍କ ସମ୍ପର୍କୀୟ ଭାଇ ଗସା ମାଝି (୪୦) ଘର କବାଟ ଭାଙ୍ଗି ହଠାତ୍ ପଶି ଆସିଥିଲେ। ଏହାପରେ ସେ ଅତର୍କିତ ଭାବେ ଏକ କାଠ ଫାଳିଆରେ ମାନାଙ୍କ ମୁଣ୍ଡକୁ ପିଟି ଚାଲିଥିଲେ। ଏଥିରେ ମାନା ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଏକ ଖଟିଆରେ ୭ କି.ମି. ଦୂର ନୂଆଁଗାଁକୁ ଆଣିଥିଲେ । ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ମ.ରାମପୁର ପରେ ଭବାନୀପାଟଣା ଡାକ୍ତରଖାନା ଆଣିଥିଲେ । ହେଲେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କାରାଯାଉଥିବା ବେଳେ ବଲାଙ୍ଗୀର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଗୁରୁବାର ଗାଁ ଲୋକ ମୃତଦେହକୁ ଖଟିଆରେ ବୋହି ନେଇ ସତ୍କାର କରିଛନ୍ତି । ଏସମ୍ପର୍କରେ ମୃତକଙ୍କ ଭାଇ ମ.ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।



ବ୍ୟବଚ୍ଛେଦ ପରେ ମୃତଦେହକୁ ୭ କି.ମି. ଦୂର ପାହାଡିଆ ରାସ୍ତାରେ ଗାଁ ଲୋକେ ବୋହି ନେଉଛନ୍ତି ।




# ବ୍ରାଉନସୁଗାର ଜବତ: ମହିଳା ଗିରଫ

**ଭଦ୍ରକ ଅଫିସ,୨୦।୨-** ଭଦ୍ରକ ବଉଳପୋଖରୀ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ମହିଳାଙ୍କୁ କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ ଗୁରୁବାର ରାତିରେ ଗିରଫ କରିଛି। ଗିରଫ ମହିଳାଙ୍କ ନାଁ କଲ୍ୟାଣୀ ମଲ୍ଲିକ। ତାଙ୍କ ପାଖରୁ ୨୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। କଲ୍ୟାଣୀ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବ୍ରାଉନସୁଗାର ବେପାର କରିଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ ଚଢ଼ାଉ କରିଥିଲା। କଲ୍ୟାଣୀଙ୍କ ସ୍ୱାମୀ ମଧ୍ୟ ବ୍ରାଉନସୁଗାର ବେପାର କରୁଥିଲେ। ୪ ବର୍ଷ ତଳେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ବୋଲି ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ କହିଛନ୍ତି।




# ବାସୁଦେବପୁର ଥାନା ଏସ୍‌ଆଇ ନିଲମ୍ବିତ

**ବାସୁଦେବପୁର, ୨୦।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଏସ୍‌ଆଇ ମହାପ୍ରସାଦ ନାୟକଙ୍କୁ ଗୁରୁବାର ଏସ୍‌ପି ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ଉତ୍ତରାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଏସ୍‌ପି ଏସ୍‌ଆଇ ନାୟକଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ବର୍ଷେ ହେଲା ମହାପ୍ରସାଦ ଏସ୍‌ଆଇ ଭାବେ ବାସୁଦେବପୁର ଥାନାରେ କାର୍ଯ୍ୟରତ ଥିଲେ। ଗତ ୧୫ ତାରିଖରେ ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ ଦାସଙ୍କ ବଡ଼ଭାଇ ଅଶୋକଙ୍କୁ ବକେୟା ଟଙ୍କା ପାଇଁ ସୋର ଥାନା ଅଞ୍ଚଳର ୮/୧୦ ଜଣ ବ୍ୟକ୍ତି ଅପହରଣ କରି ନେଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ଆଇ ମହାପ୍ରସାଦ ସଦଳବଳ ସେହି ରାତିରେ ସୋର ଥାନାକୁ ଯାଇଥିଲେ। ଅପହରଣର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା କ୍ଷେତ୍ରରେ ସେ ଅବହେଳା କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ଫଳରେ ଏହାର ସୁଯୋଗରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗତ ୧୮ ତାରିଖରେ ପୋଲିସ ତାଙ୍କୁ ଗିରଫ କରିବା ସହ ପୂର୍ବରୁ ଗିରଫ ହୋଇଥିବା ଅନ୍ୟ ୩ ସହଯୋଗୀ ମୋଟ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ପ୍ରାଥମିକ ପର୍ଯ୍ୟାୟରେ ପୋଲିସର ଅବହେଳା ପାଇଁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ ବୋଲି ଜଣାପଡ଼ିଥିଲା। ଏହି ଘଟଣା ପାଇଁ ତାଙ୍କୁ ନିଲମ୍ବନ କରାଯାଇଥିବା ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଗଞ୍ଜେଇ ଚୋରା ଚାଲାଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୨୦।୨(ସ୍ୱପ୍ର):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅରବିନ୍ଦ କୁମାର ଗୁରୁ ଗୁରୁବାର ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାମତେ ଗତ ୨୫।୧୨।୨୦୧୬ରେ ବୌଦ୍ଧ ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ବଳଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସରସରା ବାମଣ୍ଡା ରାସ୍ତାରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ କନ୍ଧମାଳ ଜିଲା ଖଜୁରୀପଡ଼ା ଥାନାର ସୁଡୁଲି ଗ୍ରାମର ବନମାଳୀ ମଲିକ(୨୬) ଏକ ବ୍ୟାଗ୍ ଧରି ଚାଲି ଚାଲି ଆସୁଥିଲେ। ସନ୍ଦେହରେ ଅବକାରୀ କର୍ମଚାରୀମାନେ ତାଙ୍କୁ ଅଟକାଇ ସେ ଧରିଥିବା ଏକ ବ୍ୟାଗକୁ ଯାଞ୍ଚ କରିଥିଲେ। ଯାଞ୍ଚ କରି କର୍ମଚାରୀମାନେ ବନମାଳୀଙ୍କ ବ୍ୟାଗରୁ ୪ କି.ଜି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରବର୍ତ୍ତି ସମୟରେ ଏହି ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ୨ଏସିସି କେଶ ନମ୍ବର ୧୯/୧୬ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ୍ ଅଭିଯୁକ୍ତ ବନମାଳୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ରାଜୀବ କୁମାର ଦଲାଲ ପରିଚାଳନା କରୁଥିଲେ।

### ନାମଯଜ୍ଞ ପାଇଁ କଳସ ଯାତ୍ରା

**ମଦନପୁର,୨୦।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଯୋଗଦାନ କରିଥିଲେ। ଏଥିକର୍ତ୍ତା ଭାବେ ଭୁପେନ୍ଦ୍ର ବାଣୁଆଁ ଓ ମିନାକ୍ଷୀ ବାଣୁଆଁ ରହିଥିବାବେଳେ ପୂଜକ ଅନିରୁଦ୍ଧ ପାଢ଼ୀ ଓ ଜପକ ସୂର୍ଯ୍ୟ ମଣି ପଣ୍ଡା ରହିଥିଲେ। ଶୁକ୍ରବାର ସକାଳ ୭ଟାରେ ନାମ୍ଭମ ଆରମ୍ଭ ହୋଇ ରବିବାର ସକାଳ ୭ଟାରେ ପୂର୍ଣ୍ଣାହୁତି ହେବା ପାଇଁ ସ୍ଥିର କରାଯାଇଛି।

# ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ବୌଦ୍ଧ, ୨୦।୨ (ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ବେକାର ଶିକ୍ଷିତ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ ଦାବି କାରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ ଦାବିପତ୍ର ଗ୍ରହଣ କରିଥିଲେ। ଭାଜପା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା ନୂଆସାହି ଛକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଭାଜପାର ଅଭିଯୋଗ ମୁତାବକ, ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଓଡ଼ିଶା ବେରୋଜଗାରି ଏବଂ ବେକାରିରେ ଏକ ନମ୍ବର ସ୍ଥାନରେ ରହିଛି। ଦୀର୍ଘ ୨୦ବର୍ଷ ଶାସନ ପରେ ଯୁବତୀ, ଯୁବକମାନଙ୍କୁ ରାଜ୍ୟ ସରକାର ପ୍ରତାରଣା କରିଛନ୍ତି। ୨୦୦୯ରୁ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ନିୟୋଜନ କାର୍ଯ୍ୟାଳୟଗୁଡ଼ିକରେ ୨୨ଲକ୍ଷ ୫୭ ହଜାର ବେକାରି ଯୁବତୀ, ଯୁବକ ଚାକିରି ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ମାତ୍ର ୨୬,୪୫୦ ଜଣଙ୍କୁ ନିଯୁକ୍ତି ଦେବାରେ ସରକାର ସଫଳ



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବୌଦ୍ଧ ଜିଲାରେ ବେକାରି ସଂଖ୍ୟା ବୃଦ୍ଧି ପ୍ରତିବାଦ

ହୋଇଛନ୍ତି। ଜିଲାସ୍ତରରେ ନିଯୁକ୍ତି ମେଳା ଆୟୋଜନ ଓ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ସରକାର ୬୨କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ୯୩,୦୧୧ ତାଲିମ ପ୍ରାପ୍ତଙ୍କ ମଧ୍ୟରୁ ୨୧,୬୮୧ ଜଣ ନିଯୁକ୍ତି ପାଇଛନ୍ତି। କୃଷି ଜିଲା ଭାବରେ ପରିଚିତ ବୌଦ୍ଧ ଜିଲାରେ ବେକାରି ସମସ୍ୟା ସବୁଠାରୁ ଉତ୍କଟ । ଜିଲାରେ ସ୍ପିରିଟ କାରଖାନା, ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ , ମେଗା ଜଳସେଚନ ପ୍ରକଳ୍ପ, ସୋଲାର ପ୍ରକଳ୍ପ ଖୋଲାଯାଇଥିବା ଓ କାର୍ଯ୍ୟ ଚାଲିଥିବା ବେଳେ ଜିଲାର ବେକାରି ପିଲାମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଇଛି ।

ଓଡ଼ିଶା ଶିଳ୍ପ କେନ୍ଦ୍ରର ପଲିସି ଅନୁଯାୟୀ ଶତକଡା ୯୦ଭାଗ ଅଣ କୁଶଳୀ, ୬୦ଭାଗ ଅର୍ଦ୍ଧ କୁଶଳୀ, ଓ ୩୦ଭାଗ କୁଶଳୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାର ନିୟମ ରହିଛି। ଏହି ନିୟମକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବୌଦ୍ଧ ଜିଲାରେ ଲାଗୁ କରିନାହାନ୍ତି। ଫଳରେ ଜିଲାରେ ବେକାରି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ବେକାରୀ ସମସ୍ୟା ବୃଦ୍ଧି ଯୋଗ ଜିଲାରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଜିଲାରେ ବେକାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଲଢ଼େଇ ଜାରିରହିବ ବୋଲି କୁହାଯାଇଛି। ବିକ୍ଷୋଭରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ପୂର୍ବତନ ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ କର୍ମୀ, ସଂଗ୍ରାମ ବେହେରା, ଅଟଳ କୁମାର ପ୍ରଧାନ, ଦାମୋଦର ମିଶ୍ର, ଆଶୁତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ପଦଯାତ୍ରା

**ପୁରୁଣାକଟକ,୨୦।୨ (ଡି.ଏନ୍.ଏ.)**

ଯାଜପୁର ଜିଲା ବଡଚଣା ବ୍ଲକରୁ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ନେଇ ଜଗତସିଂହପୁର ଜିଲା ବାଲିକୁଦା ଗ୍ରାମର ସତ୍ୟବ୍ରତ ଦାଶ(୨୯ ) ଗତ ଜୁଲାଇ ୧୦ ତାରିଖରୁ ବାହାରିଥିବା ପଦଯାତ୍ରା ଗୁରୁବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକରେ ପହଞ୍ଚିଥିଲା। ସତ୍ୟବ୍ରତ ଗତ ଜୁଲାଇ ୧୦ ତାରିଖରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିନେଇ ଯାଜପୁର ଜିଲାରୁ ପଦଯାତ୍ରା ଆରମ୍ଭ କରି କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, ବରଗଡ଼, ନୂଆଁପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ ଆଦି ଜିଲାର ୧୫୦ଟି ବ୍ଲକ ବୁଲିବା ପରେ ଗୁରୁବାର ପୁରୁଣାକଟକରେ ପହଞ୍ଚି ରାତ୍ରିଯାପନ କରିଥିଲେ । ଶୁକ୍ରବାର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ହରଭଙ୍ଗା ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ସେ ଫୁଲବାଣୀ ଜିଲା ଅଭିମୁଖେ ଗସ୍ତ କରିବା ସହ ଓଡିଶାର ସମସ୍ତ ୩୧୪ଟି ବ୍ଲକ ବୁଲିବା ପରେ ତାଙ୍କ ପଦଯାତ୍ରା ସମ୍ପନ୍ନ କରିବେ ବୋଲି ସତ୍ୟବ୍ରତ ପ୍ରକାଶ କରିଛନ୍ତି। ସତ୍ୟବ୍ରତଙ୍କୁ ପୁରୁଣାକଟକ ନାଗରିକ କମିଟି ପକ୍ଷରୁ ଅନୁପ ସାହୁ, କ୍ରିଷ୍ଣା ବାରିକ, ଶୁଷେଣ ପ୍ରଧାନ, ଚିତରନ ପ୍ରଧାନ, ଦିଲୀପ ସାହୁ, କୁନା ସାମଲ, ସୁରଥ ସାମଲ, ବୀରେନ୍ଦ୍ର ଦ୍ୱାରୀ ପ୍ରମୁଖ ସ୍ୱାଗତ କରିଥିଲେ।

## ଲକ୍ଷ୍ମୀନାରାୟଣ ମଣ୍ଡପ ଉଦ୍‌ଘାଟିତ

**ମନମୁଣ୍ଡା,୨୦।୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲତା ଯୋର ପଞ୍ଚାୟତ ଟପର୍ଣ୍ଣାଠାରେ ନିର୍ମିତ ଲକ୍ଷ୍ମୀନାରାୟଣ ମଣ୍ଡପକୁ କଣ୍ଟାମାଳ ବିଧାୟକ ମହୀଧର ରଣା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୁଲତା ଯୋର ସରପଞ୍ଚ ପଦ୍ମାବତୀ ରଣା, ଗୌନ୍ତିଆ ରାଜକୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ପ୍ରଶାନ୍ତ ରଣା, ସାମାଜିକ କର୍ମୀ ପ୍ରେମରାଜ ରଣା, ଭୁବନେଶ୍ୱର ରଣାଙ୍କ ଅନୁରୋଧ କ୍ରମେ ବିଧାୟକ ରଣା ଆମ ଗାଁ ଆମ ବିକାଶ ଯୋଜନାରୁ ମଣ୍ଡପ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଏନେଇ ଗ୍ରାମବାସୀ ବିଧାୟକ ରଣାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## କର୍ତ୍ତବ୍ୟରେ ଅବହେଳା : ୬ ଶିକ୍ଷକଙ୍କୁ ନିଲମ୍ବନ କଲେ ଜିଲାପାଳ

**ବୌଦ୍ଧ, ୨୦।୨ (ସ୍ୱ.ପ୍ର.)**

କର୍ତ୍ତବ୍ୟରେ ଅବହେଳା ଯୋଗୁ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଗୁରୁବାର ୬ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ମିଳିଥିବା ସୂଚନା ମୁତାବକ ଜିଲାର ହରଭଙ୍ଗା ବ୍ଲକର ଉପାନ୍ତ ଅଞ୍ଚଳ କୁମାରୀ ପ୍ରାଥମିକ ବିଦ୍ୟାଳୟରେ ଗଣଶିକ୍ଷକ ଭାବରେ ନିୟୋଜିତ ଶିକ୍ଷକ ସରୋଜ କୁମାର ଭୋକ୍ତା ଗତ ୨୫.୦୮.୨୦୧୮ରୁ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ଏନେଇ ତାଙ୍କୁ କାର୍ଯ୍ୟରେ ଯୋଗଦେବାକୁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଥିଲା। ହେଲେ ସେ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ସେହିପରି କଣ୍ଟାମାଳ ବ୍ଲକର ବନ୍ଧଗୋରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ପାତ୍ର, ସମାଡାଙ୍ଗି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ମୋତିଲାଲ ଭୋଇ, ବିବୁନମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଧାଂଶୁ ଶେଖର ଧଳ, ଲୁଣପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚନ୍ଦ୍ରମଣି ସିଂହ, କାନିସେମେଲ ପ୍ରାଥମିକ ବିଦ୍ୟାଳୟର ଦାଶରଥୀ ମାର୍ଥାଙ୍କୁ କାର୍ଯ୍ୟରେ ଅବହେଳା କରୁଥିବା କାରଣରୁ ଜିଲାପାଳ ନିଲମ୍ବିତ କରିଛନ୍ତି। ଜିଲାପାଳଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ବାଉଁଶୁଣୀକୁ ବ୍ଲକ ମାନ୍ୟତା ଦାବିକଲା ନାଗରିକ କମିଟି

**ବୌଦ୍ଧ, ୨୦।୨(ସ୍ୱପ୍ର)**

ବୌଦ୍ଧ ଜିଲା ସଦର ବ୍ଲକ ବାଉଁଶୁଣୀକୁ ବ୍ଲକ ମାନ୍ୟତା ଦାବି ନେଇ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ବାଉଁଶୁଣୀକୁ ବ୍ଲକ ମାନ୍ୟତା ପ୍ରମୁଖ ଦାବି ରହିଥିବାବେଳେ ସ୍ଥାନୀୟ ସମସ୍ୟାକୁ ନେଇ ୮ ଦଫା ଦାବି ରହିଛି।

ସୂଚନା ଅନୁସାରେ ବୌଦ୍ଧ ସଦର ବ୍ଲକର ବାଉଁଶୁଣୀ ଏକ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ। ଦୀର୍ଘ ଦିନରୁ ବାଉଁଶୁଣୀକୁ ଏକ ବ୍ଲକର ମାନ୍ୟତା ଦାବି ହୋଇଆସୁଛି। ଏଠାରେ ଥାନା, ଡାକ୍ତରଖାନା, କଲେଜ, ବ୍ୟାଙ୍କ ଆଦି ପ୍ରମୁଖ ଅନୁଷ୍ଠାନ ସହିତ ବ୍ଲକ କାର୍ଯ୍ୟାଳୟ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ପ୍ରାୟ ଦଶଗୋଟି ପଞ୍ଚାୟତର ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ବାଉଁଶୁଣୀ ଉପରେ ନିର୍ଭର କରୁଛନ୍ତି। ହେଲେ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଘୋର ଅଭାବ ଯୋଗୁ ଆଜିପର୍ଯ୍ୟନ୍ତ ଜନସାଧାରଣଙ୍କ ଏହି ଦାବି ପୂରଣ ହୋଇପାରି ନାହିଁ। ବୌଦ୍ଧ ବ୍ଲକ କାର୍ଯ୍ୟାଳୟଠାରୁ ୩୦ କି.ମି. ଦୂରରେ ରହିଥିବା ବାଉଁଶୁଣୀକୁ ବ୍ଲକର ମାନ୍ୟତା ମିଳିଲେ ଅଞ୍ଚଳବାସୀ ଉପକୃତ ହେବେ। ଏ ନେଇ ବାଉଁଶୁଣୀ ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବାଉଁଶୁଣୀକୁ ବ୍ଲକ ଘୋଷଣା ପ୍ରମୁଖ ଦାବି ରହିଥିବାବେଳେ ଲୋକଙ୍କ ସମସ୍ୟା ସଂପର୍କରେ ୮ ଦଫା ଦାବି ରହିଛି। ଦାବି ଗୁଡ଼ିକ ମଧ୍ୟରେ ଗମନାଗମନ ସୁବିଧା ପାଇଁ ବାଉଁଶୁଣୀରୁ ବୀରମହାରାଜକୁ ମହାନଦୀ ଉପରେ ସେତୁ ନିର୍ମାଣ, ବାଉଁଶୁଣୀ ବସଷ୍ଟାଣ୍ଡରେ ବିଶ୍ରାମାଗାର, ଶୌଚାଳୟ, ପାନୀୟଜଳ ସୁବିଧା, ଖେଳ ପଡ଼ିଆରେ ଷ୍ଟାଡିୟମ ନିର୍ମାଣ, ବାଉଁଶୁଣୀଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ, ବାଉଁଶୁଣୀରୁ ଗୁନ୍ଦୁଲିଆ ଦେଇ ଫୁଲବାଣୀକୁ ରାସ୍ତା ନିର୍ମାଣ, ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାର ପୁନରୁଦ୍ଧାର ଓ ଜବରଦଖଲ ଜମିକୁ ଉଚ୍ଛେଦ କରି ଜନକଲ୍ୟାଣ କାର୍ଯ୍ୟରେ ଲଗାଇବାକୁ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ନାଗରିକ କମିଟିର ସଭାପତି କ୍ଷୀରୋଦ ଚନ୍ଦ୍ର ମହାକୁଳଙ୍କ ନେତୃତ୍ୱରେ ସଂପାଦକ ପ୍ରବୋଧ କୁମାର ରଥ, ସୁଶୀଳ କୁମାର ଅଗ୍ରୱାଲ, ହରିହର ମେହେର, ରାଜେନ୍ଦ୍ର ମେହେର, ରିତ କୁମାର ଦାଶ ଓ ଘମୁଡୁ ଦନ୍ତା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

## ୧୨ ଜଣଙ୍କ ଅଭିଯୋଗର ବିଚାର

**ବୌଦ୍ଧ,୨୦।୨ (ସ୍ୱ.ପ୍ର.)**

ବୌଦ୍ଧ ଏନ୍‌ଏସି କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ। ଶିବିରରେ ଜିଲାପାଳ ମିଶ୍ର ୧୨ଜଣଙ୍କ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡାଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ଯୁବସମ୍ମିଳନୀ ବିକାଶ ତାଲିମ ଶିବିର

**ବୌଦ୍ଧ,୨୦।୨ (ସ୍ୱ.ପ୍ର.)**

ନେହେରୁ ଯୁବକେନ୍ଦ୍ର ବୌଦ୍ଧ ଜିଲା ଶାଖା ପକ୍ଷରୁ ଯୁବ ସମ୍ମିଳନୀ ବିକାଶ ତାଲିମ ଶିବିର ବୌଦ୍ଧ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେହେରୁ ଯୁବକେନ୍ଦ୍ରର ପ୍ରତିନିଧି ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶିଶିର କୁମାର ସାହୁ ଯୋଗଦେଇ ଯୁବଗୋଷ୍ଠୀଙ୍କ ବ୍ୟକ୍ତିତ୍ୱର ବିକାଶ ହୋଇପାରିଲେ ସଫଳତା ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପବିତ୍ର କୁମାର ରାଉତ କ୍ରୀଡାର ବିକାଶରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ.ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ରାଷ୍ଟ୍ରର ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ମେରିଆନ୍ ବିଲୁଙ୍ଗ୍ ଯୋଗଦେଇ ତାଲିମପ୍ରାପ୍ତ ଯୁବକମାନଙ୍କୁ ବିଭିନ୍ନ ଯୋଜନାରେ କିପରି କାର୍ଯ୍ୟ କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ତାଲିମଦାତା ଆସ୍ମାନ ମହାକୁଡ ନେହେରୁ ଯୁବ କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଦୀପ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ଅବସରରେ ସଂଗଠନମାନଙ୍କୁ ଖେଳ ସାମଗ୍ରୀ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।



ଯୁବସମ୍ମିଳନୀ ବିକାଶ ତାଲିମ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

### ଜାଗରଯାତ୍ରା ଉପଲକ୍ଷେ କଳସ ଶୋଭାଯାତ୍ରା

**ଘଣ୍ଟାପଡ଼ା,୨୦।୨(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସଂକ୍ରାନ୍ତି ଜାଗରଣ କମିଟି ଏବଂ ଶିବରାତ୍ର ଜାଗରଣ କମିଟି ପକ୍ଷରୁ ଜାଗରଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁରୁବାର ତେଲ ନଦୀରୁ ଏକ କଳସ ଶୋଭାଯାତ୍ରା ବାହାରି ପୂଜାମଣ୍ଡପରେ ପହଞ୍ଚିଥିଲା। ପୂଜାର୍ଚ୍ଚନା ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଚମ୍ପେଶ୍ୱର ପାଣିଗ୍ରାହୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିତେନ୍ଦ୍ର ପାଣିଗ୍ରାହୀ ଓ ମନୋଜ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସନ୍ତ ମାଝି ଓ ପୂର୍ଣ୍ଣବାସୀ ମାଝି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଘଣ୍ଟାପଡ଼ା ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି। ଶୁକ୍ରବାର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ବସନ୍ତ ମାଝି କହିଛନ୍ତି।

**ରେଳ ବିକାଶ ନିଗମ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS-PRDP/CPM-II/11443 ତାରିଖ: 20.02.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପ ନିମନ୍ତେ, **କେନ୍ଦ୍ରାପଡ଼ା ଜିଲ୍ଲା, ମାର୍ଶାଘାଇ ତହସିଲର ଦୁମୁକା ଗ୍ରାମର ଶ୍ରୀ ଅରୁଣ କୁମାର ଦାସଙ୍କ, ଖାତା ନଂ.386 (ଜମାବନ୍ଦୀ), ପ୍ଲଟ ନଂ.1137, ଏକର 0.050** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ରବିନ୍ଦ୍ର ନାଥ ଦାସଙ୍କ, ଖାତା ନଂ.88, ପ୍ଲଟ ନଂ.1138, ଏକର 0.020** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ଅଶୋକ କୁମାର ନାୟକଙ୍କ, ଖାତା ନଂ.169, ପ୍ଲଟ ନଂ.1149, ଏକର 0.040** ଘରବାରି ଏବଂ **ଦୁମୁକା ଗ୍ରାମର ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ, ଖାତା ନଂ.2286, ପ୍ଲଟ ନଂ.1133, ଏକର 0.090** ଘରବାରି ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ବ୍ୟକ୍ତି ବିଶେଷ ଉକ୍ତ ଜମିର ମାଲିକ ଭାବରେ ନିଜକୁ ଦାବି କରୁଛନ୍ତି, ଏଣୁ ଉପରୋକ୍ତ ପ୍ରଦତ୍ତ କୌଣସି ଜମିର ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ,**
**ରେଳ ବିକାଶ ନିଗମ ଲିମିଟେଡ୍, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩**
**୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ,**
**ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩**
**୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ**
**ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା**

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ , ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643,
ଫାକ୍ସ : (0674) 2303798

**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟର ସମ୍ପତ୍ତିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୫.୦୩.୨୦୨୦ ରିଖ (ବୁଧବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୩.୦୩.୨୦୨୦ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ଦେବସ୍ମୀତା ସାମନ୍ତରାୟ,** ସ୍ୱା: ବିଶ୍ୱରଞ୍ଜନ ଖଟେଇ, ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ରୁଦ୍ରପୁର, ହଂସପାଳ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **ଜାମିନ୍‌ଦାର: (୧)ସୂର୍ଯ୍ୟ ନାରାୟଣ ସ୍ୱାଇଁ,** ପ୍ଲଟ ନଂ.: ଇବି-୫୮୪, ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **(୨)ପଞ୍ଚାନନ ପଟ୍ଟନାୟକ,** ପିତା-ସ୍ୱଲୋକନାଥ ପଟ୍ଟନାୟକ, ପ୍ଲଟ ନଂ.-ଡିମ/୧୨, ମଧୁସୂଦନ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା । | କ)୧୬.୦୮.୨୦୧୯ ଖ)୩୦.୧୧.୨୦୧୯ ଗ)୧୫.୦୮.୨୦୧୯ ରିଖ ସୁଦ୍ଧା ଟ.୪୫,୨୧,୦୨୮/- +୧୬.୦୮.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ **ଶ୍ରୀମତୀ ଦେବସ୍ମୀତା ସାମନ୍ତରାୟଙ୍କ** ନାମରେ ଅଛି ଯାହାର ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ହାଲ ଖାତା ନଂ.: ୪୧୨/୩୯୫, ରେଭିନ୍ୟୁ ପ୍ଲଟ ନଂ-୭୪୩(ପି), ମୌଜା- ରୁଦ୍ରପୁର, ଥାନା-ବାଲିଅନ୍ତା, ଥାନା ନଂ.-୧୪, ତହସିଲି- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏରିଆ-ଏକର୦.୦୩୪.୪୪ ଡିସିମିଲି, ଚଉହଦି: ଉତର-ସବ୍ ପ୍ଲଟ ନଂ.-୭୭, ଦକ୍ଷିଣ/ପୂର୍ବ-ରାସ୍ତା, ପଶ୍ଚିମ-ସବ୍ ପ୍ଲଟ ନଂ.-୭୫ । | କ) ଟ.୪୮,୦୩,୦୦୦/- ଖ) ଟ.୪,୮୦,୩୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା୨୧.୦୨.୨୦୨୦ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**
**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୨୦.୦୨.୨୦୨୦ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

No. 21-TT:-

**ବିଶ୍ୱ ମାତୃଭାଷା ଦିବସ**

**ଫେବୃଆରୀ ୨୧ ତାରିଖ**

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
*ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।*

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
OIPR-27009/11/0002/1920

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଫେବୃୟାରୀ,୨୦୨୦



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ମହାଶିବରାତ୍ରି ପ୍ରସ୍ତୁତି ଚୂଡାନ୍ତ

**ଭେଡ଼େନ,୨୦।୨(ଡି.ଏନ.ଏ.):** ରାତି ପାହିଲେ ଜାଗର ମହାଶିବରାତ୍ରି ଏନେଇ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ସମସ୍ତ ଶିବାଳୟ ଚଳଚଞ୍ଚଳ ହୋଇପଡ଼ିଛି। ଏପରିକି ଶିବରାତ୍ରି ପାଇଁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭେଡ଼େନର ପ୍ରସିଦ୍ଧ ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିର ସମେତ ଜାଣ୍ଡୋଲ ଜମ୍ବେଶ୍ୱର ବାବା ମନ୍ଦିର, ଚିଚିଣ୍ଡା, ରେମଣ୍ଡା, ବଡ଼ପିପିଲିପାଲି, ଭେଜିପାଲି, ବସେକେଲା ଆଦି ଗ୍ରାମ ସମେତ ଅନ୍ୟ ସମସ୍ତ ଶିବ ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଶୁକ୍ରବାର ସକାଳୁ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରାତିରେ ମହାଦୀପ ଉଠାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ ମନ୍ଦିରରେ ସାଂସ୍କୃତିକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ମୋ'କଲେଜ ଅଭିଯାନ ବୈଠକ

**ଭେଡ଼େନ,୨୦।୨(ଡି.ଏନ୍.ଏ.):**ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଚିଚିଣ୍ଡାସ୍ଥିତ ପଲ୍ଲିଶ୍ରୀ କଲେଜରେ ଅଧକ୍ଷ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୋ' କଲେଜ ଅଭିଯାନ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ସଭାରେ କଲେଜର ସମସ୍ତ ଅଧାପକ, କର୍ମଚାରୀ ଏବଂ ଛାତ୍ର ପ୍ରତିନିଧି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ସଂକ୍ରାନ୍ତରେ ଆସନ୍ତା ୨୨ ତାରିଖ ଶନିବାର ଦିନ ଅପରାହ୍ନ ୩ଟା ସମୟରେ କଲେଜର ସମସ୍ତ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ ହେବାକୁ ସ୍ଥିରୀକୃତ ହୋଇଛି। ଅଧାପକ ସନ୍ତୋଷ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ କାଟ ପ୍ରତିବାଦରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୦।୨** - ବରଗଡ଼ରେ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ୱେସ୍କୋର ନିର୍ବାହୀ ଯନ୍ତ୍ରୀ ଅନୁପମ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରଯାଇଛି। ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଚାଲୁଥିବାବେଳେ ଆଉ କିଛିଦିନ ପରେ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହେବ । ତେବେ ବାରମ୍ବାର ବିଦ୍ୟୁତ କାଟ୍ ହେଉଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାହତ ସୃଷ୍ଟି ହେଉଛି। ଏନେଇ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସମୟରେ ବିଦ୍ୟୁତ କାଟ୍ ନ କରିବା ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ରାଜ୍ୟମୁକ୍ତ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ

**ବରଗଡ଼ ଅଫିସ୍,୨୦।୨** - ବରଗଡ଼ ଜିଲାରେ ବୁଧବାର ରାଜ୍ୟମୁକ୍ତ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ ହୋଇଛି। ବରଗଡ଼ ରାଣାପ୍ରତାପ ହାଇସ୍କୁଲ ଏବଂ ବରିକେଲ ହାଇସ୍କୁଲରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି । ଉକ୍ତ ପରୀକ୍ଷା ପାଇଁ ୩୮୨ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ପ୍ରଥମ ଦିବସରେ ରାଣାପ୍ରତାପ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୩୧ଜଣ ଏବଂ ବରିକେଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୮୬ଜଣ ଅର୍ଥାତ୍ ମୋଟ ୩୧୭ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମେକାନିକ୍, ହେଲପର ତଥା ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଏହି ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି।

# ପ୍ରକାଶ ପାଇଲା ସରକାରୀ ବିଜ୍ଞପ୍ତି

## ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଏଚ୍‌ସି ମାନ୍ୟତା

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ମାନ୍ୟତା ନେଇ ଗୁରୁବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଏସ୍. ବିଶ୍ୱାଳ ତାଙ୍କ ପତ୍ରସଂଖ୍ୟା-୫୨୪୦ ତା:୨୦।୨।୨୦୨୦ରେ ଏହା ଉଲ୍ଲେଖିତ କରିବା ସହିତ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ୩୦ ଶଯ୍ୟା ବିଶିଷ୍ଟ ହେବ ବୋଲି ସେଥିରେ ସ୍ପଷ୍ଟ କରିଛନ୍ତି। ସ୍ୱାସ୍ଥ୍ୟସେବା ଯେଭଳି ପ୍ରଭାବିତ ନ ହେବ, ସେନେଇ ମୋବିଲାଇଜିଂ ଡାକ୍ତର, ଷ୍ଟାଫନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆବଶ୍ୟକ ମେଡ଼ିକାଲ ଅଫିସର, ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ନେଇ ପ୍ରସ୍ତାବ(ପ୍ରୋପୋଜାଲ) ପଠାଇବାକୁ ଡିଏଚ୍‌ଏସ୍, ଓଡ଼ିଶାକୁ



GOVERNMENT OF ODISHA
HEALTH & FAMILY WELFARE DEPARTMENT
*****

No. HFW-SCH-MED -0002-2018 5240 /H, Dated 20-2-2020

From,
S.Biswal, OAS.
Joint Secretary to Government

To,
The Collector & DM, Bargarh.

Sir,

With reference to your Letter No.06(Res)/ dtd.03.02.2020 Govt. have been pleased to approve the proposal for opening of a CHC with bed strength of 30 (thirty) to be functional at the old DHH building, Bargarh.

For the time being, the CHC will be managed by mobilising doctors, Staff Nurses, Pharmacist and multi skilled Group D staff locally, without affecting the delivery of service elsewhere.

Yours faithfully,
Joint Secretary to Government.

Memo No. 5241 /H, Dated 20-2-2020
Copy forwarded to the DHS,Odisha for information and necessary action. He is requested to assess the requirement of medical officers and various staff for the CHC based on need and send proposal to the Department.
Joint Secretary to Government.

Memo No. 5242 /H, Dated 20-2-2020
Copy forwarded to the CDM&PHO,Bargarh for information and necessary action.
Joint Secretary to Government.

Memo No. 5243 /H, Dated 20-2-2020
Copy forwarded to All Sections of Health & Family Welfare Department for information and necessary action.
Joint Secretary to Government.

Memo No. 5244 /H, Dated 20-2-2020
Copy forwarded to the PS to Hon'ble, Chief Minister, Odisha / P.S to Minister, Health & FW / OSD to Chief Secretary, Odisha / P.S to Principal Secretary to Govt., Health & FW Deptt. for kind information of Hon'ble Chief Minister / Minister, Health & FW / Chief Secretary / Principal Secretary.

ସିଏଚସି ମାନ୍ୟତା ନେଇ ସରକାରୀ ବିଜ୍ଞପ୍ତିର ନକଲ୍।

ଜଣାଇ ଦିଆଯାଇଥିବା ଯୁଗ୍ମ ସଚିବଙ୍କ ଏହି ବିଜ୍ଞପ୍ତିରେ ଉଲ୍ଲେଖିତ ରହିଛି। ପ୍ରକାଶଥାଉକି, ଗତମାସ ୨୧ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଦାପାଲି(ଟୁକୁର୍ଲା)ରେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ । ପରେ ଗତମାସ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ବହିର୍ବିଭାଗ, ଅନ୍ତର୍ବିଭାଗ ସ୍ୱାସ୍ଥ୍ୟସେବାକୁ ବନ୍ଦ କରି ଦିଆଯିବା ସହିତ ସେଠାରେ ତାଲା ପକାଇ ଦିଆଯାଇଥିଲା। ଏହାକୁ ନେଇ ସହରରେ ଜନଆନ୍ଦୋଳନ ତେଜି ଉଠିଥିଲା। ଜନ ଆନ୍ଦୋଳନ ଚାପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଏବଂ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଘୋଷଣା କରିଥିଲେ। ଏହା ସହିତ ବହିର୍ବିଭାଗ, ଅନ୍ତର୍ବିଭାଗ ସ୍ୱାସ୍ଥ୍ୟସେବା ପୁଣି ଆରମ୍ଭ ହୋଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗରେ କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଯୋଗୁ ସହରବାସୀ ତାକୁ ସହଜରେ ଗ୍ରହଣ କରି ପାରି ନ ଥିଲେ। ସରକାରୀ ବିଜ୍ଞପ୍ତି ପ୍ରକାଶ ସାଙ୍ଗକୁ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବିରେ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ ଗତ ୧୬ତାରିଖରୁ ପ୍ରତିଦିନ ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା ହେଉଥିବା ବେଳେ ୧୮ତାରିଖରୁ ବରଗଡ଼ ଏକତା ମଞ୍ଚ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଗଣଧାରଣା ଦେଇ ଆସୁଛି। ତେବେ ବର୍ତ୍ତମାନ ସିଏଚ୍‌ସି ମାନ୍ୟତା ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ଏବଂ ଏକତା ମଞ୍ଚର ଭୂମିକା କିଭଳି ରହିବ, ତାହା ସମୟ କହିବ।



ସ୍ମାରକପତ୍ର ପ୍ରଦାନ କରିଥିବା ସଂଘର ପ୍ରତିନିଧି ମଣ୍ଡଳୀ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୦।୨**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ, ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଶତକଡ଼ା ୫ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ, ସପ୍ତମ ବେତନ କମିଶନ ଆଧାରରେ ଘରଭଡ଼ା, ଗଚ୍ଛିତ ବକେୟା ପ୍ରାପ୍ୟ ପ୍ରଦାନ, ମୃତ୍ୟୁକାଳୀନ ନିଯୁକ୍ତି ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ସଭାପତି ରାମକୃଷ୍ଣ ବାରିକ, ଉପସଭାପତି ଅମୂଲ୍ୟ କୁମାର ଭୋଇ, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ହୋତା ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଇଥିଲେ ।

# ଧାରଣା ସ୍ଥଗିତ ରଖିଲା ଏକତା ମଞ୍ଚ



ଧାରଣାସ୍ଥଳୀରେ ଜିଲାପାଳ ଆଲୋଚନା କରୁଛନ୍ତି ।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବିରେ ଏକତା ମଞ୍ଚ ପକ୍ଷରୁ ଚାଲିଥିବା ଧାରଣାକୁ ସ୍ଥଗିତ ରଖାଯାଇଛି। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଧାରଣାସ୍ଥଳକୁ ପହଞ୍ଚି ଆଲୋଚନା ପରେ ଏକତା ମଞ୍ଚ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଚାଲିଛି ଏବଂ ଜିଲା ଖଣିଜ ପାଣ୍ଠିରୁ ଷ୍ଟାଫନର୍ସ, ଫାର୍ମାସିଷ୍ଟ ଆଦି ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି କରାଯିବ ବୋଲି ଜିଲାପାଳ କହିଥିଲେ। ପରେ ଏକତା ମଞ୍ଚ ଧାରଣାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଆଲୋଚନା ବେଳେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଭୁତି ଭୂଷଣ ମେହେର ଉପସ୍ଥିତ ଥିଲେ। ସେହିପରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପ୍ରସଙ୍ଗକୁ ନେଇ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ମଧ୍ୟ ମହମବତୀ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି । ଅନ୍ୟପକ୍ଷେ ଶୁକ୍ରବାରରୁ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ ନିୟମିତ ପୂର୍ବାହ୍ନରେ ହସ୍ପିଟାଲ ପରିସରରେ ସଫେଇ କାର୍ଯ୍ୟକ୍ରମ ଦୀର୍ଘ ୧୫ଦିନ ଧରି କରାଯିବ। ଏହି ଅବଧି ମଧ୍ୟରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ନ ମିଳିଲେ ଆସନ୍ତା ମାର୍ଚ୍ଚ ୮ତାରିଖ ଆନ୍ତର୍ଜାତିକ ମହିଳ ଦିବସରେ ଜିଲାପାଳ ଅଫିସ ସମ୍ମୁଖରେ ମହିଳା ସମାବେଶ ହେବ ଏବଂ ସେଠାରେ ଜବାବ୍ ଦିଆଯିବ ବୋଲି ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

## ଡାକ୍ତରଖାନା ସଫେଇ କରିବ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ

# ରାଜବୋରାସମ୍ବର କ୍ରିକେଟ କ୍ଲବ ବିଜୟୀ

**ବରଗଡ଼ ଅଫିସ୍,୨୦।୨:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଥିଲା ଅଷ୍ଟମ ଦିବସ। ଏହି ଅବସରେ ଅନୁଷ୍ଠିତ ମ୍ୟାଚରେ ଉତ୍କଳମଣି ଗୋପବନ୍ଧୁ କ୍ଲବକୁ ହରାଇ ରାଜବୋରାସମ୍ବର କ୍ରିକେଟ କ୍ଲବ ବିଜୟୀ ହୋଇଛି । ରାଜବୋରାସମ୍ବର କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୪.୫ଓଭରରେ ସମସ୍ତ ଉଇକେଟ୍ ହରାଇ ୨୩୨ରନ୍ ସଂଗ୍ରହ କରିଥିଲା। ଦଳର ଭୁପେଶ କାଲସାଇ ୬୮ରନ୍ (୭ଚୌକା), ଧରଣୀଧର ବାରିକ ୫୬ରନ୍ (୮ଚୌକା, ୨ଛକ୍କା) ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଉତ୍କଳମଣି ଗୋପବନ୍ଧୁ କ୍ଲବର ଆଶୁତୋଷ ମହାରଣା, ସମ୍ପିତ ସାହୁ, ଗିତେଲ ପଲାଉର ୨ଟି ଲେଖାଏ ଉଇକେଟ୍ ନେଇଥିବା ବେଳେ ତରଣୀ ସ୍ୱାଇଁ, ସୌମ୍ୟ ସ୍ୱାଇଁ ଓ ପ୍ରଶାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଉତ୍କଳମଣି ଗୋପବନ୍ଧୁ କ୍ଲବ ୩୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୩ରନ୍ ସଂଗ୍ରହ କରିଥିଲା । ଦଳର ହିମାଂଶୁ ଭୋଇ ୩୬, ଉମେଶ ଦୀପ ୨୦, ତରଣୀ ସ୍ୱାଇଁ ୩୩, ସମ୍ପିତ ସାହୁ ୧୩ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ରାଜବୋରାସମ୍ବର କ୍ଲବର ଧରଣୀଧର ବାରିକ ୫ଓଭର ବୋଲିଂ କରି ୨ଟି ମେଡ଼େନ ଓଭର ସହିତ ୧୩ ରନ୍ ବିନିମୟରେ ୫ଟି ଉଇକେଟ୍ ନେଇଥିଲେ। ଫଳରେ ରାଜବୋରାସମ୍ବର କ୍ରିକେଟ କ୍ଲବ ୮୯ରନ ବ୍ୟବଧାନରେ ମ୍ୟାଚକୁ ଜିତି ନେଇଥିଲା। ଅମ୍ପାୟର ଭାବେ ପ୍ରଦୀପ କୁମାର ଦାଶ ଏବଂ ଅକ୍ଷୟ କୁମାର ସାହାଣୀ ଖେଳ ପରିଚାଳନା ଥିବାବେଳେ ରଜତ ଦାଶ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

## ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ



ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନେ ଗାଇଡ୍‌ଲାଇନ ଅନୁସାରେ ସହାୟତା ପାଉ ନ ଥିବା ନେଇ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପାଇକମାଲ ବ୍ଲକ ଅଧୀନ ଲଖମରା ଗ୍ରାମରେ ଜଣେ ହିତାଧିକାରୀଙ୍କ ପୁଅ ସେହି ଯୋଜନାରେ ଲବ୍ଧ ଟଙ୍କାରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ତଦନ୍ତ ଓ ବିହିତ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଯୋଜନାରେ ଅନୁରୂପ ଅଭିଯୋଗ କରିଥିଲେ। ଥିଲାବାଲା ହିତାଧିକାରୀଙ୍କ ପ୍ରତି ବିଭାଗୀୟ ଅଧିକାରୀ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କ ବିଲ୍ ମଞ୍ଜୁର କରୁଥିବା ବେଳେ ଏଥିରେ ଗରୀବ ହିତାଧିକାରୀଙ୍କୁ ହଇରାଣ କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ସେହିପରି ଯୋଜନାରୁ ଏସ୍‌ସି ବର୍ଗର ହିତାଧିକାରୀଙ୍କୁ ବଞ୍ଚିତ କରାଯାଉଛି ବୋଲି ଦୀପ୍ ଅଭିଯୋଗ କରିଥିଲ। ତେବେ ଏସ୍‌ସି ବର୍ଗର ଯେଉଁ ହିତାଧିକାରୀଙ୍କ ଜମି ନାହିଁ, ସେମାନଙ୍କୁ ସହାୟତା ଦିଆଯାଇ ପାରୁ ନ ଥିବା ଉପସ୍ଥିତ ଅଧିକାରୀମାନେ କହିଥିଲେ। ଏହା ସହିତ ଜିଜିୱାଇ, ଆମ ଗାଁ ଆମ ବିକାଶ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦି କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବୈଠକରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ବିଡ଼ିଓଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରୁଦ୍ର ମହାଯଜ୍ଞ ପାଇଁ କଳସଯାତ୍ରା

**ବରଗଡ଼ ଅଫିସ୍,୨୦।୨:**ବରଗଡ଼ ଜୀରାନଦୀ କୂଳ ଆନନ୍ଦକାନନ ଆଶ୍ରମ ପରିସରରେ ଶୁକ୍ରବାର ରୁଦ୍ର ମହାଯଜ୍ଞ ଆରମ୍ଭ ହେବ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ଅବସରରେ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଧୁସନ୍ଥଙ୍କ ଉପସ୍ଥିତିରେ ଶ୍ରଦ୍ଧାଳୁମାନେ ସ୍ଥାନୀୟ ଅଲେଖ୍ୟା ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଜୀରାନଦୀରୁ କଳସରେ ପାଣି ଧରି ସହର ପରିକ୍ରମା କରି ଯଜ୍ଞସ୍ଥଳୀରେ ପହଞ୍ଚି ଥିଲେ ପଲେ। ପରେ ପୂଜାର୍ଚ୍ଚନା ପରେ ଯଜ୍ଞସ୍ଥଳରେ କଳସ ସ୍ଥାପନ ହୋଇଥିଲା। ସନ୍ଧ୍ୟାରେ ବିଶ୍ୱାମ୍ ଚେତନା ମହାସମ୍ମିଳନୀ ଉଦ୍‌ଘାଟିତ ହୋଇଥିଲା।



ରୁଦ୍ର ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।





ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କ ଶୋଭାଯାତ୍ରା।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବରଗଡ଼ ଅଫିସ୍,୨୦।୨**

ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ନେଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଗାନ୍ଧୀ ଛକରେ ଭାଜପା ଯୁବମୋର୍ଚ୍ଚାର କର୍ମଚାରୀମାନେ ସମବେତ ହୋଇଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଘଟଣାସ୍ଥଳରେ ପହଞ୍ଚିବା ପରେ ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରୀତେଶ ବହିଦାର, ସାଧାରଣ ସମ୍ପାଦକ ଟିକୁ ବେହେରାଙ୍କ ନେତୃତ୍ୱରେ ଅମିତ ପଣ୍ଡା, ପରିକ୍ଷିତ ଛତର, ସୁନିଳ ଶର୍ମା, ଯଶୋବନ୍ତ ସେଟ୍, କୁନାଲ ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ସେହିପରି ଭାଜପା ନେତା ସୁକାନ୍ତ ଦାଶ, ସୁବ୍ରତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ସମସିଆ ଘେରରେ ଗୋଠୁଗୁଡ଼ା ହାଇସ୍କୁଲ

**ଝାରବନ୍ଧ, ୨୦।୨ (ଡି.ଏନ.ଏ)**

ରାଜ୍ୟ ସରକାର ଫିଏକ କିମି ଦୁରିଆଥି ପ୍ରାଇମେରି ସ୍କୁଲ, ୩ କିମିଥି ଏମ୍‌ଇସ୍କୁଲ ଆର ପଁଚେତ୍‌କ ଗୁଟେ ଯୁଜି ହାଇସ୍କୁଲ ଥାପନା କରିଛନ୍। ସେନ୍‌ତା ସରକାର ସ୍କୁଲ ଲଗି ନୂତନ କୁଠା, ଶିକ୍ଷକ, ବହିପତର୍ ପେଁଟ କୁରତା, ବେଲାରେ ଛାତ୍ରୀଛାତ୍ରଙ୍କର ଲାଗି ପୁଷ୍ଟିକର ଖାଏଦ୍‌ର ବେବସ୍ତା କରି ରାଜକୋଷରୁ ପାଏନ୍ ମିତାର ଟଁକା ଖରଚ କରୁଛନ୍। ହେଲେ ବିଭାଗୀୟ କରମଚାରୀଙ୍କର ଉଦାସିନତା ଲାଗି କେନ୍‌ଠାନେ ପଢ଼ାକୁଠି ଅଭାବ୍‌ତ ଆର କେନ୍‌ଠାନେ ଶିକ୍ଷକ ଅଭାବୁ ପାଠ୍‌ପଢ଼ା ଖେଲଢ଼େପ ହେଉଥିବାର ଅଭିଯୋଗ ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଗୋଠୁଗୁଡ଼ ଯୁଜି ହାଇସ୍କୁଲରେ। ସୂଚନା ଅନ୍‌ସାରେ ଶିକ୍ଷାର ବଢ଼ତି ଲାଗି ୧୯୬୦ ସାଲେ ଗୋଡୁଗୁଡା ଗାଁଥି ଗୁଟେ ପ୍ରାଥମିକ ସ୍କୁଲ ଥାପନା ହେଇଥିଲା। ସ୍କୁଲଟା ୨୦୦୮-୦୯ ଶିକ୍ଷା ବଛରେ ଯୁଜି ହାଇସ୍କୁଲର ମାଏନ୍‌ତା ପାଏଲା। ଇହାଦେ ଇ ହାଇସ୍କୁଲ ଉପରେ ଗୋଠୁଗୁଡ଼ା ପଁଚେତ୍‌ର ଗୋଠୁଗୁଡ଼ା, ପଗାରପାଣି, ସଲଡ଼ିହ, ଇସ୍ଲିଦା, ଡୁଙ୍ଗୁରିଚଟା, ସନଦାଦର, କ୍ରଫୋଡଗଞ୍ଜ, ଗାଁର ଛାତ୍ରୀଛାତ୍ର ନିରଭର କରୁଛନ୍। ଇ ହାଇସ୍କୁଲରେ ଏହେଦେ ୧ମରୁ ୧୦ମ ଶ୍ରେଣୀ ତକ୍ ୩ଶହନୁ ଅଏତକା ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ପଢ଼ାବାର ଲାଗି ୧୨ ଝନ୍ ଶିକ୍ଷକ ରହିଛନ୍। ୧୦ମ ତକ୍ ଥିବାର ଇ ହାଇସ୍କୁଲରେ କୁଲ ୧୦ଟା କୁଠି ରହିଛେ। ପ୍ରଧାନଶିକ୍ଷକ, ସାଇନ୍ସଲେବ୍, ଆଇସିଟି ଲେବ୍ ଲାଗି ତିନଟା କୁଠି ବେଭାର ହେଉଛେ। ସେନ୍‌ତା ଆର ତିନଟା କୁଠି ବିପଦ ଅବସ୍ତାରେ ରହିଛେ। ଇଆଡ଼େ ୨୦୧୪ ସାଲୁ ତିଆରି ଚାଲିଥିବାର ୭ଟା ନୂତନ କୁଠା ବିଭାଗୀୟ ଅଧିକାରୀମାନକର୍ ଅବହେଲା ଲାଗି ଦରଖଁଡ଼ିଆ ହେଇ ପଡ଼ିଛେ। ସ୍କୁଲ ପରିସରରେ ଦୁଇଟା ନଲ୍‌ଟୁଆଁ ରହିଛେ ସତ୍ ହେଲେ ସେଥିରୁ ଦରକାର ହିସାବେ ପାଏନ୍ ନାଇଁ ବାହାରୁଥିବାର ଛାତ୍ରୀଛାତ୍ର ଅଭିଯୋଗ କରିଛନ୍। ସେନ୍‌ତା ସ୍କୁଲରେ ପ୍ରଧାନଶିକ୍ଷକ, ଗଣିତ ଶିକ୍ଷକ, କିରାଣୀ, ପିଅନ ପଦବୀ ଖାଲି ପଡ଼ିଛେ। ଜିଲା ପରଶାସନ ଆର ବିଭାଗୀୟ ଅଧିକାରୀ ଦୁରୁଷ୍ଟି ଦେଇ ସମସିଆର ସମାଧାନ ଦିଗେ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ଦରଖଁଡ଼ିଆ ହେଇ ପଡ଼ିଥିବାର ହାଇସ୍କୁଲର ନୂତନ କୁଠା।

## ଇମାନେ ଯାହା କହିଛନ୍...

"ପଢ଼ା କୁଠି ଅଭାବୁ ପାଠ୍‌ପଢ଼ାରେ ଅସ୍‌ବିଧା ହେଉଛେ। ସ୍କୁଲରେ ବିଦ୍ୟୁତ୍ ସଂଯୋଗ ରହିଛେ। ହେଲେ ପଁଖା ନାଇଁଥିବାର ଲାଗି ଆମେ ଖରାଦିନେ ଗରମରେ ଭାଜି ହେଇଯାଉଛୁଁ।

**-ନନ୍ଦିନୀ ବରିହା ଛାତ୍ରୀ।**

"ପିଇଲା ପାଏନ୍ ଲାଗି ବଡ଼ା ହଇରାନ ହେଉଛୁଁ। ନଲ୍‌ଟୁଆଁରେ ଘଡ଼େ ବେଲ୍‌ତକ ହେଣ୍ଡେଲ ମାଏଲେ ପାଏନ୍ ଟିକେ ବାହାରୁଛେ। ପାଏନ୍ ଅଭାବୁ ପାଇଖାନା ବେଭାର କରି ନାଇଁହେବାର।

**-ମହେଶ ସୁନା, ଛାତ୍ର।**

"ଆମର ହାଇସ୍କୁଲରେ କୁଠା, ଶିକ୍ଷକ, କରମ୍‌ଚାରୀ, ବାଡ଼ା ଆର ପିଇଲା ପାଏନ୍ ସମସିଆ ଲାଗି ରହିଛେ। ସମସିଆର ସମାଧାନ ଲାଗି ଆମେ ଜିଲା ପରଶାସନକେ ବିନତି କରୁଛୁଁ।

**-ମୃତ୍ୟୁଞ୍ଜୟ ଦୀପ, ସଭାପତି, ସ୍କୁଲ ପରିଚାଳନା କମିଟି ।**



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ମୁକୁଳା ଟ୍ରାନ୍ସଫର୍ମର ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବିନିକା,୨୦।୨(ଡି.ଏନ୍.ଏ): ରାଜ୍ୟ ସରକାର ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁକାଳୀନ ସହାୟ୍ୟ ଅର୍ଥରାଶି ୪ଲକ୍ଷ ଟଙ୍କା ଘୋଷଣା ପରେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ବିଦ୍ୟୁତ୍ ଅବ୍ୟବସ୍ଥାକୁ ନେଇ ପ୍ରଶାସନିକ ସ୍ତରରେ ଚେତା ପଶିଛି। ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ୧୬ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ତୁରନ୍ତ ଅଞ୍ଚଳର ଗାଁମାନଙ୍କରେ ରହିଥିବା ମୁକୁଳା ଟ୍ରାନ୍ସଫର୍ମରଗୁଡିକର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶଥାଉକି ବିନିକା ବ୍ଲକ୍ ଓ ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମଧ୍ୟରୁ କେବଳ ୫ ପ୍ରତିଶତ ଟ୍ରାନ୍ସଫର୍ମରର ପାଚେରି ରହିଛି। ଅନ୍ୟ ସବୁ ଟ୍ରାନ୍ସଫର୍ମର ମୁକୁଳା ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ତାଲିକା ପ୍ରସ୍ତୁତ ହେଲା ପରେ ଟ୍ରାନ୍ସଫର୍ମରଗୁଡିକୁ ବିପଦମୁକ୍ତ କରିବା ପାଇଁ ସୁରକ୍ଷିତ ପାଚେରି ନିର୍ମାଣ କରାଯିବ ।

# ଥାନା ପଛପଟରୁ ଫଳ ବୋଝେଇ ଟ୍ରକ୍ ଲୁଟ୍ ଉଦ୍ୟମ

**ବଲାଙ୍ଗୀର ଅଫିସ, ୨୦।୨**

ବଲାଙ୍ଗୀର ଟାଉନ୍ ଥାନା ପଛପଟ ଠିକାଦାରପଡା ପୋଲ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଗୁଣ୍ଡାଗର୍ଦ୍ଦି କରି ଏକ ଫଳ ବୋଝେଇ ଟ୍ରକ୍ ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ଫଳ ବ୍ୟବସାୟୀ ସୁରେଶ ସାହୁ ଟାଉନ୍ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ବ୍ୟବସାୟୀ ସାହୁ ରାୟପୁରରୁ ଏକ ଟ୍ରକରେ ଫଳ ମଗାଇଥିଲେ । ଟ୍ରକ ଡ୍ରାଇଭର ରାହୁଲ କୁମାର ରାୟପୁରରୁ ଫଳ ବୋଝେଇ ଟ୍ରକକୁ ଆଣି ବଲାଙ୍ଗୀର ସହରରେ ପହଞ୍ଚିଥିଲେ। ରାତି ପ୍ରାୟ ୧ଟା ବେଳେ ଉକ୍ତ ଫଳ ବୋଝେଇ ଟ୍ରକଟି ଟାଉନ୍ ଥାନା ପଛପଟ ବଲାଙ୍ଗୀର-ପାଟଣାଗଡ ରାସ୍ତାର ଠିକାଦାରପଡା ପୋଲ ନିକଟରେ ପହଞ୍ଚିଥିଲା । ଡ୍ରାଇଭର ଫଳ ଗୋଦାମ ଘର ଦେଖି ନ ଥିବାରୁ ସେହି ସ୍ଥାନରୁ ବ୍ୟବସାୟୀ ସାହୁଙ୍କୁ ଫୋନ୍ କରିଥିଲେ । ଜଲାରାମ ମନ୍ଦିର ନିକଟରେ ଫଳ ଗୋଦାମ ରହିଛି ଓ ସେଠାରେ ଯଦି କେହି ଅଛନ୍ତି ତେବେ ଜଲାରାମ ମନ୍ଦିର ଠିକଣା ପଚାରି ସେହି ସ୍ଥାନକୁ ଟ୍ରକ ନେଇଯିବାକୁ ଫଳ ବ୍ୟବସାୟୀ ସାହୁ ଡ୍ରାଇଭରଙ୍କୁ କହିଥିଲେ । ଏହାପରେ ଠିକାଦାରପଡା ପୋଲ ନିକଟରେ ଥିବା ଦୁଇ ଜଣ ଯୁବକଙ୍କୁ ଟ୍ରକ ଡ୍ରାଇଭର ରାହୁଲ କୁମାର ଜଲାରାମ ମନ୍ଦିର ଠିକଣା ପଚାରିଥିଲେ। ଡ୍ରାଇଭର ହିନ୍ଦୀ ଭାଷାରେ ଠିକଣା ପଚାରିବା ପରେ ଉକ୍ତ ଦୁଇ ଯୁବକ ସେଠାରେ ତାଙ୍କୁ ମାରପିଟ କରି ତାଙ୍କଠାରୁ ଟ୍ରକ ଚାବି ଲୁଟି ନେଇଥିଲେ । ଭୟଭୀତ ଡ୍ରାଇଭର ସେଠାରୁ ଫେରାର ମାରିବା ପରେ ଫଳ ବୋଝେଇ ଟ୍ରକକୁ ଧରି ଦୁଇ ଦୁର୍ବୃତ୍ତ ଫେରାର ମାରିବାକୁ ଚେଷ୍ଟା କରିଥିଲେ । ତେବେ ମୁଖ୍ୟ ରାସ୍ତାରେ ଟ୍ରକକୁ ନ ନେଇ ବ୍ଲୁ ଲାଗୁନ୍ ସିନେମା ହଲ ଗଳିକୁ ଟ୍ରକକୁ ନେଇଯାଇଥିଲେ। ସେଠାରେ କମ୍ ଉଚ୍ଚରେ ବିଦ୍ୟୁତ୍ ତାର ରହିଥିବା ଦେଖି ଟ୍ରକକୁ ଆଉ ଆଗକୁ ନେଇ ନ ପାରି ସେଠାରୁ ଫେରାର ମାରିଥିଲେ । ଏନେଇ ଫଳ ବୋଝେଇ ଡ୍ରାଇଭର ମାଲିକଙ୍କୁ ସୂଚନା ଦେବା ପରେ ସେ ପୋଲିସକୁ ଖବର କରିଥିଲେ । ରାତିତମାମ ପୋଲିସ ଟିମ୍ ଟ୍ରକ୍କୁ ଖୋଜିଥିଲେ । ସକାଳୁ ଟ୍ରକ୍‌ଟି ବ୍ଲୁ ଲାଗୁନ୍ ସିନେମା ହଲ ଗଳି ପାଖରେ ଥିବା ଜଣାପଡିଥିଲା । ଏନେଇ ଫଳ ବ୍ୟବସାୟୀ ସାହୁ ଟାଉନ୍ ଥାନାରେ ଗୁରୁବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ନେଇ ତଦନ୍ତ ଜାରି ରଖିଛି ଓ ଅଭିଯୁକ୍ତଙ୍କୁ ଖୋଜୁଥିବା ଟାଉନ୍ ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି । ଟାଉନ୍ ଥାନା ପଛପଟରୁ ଏପ ଫଳ ବେଝେଇ ଟ୍ରକ୍କୁ ଦୁର୍ବୃତ୍ତମାନେ ଲୁଟି ନେବାକୁ ଉଦ୍ୟମ କରିବା ଘଟଣା ଜଣାପଡିବା ପରେ ସହରରେ ଆଲୋଚନାର ବିଷୟ ହୋଇଛି । ଦିନକୁ ଦିନ ଆପରାଧିକ ଘଟଣା ବୃଦ୍ଧି ପାଇଚାଲିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

**ଟ୍ରକ୍ ଛାଡି ଫେରାର ମାରିଲେ ଦୁର୍ବୃତ୍ତ**



# ପରିଚାଳନାଗତ ଉନ୍ନୟନ ତାଲିମ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୦।୨**

ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ତଥା କୃତାର୍ଥ ଆଚାଯର୍ୟ ପରିଚାଳନା କେନ୍ଦ୍ର, ବରଗଡ଼ ଆନୁକୂଲ୍ୟରେ ଦ୍ୱିଦିବସୀୟ ପରିଚାଳନାଗତ ଉନ୍ନୟନ ତାଲିମ କାଯର୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାଯର୍ୟକ୍ରମରେ ଏଆରସିଏସ ଶରତ ଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ କୁମାର ତ୍ରିପାଠୀ, ଡୋଲାମଣି ପୁରୋହିତ, ଶିବଶଙ୍କର ପ୍ରଧାନ, ଜୋନାଲ ଅଫିସର ନିଳକଣ୍ଠ ମହାପାତ୍ର, ଡଃ ରମାକାନ୍ତ ଶତପଥୀ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତିର ଅଭିବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା । ସୁଜିତ କୁମାର ରଥ ଏବଂ ବିଜୟ କିଶୋର ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଜିତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ବିହାର କାର୍ଯ୍ୟକ୍ରମ

**ବିନିକା,୨୦।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିର ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ବନବିହାର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ଗୀତ, ନୃତ୍ୟ ଓ ବକ୍ତୃତା ଆଦି ପରିବେଷଣ ହୋଇଥିଲା। ଆଚାର୍ଯ୍ୟମାନେ ଛାତ୍ରୀଛାତ୍ରଙ୍କୁ ସଦ୍ ମାର୍ଗରେ ଯିବା ପାଇଁ ପ୍ରେରଣାଦାୟୀ କାହାଣୀମାନ ଶୁଣାଇଥିଲେ । ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ପଞ୍ଚାନନ ବାରିକ, ବିଦ୍ୟାଳୟ ସମ୍ପାଦକ ଉଦ୍ଧବ ପଧାନ, ସଭାପତି ବିଶ୍ୱଦେବ ବଡପଣ୍ଡା, କୋଷାଧ୍ୟକ୍ଷ ସୌମିତ୍ରୀ ପଧାନ ଉପସ୍ଥିତ ଥିଲେ । ଆଦିତ୍ୟ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଭେଡ଼େନ,୨୦।୨(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଚିଚିଣ୍ଡାସ୍ଥିତ ପଲ୍ଲିଶ୍ରୀ କଲେଜରେ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଆନୁକୂଲ୍ୟରେ ଗୁରୁବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ପ୍ରଫୁଲ୍ଲ କୁମାର ମହାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାସେବନର କୁପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅଧାପକ ଅରୁଣ କୁମାର ପ୍ରଧାନ ନିଶାସେବନ ଦ୍ୱାରା ସାମାଜିକ କୁପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ରମେଶ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଏବଂ ଅଧାପକ ସନ୍ତୋଷ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ଚିଚିଣ୍ଡା କଲେଜରେ ଅନୁଷ୍ଠିତ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅସାହା ବୁରୁଧିଙ୍କର ଶବ୍‌କେ ଖଁଦ୍ ଦେଲେ ସାମାଜିକ କରମୀ

**ବିଜେପୁର, ୨୦।୨(ଡି.ଏନ୍.ଏ.)**

ମୁନୁଷ୍ ହିଁ ମୁନୁଷ୍‌ର ଦୁଖ୍, ଦରଦ୍ ବୁଝ୍‌ସି। ତାହାକେ ନିଜର କରିନେସି। ଇତାକେ କୁହାଯାଏସି ମାନବିକତା। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ବିଲେଇପାଲିରେ ଥିବାର ପାର୍ବତୀ ଗିରି ବୃଦ୍ଧାଶ୍ରମରେ।

ସୂଚନା ଅନ୍‌ସାରେ ଇ ବ୍ଲକର ବଡ଼ ବାଉଁଶେନ ପଁଚେତ୍ ଅଧୀନ ଦେହେରୀପାଲି ଗାଁର କକିଆ ଭୁଏ(୭୫) ଆପ୍‌ନେ ନିତିଆ ଭୁଏକଁର ସଂଗେ ବଡ଼ା ଦୁଖେ ଦିନ୍ ବିତଉଥିଲେ। ହେଲେ ନିତିଆ ଆରପାରକେ ଚାଲିଗଲା ଉତାରୁ କକିଆକୁଁ ତାକର ଲାଗେଲେସରମାନେ ପର କରିଦେଲେ। ଏନ୍‌ତାଥି ସେ ବଡ଼ା ଗୁଲ୍‌ଗୁଲା ହେଇ ଗାଁ ଗାଁ ବୁଲି ଭିଖ୍ ମାଗି ନିଜର ପେଟ୍ ପାଲୁଥିଲେ। ଇ ଦୁରୁଶ୍ ଦେଖି କେତେ ସାମାଜିକ କରମୀ ତାହାକୁ ୩ ବଛର ତଲେ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଥଇଥାନ କରିଥିଲେ। ଗଲା ମାସେ ହେଲା ସେ ଦିହିପା ଖରାପ୍‌ରୁ ପଡ଼ି ରହିଥିଲେ। ଏନ୍‌ତାଥି ଗୁରୁବାର ବେଲାକେ ତାକର ମୁର୍‌ତୁ ହେଇଯାଇଥିଲା। ଇ ଖବର ପାଏଲାରୁ କେତେ ସାମାଜିକ କରମୀ ଆର ବୃଦ୍ଧାଶ୍ରମର ସଦସିଅମାନେ ପୁହୁଁଚିଥିଲେ। ଜିଲା ସାହୁ, ଲାଲ ସାହେବ ବାରିକ, ବିଜେପୁର କଲେଜର ଅଧକ୍ଷ ଡିଲେଶ୍ୱର ପ୍ରଧାନ, ଜଳନ୍ଧର ପଟେଲ ପରମୁଖ୍ ବୁରୁଧିକଁର ଶବକେ ଖଁଦ୍ ଦେଇଥିଲେ। ଆଶ୍ରମ ପାସେ ଥିବାର ଗୁଟେ ଖେତ୍‌ରେ ତାକର ଶବ୍ ସତ୍‌କାର କରାଯାଇଥିଲା। ଶବ ସତ୍‌କାର ସମିଆରେ ସୁବାସ ପ୍ରଧାନ, ଜୟପ୍ରକାଶ ଗିରି, ସାରଙ୍ଗ ଗିରି, ସବାର କୁମୁରିଆ, ସପନ କୁମାର ଭୋଇ, ବିକାଶ ସେଠ, ସଫେତ ବାରିକ, ମୁକେତଶ୍ୱର ପ୍ରଧାନ ପରମୁଖ ରହିଥିଲେ।



ଅସାହା ବୁରୁଧିକୁଁ ଖଁଦ୍ ଦେଉଛନ୍ ସାମାଜିକ କରମୀ।

# ବରିଷ୍ଠ ନାଗରିକ ସୁରକ୍ଷା ସମ୍ମିଳନୀ

**ଡୁଙ୍ଗୁରିପାଲି, ୨୦।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଆମ ପୋଲିସ ସମିତି ଆନୁକୂଲ୍ୟରେ ଗୁରୁବାର ବରିଷ୍ଠ ନାଗରିକ ସୁରକ୍ଷା ସମ୍ମିଳନୀ ଥାନା ପରିସରରେ ଥିବା ଅଭ୍ୟର୍ଥନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ରାମପୁର ଥାନା ଅଧିନରେ ଥିବା ବିଭିନ୍ନ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ । ରାମପୁର ଥାନା ସବଇନ୍ସପେକ୍ଟର ବିଜୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର କିପରି ସୁବିଧା ମିଳି ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ଉକିଲ ଚନ୍ଦ୍ର ସେଠ, ବିହାରୀ ଲାଲ, ପ୍ରଫୁଲ୍ଲ ପଧାନ, ଧୋବେଇ ଚନ୍ଦ୍ର ମହାରଣା, ଗଣେଶରାମ ଖମାରୀ, ସତ୍ୟନାରାୟଣ ପାଢୀ, ସନ୍ତୋଷ ବଗର୍ତ୍ତୀ, ଦେବପ୍ରସାଦ ରଣା, ଉନ୍ତାମଣି ମେହେର, ଶାନ୍ତି ଷଡଙ୍ଗୀ, ନାଗାର୍ଜୁନ ମେହେର, ଶୁକଦେବ ପଧାନ, ବାବୁଲାଲ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିବମନ୍ଦିର ରତ୍ନମୁଦ, ପ୍ରତିଷ୍ଠା ମହୋତ୍ସବ

**ଦେଓଗାଁ, ୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ ପାଦଦେଶରେ ନବନିର୍ମିତ ଶିବମନ୍ଦିରର ପ୍ରାଣପ୍ରତିଷ୍ଠା ଓ ରତ୍ନମୁଦ ଉତ୍ସବ ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ଉତ୍ସବ କମିଟି ଆୟୋଜନରେ ଏହି ଦିନ ଲିଙ୍ଗାବରଣ ପରେ ପଞ୍ଚକୁଣ୍ଡୀୟ ଯଜ୍ଞ, ରତ୍ନମୁଦ ଉତ୍ସବ ତଥା ପୁରାଣ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗାୟିକା ମୋନାଲି ମହାପାତ୍ର ଓ ସାଥିଙ୍କ ଦ୍ୱାରା ପାରାୟଣ ଅନୁଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ବଳରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହେବ।

# ଗୋଲ୍ଡେନ୍ ବାବାଙ୍କ ଠକେଇ ମାମଲାର ତଦନ୍ତ କରିବ ଇଡି

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**



ଚନ୍ଦ୍ରଶେଖରପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଗୋଲଡେନ୍ ବାବା ଓରଫ ଜ୍ୟୋତିରଞ୍ଜନ ବେଉରା ମାମଲାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବାବାଙ୍କ ଅମାପ ସମ୍ପତ୍ତି ଖୋଳତାଡ଼ କରିବା ସହ ତାଙ୍କ ଆପରାଧିକ ସାମ୍ରାଜ୍ୟର ଖୁଲାସା ହେବ। ବାବା ନାନା ଉପାୟରେ ଲୋକଙ୍କୁ ଠକି କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲେ। ଠକେଇ ପଇସାରେ ହାତ, ବେକରେ ଗଦାଗଦା ସୁନା ତାଙ୍କୁ ଗୋଲ୍‌ଡେନ୍ ବାବାରେ ପରିଣତ କରିଥିଲା। ଗିରଫ ହେବା ପରେ ତାଙ୍କର ଗୋଟିଏ ପରେ ଗୋଟିଏ ଆପରାଧିକ ପେଡି ପଦାକୁ ଆସିଥିଲା। ପୂର୍ବରୁ କ୍ରାମବ୍ରାଞ୍ଚ ଏହି ମାମଲାର ଖୋଳତାଡ଼ କରୁଥିଲା। ଏହି ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ଠାଣେ, ମୁମ୍ବାଇ ଭଳି ହାଇଟେକ୍ ସହରରେ ମଧ୍ୟ ନିଜ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିଥିଲେ ଗୋଲ୍ଡେନ୍ ବାବା। ସେଠାରେ ମଧ୍ୟ ବ୍ୟବସାୟୀମାନଙ୍କୁ ଚୂନ ଲଗାଇ କୋଟି କୋଟି ଟଙ୍କା ଠକି ନେଇଥିଲେ। ଶହଶହ କୋଟି ଟଙ୍କାର ଋଣ କରାଇଦେବାକୁ କହି ବିଭିନ୍ନ କମ୍ପାନୀଠାରୁ ଯୋଜନାବଦ୍ଧ ଭାବେ କୋଟି କୋଟି ଟଙ୍କା ଲୁଟିଥିଲେ। ଠକେଇର ତରିକା ପୂରା ଏକାଭଳି ଥିଲା। ଓଡ଼ିଶାରେ ଯେଉଁ ତରିକା ଆପଣାଇ ଲୋକଙ୍କୁ ଠକୁଥିଲେ, ରାଜ୍ୟ ବାହାରେ ମଧ୍ୟ ସମାନ ଢଙ୍ଗରେ ଟଙ୍କା ଲୁଟୁଥିଲେ। ପ୍ରଥମେ ବ୍ୟବସାୟୀମାନଙ୍କୁ କୋଟି କୋଟି ଟଙ୍କାର ଫାଇନାନ୍ସ କରିବା ପାଇଁ ଲୋଭ ଦେଖାଉଥିଲେ। ଦେହରେ ଅମାପ ସୁନାଗହଣା ପିନ୍ଧିବା ସହ ଦାମୀ ଗାଡ଼ି ଚଢି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏପରି କି ନିଜେ ୩ଶହ କୋଟି ଟଙ୍କାର ଆୟ କର ଦେଉଥିବା ନେଇ ଜାଲ୍ କାଗଜପତ୍ର ବନାଇଥିଲେ। ତାହାକୁ କମ୍ପାନୀ କର୍ତ୍ତୃପକ୍ଷ ଓ କୋଟିପତି ଲୋକଙ୍କୁ ଦେଖାଇ ଲକ୍ଷ୍ୟ ହାସଲ କରୁଥିଲେ।

ତଦନ୍ତବେଳେ ଗୋଲ୍‌ଡେନ୍ ବାବାଙ୍କ ଏସବୁ କାରନାମାର ପର୍ଦ୍ଦାଫାଶ ହୋଇଥିଲା। କେନ୍ଦୁଝରର ଗୋଟିଏ ସଂସ୍ଥାକୁ ୧୧୦ କୋଟି ଟଙ୍କା ଫାଇନାନ୍ସ କରାଇଦେବା ପ୍ରତିଶ୍ରୁତି ଦେଇଥିଲେ ବାବା। ୧୨ କୋଟିର ଆଡ୍‌ଭାନ୍ସ ଚେକ୍‌ର ତାରିଖ ବଦଳାଇ ଟଙ୍କା ଚଲୁ କରିବାକୁ ଉଦ୍ୟମ କରୁଥିବାବେଳେ କମିଶନରେଟ ପୋଲିସ ହାତରେ ଧରାପଡି ଗିରଫ ହୋଇଥିଲେ। କେବଳ ବ୍ୟବସାୟୀ କିମ୍ବା କମ୍ପାନୀ ମାଲିକ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ଚୂନ ଲଗାଇ ଠକେଇ ଟଙ୍କାରେ ନେତା ବନିବା ପାଇଁ ସ୍ୱପ୍ନ ଦେଖିଥିଲେ ଗୋଲ୍ଡେନ୍ ବାବା। ଏପରି କି ଉକ୍ତ ଠକେଇ ଟଙ୍କାରୁ କିଛି ସେ ରହୁଥିବା ଅଞ୍ଚଳର ଲୋକଙ୍କୁ ବାଣ୍ଟୁଥିଲେ। ବହୁ ନେତା ମନ୍ତ୍ରୀଙ୍କ ସଭାରେ ଅତିଥି ଭାବେ ଯୋଗଦେଇ ଅନ୍ୟମାନଙ୍କ ନଜରକୁ ଆସୁଥିଲେ। ଏପରିକି ବିଧାୟକ, ମେୟରଙ୍କ ସହ ତାଙ୍କର ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ସେ ଭୁବନେଶ୍ୱର(ଉତ୍ତର) ବିଧାୟକ ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ନେଇ ମଧ୍ୟ ସେତେବେଳେ ଚର୍ଚ୍ଚା ହୋଇଥିଲା। ସେଥିପାଇଁ ଜୟଦେବବିହାରରୁ ପଟିଆ ପର୍ଯ୍ୟନ୍ତ ପୋଷ୍ଟର ଲଗାଇ ଲୋକଲୋଚନକୁ ଆସିବାକୁ ଚେଷ୍ଟା କରିଥିଲେ। କିନ୍ତୁ କମିଶନରେଟ ପୋଲିସ ଗିରଫ କରି ତାଙ୍କ ସବୁ ସ୍ୱପ୍ନକୁ ଭାଙ୍ଗି ଛାରଖାର କରିଦେଇଥିଲା। ଏବେ ଇଡି ତାଙ୍କ ସମ୍ପତ୍ତିର ଖୋଳତାଡ଼ କରିବା ପରେ ଠକେଇ ଟଙ୍କାରେ ସେ କେତେକ'ଣ କଳାଧନ ଜମାଇଥିଲେ ତାହା ଜଣାପଡିବ। ତେବେ ଇତିମଧ୍ୟରେ ଗୋଲ୍‌ଡେନ୍ ବାବାଙ୍କ ନାମରେ ଥିବା କିଛି ସମ୍ପତ୍ତିର ମାଲିକାନା ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି। ଏଥିରେ ସତ୍ୟତା ଥିବା ଜଣାପଡିଲେ ଉକ୍ତ ସମ୍ପତ୍ତିକୁ ମଧ୍ୟ ଜବତ କରାଯିବ ବୋଲି କୁହାଯାଉଛି।

# କ୍ୟାପିଟାଲ ହସ୍ପିଟାଲ ସମ୍ପ୍ରସାରଣ ପାଇଁ ବୈଠକ

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ରାଜଧାନୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଦିନକୁ ଦିନ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉଟ୍‌ଡୋର୍ ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟରେ ରହିଛି। ଏଠାକୁ ପ୍ରତିଦିନ ୩୫୦୦ରୁ ଅଧିକ ରୋଗୀ ଚିକିତ୍ସା ସେବା ପାଇଁ ଆସିଥାନ୍ତି। ସେଥିପାଇଁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବିଲ୍ଡିଂର ପରିସର ବୃଦ୍ଧି ସହ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏଥିସହିତ ହସ୍ପିଟାଲର କାର୍ଡିଆକ୍ କେୟାର ୟୁନିଟ୍‌କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିତୋଳିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ବିଶିଷ୍ଟ କାର୍ଡିଓଲୋଜିଷ୍ଟ ଡା. ପି.କେ. ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅଧିକାରୀମାନେ।

# ଶିକ୍ଷକତା ବୃତ୍ତି ନ ହୋଇ ପ୍ରବୃତ୍ତି ହେଉ



ଜୟନ୍ତୀ ସମାରୋହରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ର ବିଜୁ ପଟ୍ଟନାୟକ ଟାଉନ ହଲରେ ସ୍ୱର୍ଗୀୟ ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ପ୍ରମୁଖ ଯୋଗ ଦେଇ ଶିକ୍ଷକତା ବୃତ୍ତି ନ ହୋଇ ପ୍ରବୃତ୍ତି ହେଉ ବୋଲି ମତବ୍ୟକ୍ତ କରିଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ପ୍ରୀତମ ସିଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଭଟଲି ବ୍ଲକ କେନ୍ଦୁଗୁଡ଼ିଆର ବର୍ଷିୟାନ ଶିକ୍ଷକ ଶିବ ନାରାୟଣ ପତିଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାଧ୍ୟାପକ ପ୍ରଦ୍ୟୁମ୍ନ ଚନ୍ଦ୍ର ତ୍ରିପାଠୀ ବିବରଣୀ ଓ ମାନପତ୍ର ପାଠ କରିଥିବା ବେଳେ ଅରବିନ୍ଦ ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ । ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ବରଗଡ଼ର ନବ୍ୟା ନବେଲୀ ଆଚାର୍ଯ୍ୟଙ୍କୁ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନ, ଗଣିତ ଓ ଇଂଲିଶରେ ସର୍ବାଧିକ ମାର୍କ ରଖିଥିବା ରେମତାର ପ୍ରଜ୍ଞାନ ଦାଶଙ୍କୁ ସ୍ୱର୍ଗତ ନନ୍ଦ କିଶୋର ସାୱାଡ଼ିଆ, ହିନ୍ଦୀ ବିଷୟ ପାଇଁ ବିଜେପୁରର ବିକାଶ ନାଏକଙ୍କୁ ସ୍ୱର୍ଗତ ମନସାରାମ ଅଗ୍ରୱାଲ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ହିନ୍ଦୀ ସୁଲେଖନ, ଭାଷା ଜ୍ଞାନ ପ୍ରତିଯୋଗିତାର ୪୦ଜଣ କୃତୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ମୃତ୍ୟୁ ପୂର୍ବରୁ କୃତ୍ତିକାଙ୍କ ଦେହରେ ଥିଲା ବିଷ

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

**ଆପାର୍ଟମେଣ୍ଟରୁ ଖସି ଛାତ୍ରୀ ମୃତ୍ୟୁ ଘଟଣା**

■ ବ୍ୟବଚ୍ଛେଦ ରିପୋର୍ଟରେ ରହିଛି ଚାଞ୍ଚଲ୍ୟକର ତଥ୍ୟ

ବଡଗଡ ଥାନା ଅନ୍ତର୍ଗତ ବିଜେବିନଗରସ୍ଥିତ ଏକ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଖସି ଅଷ୍ଟମଶ୍ରେଣୀ ଛାତ୍ରୀ କୃତ୍ତିକା ମିଶ୍ରଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ମୁଣ୍ଡରେ ରହିଥିବା କିଛି ଲେଖାକୁ ନେଇ ପୂରା ଘଟଣା ରହସ୍ୟମୟ ହୋଇପଡିଥିଲା। ଇତିମଧ୍ୟରେ କୃତ୍ତିକାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଉକ୍ତ ରିପୋର୍ଟରେ ଏକ ଚାଞ୍ଚଲ୍ୟକର ତଥ୍ୟ ଆଉ ଏକ ରହସ୍ୟ ସୃଷ୍ଟି କରିଛି। ଆପାର୍ଟମେଣ୍ଟରୁ ଡେଇଁବା ପୂର୍ବରୁ କୃତ୍ତିକାଙ୍କ ଦେହରେ ବିଷାକ୍ତ ପ୍ରଦାର୍ଥ ରହିଥିଲା। ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। କୃତ୍ତିକା କ'ଣ ଆତ୍ମହତ୍ୟା କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ। ଯଦି ନେଇଥିଲେ ତେବେ ସେ ବିଷପିଇ ଆତ୍ମହତ୍ୟା ନ କରି କାହିଁକି ୪ ମହଲାରୁ ଡେଇଁ ମୃତ୍ୟୁକୁ ଆପଣାଇଥିଲେ? ନା କେହି ତାଙ୍କୁ ଯୋଜନାବଦ୍ଧ ଭାବେ ବିଷ ପିଆଇ ଆପାର୍ଟମେଣ୍ଟରୁ ତଳକୁ ଠେଲି ଦେଇଛନ୍ତି? ଏଭଳି ଅନେକ ପ୍ରଶ୍ନକୁ ନେଇ ପୋଲିସ ନୂଆ କିଛି ଖୁଲାସା କରିବାକୁ ଲାଗିପଡିଛି। ତେବେ ବିଷ ସମ୍ପର୍କରେ ଅଧିକ ଜାଣିବା ପାଇଁ ଭିସେରା ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଛି। ପୋଲିସ କୃତ୍ତିକାଙ୍କ ସ୍କୁଲକୁ ଯାଇ ସାଙ୍ଗମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡିଛି।

ସବୁଠୁ ବଡ଼ କଥା ହେଲା ମୃତ୍ୟୁ ପୂର୍ବରୁ କୃତ୍ତିକା ଇନ୍‌ଷ୍ଟାଗ୍ରାମରେ ଯେଉଁ ପୋଷ୍ଟ କରିଥିଲେ ତାହା ମୃତ୍ୟୁ ପଛରେ ଅନେକ ଦିଗକୁ ଇସାରା କରୁଥିଲା। କୃତ୍ତିକା ସେଥିରେ ଲେଖିଥିଲେ ଯେ, ବାଏ ବାଏ ପିପୁଲ, ଅର୍ଥାତ ସମସ୍ତଙ୍କୁ ବିଦାୟ। ତାଙ୍କ ସହ ଚାର୍ଟ କରୁଥିବା ଜଣେ ସାଙ୍ଗ ପଚାରିଥିଲେ – କୁଆଡେ ଯାଉଛ? କୃତ୍ତିକା ଲେଖିଥଲେ– ନର୍କ ନ ହେଲେ ସ୍ୱର୍ଗ। ପୁଣି ସାଙ୍ଗ ଜଣକ ପଚାରିଥିଲେ ମୋତେ ବି ସାଙ୍ଗରେ ନେଇଯାଆ। କୃତ୍ତିକା ଉତ୍ତର ଦେଇଥିଲେ–ତମକୁ ସାଙ୍ଗରେ ନେବି ନା ନାହିଁ କାଲି ତୁମେ ନିଶ୍ଚିତ ହୋଇଯିବ। ପରଦିନ ରବିବାର ଆସିଲା କୃତ୍ତିକାଙ୍କ ମୃତ୍ୟୁ ଖବର। ଅନ୍ୟପକ୍ଷରେ କୃତ୍ତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ନେଇ ପୋଲିସ ଅଡୁଆରେ ପଡିଥିବାବେଳେ ଏବେ ପୋଷ୍ଟମର୍ଟମ ରିପୋର୍ଟ ମାମଲାକୁ ଅଧିକ ଜଟିଳ କରି ଦେଇଛି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଆନ୍ତର୍ଜାତିକ ମାତୃଭାଷା ଦିବସ

**ଅମରପାଲି,୨୦।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ସରକାରୀ ୟୁପି ସ୍କୁଲରେ ଗୁରୁବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷା କମିଟି ସଭ୍ୟା ପ୍ରମିଳା ରାଜହଂସ, ଗୀତାଞ୍ଜଳି ରାଜହଂସ, ଭୂମି ଖେତୀ ଓ ରଞ୍ଜିତା ଦେହେରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, କୁଇଜ୍ ଓ ତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମେଘଦାଦ ଭୋଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଓ ବୈଶିଷ୍ଟ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

### ଦ୍ୱିତୀୟ ଦିନରେ ଅଙ୍ଗନୱାଡି କର୍ମୀଙ୍କ ଗଣଧାରଣା

**ତରଭା, ୨୦।୨(ଡି.ଏନ.ଏ.):** ତିଲେସରା ଅଙ୍ଗନୱାଡି କର୍ମୀ ନିରୁପମା ବାଗଙ୍କୁ ଗିରଫ କରି ଜେଲ ପଠାଇବା ଘଟଣାରେ ସୁବର୍ଣ୍ଣପୁର ଜିଲା ତରଭା ଅଲ ଓଡିଶା ଲେଡିଜ ୱାର୍କର୍ସ ଆସୋସିଏଶନ ତରଫରୁ ଚାଲିଥିବା ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଆନ୍ଦୋଳନକାରୀଙ୍କୁ ସ୍ଥାନୀୟ ସିଡିପିଓ ସବିତା ଦୋରା ମନାଇବାର ଉଦ୍ୟମ କରିଥିଲେ ତାହା ଫଳପ୍ରଦ ହୋଇନାହିଁ। ସଂଘର ବ୍ଲକ ସମ୍ପାଦକ ନମିତା ମଞ୍ଜରୀ ଶତପଥୀ ଓ ଆନ୍ଦୋଳନରତ କର୍ମୀମାନେ ଯେତେଦିନ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀ ବାଗଙ୍କୁ ନ୍ୟାୟ ନ ମିଳିଛି ଆନ୍ଦୋଳନ ବଳବତ୍ତର ରହିବ ବୋଲି କହିଛନ୍ତି।

### ୧୩୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

**ସୋନପୁର,୨୦।୨(ନି.ପ୍ର.):** ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ତରଭା ଥାନା ବଲାଡି ଗ୍ରାମରେ ଗୁରୁବାର ଚଢାଉ କରାଯାଇଥିଲା। ଚୋରାରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ବେଳେ କର୍ମଚାରୀମାନେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ୧୩୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଥିବା ବେଳେ ୬୮୦ ଲିଟର ପୋଚ ନଷ୍ଟ କରାଯାଇଥିଲା। ଏହି ଘଟଣାରେ ବଲାଡି ଗ୍ରାମର ରାଜକିଶୋର ମହାକୁରଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଚଢାଉରେ ଇନ୍ସପେକ୍ଟର ପ୍ରଶାନ୍ତ କୁମାର କହଁର, ଏଏସଆଇ ବନମାଳୀ ରଣା, କୀର୍ତ୍ତନ ନାଏକ, ସବିତା ପଟ୍ଟନାୟକ, କନେଷ୍ଟବଳ ପୃଥ୍ୱିରାଜ କୁଅଁର, ପିଣ୍ଟୁ ସାହୁ, ସମୀର ମିଶ୍ର ଓ ଉର୍ବୀ ମାଝି ସାମିଲ ଥିଲେ।

### ପଥରଘାଟରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଦିବସ

**ଅମରପାଲି, ୨୦।୨ (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ପଞ୍ଚାୟତର ପଥରଘାଟ ଗ୍ରାମରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କର୍ଡାପାଲ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ ଯୋଗଦେଇ ଚାଷୀମାନଙ୍କ ମୃତ୍ତିକା ପରୀକ୍ଷଣ ଓ ଏଥିରେ ଆବଶ୍ୟକ ସାର ପ୍ରୟୋଗ ବିଧି ସମ୍ପର୍କରେ ସଚେତନତା କରିଥିଲେ। ଆତ୍ମାର ଆବାହକ ତଥା ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡା, ମୃତ୍ତିକାର ସୁରକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗଦେଇଥିଲେ । ଏ ସମ୍ପର୍କିତ ପ୍ରାଚୀର ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ କୃଷି କର୍ମଚାରୀ, କୃଷକ ସାଥୀ ଓ ଆତ୍ମା କର୍ମଚାରୀ ସହଯୋଗ କରିଥିଲେ।

### ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ପାଠଚକ୍ର

**ଡୁଙ୍ଗୁରିପାଲି, ୨୦।୨(ଡି.ଏନ.ଏ.):** ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଷଷ୍ଠ ପର୍ଯ୍ୟାୟର ଛାତ୍ରୀ ସନ୍ତୋଷିନୀ ନାଏକ ଶିଶୁ ମନର ଏକ ମାର୍ମିକ ଅଭିବ୍ୟକ୍ତି-କିଶୋର ଚରଣ ଦାସଙ୍କ ଭଙ୍ଗା ଖେଳଣା ଶୀର୍ଷକ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା,ଛାତ୍ରଛାତ୍ରୀ ବିଭିନ୍ନ ପ୍ରଶ୍ନ ଉତଥାପନ କରିବା ସହିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କୁଞ୍ଜଲତା ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସୁରୁସୁତା ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତିୟାର୍ଦ୍ଧରେ ସାପ୍ତାହିକ ବିଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ର ନିର୍ମଳ କୁମାର ବାଗ ଅନ୍ଧ ବିଶ୍ୱାସରେ ବିଶ୍ୱାସ ଉପରେ ନିଜସ୍ୱ ଅଭିମତ ପ୍ରକାଶ କରିଥିଲେ। ଅତିଥି ଭାବେ ଏଇଏସ କଲେଜର ଶିକ୍ଷା ବିଭାଗ ଅଧ୍ୟାପକ ନିରଞ୍ଜନ ପୁରୋହିତ ଯୋଗଦେଇଥିଲେ।




ଅଫିସ ବନ୍ଦ ଆନ୍ଦୋଳନର ଦ୍ୱିତୀୟ ଦିନରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ସନ କମିଟି ପକ୍ଷରୁ ଧାରଣା ଦିଆଯାଉଛି।

# ଦ୍ୱିତୀୟ ଦିନରେ ବି ସମସ୍ତ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ,୨୦।୨**

**ଆକ୍ସନ କମିଟିର ଦୁଇଦିନିଆ ଆନ୍ଦୋଳନ**
- ୩ ଦଫା ଦାବି ନେଇ ପ୍ରତି ମାସ ଜାରି ରହିବ ଆନ୍ଦୋଳନ
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହେଲା ପ୍ରତିବାଦ ସଭା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା, ପ୍ରସ୍ତାବିତ ଲୋୟର ସୁକ୍‌ତେଲ ଡ୍ୟାମ ନିର୍ମାଣ ଓ ବଲାଙ୍ଗୀର ସହରର ବାଇପାସ୍ ରାସ୍ତା ଶୀଘ୍ର ନିର୍ମାଣ ଆଦି ୩ ଦଫା ଦାବିକୁ ନେଇ ପ୍ରତି ମାସ ତୃତୀୟ ବୁଧବାର ଓ ଗୁରୁବାର ହେଉଥିବା ଦୁଇଦିନିଆ ବନ୍ଦ ଜାରି ରହିଛି । ଗୁରୁବାର ଦ୍ୱିତୀୟ ଦିନ ମଧ୍ୟ ବଲାଙ୍ଗୀର ସହରରେ ସମସ୍ତ ସରକାରୀ ଅଫିସ, ସିଭିଲ କୋର୍ଟ, ବ୍ୟାଙ୍କ, ଡାକଘର ଓ ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା । ଆକ୍ସନ କମିଟି ପକ୍ଷରୁ ଏହି ଆନ୍ଦୋଳନର ନେତୃତ୍ୱ ନିଆଯାଇଛି। ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୁରୁବାର ସକାଳୁ ଆନ୍ଦୋଳନକାରୀମାନେ ବିଭିନ୍ନ ସରକାରୀ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ । ସିଭିଲ କୋର୍ଟକୁ ଜଜ୍‌ମାନେ ଆସିବାବେଳେ ସେଠାରେ ପିକେଟିଂ କରୁଥିବା ଆନ୍ଦୋଳନକାରୀ ସେମାନଙ୍କୁ ବୁଝାଇ ଫେରାଇ ଦେଇଥିଲେ । ଏଠାରେ ଜିଲା ଓକିଲ ସଂଘର କେତେକ ସଦସ୍ୟ ମଧ୍ୟ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ କରିଥିଲେ । ଏହାପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଆକ୍ସନ କମିଟି ସଭାପତି ପାଣିଗ୍ରାହୀଙ୍କ ନେତୃତ୍ୱରେ ତିନି ଦଫା ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା । ଦୀର୍ଘବର୍ଷ ହେଲା ଲୋୟର ସୁକ୍‌ତେଲ ପ୍ରକଳ୍ପ ପଡିରହିଥିବା, ବାଇପାସ୍ ରାସ୍ତା କାମ ଆରମ୍ଭ ହୋଇପାରୁ ନ ଥିବା ଓ ବିଭିନ୍ନ କମିଶନର ସୁପାରିଶ ଅନୁଯାୟୀ ବଲାଙ୍ଗୀର ପ୍ରକୃଷ୍ଟ ସ୍ଥାନ ହୋଇଥିଲେ ମଧ୍ୟ ଏଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରା ନ ଯାଇ ଏହାକୁ ଝୁଲାଇ ରଖାଯାଇଥିବାରୁ ବକ୍ତାମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଆଜିର ଧାରଣାରେ ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଶଶୀକାନ୍ତ ନାଏକ, ସମ୍ପାଦକ ପ୍ରତାପ ରଥ, ଜନମୋର୍ଚ୍ଚାର ବାସୁଦେବ ରଥ, ଓସ୍ତୁର ସମ୍ପାଦକ ସୁରୁଲାଲ ମଟାରୀ, ପୁଲିନ ମିଶ୍ର, କଂଗ୍ରେସ ଦଳର ବୁଲୁ ଦାନୀ, ମନୀଷ ମିଶ୍ର, ସଞ୍ଜୟ ମିଶ୍ର, ପବିତ୍ର ନେପାକ, ଆଡଭୋକେଟ୍ ଅଶୋକ ରାଉତ, ସଂଗ୍ରାମ ବହିଦାର, ଟିକଲ ପୁଟେଲ, ୟୁଥ ଆକ୍ସନ କମିଟିର ବିନୋଦ କାଲସାଏ, ରିଲୁ ରଥ, ନିରୂପମା ଉଦ୍‌ଗାତା, ଡ. ବିପିନ କୁଶଲିଆ, ଟଙ୍ଗିଆ ଜାମ୍ କମିଟିର ଗୋପାଳ ହୋତା, ବନଲତା ମାଝି, ଗୋପଭୂଷଣ ନାଥ, ଆଦିବାସୀ ସଂଘ ସଭାପତି ବ୍ରଜକିଶୋର ସିଂଭୋଇଙ୍କ ସହ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ତ୍ରିପାଠୀ, ଉପସଭାପତି ବାସୁଦେବ ବାରିକ, ଭବାନୀ ଶତପଥୀ ଉଦ୍‌ବୋଧନ ଦେଇଥିଲେ।

## ରୋଜଗାର ଦାବିରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ସୋନପୁର,୨୦।୨(ନି.ପ୍ର.)**

ଓଡିଶାରେ ଯୁବକଙ୍କୁ ରୋଜଗାର ନାହିଁ। ସଦ୍ୟ ପ୍ରକାଶିତ ରିପୋର୍ଟରେ ବେକାରିରେ ଓଡିଶା ୧ ନମ୍ବରରେ ରହିଛି। ଏହି ପ୍ରସଙ୍ଗକୁ ନେଇ ଭାଜପା ଯୁବମୋର୍ଚ୍ଚା ଗୁରୁବାର ରାଜ୍ୟ ସରକାରଙ୍କୁ ଘେରିଛି। ଦଳ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଷି ଲାଲଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦଳର ଯୁବ ଶାଖା ପକ୍ଷରୁ ଦର୍ଶାଯାଇଛି ଯେ, ଦୀର୍ଘ ୨୦ ବର୍ଷ ଶାସନ ପରେ ବି ଓଡିଆ ଯୁବକ ମାନଙ୍କୁ ନବୀନ ସରକାର ନିଯୁକ୍ତି ଦେଇ ପାରି ନାହାନ୍ତି। ସରକାରଙ୍କ ଅପାରଗତା ପାଇଁ ଓଡିଶା ବେରୋଜଗାରି ଓ ବେକାରିରେ ୧ ନମ୍ବର ସ୍ଥାନରେ ରହିଛି । ଗତ ୧୦ ବର୍ଷ ଭିତରେ ରାଜ୍ୟର ନିୟୋଜନ କାର୍ଯ୍ୟାଳୟରେ ୨୨ଲକ୍ଷ ୫୭ହଜାର ବେକାର ଯୁବତୀ ଯୁବକ ଚାକିରୀ ପାଇଁ ନାମ ପଞ୍ଜିକୃତ କରିଥିଲେ। ହେଲେ ୨୬ହଜାର ୪୫୦ଜଣଙ୍କୁ ଅର୍ଥାତ ମାତ୍ର ୧%ଙ୍କୁ ନିଯୁକ୍ତି ମିଳିଛି। ସେହିପରି ସ୍କିଲ ଓଡିଶା କାର୍ଯ୍ୟକ୍ରମ ବିଫଳ ହୋଇଛି ବୋଲି ଦଳ ଦର୍ଶାଇଛି। ଯୁବମୋର୍ଚ୍ଚା ଜିଲା ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ରାମ ଶଙ୍କର ଭୋଇ, ମହେନ୍ଦ୍ର ମହାନନ୍ଦ, ଗଙ୍ଗା ତରିଆ, ଜ୍ୟୋତି ତ୍ରିପାଠୀ, ଗିରି ଗୋବର୍ଦ୍ଧନ ଥନାପତି, ଚନ୍ଦନ ବହିଦାର, ଅନନ୍ତ ମିଶ୍ର, ସୁରେଶ ବିଶ୍ୱାଳ, ତ୍ରିଲୋଚନ ତରିଆ, ମିଥୁନ ସାହୁ ଓ ଋଷଭ ବୁଡେକ ପ୍ରମୁଖ ସାମିଲ ହୋଇଥିଲେ।



ସୁବର୍ଣ୍ଣପୁରରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

**ତରଭା, ୨୦।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ସମସ୍ତ ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଡିଓ ନିହାରରଞ୍ଜନ କହଁରଙ୍କ ଅଧକ୍ଷତାରେ ଏକ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ତରଭା ବ୍ଲକର ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମୋଟିଭେଟରମାନେ ଯୋଗଦେଇଥିଲେ । ଏଥିରେ ୱାର୍ଲ୍ଡ ବ୍ୟାଙ୍କ ଦ୍ୱାରା ପ୍ରତ୍ୟେକ ପଞ୍ଚାୟତକୁ ୩୮୪୦୩ ଟଙ୍କାର ଏକ ଅନୁଦାନ ବର୍ଜ୍ୟବସ୍ତୁ ପକାଇବାକୁ ସିମେଣ୍ଟ ଟାଙ୍କି ନିର୍ମାଣ ପାଇଁ ଦିଆଯାଇଛି । ଏହି କର୍ମଶାଳାରେ ବିଡିଓ କହଁର ସମସ୍ତ ସରପଞ୍ଚମାନଙ୍କୁ ଶୀଘ୍ର ସ୍ୱତନ୍ତ୍ର ଏକ ସ୍ଥାନ ନିରୂପଣ କରି କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜେଇ-୨ ପ୍ରବୀଣ ପାତ୍ର, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ରବିନ୍ଦ୍ର ସାହୁ, ବଂଶୀଧର ନାଏକ, ଏମଟି ରାଜେନ୍ଦ୍ର ଝାଙ୍କର, ଆନନ୍ଦ ନାଏକ, ସରପଞ୍ଚ ପ୍ରଭାତ ପାତ୍ର, ଲୋକନାଥ ଦଳେବେହେରା, ସୁରେଶ ନାଗ, ଭବାନୀ ଶଙ୍କର ମିଶ୍ରଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ମୋଟିଭେଟରମାନେ ଅଂଶଗ୍ରହଣ କରିଥିଲେ ।

## ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ଅମରପାଲି, ୨୦।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ବୀର ହନୁମାନ କ୍ଲବରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ସୁରୁ ନାରାୟଣ ମହାକୁର ଓ ସାମାଜିକ କର୍ମୀ ମୀନକେତନ ମହାକୁର ଯୋଗଦେଇ ସମାଜ ଗଠନରେ ଯୁବକମାନଙ୍କର କି ଦାୟିତ୍ୱ ରହିବ ତାହା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ଜୀବିକା ମିଶନର କୁବେର ହରିପାଲ, ପ୍ରଥମ ଏଜୁକେଶନ ଫାଉଣ୍ଡେଶନର ନକୁଳ ନାଏକ ଓ ସ୍ୱଚ୍ଛଭାରତ ମିଶନର ପ୍ରଭଞ୍ଜନ କର୍ମୀ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଯୁବ ଅନୁଷ୍ଠାନରୁ ଆସିଥିବା ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ସାହୁ ପରିଚାଳନା କରିଥିବା ବେଳେ ବୃଷଭ ମିର୍ଦ୍ଧା ଓ ଭୋଲାନାଥ ଜଗଦଲା ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬୦ଜଣ ଯୁବକ ଅଂଶଗ୍ରହଣ କରିଥିଲେ। ଶେଷରେ ସୁରଜ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।




ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଇଁ ପ୍ରତିଯୋଗିତା

**ସୋନପୁର,୨୦।୨(ନି.ପ୍ର.)**

ଫେବୃୟାରୀ ୨୧ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ପରିପ୍ରେକ୍ଷୀରେ ସହରର ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଶିବରାତ୍ରୀ ପାଇଁ ବିଦ୍ୟାଳୟ ଛୁଟି ରହୁ ଥିବାରୁ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ବଳିଦାନ ଦେଇଥିବା ବାଂଲାଦେଶର ଭାଷାପ୍ରେମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ମାତୃଭାଷା ଦ୍ୱାରା ବ୍ୟକ୍ତିତ୍ୱ ଗଠନର ଭୂମିକାକୁ ଏହି ଦିବସରେ ସ୍ମରଣ କରାଯାଇଥିଲା। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଲିଖିତ କବିତା, ଗଳ୍ପ ସଂକଳିତ ପ୍ରାଚୀର ପତ୍ରିକା(ସ୍ୱର୍ଣ୍ଣ କଳିକା)କୁ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ର ଉନ୍ମୋଚନ କରିଥିଲେ। ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହ ମାତୃଭାଷାର ଗୁରୁତ୍ୱ ଉପରେ ପ୍ରଧାନଶିକ୍ଷୟିତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ମାତୃଭାଷା ସୁରକ୍ଷା ଶୀର୍ଷକ କୋସଲି ଗୀତ ଓ ଦଳଗତ ନୃତ୍ୟ ଛାତ୍ରୀମାନେ ପରିବେଷଣ କରିଥିଲେ। ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପାଣିଗ୍ରାହୀ, ଗୀତା ମଞ୍ଜରୀ ମହାରଣା, ରାଜଲକ୍ଷ୍ମୀ ସାହୁ, ଅଞ୍ଜଳି ମହାରଣା, ଜୟଶ୍ରୀ ମହାପାତ୍ର ଓ ଶିକ୍ଷକ ନରେନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ପ୍ରଧାନ ଶିକ୍ଷୟିତ୍ରୀ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ୧୯୨ ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ

**ଡୁଙ୍ଗୁରିପାଲି, ୨୦।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତ ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ସୁଶ୍ରୀ କଳ୍ପନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ, ମୁଖ୍ୟବକ୍ତା ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ନୋଡାଲ ଅଫିସର ତଥା ଇଂଲିଶ ଅଧ୍ୟାପକ ମଧୁସୂଦନ ପୂଜାରୀ ଯୋଗଦେଇ ଆତ୍ମସୁରକ୍ଷା ତାଲିମର ଯଥାର୍ଥତା ବିଷୟରେ ଆଲୋକପାତ କରିଥିଲେ । ୧୨ଦିନ ଧରି ଚାଲିଥିବା ଶିବିରରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ ବର୍ତ୍ତମାନ ଯୁଗରେ କେତେ ଜରୁରୀ ହୋଇ ପଡିଛି ତାହା ଉପରେ ମୁଖ୍ୟ ଅତିଥି ବୁଝାଇଥିଲେ। ମାଷ୍ଟର ଟ୍ରେନରଭାବେ ତାଲିମ ଦେଇଥିଲେ ତାରାକାନ୍ତୀ ନାଏକ, କୁମାରୀ ସାଇଶ୍ୱରୀ ବିଶ୍ୱାଳ ଓ ଉମା କୁମ୍ଭାର । ଶେଷରେ ତାଲିମ ନେଇଥିବା ୧୯୨ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆତ୍ମ ସୁରକ୍ଷା ତାଲିମର ପୋଗ୍ରାମ ଇନଚାର୍ଜ ରୂପବନ୍ତ ପଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ମଧୁମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦବିକ୍ରି ବନ୍ଦ ଦାବି କଲେ ମହିଳା

**ସୋନପୁର,୨୦।୨(ନି.ପ୍ର.)**

ସୋନପୁର ସହରର କୋହ୍ଲପଡା ଓ କଳାପଥର ପଞ୍ଚାୟତର ପଡିଆଝୁଲିରେ ବେଆଇନ ଭାବେ ଦେଶୀ ମଦ ବିକ୍ରି ହେଉଛି। ଏଥିଯୋଗୁଁ ସ୍ଥାନୀୟ ଅଧିବାସୀ ସର୍ବସ୍ୱାନ୍ତ ହେଉଛନ୍ତି। ମଦୁଆଙ୍କ ପ୍ରାଦୁର୍ଭାବ ଯୋଗୁଁ ମହିଳାମାନେ ରାସ୍ତାରେ ଯାତାୟାତ କରିବାକୁ ନିରାପଦ ମଣୁ ନାହାନ୍ତି । ଗୁରୁବାର ସୁବର୍ଣ୍ଣପୁର ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ନେତୃତ୍ୱରେ କୋହ୍ଲପଡା ଓ ପଡିଆଝୁଲିର ମହିଳାମାନେ ମଦ ବିକ୍ରି ବନ୍ଦ କରିବାକୁ ଜିଲାପାଳ, ଏସ୍‌ପି, ଅବକାରୀ ଅଧିକ୍ଷକ ଓ ସୋନପୁର ଆଇଆଇସିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ୭ ଦିନ ମଧ୍ୟରେ ମଦ ବିକ୍ରି ବନ୍ଦ ନ ହେଲେ ଚୋରା ମଦ ଭାଟି ବନ୍ଦ କରିବାକୁ ଗ୍ରାମବାସୀ ମାନେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ମଞ୍ଚର ସଭାନେତ୍ରୀ ଜ୍ୟୋତିର୍ମୟୀ ରଥ, ନୁର ବେଗମ, ନୁର ବିବି, ତ୍ରିପୁରା ବଗର୍ତ୍ତି, ସବିତା ଦ୍ୱାରି ଓ ସବିତା ସରଭଙ୍ଗ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।




ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ନେତୃତ୍ୱରେ ମହିଳାମାନେ ସୋନପୁର ଆଇଆଇସିଙ୍କୁ ଭେଟିବାକୁ ଆସିଛନ୍ତି ।

## ଭିଏସ୍‌ଏସ୍ ଟ୍ରଫି କ୍ରିକେଟ: ଉଲୁଣ୍ଡା ସେମିରେ

**ଅମରପାଲି, ୨୦।୨ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ଟେଭାପଦରଠାରେ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ଭିଏସଏସ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସରୋଜ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ପୂର୍ବତନ ସରପଞ୍ଚ ନାରାୟଣ ଲୁହା, ସ୍ଥାନୀୟ ସମିତି ସଭ୍ୟା ପ୍ରତିନିଧି ବିନୋବାନନ୍ଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସୁବଳୟା ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିଲା। ମ୍ୟାଚ ୮-୮ ଓ ୫-୫ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା। ସୁବଳୟା ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୪ ରନ କରିଥିଲା । ସେହିପରି ଦ୍ୱିତୀୟ ଫର୍ମାଟରେ ସୁବଳୟା ୫ ଓଭରରେ ୩ ଉଇକେଟ ହରାଇ ୬୦ରନ କରିଥିବା ବେଳେ ଲୁଡୁରପଙ୍କ ୩୮ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ସୁବଳୟା ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମ ଫର୍ମାଟରେ ୧୦ ଓଭରରେ ୭ଉଇକେଟ ହରାଇ ୮୨ରନ କରିଥିବା ବେଳେ ସୁବଳୟା ୧୦ ଓଭରରେ ୯ ଉଇକେଟ ହରାଇ ୭୦ ରନ କରିଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ଉଲୁଣ୍ଡା ୩ ଓଭରରେ ୩୭ ରନ କରିଥିବା ବେଳେ ସୁବଳୟା ୩ ଓଭରରେ ୧୭ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଉଲୁଣ୍ଡା ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ସୁରୁ କର୍ଣ୍ଣ ଅତିଥିଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ରିଙ୍କୁ ଓ ଦ୍ୱିତୀୟ ମ୍ୟାଚ ପାଇଁ ବିକାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଗୁଡିକରେ ଅରୁଣ ମହାକୁର ଓ ଜଟେଶ୍ୱର ବାଦୀ ଅମ୍ପାୟାର, ମଣ୍ଟୁ ବଡ଼ିଆ ସ୍କୋରିଂ ଏବଂ ସନ୍ତୋଷ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।



ଭିଏସ୍‌ଏସ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଖବରଦାତଙ୍କ ପିତୃ ବିୟୋଗ

**କର୍ଲାମୁଣ୍ଡା,୨୦।୨ (ଡି.ଏନ.ଏ.):** ଓଡ଼ିଶା ସାମ୍ବାଦିକ ସଂଘ (ଓ.ଜେ.ୟୁ) ରାଜ୍ୟ ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ 'ଧରିତ୍ରୀ' ଖବରଦାତ ଶଶିଭୂଷଣ ପ୍ରହରାଜଙ୍କ ପିତା ଗୋବିନ୍ଦ ପ୍ରସାଦ ପ୍ରହରାଜ (୭୨)ଙ୍କ ପରଲୋକ ହୋଇଯାଇଛି। ସେ ଅସୁସ୍ଥତା ଅନୁଭବ କରିଥିବାରୁ ମ.ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତଃ ପ୍ରହରାଜ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁତ୍ର ଶଶିଭୂଷଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ବସ୍ତରେନ ମାଉଲିଁଙ୍କ ମନ୍ଦିର ପ୍ରତିଷ୍ଠା

କୋକସରା,୨୦।୨(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡାଗୁଡା ପଞ୍ଚାୟତ କୁଲେରଗୁଡା ଗ୍ରାମଠାରେ ମା' ବସ୍ତରେନ ମାଉଲିଁଙ୍କ ମନ୍ଦିର ପ୍ରତିଷ୍ଠା ଓ ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କ୍ଷିରସିନ୍ଧୁ ପୂଝାରୀଙ୍କ ଘରୁ ଦେବାଦେବୀଙ୍କ ଲାଠୀ କଳିସି ସହ ମନ୍ଦିର ପରିସରରେ ପହଞ୍ଚିବା ପରେ ମନ୍ଦିର ପ୍ରତିଷ୍ଠା ସହ କୁମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ପୂଜକ କ୍ଷୀରସିନ୍ଧୁ ପୂଝାରୀ, ଅମରସିଂ ପୂଝାରୀ ପୂଜା କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ସଭାପତି ଇନ୍ଦ୍ରଜିତ ନାଏକ, ସମ୍ପାଦକ ହେମନ୍ତ କୁମାର ମାଝି, କୋଷାଧକ୍ଷ ଧନଞ୍ଜୟ ବାଗ, ବିନୋଦ ବଣିଆ ପ୍ରମୁଖ ବହୁ ଗ୍ରାମବାସୀ ସହଯୋଗ କରିଥିଲେ । ଅତିଥି ଭାବେ କଲମପୁର ଜୋନ ୧ ଜିଲା ପରିଷଦ ସଦସ୍ୟ ବିଜୟ ଦେବ ସାହୁ, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁଧୀର ରଞ୍ଜନ ପାଢଯୋଷୀ, ନବରଙ୍ଗପୁର ଭାଜପା ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଯୋଗଦେଇ ଥିଲେ।



### ସାମାଜିକ କର୍ମୀ ଜଗଦୀଶ ନାଏକଙ୍କ ପରଲୋକ

ଭବାନୀପାଟଣା,୨୦।୨(ଡି.ଏନ.ଏ.) ଭବାନୀପାଟଣା ନକଟିଗୁଡା ନିବାସୀ ସାମାଜିକ କର୍ମୀ ଜଗଦୀଶ ନାଏକ (୫୦)ଙ୍କ ଗତ ୧୯ ତାରିଖରେ ପରଲୋକ ଘଟିଛି। ସେ ଗତ କିଛିଦିନ ତଳେ ସ୍ଥାନୀୟ ଶୋରୁମ୍ ନିକଟରେ ଦୁର୍ଘଟଣାଗ୍ରସ୍ତରେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ସେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୧୯ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ନାଏକ ୮ ବର୍ଷ ଧରି ନକଟିଗୁଡା ଦୁର୍ଗାପୂଜା କମିଟି ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିଲେ। ତାଙ୍କର ମୃତ୍ୟୁ ଖବର ସହରରେ ଶୋକର ଛାୟା ଖେଳାଇଦେଇଛି।

# ଚାଷୀଙ୍କ ୩ ଘଣ୍ଟା ରାସ୍ତାରୋକୋ

କୋକସରା,୨୦।୨ (ଡି.ଏନ.ଏ.)



ଆମପାଣିଠାରେ ଚାଷୀମାନେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

- ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ
- ଆମପାଣି ମଣ୍ଡିରୁ ଧାନ ଉଠାଣ ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ମଣ୍ଡିରେ ଦୀର୍ଘ ୨ ମାସ ହେବ ଚାଷୀଙ୍କ ଧାନ ପଡିରହିଛି। ପ୍ୟାକ୍ସ କର୍ତ୍ତୃପକ୍ଷ ଟାର୍ଗେଟ ନ ଥିବା ଏବଂ ଟୋକନ ଆସି ନ ଥିବା କହି ଦିନ ଗଡାଇ ଚାଲିଛନ୍ତି। ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରି ନ ପାରି ମଣ୍ଡିରେ ପଡିରହି ରହିଛନ୍ତି। ଶେଷରେ ଧାନ ଉଠାଣ ଦାବିରେ ଶତାଧିକ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗୁରୁବାର ଆମପାଣିଠାରେ ଚାଷୀମାନେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ୩ ଘଣ୍ଟା ଜୟପୁର-ଭବାନୀପାଟଣା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ନେଗିଙ୍କ ନେତୃତରେ ଆଇଆରବି ଯବାନଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚିଥିଲେ। ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ନିଜ ଜିଦିରେ ଅଟଳ ରହିଥିଲେ। ଘଟଣାସ୍ଥଳରେ କୋକସରା ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଶବର ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରି ୪ ରୁ ୫ ଦିନ ମଧ୍ୟରେ ଧାନ ଉଠାଣ ଓ ଟୋକନ ସମସ୍ୟା ସମାଧାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ, ଚଳିତ ଖରିଫ ଋତୁର ଧାନ ବିକ୍ରି ପାଇଁ ଆମପାଣି ମଣ୍ଡିରେ ୧୩୪୫ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗତ ୧୨ ତାରିଖ ସୁଦ୍ଧା ଆମପାଣି ପ୍ୟାକ୍ସ ୧୧୧୦ ଜଣ ଚାଷୀଙ୍କ ୮୧ ହଜାର ୮୫ କୁଇଣ୍ଟାଲ ୨୨ କେଜି ଧାନ କ୍ରୟ କରିଥିବାବେଳେ ୨୩୫ ଜଣ ଚାଷୀଙ୍କ ଧାନ ପଡ଼ି ରହିଛି। ଅନ୍ୟପକ୍ଷେ ୧୨ ତାରିଖ ମଧ୍ୟରେ ଧାନ ବିକ୍ରି ପାଇଁ ୧୯ ଜଣ ଚାଷୀଙ୍କୁ ଟୋକନ ଆସିଥିଲା। ଟୋକନ ଆସିଥିବା ଜାଣି ଚାଷୀମାନେ ୧୨ ଶହ ୩୬ କୁଇଣ୍ଟାଲ ଧାନ ଆଣି ମଣ୍ଡିରେ ରଖିଥିଲେ। ୧୪ ତାରିଖରେ ଅଘୋଷିତ ଭାବେ ଧାନ କିଣା ବନ୍ଦ ହୋଇଯାଇଥିଲା। ଫଳରେ ମଣ୍ଡିରେ ଧାନ ରଖିଥିବା ଓ ଟୋକନ ଅପେକ୍ଷାରେ ଥିବା ଚାଷୀ ମଣ୍ଡିରେ ଧାନ ରଖି ଯୋଗାଣ ବିଭାଗକୁ ଧାନ କିଣିବା ଦାବି କରିଥିଲେ। ଏଯାଏଁ ଧାନ ବିକ୍ରି ପାଇଁ ଟୋକନ ଓ ଟାର୍ଗେଟ ନ ଦେବା ଯୋଗୁ ଧାନ ବିକ୍ରି କରି ନ ପାରି ଚାଷୀ ମଣ୍ଡିରେ ପଡିରହିଛନ୍ତି। ଆମପାଣି ମଣ୍ଡିରେ ବୁଧବାର ସୁଦ୍ଧା ପ୍ରାୟ ୩ ହଜାର ୫ ଶହ କୁଇଣ୍ଟାଲ ଧାନ ପଡିରହିଥିବା ବେଳେ ଚାଷୀଙ୍କ ଟୋକନ ଥାଇ ମଧ୍ୟ ଟାର୍ଗେଟ ନ ଥିବା ଓ ଟାର୍ଗେଟ ଥିଲେ ଟୋକନ ନ ଥିବା ଏଭଳି ସମସ୍ୟାରେ ପଡ଼ି ଧାନ କେବେ ବିକ୍ରି କରିବ ଓ ଧାର କରଜ କେବେ ଶୁଝିବେ ସେ ନେଇ ଏବେ ଚାଷୀ ଚିନ୍ତାରେ ଅଛନ୍ତି। ବର୍ତ୍ତମାନ ସେହି ଚାଷୀମାନଙ୍କ ଟୋକନ ମଧ୍ୟ ଅନ୍ତର୍ଧାନ ହୋଇଯାଇଥିବା ଚାଷୀମାନେ ଜାଣିବା ପରେ ଶତାଧିକ ଚାଷୀ ଏକତ୍ରିତ ହୋଇ ଗୁରୁବାର ଆମପାଣିଠାରେ ୨୬ ନଂ ଜାତୀୟ ରାଜପଥରେ ଧାନ ବସ୍ତା ରଖି ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁଧୀର ରନ ପାଢଯୋଷୀ, ଅପ୍ରେସ ସ୍ୱାଇଁ, ଘନଶ୍ୟାମ ନାଏକ, ଗରୁଡଧ୍ୱଜ ମାଝି, ହିମାଂଶୁ ପଣ୍ଡା, ତ୍ରିନାଥ ବାଗ ପ୍ରମୁଖ ସାମିଲ ହୋଇଥିଲେ। ଚାଷୀମାନଙ୍କ ମଧ୍ୟରେ ବିନୋଦ ସିଂ, ଗଣେଷ ରାମ ଅଗସ୍ତି, ସୋନୁ ଅଗ୍ରୱାଲ, ଧନବଳ ମାଝି, ଧର୍ମାନନ୍ଦ ନାଏକ, ଚୌଧୁରୀ ନାଏକ, ମନୋଜ କୁମାର ଦାସ, ଭୁଜବଳ ଝାଙ୍କର, ସୁଧୀର ପାତ୍ର, ବୈଷ୍ଣବ ମାଝି ପ୍ରମୁଖଙ୍କ ସହ ଶତାଧିକ ଚାଷୀ ସାମିଲ ଥିଲେ। ସେହିପରି ଆମପାଣି ମଣ୍ଡି ସମେତ ବ୍ଲକର ଟେମରା, ଡହଗାଁ, ଲଡୁଗାଁ ମଣ୍ଡିରେ ମଧ୍ୟ ପାଖାପାଖି ୧୦ ହଜାର କୁଇଣ୍ଟାଲ ଧାନ ପଡିରହିଥିବାରୁ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନ ଦାନ ବାନ୍ଧୁଛି।

# ଆଜି ମହାଶିବରାତ୍ରି, ଚଳଚଞ୍ଚଳ ଶୈବପୀଠ

ତୁଣ୍ଡଲା, ୨୦।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ଶୈବପୀଠ ବେଲଖଣ୍ଡିରେ ଶୁକ୍ରବାରଠାରୁ ମହାଶିବରାତ୍ରି ମେଳା (ଜାଗରଯାତ୍ରା) ଆରମ୍ଭ ହେବ। ତେଲ ଓ ଉତେଇ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ଐତିହାସିକ ଶୈବପୀଠରେ ମହାଶିବରାତ୍ରୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ମହାଶିବରାତ୍ରି ପାଇଁ ଗୁରୁବାର ସନ୍ଧ୍ୟାରେ ସାହାଜପାଟି, ତାଲଭଅଁରା, ବେଲଖଣ୍ଡି ଓ ଫଲସାପଡାର ମହିଳାମାନେ କଳସଯାତ୍ରାରେ ବାହାରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଯଜ୍ଞରେ କର୍ତ୍ତା ଭାବେ ସୁକଦେବ ସାହୁ ଓ ଅମୃତ ସାହୁ ରହିଥିଲେ। ପୂଜକ ଭାବେ ରବୀ ନନ୍ଦ, କ୍ଷୀର ସାଗର ନନ୍ଦ, ଶୁକ୍ରୁ ଶତପଥି ରହିଥିଲେ। କଳସଯାତ୍ରାରେ ସ୍ଥାନୀୟ ସରପଞ୍ଚ ଝସନେତ୍ରୀ ଭୋଇ, ପୂଜା କମିଟି ସଭାପତି ବେଲଦାର ଭୋଇ, ଚକାମନ ନାଏକ, ଆର୍ତ୍ତତ୍ରାଣ ସିଂ, ଅକ୍ଷୟ କୁମାର ସାହୁ, ଭଗବାନ ଭୋଇ, ଶୁଶାନ୍ତ ବାଗ, ଜୟଲାଲ ଭୋଇ, ସୁବାଷ ସାହୁ, ଭୁବନେଶ୍ୱର ଚୌଧୁରୀ, ଗଙ୍ଗା ଚୌଧୁରୀ, ଦୟା ସାଗର ଭୋଇ, ସୁରଥ ହେର୍ଣ୍ଣା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ବ୍ରତଧାରୀମାନେ ଶୁକ୍ରବାର ରାତି ଉଜାଗର ରହି ମହାଦୀପ ଦର୍ଶନ କରିବେ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦେଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କେସିଙ୍ଗା ଥାନା ଓ ପଲମ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।



ଅଷ୍ଟପ୍ରହର ନାମଯଜ୍ଞ, କଳସଯାତ୍ରା।




ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦଯାପନୀରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

# ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜୁନାଗଡ,୨୦।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ମହାବିଦ୍ୟାଳୟରେ ଗତ ୬ ତାରିଖଠୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମରେ ମହାବିଦ୍ୟାଳୟ ଯୁକ୍ତ ୨ ପ୍ରଥମ ବର୍ଷର ୫୪ ଜଣ ଛାତ୍ରୀ ଭାଗ ନେଇଥିଲେ। ପ୍ରଶିକ୍ଷିକା ଭାବେ ଜୁନାଗଡ ପିଆଇ ମହାବିଦ୍ୟାଳୟ ଜୋଲି ପରାଭୋଇ ଯୋଗଦେଇ ସେମାନଙ୍କୁ ବିଭିନ୍ନ ପ୍ରକାର ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ(ପି.ଟି) ସୁଶାନ୍ତ କୁମାର ମୁଣ୍ଡ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ବୀରକିଶୋର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜୁନାଗଡ ପୋଲିସ ଏସ୍‌ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ଅଶୋକ କୁମାର ସାହୁ, ପ୍ରଭାକର ତ୍ରିପାଠୀ, ମହିଳା କନଷ୍ଟେବଳ ସୁନିତା ସୁନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ କାଳୀଚରଣ ଖାଡଙ୍ଗା ସଭା ପରିଚାଳନା କରିଥିଲେ। ଭବିଷ୍ୟତରେ ଶତ୍ରୁ କବଳରୁ ନିଜକୁ ରକ୍ଷା କରିବା ସହ ଅନ୍ୟକୁ ସାହାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଏହି ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ବିଭିନ୍ନ ସ୍ଥାନରେ ମାତୃଭାଷା ଦିବସ ପାଳିତ

ରିଷିଡ଼ା,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷାରେ ସମ୍ବିଧାନର ମୁଖବନ୍ଧ ପାଠ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ମାତୃଭାଷାର ଗୁରୁତ୍ୱ ଦେବା ପାଇଁ ସଂକଳ୍ପ ନିଆଯାଇଥିଲା।

### ଦଶମ ପରୀକ୍ଷା : ପ୍ରଥମ ଦିନରେ କପି କରି ୭ ମାଲପ୍ରାକ୍ଟିସ୍

ଭବାନୀପାଟଣା,୨୦।୨(ଡି.ଏନ.ଏ.)

ବୁଧବାରଠାରୁ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ଓଡିଆ ବିଷୟରେ କପି କରି କଳାହାଣ୍ଡି ଜିଲାର ୭ ଛାତ୍ରୀଛାତ୍ର ସ୍କ୍ୱାଡ ଦ୍ୱାରା ଧରାପଡି ମାଲପ୍ରାକ୍ଟିସ ହୋଇଛନ୍ତି। ସୂଚନା ମୁତାବକ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଚଢାଉ କରାଯାଇଥିଲା। କଲମପୁର ବ୍ଲକରେ ୬ ଜଣ ଓ କେସିଙ୍ଗାରେ ଜଣେ ମାଲପ୍ରାକ୍ଟିସ ହୋଇଥିବା ଡିଇଓଙ୍କ ସୂତ୍ରରୁ ପ୍ରକାଶ।

# ବିଜମରା ଗ୍ରାମ ସାଂସଦଙ୍କ ପୋଷ୍ୟ ଗ୍ରାମପଞ୍ଚାୟତ ମାନ୍ୟତା ପାଇଲା

ଭବାନୀପାଟଣା,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଧୀନସ୍ଥ ବିଜମରା ଗ୍ରାମ ପଞ୍ଚାୟକୁ କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା ନିଜର ପୋଷ୍ୟ ଗ୍ରାମ ପଞ୍ଚାୟତ ତଥା ଆଦର୍ଶ ଗ୍ରାମ ପଞ୍ଚାୟତ ମାନ୍ୟତା ଦେଇଥିବା ଘୋଷଣା କରିଛନ୍ତି । କଳାହାଣ୍ଡି ଏମ୍ପି ୨୦୧୯ ନିର୍ବାଚନର ବିଜୟ ପରେ କଲମପୁର ବ୍ଲକ ବିଜମରାକୁ ନିଜର ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କରିଛନ୍ତି। ବିଜମରା, ପାଣିଗାଁ, ଡୁମେରମୁଣ୍ଡା ଓ ଦୁଲକିବନ୍ଧ ଆଦି ୪ଟି ରାଜସ୍ୱ ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠିତ । ପଞ୍ଚାୟତର ଏହି ୪ଟି ରାଜସ୍ୱ ଗ୍ରାମରେ ତଫସିଲଭୁକ୍ତ ଜାତିର ୬୦୧, ତଫସିଲଭୁକ୍ତ ଜନଜାତି ବର୍ଗର ୧୦୨୪, ପଛୁଆବର୍ଗର ୧୮୦୦ ଓ ସାଧାରଣବର୍ଗର ୩୫୫ ପରିବାରର ସର୍ବମୋଟ ୩୭୮୦ ପରିବାରର ଜନ ସଂଖ୍ୟା ୧୫୧୨୦ ରହିଛି। ଏହି ପଞ୍ଚାୟତର ୯୫ ପ୍ରତିଶତରୁ ଅଧିକ ଲୋକ ଧାନ ଚାଷ ଉପରେ ନିର୍ଭର କରି ଆସୁଛନ୍ତି। ଏମ୍ପି ପଣ୍ଡା ଏହି ଅଞ୍ଚଳର କୃଷି ବିକାଶ ପାଇଁ ଧାନ ଚାଷ ଅପେକ୍ଷା ମାଛ ଚାଷ, ଗୋ ପାଳନ, କଦଳୀ ଚାଷ ସମେତ ପନିପରିବା ଆଦି ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ । ପଞ୍ଚାୟତରେ ଥିବା ବେକାର ଯୁବକ ଯୁବତୀ ଯଦି ଆତ୍ମ ନିର୍ଭରଶୀଳ ହେଇ ରୋଜଗାରକ୍ଷମ ହେବା ପାଇଁ ତାଲିମର ଆବଶ୍ୟକତା ରହିଛି। ତେଣୁ ସେମାନଙ୍କୁ ତାଲିମ ପ୍ରଦାନ ଦିଗରେ ପଣ୍ଡା ଗୁରୁତ୍ୱ ଦେବା ବୋଲି ସୂଚନା ଦେଇଥିଲେ। ସାଂସଦଙ୍କ ଆଦର୍ଶ ଗ୍ରାମପଞ୍ଚାୟତ ଉଦ୍‌ଘାଟନ ଅବସରରେ ଆୟୋଜିତ ଜନ ସେଚତନତା ଶିବିରରେ ବିଡିଓ ହେମ ସାଗର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ, ସମିତି ଅଧ୍ୟକ୍ଷା ମଞ୍ଜୁଳା ସାହୁ, ଜିଲା ପରିଷଦ ସଭ୍ୟ ବିଜୟ ଦେବ ସାହୁ, ଅମୋଜ ପଣ୍ଡା, ଦନାର୍ଦ୍ଦନ ପଣ୍ଡା, ଶିକ୍ଷାବିତ୍ ଗୋକୁଳାନନ୍ଦ ଠାକୁର, ସରପଞ୍ଚ ଦୁହିତା ମାଝି ଓ ସମିତି ସଭ୍ୟା ସୁମଦିନୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଚରଣ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରପଞ୍ଚ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣାକର ବାଗ, ପ୍ରଗତି ସହାୟକ ଲକ୍ଷ୍ମଣ ହରିଜନ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଲଲାଟେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବିଜମରା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍ପି ବସନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ।

# ଭଲିବଲ : ମୁଖିଗୁଡ଼ା ଚାମ୍ପିୟନ

ଜୁନାଗଡ,୨୦।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ଯମୁନାବାହାଲଠାରେ ୧୯ ତାରିଖଠାରୁ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମୁଖିଗୁଡା ଓ କଦଳୀଚୁଆଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖିଗୁଡା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍ ଯଶୋବନ୍ତ ଦଣ୍ଡସେନା ପରିଚାଳନା କରିଥିଲେ। ଯମୁନାବାହାଲ ମହାକାଳେଶ୍ୱର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ନବୀନ ମେହେର, ଶ୍ରୀମୁଖ ପାତ୍ର, ମୋହନ ମେହେର ପ୍ରମୁଖ ଯୋଗଦେଇଥିଲେ। ୨ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୨୬ଟି ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ଶେଷ ଯାଏଁ କୃପାନିଧି ପାତ୍ର, ସୁଶାନ୍ତ ପାତ୍ର, କନ୍ଦର୍ପ ଧଙ୍ଗଡାମାଝି, ଅନୀଲ ପାତ୍ର, ଟୁଲୁ ଦଣ୍ଡସେନା, ସଞ୍ଜୟ ପାତ୍ର, ଟୁନା ପାତ୍ର, ସ୍ୱାଧୀନ ଦଣ୍ଡସେନା, ଅକ୍ରୁର ଦଣ୍ଡସେନା, ଗୁଡୁ ପାତ୍ର, ପୀତାମ୍ବର ମାଝି, ଅଭିମନ୍ୟୁ ମାଝି, ରାକେଶ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।



ଭଲିବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଏସ୍‌ସି, ଏସ୍‌ଟି, ଓବିସି ରିଜର୍ଭେଶନ ଦାବିରେ ଜନ ଆନ୍ଦୋଳନ

ଭବାନୀପାଟଣା, ୨୦।୨ (ଡି.ଏନ.ଏ.)

- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଆମ୍ବେଦକ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ଶାଖା



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏସ୍‌ସି, ଏସ୍‌ଟି, ଓବିସି ରିଜର୍ଭେଶନ୍ ଦାବିରେ ଜନଆନ୍ଦୋଳନ କରାଯାଇଛି।

ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ଏସ୍‌ସି, ଏସ୍‌ଟି, ଓବିସି ରିଜରର୍ଭେଶନ୍ ଦାବିରେ ଜନଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏପିଆଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଧିମାନ ବିଜୟ ମାନ୍‌କର କେନ୍ଦ୍ର ସରକାରଙ୍କୁ ସମ୍ବିଧାନରେ ଆବଶ୍ୟକ ସଂଶୋଧନ କରି ଏସ୍‌ସି, ଏସ୍‌ଟି, ଓବିସିମାନଙ୍କ ସଂରକ୍ଷଣକୁ ଠିକ ଭାବେ ସାମ୍ବିଧାନିକ ମାନ୍ୟତା ଦେବା ସହିତ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଭାଗିଦାର କରିବା ପାଇଁ ଗତ ୧୨ ତାରିଖରେ ପିଟିସନ୍ ଦାଖଲ କରି ସାରିଛନ୍ତି। ୨୦ ତାରିଖରେ ଦେଶ ବ୍ୟାପି ଜନଆନ୍ଦୋଳନ ସହିତ ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି। ଦାବିଗୁଡିକ ହେଲା ଅନୁସୁଚିତ ଜାତି, ଅନୁସୁଚିତ ଜନଜାତି ଓ ଓବିସିମାନଙ୍କ, 'ପ୍ରତିନିଧିତ୍ୱ ମୂଳକ ଆରକ୍ଷଣ'ର ଅଧିକାର ସୁନିଶ୍ଚିତ କରିବା ନିମନ୍ତେ ଭାରତ ସମ୍ବିଧାନରେ ସକରାତ୍ମକ ଓ ବ୍ୟାପକତାର ସହିତ ସଂଶୋଧନ, ସମ୍ବିଧାନର ଧାରା ୧୬ (୪କ)କୁ ସଂଶୋଧନ କରି ଓବିସିମାନଙ୍କୁ ପଦୋନ୍ନତିରେ ଆରକ୍ଷଣ ସୁନିଶ୍ଚିତ କରିବା, ସମ୍ବିଧାନର ୯ମ ଅନସୂଚିରେ ଆରକ୍ଷଣଙ୍କୁ ସ୍ଥାନିତ କରିବା, ସେବା କ୍ଷେତ୍ରରେ ନିଯୁକ୍ତି, ପଦ ଓ ପଦୋନ୍ନତି ନିମନ୍ତେ ଏକ ବିସ୍ତାରିତ ଆରକ୍ଷଣ ଆଇନ କରିବା, ସମ୍ବିଧାନରେ ସଂଶୋଧନ ବା ଆଇନ ତିଆରି କରି ନ୍ୟାୟାଧିସମାନଙ୍କ ନିଯୁକ୍ତି, ପଦୋନ୍ନତି ଓ ପଦରୁ ବହିଷ୍କାର ନିମନ୍ତେ ରାଷ୍ଟ୍ରିୟ ନ୍ୟାୟିକ ଆୟୋଗ ଗଠନ କରିବା ପାଇଁ ଦାବି କରାଯାଇଛି । ଭବାନୀପାଟଣାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛବିଲାଲ ନିଆଲଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ କେନ୍ଦ୍ର ସରକାରଙ୍କ ଘରୋଇ କରଣ ନୀତି, ସାମ୍ବିଧାନିକ ଅଧିକାରକୁ ହବନ କରୁଥିବା ସିଏଏ, ଏନ୍‌ଆରସି, ଏନ୍‌ପିଆର୍ ବିରୋଧରେ ମତପ୍ରକାଶ କରିଥିଲେ। ଦିନକୁ ଦିନ ସରକାରଙ୍କ ଏସ୍‌ସି, ଏସ୍‌ଟି ଓବିସି ଓ ମାଇନୋରିଟି ମାରଣନୀତି ବଢି ଚାଲିଥିବାରୁ ସମସ୍ତେ ସଚେତନ ହୋଇ ଏହା ବିରୋଧରେ ସାମ୍ବିଧାନିକ ଲଢେଇ କରିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଆଇର ରାଜ୍ୟ କୋଷାଧ୍ୟକ୍ଷ ଧି. ବୈଦ୍ୟନାଥ ବେହେରା, ଜିଲା ସଭାପତି ଚନ୍ଦ୍ରମଣି ମହାନନ୍ଦ, କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ଜାଲ, ସମ୍ପାଦକ ପ୍ରମୋଦ ବାଗ, ନରେଶ କର, ରାଜ୍ୟ ସମ୍ପାଦକ ଦିଗାମ୍ବର ଲୁହା, ଜିଲା କର୍ଯ୍ୟକାରୀଣୀର ରମେଶ ମେହେର, ସୁରେନ୍ଦ୍ର ପ୍ରସାଦ କରନ, ଅଜୟ ନାଏକ, ସରଦାର ଇକବାଲ ସିଂ ସାନ୍ଧୁ, ସଞ୍ଜୟ ମେହେର, ତ୍ରିବେଣି ନାଏକ, ଜ୍ୟୋତ୍ସ୍ନା ନାଏକ, ସନ୍ତୋଶ ନାଏକ, ଅଭିଜିତ କର, ସୁମିତ୍ରା ନାଏକ, ଅହଲ୍ୟା ନିଆଲ, ମଙ୍ଗଳା ଦୁର୍ଗା ଯୋଗଦେଇ ନିଜ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ରାଷ୍ଟ୍ରିୟ ସମ୍ପାଦକ ଯତିନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ଗାଁ ପରିମଳ ଧୋବା ତୁଠରୁ : ଜିଲାପାଳ ଅଫିସରେ ଗନ୍ଧ

**ନୂଆପଡା ଅଫିସ,୨୦।୨:** କୁହାଯାଏ ଗାଁ ପରିମଳ ଧୋବା ତୁଠରୁ। ସେହି ମର୍ମରେ ଜିଲାର ପରିମଳ ବ୍ୟବସ୍ଥା କେତେଦୂର ସ୍ୱଚ୍ଛ ରହିଛି ଯେକେ ହି ବି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ପଶିଯିବ ଜଳ ଜଳ ବାରିଦେବ। ଜିଲା ହେଡକ୍ୱାର୍ଟରରେ ନବନିର୍ମିତ ତିନି ମହଲା କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଚାଲିଛି। ଏଠାରେ ଥିବା ଗ୍ରାଉଣ୍ଡ ଏବଂ ପ୍ରଥମ ମହଲାରେ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ଶୌଚାଳୟ, ପରିଶ୍ରାଗାର ବ୍ୟବସ୍ଥା କରାଯାଇଛି । ଏହା ସବୁବେଳେ ଗନ୍ଧମୟ ହୋଇ ରହୁଛି। କେତେକ ଅଧିକାରୀ ଏହାକୁ ନେଇ ଦେହ ସୁହା ହୋଇଯାଇଥିବା ପ୍ରକାଶ କରନ୍ତି। ଏଥିରେ ଆବଶ୍ୟକ ପାଣି ସହ ସଫେଇ କରାଯାଉ ନ ଥିବା ଅଭିଯୋଗ ହେଉଛି। ଜିଲାର ସବୁଠାରୁ ଆଗଧାଡିରେ ଥିବା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଯଦି ଏଭଳି ଗନ୍ଧ ବାହାରିବ ତେବେ ବାକି ଜାଗା କଥା କିଏ ପଚାରେ ବୋଲି ଚର୍ଚ୍ଚା ହେଉଛି।



### ଏକାଦଶ ଦିନାତ୍ମକ ରୁଦ୍ର ମହାଯଜ୍ଞ

**ଭବାନୀପାଟଣା,୨୦।୨(ଡି.ଏନ.ଏ.)**
ସ୍ଥାନୀୟ ଭବାନୀଶଙ୍କର ମନ୍ଦିରରେ ଜଗତ କଲ୍ୟାଣ କଳ୍ପେ ଏକାଦଶ ଦିନାତ୍ମକ ରୁଦ୍ର ମହାଯଜ୍ଞ ଆୟୋଜିତ ହେଉଛି। ଏଥି ନିମନ୍ତେ ଯଜ୍ଞ ମଣ୍ଡପରେ ପଞ୍ଚ କୁଣ୍ଡୀୟ ଯଜ୍ଞ ସହ ଜ୍ଞାନ ଯଜ୍ଞ, ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ପୁରୁଷୋତ୍ତମ ସାଗରରେ ଜଳାଭିଷେଖ କରି ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ଯଜ୍ଞର ଅଧିବାସ କର୍ମ ସମ୍ପାଦିତ ହୋଇଥିଲା । ୧୧ ତାରିଖ ସକାଳୁ ଏକାଦଶ ଦିନାତ୍ମକ ରୁଦ୍ର ଯଜ୍ଞ ଆରମ୍ଭ ହୋଇଥିଲା । ପଣ୍ଡିତ କୈଳାଶ ଚନ୍ଦ୍ର ମିଶ୍ର ଓ ପଣ୍ଡିତ ମଙ୍ଗଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରୁଦ୍ର ମହାଯଜ୍ଞରେ ୨୮ଜଣ ଯାଜ୍ଞିକ ବ୍ରାହ୍ମଣ ବିଭିନ୍ନ କର୍ମ ସମ୍ପାଦନ କରୁଛନ୍ତି। ପ୍ରତିଦିନ ସନ୍ଧ୍ୟା ୭.୩୦ରୁ ୮.୩୦ ଯାଏ ବିଭିନ୍ନ ସାଧୁ ସନ୍ଥମାନଙ୍କ ଦ୍ୱାରା ମନ୍ଦିର ପରିସରରେ ଜ୍ଞାନ ଯଜ୍ଞ ପ୍ରବଚନ ହେଉଛି । ଏହି ଅବସରରେ କୁମ୍ଭ ସଂକ୍ରାନ୍ତି ଦିନ ମନ୍ଦିରରେ ଅର୍ଣ୍ଣ ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୪ ହଜାର ଶ୍ରଦ୍ଧାଳୁ ଅର୍ଣ୍ଣ ପ୍ରସାଦ ସେବନ କରିଥିଲେ । ୨୧ ତାରିଖ ମହାଶିବ ରାତ୍ରୀ ସକାଳ ୭ଟାରୁ ମନ୍ଦିର ପରିସରରେ ଅଷ୍ଟ ପ୍ରହାର ନାମ ଯଜ୍ଞ ଆରମ୍ଭ ହେବ । ଶିବରାତ୍ରୀରେ ରାତି ୧୨ଟାରେ ଏକାଦଶ ଦିନାତ୍ମକ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ମନ୍ଦିର ପୂଜାରୀ ମନୋଜ ମୁନି, ସରୋଜ ମୁନି, ବ୍ରହ୍ମଚାରୀ ଚନ୍ଦ୍ରଶେଖର ଏକାଦଶ ଦିନାତ୍ମକ ରୁଦ୍ର ମହାଯଜ୍ଞର ପରିଚାଳନା କରୁଛନ୍ତି। ପ୍ରତିଦିନ ଯଜ୍ଞରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି।

# ଧାନ କିଣିବାକୁ ଭାଜପାର ଜିଲାବ୍ୟାପୀ ଆନ୍ଦୋଳନ




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜାତୀୟ ରାଜପଥରେ ଆନ୍ଦୋଳନକାରୀମାନେ।



ଆନ୍ଦୋଳନକାରୀଙ୍କୁ ଏସ୍‌ପି ବୁଝାଉଛନ୍ତି ।

- କର୍ମୀମାନେ ଧସେଇ ପଶିଲେ କଲେକ୍ଟୋରେଟ
- ୬୭୫ ଟୋକନରୁ ୨୮୭୧୨ କୁଇଣ୍ଟାଲ ଧାନ ଉଠିବ
- ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ

**ନୂଆପଡା ଅଫିସ/ସିନାପାଲି, ୨୦।୨ (ଡି.ଏନ.ଏ.)**

ଜିଲାବ୍ୟାପି ମଣ୍ଡିଗୁଡିକରେ ହଜାର ହଜାର ବସ୍ତା ଧାନ ପଡିରହିଥିବାବେଳେ ଧାନ କିଣା ବନ୍ଦ କରିବାକୁ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲାବ୍ୟାପି ଚାଷୀ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଗୁରୁବାର ଭାଜପା ପକ୍ଷରୁ ଜିଲାବ୍ୟାପି ଆନ୍ଦୋଳନ କରାଯାଇଥିବାବେଳେ ନୂଆପଡାଠାରେ ଆନ୍ଦୋଳନକାରୀମାନଙ୍କ ଅସନ୍ତୋଷ ତୀବ୍ର ହୋଇଥିଲା। ଆନ୍ଦୋଳନକାରୀମାନେ ଜିଲାପାଳ କାର୍ଯ୍ୟାଳୟ ମୁଖ୍ୟ ଗେଟ ଧସେଇ ପଶି କାର୍ଯ୍ୟାଳୟ ପରିସରରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ। ଶେଷରେ ଜିଲାପାଳ ମଣ୍ଡି ଗୁଡିକରେ ପଡିଥିବା ଟୋକନଧାରୀ ୬୭୫ ଜଣ ଚାଷୀଙ୍କଠାରୁ ୨୮ ହଜାର ୭୧୨ କୁଇଣ୍ଟାଲ ୯୭ କିଗ୍ରା ଉଠିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଜିଲାର ବିଭିନ୍ନ ମଣ୍ଡିଗୁଡିକରେ ଅନ୍ୟୁନ ୬୦ ହଜାର କୁଇଣ୍ଟାଲ ଧାନପଡି ରହିଛି । ଏଥିରେ ଟୋକନ ରହିଥିବା ଚାଷୀଙ୍କ ଧାନ ପଡିରହିଥିବାବେଳେ ଯେଉଁମାନଙ୍କୁ ଟୋକନ ମିଳିନାହିଁ ଏବଂ ଯେଉଁମାନଙ୍କୁ ଟୋକନ ମିଳିବା ରହିଛି ସେମାନେ ମଧ୍ୟ ଧାନ ଆଣି ରଖଛନ୍ତି । ଯେଉଁଦିନଠାରୁ ମଣ୍ଡିକୁ ବନ୍ଦ କରି ଦିଆଯାଇଛି ସେହି ଦିନଠାରୁ ଚାଷୀମାନେ କିଂ କର୍ତବ୍ୟ ବିମୂଢ ହୋଇ ରହିଛନ୍ତି । ଏହାକୁ ନେଇ ଗତ ମଙ୍ଗଳବାର ସାହିପଲାଠାରେ ଚାଷୀମାନେ ନୂଆପଡା-ବରଗଡ ରାସ୍ତା ଅବରୋଧ କରିଥିଲେ। ସେହି ଦିନ ଜିଲା ପ୍ରଶାସନ ପକ୍ଷରୁ ପତ୍ରାଙ୍କ ସଂଖ୍ୟା ୫୫୪/୨୦ରେ ମଣ୍ଡି ଗୁଡିକରେ ଅନ୍ୟୁନ ୪୦ ହଜାର କୁଇଣ୍ଟାଲ ଧାନ ପଡିରହିଥିବା ନେଇ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ବୁଧବାର ଜୟକିଷାନ ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରୁ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ବେଳେ ଜାତୀୟ ରାଜପଥ ୩୫୩କୁ ଅବରୋଧ କରାଯାଇଥିଲା। ଏହାର ନେତୃତ୍ୱ ନେଇଥିଲେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା। ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଗେଟକୁ ଧସେଇ ପଶି କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ପ୍ରଥମେ ଜିଲାପାଳ ମଧୁସ୍ମିତା ସାହୁ, ଏସ୍‌ପି ବିନୀତ କୁମାର ଅଗ୍ରୱାଲ ଆସି ଧାନକିଣା ଉପରେ ରାଜ୍ୟ ସରକାରଙ୍କ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କହିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ଶେଷରେ ମଣ୍ଡିରେ ପଡିଥିବା ଧାନଗୁଡିକୁ ଉଠାଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲିଖିତ ଭାବେ ଜଣାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଗତବର୍ଷ ଧାନକିଣାରେ ବେଲଗୁକୁରୀ ମଣ୍ଡିରେ ହୋଇଥିବା ଅନିୟମିତତା ତଦନ୍ତ କରି ପ୍ୟାକ୍ସର କମିଶନ ଏବଂ ମିଲର୍ସଙ୍କ ଟିସି ବନ୍ଦ କରାଯାଇଥିବା ଜିଲାପାଳଙ୍କ ଜଣାଇଥିଲେ । ଏହି ଆନ୍ଦୋଳନରେ କଳାହାଣ୍ଡି ଏମପିଙ୍କ ସମେତ ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ମନିଜର ଆର୍ଯ୍ୟ, ଗୋଲଡି ଅଗ୍ରୱାଲ, ଚତୁର୍ଭୁଜ ଶର୍ମା, ତୁଳସ ପଟେଲ, ଅଭିନନ୍ଦନ ପଣ୍ଡା, ଗୋବର୍ଦ୍ଧନ ସାହୁ, ସୁରେଶ କୁମାର ଅଗ୍ରୱାଲ, କମଳେଶ ଦିକ୍ଷୀତ, ଦିଲୀପ ନିର୍ମଳକର ପ୍ରମୁଖ ସାମିଲ ଥିଲେ। ସେହିଭଳି କୋମନା ବ୍ଲକ ଉଦ୍ୟାନବନ୍ଧରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ରାସ୍ତାରୋକୋ କରିଥିଲେ। ଏଥିରେ କୁରେଶ୍ୱର, ଘୋଟସର, ରେଙ୍ଗ ଗାଁର ଚାଷୀମାନେ ସାମିଲ ଥିଲେ। କୋମନା ତହସିଲଦାର ଆସି ଦୁଇ ଦିନ ମଧ୍ୟରେ ଧାନ କିଣାଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ଖଡିଆଳ ବ୍ଲକର ତିଖାଲି, ତୁକଲାରେ ମଧ୍ୟ ଏତାଦୃଶ ଆନ୍ଦୋଳନ କରାଯାଇଥିଲା। ସିନାପାଲିସ୍ଥିତ ଧାନମଣ୍ଡିଠାରେ ଭାଜପାର ପକ୍ଷରୁ ଗୁରୁବାର ପ୍ରତିବାଦ କରାଯାଇଛି। ଏହା ସହିତ କିଛି ସମୟ ସିନାପାଲି-ବୋଡେନ ରାସ୍ତା ଅବରୋଧ କରାଯାଇଥିଲା। ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଧାନମଣ୍ଡିରେ ୪୩୬ ଜଣ ପଞ୍ଜୀକୃତ ଚାଷୀଙ୍କ ନିକଟକୁ ଧାନ ବିକ୍ରୟ ସମ୍ବନ୍ଧୀୟ କୌଣସି ମେସେଜ୍ ଆସି ନ ଥିଲା । ଫଳରେ ସେମାନେ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସମସ୍ତ ଧାନ ମଣ୍ଡିରେ ଧାନ କ୍ରୟ ବନ୍ଦ କରି ଦିଆଯାଇଛି। ଏଭଳି ପରିସ୍ଥିତିରେ ଚାଷୀମାନେ ଚିନ୍ତିତ ଥିବା ବେଳେ ଭାଜପା ତରଫରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନୂଆପଡା ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏଥିରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ବେଳେ ଠାକୁରଙ୍କ ସମେତ ପୂର୍ବତନ ଜିଲା ଭାଜପା ସଭାପତି ଶିବପ୍ରସାଦ ମୁଣ୍ଡ, ଉଦନ୍ତୀ ମଣ୍ଡଳ ସଭାପତି ମାର୍କଣ୍ଡ ଗହିର, ସମଲେଇ ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ମେହେର, ଧର୍ମେନ୍ଦ୍ର ପୁରୋହିତ, ସତୀଶ ଚନ୍ଦ୍ର ଯୋଶୀ, ରାତ୍ରାନନ୍ଦ ମନହିରା, ଖୁସିରାମ ମେହେର, ଗଣେଶ ମେହେରଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଓ ଚାଷୀ ସାମିଲ ଥିଲେ।



### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ମଦନପୁର,୨୦।୨(ଡି.ଏନ.ଏ.):**
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଯୋଗଦାନ କରିଥିଲେ। ଏଥିକର୍ତ୍ତା ଭାବେ ଭୁପେନ୍ଦ୍ର ବାଣୁଆଁ ଓ ମିନାକ୍ଷୀ ବାଣୁଆଁ ରହିଥିବାବେଳେ ପୂଜକ ଅନିରୁଦ୍ଧ ପାଢୀ ଓ ଜପକ ସୂର୍ଯ୍ୟ ମଣି ପଣ୍ଡା ରହିଥିଲେ । ଶୁକ୍ରବାର ସକାଳ ୭ଟାରେ ନାଈମ ଆରମ୍ଭ ହୋଇ ରବିବାର ସକାଳ ୭ଟାରେ ପୂର୍ଣ୍ଣାହୁତି ହେବା ପାଇଁ ସ୍ଥିର କରାଯାଇଛି। ମଦନପୁର ଶିବ ମନ୍ଦିର କମିଟି ସଭାପତି ରାଜେଶ ଧଙ୍ଗଡାମାଝି, ସମ୍ପାଦକ ଦୁଷ୍ମନ୍ତ ଥପା, କୋଷାଧ୍ୟକ୍ଷ ଯୁଧିଷ୍ଠିର ସିଂହ ଓ କମିଟି ସଭ୍ୟ ହରି ମହାନନ୍ଦ, କପିଳେନ୍ଦ୍ର ପୂଝାରୀ, ଡମ୍ବରୁ ଧଙ୍ଗଡାମାଝି ପୂଜା ଦାୟିତ୍ୱରେ ରହିଥିବା ବେଳେ ଗ୍ରାମର ମହିଳାମାନେ ସହଯୋଗ କରୁଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ମେହେରପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି,୨୦।୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ମେହେରପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇକୋ କ୍ଲବ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ଅସ୍ମିତା ପାଢୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ପ୍ରେମସିନ୍ଧୁ ହେର୍ଣ୍ଣା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ତୁଳସୀରାମ ମେହେର ମୁଖ୍ୟବକ୍ତା, ସିଆର୍‌ସିସି ପ୍ରସନ୍ନ କୁମାର ମାଝି, ପୂର୍ଣ୍ଣଚନ୍ଦ୍ର ମେହେର ଓ ବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ସହକାରୀ ଶିକ୍ଷକ ଲୋଚନ ମେହେର କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ ଅତିଥିମାନଙ୍କ ପରିଚୟ ପ୍ରଦାନ ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ତାର ସଚେତନତା ସୃଷ୍ଟି କରିବା ଉପରେ ମଞ୍ଚାସୀନ ଅତିଥିବୃନ୍ଦ ବକ୍ତବ୍ୟ ପ୍ରଦାନ କରିବା ସହିତ ବହୁବିଧ ଦିବସଗୁଡିକ ପାଳନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ଏହି ଇକୋ କ୍ଲବର ଉଦ୍ଦେଶ୍ୟ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟ ପ୍ରତ୍ୟେକ ଶ୍ରେଣୀରୁ ଜଣେ ଲେଖାଏଁଙ୍କୁ ଉତ୍ତମ ଛାତ୍ର ଭାବରେ ସମ୍ମାନିତ କରାଯିବା ସହ ଏ ବର୍ଷର ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଶୃଙ୍ଖଳିତ, ପରିଷ୍କାର ପରିଚ୍ଛନ୍ନତା ଉପରେ ଚୟନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା । ଲୋଚନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡ଼ିଆଳ ସାହିତ୍ୟ ସମିତି ୧୩୭ତମ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ଖଡ଼ିଆଳ, ୨୦।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜ ଦରବାରଠାରେ ହେବାକୁ ଥିବା ଓଡ଼ିଶାର ଅଗ୍ରଗଣ୍ୟ ସାହିତ୍ୟ ଅନୁଷ୍ଠାନ ଖଡ଼ିଆଳ ସାହିତ୍ୟ ସମିତିର ୧୩୭ତମ ବାର୍ଷିକ ଉତ୍ସବ ଆସନ୍ତା ଫେବୃୟାରୀ ୨୩ ତାରିଖ ରବିବାର ପାଳନ କରିବା ପାଇଁ ସ୍ଥିର ହୋଇଛି । ଏହି ବୈଠକରେ ବିଶିଷ୍ଟ ଗବେଷକ ଡ. ଜିତାମିତ୍ର ପ୍ରସାଦ ସିଂଦେଓ ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନ ପରିଚାଳନା ସମ୍ପାଦକ ଗୌରାଙ୍ଗ କୁମାର ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ଇରଫାନ ମହମ୍ମଦ ଗତବର୍ଷର ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ଚଳିତବର୍ଷ ସମିତି ପକ୍ଷରୁ ସାହିତ୍ୟିକ ପ୍ରବୋଧ କୁମାର ହୋତା, ପଣ୍ଡିତ ହେମରାଜ ଶାସ୍ତ୍ରୀ, କବୟିତ୍ରୀ କଳ୍ପନା ରଥ, ନୃତ୍ୟଶିଳ୍ପୀ ଋତୁପର୍ଣ୍ଣା ଶିବାନୀ ଦଣ୍ଡସେନା ଓ କଣ୍ଠଶିଳ୍ପୀ ବନ୍ଦନା ଚଲାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିରିକୃତ କରାଯାଇଛି। ସଭାରେ ଯୁଗ୍ମ ସମ୍ପାଦକ କୁନାଲ ଚରଣ ବେହେରା, ଖରତ ଚନ୍ଦ୍ର ବାରିକ ଓ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ତାଲାକୋଟ ବାରି ଜଙ୍ଗଲରେ ନିଆଁ

**ସିନାପାଲି,୨୦।୨ (ଡି.ଏନ.ଏ.)**



ନୂଆପଡା ଜିଲା ସିନାପାଲି ଉପାନ୍ତ ତଥା ମାଓପ୍ରବଣ ଘାଟମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଲାକୋଟ ବାରି ଜଙ୍ଗଲରେ ଗୁରୁବାର ସକାଳେ ନିଆଁ ଲାଗିଛି। ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ପ୍ରତ୍ୟେକ ଜଙ୍ଗଲ ଦାୟିତ୍ୱରେ ବିଭାଗୀୟ ଅଧିକାରୀମାନଙ୍କ ତଦାରଖ ଦାୟିତ୍ୱ ନ୍ୟସ୍ତ ଅଛନ୍ତି। ହେଲେ ସକାଳୁ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହେଉଥିବା ବେଳେ ଉକ୍ତ ଜଙ୍ଗଲ ଦାୟିତ୍ୱରେ ଥିବା କର୍ମଚାରୀମାନେ ତଥା ବିଭାଗୀୟ ଅଧିକାରୀଙ୍କ ପାଖରେ କୌଣସି ଖବର ନ ଥିବା ପରିତାପର ବିଷୟ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାର ନୂତନ ବନୀକରଣ କରୁଥିବ ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି ବେପରୁଆ କାର୍ଯ୍ୟ ଯୋଗୁ ବନୀକରଣ ବଦଳରେ ଜଙ୍ଗଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ଜଙ୍ଗଲରେ ମୂଲ୍ୟବାନ ଶାଗୁଆନ ତଥା ବନ୍ୟଜାତ ଦ୍ରବ୍ୟ ପ୍ରଦାନକାରୀ ବୃକ୍ଷ ଥିବା ବେଳେ ବର୍ତ୍ତମାନ ହଜାର ନୂତନ ଚାରା ରୋପଣ କରାଯାଇଛି। ଏତଦ୍ ବ୍ୟତୀତ ହଜାର ହଜାର ଜୀବଜନ୍ତୁ, ପଶୁପକ୍ଷୀ ଏଠାରେ ବାସ କରୁଛନ୍ତି । ନିଆଁ ଲାଗିବା ଦ୍ୱାରା ସମସ୍ତ ବୃକ୍ଷ ନଷ୍ଟ ହେବା ସହ ଶହ ଶହ ଜୀବଜନ୍ତୁ ପ୍ରାଣହାନୀ ଘଟିଥିବା ଆଶଙ୍କା କରାଯାଉଛି। ଏ ନେଇ ସିନାପାଲି ରେଞ୍ଜର ବିମଳ ଟପ୍‌ନୋଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ମୋ ପାଖରେ ଜଙ୍ଗଲ ଜଳୁଥିବା କୌଣସି ଖବର ନାହିଁ, ବୁଝୁଛି ବୋଲି କହିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ଖଡ଼ିଆଳ, ୨୦।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ନବୀନ କିଶୋର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁର ବିଜୟକାନ୍ତ ତାଣ୍ଡି, ଗୌରୀଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ରତନସିଂ ବାରିକ, ଭୂପିନ୍ଦର ସିଂ, ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅନ୍ତର୍ଜାତୀୟ ମାତୃଭାଷା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।




ସପ୍ତମ ଦିବସ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଏନ୍‌ଡିସିସି ୮୮ ରନ୍‌ରେ ବିଜୟୀ

**ଭବାନୀପାଟଣା,୨୦।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କ୍ରିଡାସଂସ୍ଥା ଅନୁକୂଲ୍ୟରେ ପ୍ରଥମ କଳାହାଣ୍ଡି ସିନିୟର ଅନ୍ତଃଜିଲା କ୍ରିକେଟ୍ ଲିଗ ଏନ୍‌ଡିସିସି ଭବାନୀପାଟଣା ବନାମ ଏନ୍‌ଜେଏସ୍ ଧର୍ମଗଡ ମଧ୍ୟରେ ଗୁରୁବାର ଅନୁଷ୍ଠିତ ସପ୍ତମ ଦିବସ ମ୍ୟାଚ୍‌ରେ ଏନ୍‌ଡିସିସି ୮୮ ରନ୍‌ରେ ବିଜୟୀ ହୋଇଛି। ଏନ୍‌ଡିସିସି ଭବାନୀପାଟଣା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୪ ରନ୍ କରିଥିଲା। ଜବାବ୍‌ରେ ଏନ୍‌ଜେଏସ୍ ଧର୍ମଗଡ ବ୍ୟାଟିଂ କରି ୨୨.୫ ଓଭରରେ ୧୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଏନ୍‌ଡିସିସି ୮୮ ରନ୍‌ରେ ବିଜୟୀ ହୋଇଥିଲା। ଖେଳରେ ଅମ୍ପାୟାର ଭାବେ ବିପ୍ଳବ ସିଂ ଓ ପ୍ରଭାତ ବ୍ରହ୍ମା ଦାୟିତ୍ୱ ତୁଲାଇଥିବା ବେଳେ ଓସିଏ ଡିଜିଟାଲ ସ୍କୋରର୍ ସେକ କୁତୁବୁଦ୍ଦିନ, ସ୍କୋରର୍ ଭାବେ ସନ୍ତ ସିଂ, ମେଚ୍ ରେଫରି ଭାବେ ସାଜୁ ବାଲାନ, ସିନିୟର ସିଲେକ୍ଟର ଜିତେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ କ୍ରିଡାସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ, ସଂସ୍ଥାର ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା ଓ କାଳୀ ପ୍ରସାଦ ପଟ୍ଟନାୟକ, ନିର୍ମଳ ସିଂ, ଅବଦୁଲ କାଦର ଖାଁ, ଚକ୍ରଧର ସେଠୀ, ଅଭୟ ବାଗ, ଧିରେନ୍ କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଭିକାରୀ ମିଶ୍ର, ଅଶୋକ ପଟ୍ଟନାୟକ, ବିପିନ ମିଶ୍ର, ଜୟ ସାହୁ ଉପସ୍ଥିତ ଥିଲେ।

## ଲୋକକଳା, କୁଟୀରଶିଳ୍ପକୁ ପ୍ରୋତ୍ସାହିତ କରାଯାଉଛି

**ନୂଆପଡା ଅଫିସ,୨୦।୨**

**ପଲ୍ଲିଶ୍ରୀମେଳା ଉଦ୍‌ଘାଟିତ**

ନୂଆପଡା ଭଳି ଜିଲାରେ ବିଭିନ୍ନ ପ୍ରକାର କୁଟୀର ଶିଳ୍ପର ବିକାଶ ଦିନକୁ ଦିନ ଗଢି ଉଠୁଛି । ଏହାର ବିକାଶ ପାଇଁ ଉପଯୁକ୍ତ ବଜାରର ଆବଶ୍ୟକତା ରହିଥିବାବେଳେ ଏଥିପାଇଁ ସରକାରୀ ପ୍ରୋତ୍ସାହନର ଦରକାର ବୋଲି ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ଗୁରୁବାର ସନ୍ଧ୍ୟା ସାଢେ ୭ଟାରେ ଜିଲାପାଳ ମଧୁସ୍ମିତା ସାହୁ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଆନୁଷ୍ଠାନିକ ଭାବେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅବସ୍ଥାପିତ ସମସ୍ତ ଷ୍ଟଲଗୁଡିକୁ ବୁଲି ଦେଖିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ମୁଖ୍ୟଅତିଥି, ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାଏକ, ଓରମାସ କାର୍ଯ୍ୟନିର୍ବାହୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଲ୍ଲିଶ୍ରୀ ମେଳାର ଆବଶ୍ୟକତା ଉପରେ ବକ୍ତାମାନେ ମାର୍ଗଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ମେଳାରେ ଜିଲା ତଥା ଜିଲା ବାହାରୁ ବହୁ ସାମଗ୍ରୀର ପସରା ଆଣି ଲୋକେ ଆସିଛନ୍ତି । ଏହା ଆସନ୍ତା ୨୪ ତାରିଖ ଯାଏଁ ଚାଲିବ। ଏଥିରେ ମୋଟ ୧୫୩ଟି ଷ୍ଟଲ ଚାଲିଥିବା ଓରମାସ କାର୍ଯ୍ୟ ନିର୍ବାହୀ ପ୍ରଧାନ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଆସି କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଶଙ୍କର୍ଷଣ ପୁରୋହିତ, ଶିଶିର କୁମାର ଭୁୟାଁ ପ୍ରମୁଖ ପରିଚାଳନା କରିଥିଲେ।



ପଲ୍ଲିଶ୍ରୀମେଳାର ଷ୍ଟଲଗୁଡ଼ିକ ଅତିଥିବୃନ୍ଦ ବୁଲି ଦେଖୁଛନ୍ତି ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଅଧିବାସ

**ଖପ୍ରାଖୋଲ, ୨୦।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ତ୍ରିଲିଙ୍ଗେଶ୍ୱର ଜଳମହାଦେବ ମନ୍ଦିର ପରିସରରେ ମହାଶିବରାତ୍ରି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଂକ୍ରାନ୍ତି କମିଟି ଦ୍ୱାରା ୨୦ ବର୍ଷ ଧରି ନାମଯଜ୍ଞ ଏବଂ ଶିବରାତ୍ରି ପାଳନ ହୋଇଆସୁଛି । ଅଧିବାସ ଅବସରରେ ଆୟୋଜନ କମିଟିର ମହେନ୍ଦ୍ର ଭୋଇ, ବିପ୍ର ବିଶି, ଶଶି ପୂଝାରୀ, ଲଳିତ ମାଝୀ, ସାଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ବେଧଡକ ଚାଲିଛି ନିଶା କାରବାର

**ପାଟଣାଗଡ, ୨୦।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ସହରରେ ବେଧଡକ ଚାଲିଛି ବେଆଇନ ନିଶା କାରବାର। ଏହାକୁ ରୋକିବାରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ ହେଲେ ମଧ୍ୟ ଏହାକୁ ରୋକା ଯାଇ ପାରୁନାହିଁ। ଫଳରେ ନିଶା କାରବାର କରୁଥିବା ବ୍ୟବସାୟୀମାନେ ଅନାୟସରେ ସେମାନଙ୍କ କାରବାରକୁ ଚଳାଇବାରେ ସଫଳ ହେଉଛନ୍ତି। ସହରର ବିଭିନ୍ନ ଛକରେ ଦେଶୀବିଦେଶୀ ମଦ ଏବଂ କଫ୍ ସିରପ କାରବାର ଖୁଲମଖୁଲା ଚାଲିଛି। ଏଥିଯୋଗୁ ନାନାଦି ଅଶାନ୍ତିକର ବାତାବରଣ ଦେଖାଦେଉଛି। ଯୁବ ସମାଜ ନିଶା ଦ୍ରବ୍ୟ ସେବନ କରି ପଥଭ୍ରଷ୍ଟ ହେଉଛନ୍ତି, ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ନିଶା ସେବନ ଯୋଗୁ ସହରରେ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଏପରିକି ନାବାଳକମାନେ ଏହି କାର୍ଯ୍ୟରେ ସାମିଲ ହେଉଥିବା ନଜରକୁ ଆସୁଛି। ଗତ ୨ମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଏକାଧିକ ଚୋରି ହୋଇଛି। ଦୋକାନ ଶଟର ଭାଙ୍ଗି ଚୋରି ହୋଇଥିବା ପାଟଣାଗଡ ଥାନାରେ ଅଭିଯୋଗ ହୋଇଛି। ପରିସ୍ଥିତି ଏହିପରି ଥିବାବେଳେ ପାଟଣାଗଡ ଅବକାରୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଛି। ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡାଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ଚଢାଉ କରାଯାଉଛି ବୋଲି କହିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ସୁପର ଲିଗ୍‌ରେ ନାଏକ କ୍ରିକେଟ ଏକାଡେମୀ

**ବଲାଙ୍ଗୀର ଅଫିସ, ୨୦।୨:** ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଓସିଏ ଭିଜନ-୨୦୨୪ ସିନିୟର ଇନ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ନାଏକ କ୍ରିକେଟ୍ ଏକାଡେମୀ ଓ ବଙ୍ଗୋମୁଣ୍ଡା ମଧ୍ୟରେ ଖେଳ ହୋଇଥିଲା । ନାଏକ କ୍ରିକେଟ୍ ଏକାଡେମୀ ଟସ୍ ଜିଣି ୪୪.୧ ଓଭରରେ ୨୨୮ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୈଳେଶ ପଟ୍ଟନାୟକ ୫୬ ଓ ଅମିତାଭ ସରାପ ୫୭ ରନ୍ ସଂଗ୍ରହ କରିଥିଲେ । ବଙ୍ଗୋମୁଣ୍ଡା ଦଳ ପକ୍ଷରୁ ସଫଳ ବୋଲର ଭାବେ ପିଙ୍କୁ ହିଆଲ, ଲଙ୍କେଶ୍ୱର ବନଛୋର ଓ ଶଶୀଭୂଷଣ ମାଝି ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବଙ୍ଗୋମୁଣ୍ଡା ଦଳ ୩୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ୍ କରିଥିଲେ। ଦଳ ପକ୍ଷରୁ ତପନ କୁମାର ତାଣ୍ଡି ୪୦ ରନ୍ ସଂଗ୍ରହ କରିଥିଲେ । ନାଏକ ଏକାଡେମୀ ପକ୍ଷରୁ ସଫଳ ବୋଲର ଭାବେ ଦେବାଶିଷ କାଣ୍ଡ ଓ ସୌଭାଗ୍ୟ ପଟେଲ ୨ଟି ଲେଖାଏ ଉଇକେଟ ନେଇଥିଲେ । ନାଏକ ଏକାଡେମୀ ୧୧୨ ରନ୍‌ରେ ବିଜୟୀ ଘୋଷିତ ହୋଇ ସୁପର ଲିଗ୍‌ରେ ପ୍ରବେଶ କରିଛି । ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ, ରଜତ ଦାସ ପରିଚାଳନା କରିଥିଲେ। ଅନ୍‌ଲାଇନ ସ୍କୋର୍ ଭାବରେ ସୁଶୀଲ କୁମାର ସୁନ୍ଦରାୟ ଦାୟିତ୍ୱ ବହନ କରିଥିଲେ ।

### ଆନ୍ତର୍ଜାତିକ ମାତୃଭାଷା ଦିବସ

**ଅମରପାଲି,୨୦।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଙ୍ଫୁଲା ପଞ୍ଚାୟତର ପଣ୍ଡିଆପାଲି ସରକାରୀ ୟୁପି ସ୍କୁଲରେ ଗୁରୁବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷା କମିଟି ସଭ୍ୟା ପ୍ରମିଳା ରାଜହଂସ, ଗୀତାଞ୍ଜଳି ରାଜହଂସ, ଭୂମି ଖେତୀ ଓ ରଞ୍ଜିତା ଦେହେରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, କୁଇଜ୍ ଓ ତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମେଘନାଦ ଭୋଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଓ ବୈଶିଷ୍ଟ୍ୟତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

# ସ୍କୁଲଗେଟ୍‌ରେ ତାଲ ପକାଇ ଧାରଣା

**ଲୋଇସିଂହା,୨୦।୨(ଡି.ଏନ.ଏ)**

- ସମସ୍ୟା ଘେରରେ ଦୁମଦୁମି ସେବାଶ୍ରମ ସ୍କୁଲ
- ଛାତ୍ରୀଛାତ୍ର, ପରିଚାଳନା ସମିତି ସଦସ୍ୟ, ଅଭିଭାବକ ଧାରଣାରେ ବସିଲେ



ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା ସମିତି ସଦସ୍ୟ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି ସେବାଶ୍ରମ ସ୍କୁଲରେ ଶିକ୍ଷକ ଅଭାବ ଓ ଅନ୍ୟ କେତେକ ସମସ୍ୟାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ତାଲା ବନ୍ଦ ଆନ୍ଦୋଳନ କରିଥିଲା । ଗୁରୁବାର ସେମାନେ ସ୍କୁଲ ଗେଟରେ ତାଲା ପକାଇ ଦେଇଥିଲେ। ପରେ ସ୍କୁଲ ସାମନା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରାସ୍ତାରେ ବସି ଧାରଣା ଦେଇଥିଲେ । ଫଳରେ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲକୁ ଯାଇ ପାରି ନ ଥିଲେ । ପ୍ରଧାନଶିକ୍ଷକ ନୃସିଂହ ଚରଣ ପ୍ରଧାନୀ ବିଭାଗୀୟ ଅଧିକାରୀଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରୀ ପରମେଶ୍ୱର ପୃଷ୍ଟିଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ବ୍ଲକ ମଙ୍ଗଳ ଅଧିକାରୀ ଜ୍ଞାନରଞ୍ଜନ ବଡଜେନା ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବୁଧବାର ସ୍କୁଲରେ ଜଣେ ନୂଆ ଶିକ୍ଷକ ଯୋଗାଇ ଦିଆଯାଇଛି। ମାସକ ପରେ ଆଉ ଜଣେ ଶିକ୍ଷକ ଯୋଗାଇବା ସହ ଡେପୁଟେଶନରେ ଯାଇଥିବା ୨ ଜଣ ସୁଇପର କମ ଆଟେଣ୍ଡାଣ୍ଟ ସେବାଶ୍ରମକୁ ଫେରାଇବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ନରମି ରାସ୍ତାରୁ ହଟିଥିଲେ। ପରେ ଛାତ୍ରୀଛାତ୍ର ଶ୍ରେଣୀଗୃହକୁ ଯାଇଥିଲେ। ପ୍ରଧାନ ଶିକ୍ଷକ, ପରିଚାଳନା କମିଟି, ଅଭିଭାବକ ଓ ଡବ୍ଲୁଓ ବଡଜେନା, ସିଆରସିସି ପର୍ଶୁରାମ ସୁନା, ବିଇଓ ଅଫିସ କର୍ମଚାରୀ ସୋମନାଥ ବିଶ୍ୱାଳ ପ୍ରମୁଖଙ୍କ ମଧ୍ୟରେ ଏ ନେଇ ଆଲୋଚନା ହୋଇଥିଲା। ସୂଚନାମତେ, କୁଟେନପାଲି ପଞ୍ଚାୟତ ଅଧୀନ ଦୁମଦୁମି ଗାଁରେ ଆଦିବାସୀ ହରିଜନ ବିଭାଗର ଏକ ଅଶ୍ରମ ଓ ବିଦ୍ୟାଳୟ ରହିଛି । ଏଥିରେ ୧୯୨ ଛାତ୍ରୀଛାତ୍ର ରହୁଥିବାବେଳେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୨୬୮ଜଣ ପିଲା ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସମେତ ୮ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ୫ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ସେଥିରୁ ଜଣେ ଶିକ୍ଷୟିତ୍ରୀ ଗତ ନଭେମ୍ବର ମାସରୁ ପ୍ରସୂତିକାଳୀନ ଛୁଟିରେ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ପରିଚାଳନା ସମିତି ଓ ଅଭିଭାବକମାନେ ଅଭିଯୋଗ କରିଥିଲେ । ଏତଦ୍‌ବ୍ୟତୀତ ସେବାଶ୍ରମରେ ଥିବା ୨ଟି ପାଇଖାନ ବ୍ୟବହାର ଅନୁପଯୋଗୀ ହୋଇ ଅଚଳ ହୋଇ ପଡିବା, ୨ଜଣ ସିସିଏକୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଥିବାରୁ ସେବାଶ୍ରମ ଛାତ୍ରୀମାନେ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ଗୁରୁବାର ଧାରଣା ଦେଇଥିଲେ। ପରିଚାଳନା ସମିତି ସଭାପତି ରମଶକୁମାର ପାତ୍ର, ଅଭିଭାବକ ଭୂବନ ସଲତର, ବନମାଳୀ ଆଦବରିଆ, ବିଶ୍ୱାମିତ୍ର ତାଣ୍ଡି, ବୀଣା ପାତ୍ର, ଗୀତା ଧରୁଆ,ଧନମତି କୁଶଳଙ୍କ ସମେତ ବହୁ ଅଭିଭାବକ ସାମିଲ ହୋଇଥିଲେ ।

### ମାରୱାଡି ଯୁବାମଞ୍ଚର ସାଧାରଣ ବୈଠକ

**ଗୁଡ଼ଭେଲା, ୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଅଗ୍ରସେନ ଭବନରେ ମାରୱାଡି ଯୁବାମଞ୍ଚର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଞ୍ଚର ଅଧ୍ୟକ୍ଷ ନିର୍ବାଚନ ହୋଇଥିଲା। ୨୦୨୦-୨୧ବର୍ଷ ପାଇଁ ମନୋଜ କୁମାର ଜୈନ ଅଧ୍ୟକ୍ଷଭାବେ ମନୋନୀତ ହୋଇଥିଲେ। ସେହିପରି ମଞ୍ଚ ଉପସଭାପତି ଗଣେଶ ଅଗ୍ରୱାଲ, ସମ୍ପାଦକ ସଙ୍ଗୀତ ଜୈନ ଓ କୋଷାଧ୍ୟକ୍ଷଭାବେ ଅମିତ ଜୈନଙ୍କୁ ମନୋନୟନ କରାଯାଇଥିଲା । ବାଣିଜ୍ୟ ସଂଘ ସଭାପତି ଦୀନଦୟାଲ କେଡିଆ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହା ପରେ ଯୁବାମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଅଗ୍ରୱାଲ, ମଣ୍ଡଳ ଉପସଭାପତି ଆଶିଷ ଚୌଧୁରୀ, ବଲାଙ୍ଗୀର ଶାଖା ଅଧ୍ୟକ୍ଷ ବୀରେନ୍ଦ୍ର ଅଗ୍ରୱାଲ, ସାମାଜିକ କର୍ମୀ ପବନ ଅଗ୍ରୱାଲ, ନାଗରିକ କମିଟି ସଭାପତି ରୁଣୁଗୋପାଳ ସାହୁ, ଜାଗୃତି ଶାଖାର ସଭାନେତ୍ରୀ ଏମ.କେଡିଆ, ଜାଗୃତି ଶାଖାର ପୂର୍ବତନ ସଭାନେତ୍ରୀ ରିଙ୍କି ଅଗ୍ରୱାଲ, ପ୍ରେମାନନ୍ଦ ସାହୁ ନୂଆ ଅଧ୍ୟକ୍ଷ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୦ କେ.ଜି. ଚାଉଳ ଭରସାରେ ବୁରୁଧ୍ ଦମ୍ପତି

**ଲାଠୋର, ୨୦।୨ (ଡି.ଏନ୍.ଏ.)**

**ସରକାରୀ ଯୋଜନାରୁ ବଁଚିତ୍**



ନିଜର ଦଦ୍‌ରା ଘର ଆଘେ ବୁରୁଧ୍ ଦମ୍ପତି।

ସରକାର ଗରିବ୍ ଦୁଖି, ଖଟିଆ ପରିବାରମାନକୁ ଭିନେ ଭିନେ ଯୋଜନାରେ ପକାଘର, ଭତା, ଚାଉଲ ଆଦି ଯୁଗେଇ ଦେଉଛନ୍। ହେଲେ ଅନେକ ହକ୍‌ଦାର ହିତାଧିକାରୀ ଭିନେ ଭିନେ କାରନ୍‌ରୁ ଇ ଯୋଜନାରୁ ବଁଚିତ୍ ହେଇ ବଡ଼ା ଦୁଖେ ଜୀବନ୍ ବିତଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ଅଧୀନ ଝଲିଆଲିଟି ଗାଁରେ। ସୂଚନା ଅନ୍‌ସାରେ ଝଲିଆଲିଟି ଗାଁର ବୁରୁଧ୍ ଖଗ ଦୀପ। ପରିବାର କହେଲେ ମାଏକିନା ହୀରା ଦୀପ, ଦୁଇ ଝିଁ ସୁଶୀଲା, ଦବକୀ ଆର ଗୁଟେ ବଲି ପୁଓ ଅମୃତକୁଁ ନେଇ ସଁସାର। ଖଗ ଦୁଖ୍‌ସୁଖ କରି ଝିଁପୁଓମାନକୁ ବିହାଚୁରା କରି ସାରିଛନ୍। ସଭେ ଯେ ଯାହାର କୁଟୁମ ଧରି ଅଲଗେ ରହୁଛନ୍। ଏନ୍‌ତାଥି ବୁରୁଧ୍ ଦମ୍ପତି ଘରେ ଏକଲା ରହିଛନ୍। ଇଆଡ଼େ ସଁପତି କହେଲେ ୪ ଡେସିମିଲ ଘର ଡିହକେ ଛାଡ଼ିଦେଲେ କିଛି ନାଇଁ। ଗୁଟେ ମାଏଟ୍ ଖପର ଘରେ ବୁଢ଼ାବୁଢ଼ୀ ମୁଡ଼ ଗୁଁଜିଛନ୍। ବୁଢ଼ାବୁଢ଼ୀକର କେହେନ୍‌ସି ପରକାର ରୁଜ୍‌ଗାରର ଜରିଆ ନାଁଇଁନ। ଏନ୍‌ତାଥି ଉପେ ଶୁଇନ୍ ବୁରୁଧ୍ ଦମ୍ପତି ପରହର କାମ୍‌ବୁତା କରି ନିଜର ପେଟ୍ ପାଲୁଛନ୍। ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମାସିକ ମିଲୁଥିବାର ୧୦ କେ.ଜି. ଚାଉଲ। ଦମ୍ପତିକଁର ବଏସ୍ ୬୦ ଟପି ଯାଇଛେ। ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଦମ୍ପତି ଦରକାରୀ କାଗଜପତର ୱାର୍ଡ ମେମ୍ବର ଜରିଆରେ ପଁଚେତ୍‌ରେ ଦାଖଲ କରିଛନ୍। ହେଲେ ଇ ବାବ୍‌ଦେ ପଁଚେତ୍ କତୁରପକ୍ଷକୁଁ ବାରବାର ଗୁହାରି କଲେ ବି କେହି ନାଇଁ ଶୁନୁଥିବାର ଖଗ ଅଭିଯୋଗ କରିଛନ୍। ଏନ୍‌ତାଥି ବୁରୁଧ୍ ଦମ୍ପତି ଖରା, ବରଷା, ଶୀତ୍ କାକରରେ ବଡ଼ା ଗୁଲ୍‌ଗୁଲା ହେଇ ଦଦ୍‌ରା କୁରିଆରେ ଜୀବନ୍ ବିତଉଛନ୍। ବରଷା ଦିନେ ଅବସ୍‌ତା ଏନ୍‌ତା ହେଉଛେ ଯେ ଘରେ ଚୁଲି ଜାଲବାର ଭିଡ଼ ପଡ଼ିଯାଉଛେ ବଲି ଖଗ କହିଛନ୍। ଜିଲା ଆର ଥାନୀଅ ପରଶାସନ ଇ ବୁରୁଧ୍ ଦମ୍ପତିକଁର ଉପରେ ଦୃରୁଷ୍ଟି ଦେଇ ଭତା ଆର ଆବାସ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

### ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାରେ ପକ୍ଷପାତିତା ଅଭିଯୋଗ

**ଦେଓଗାଁ, ୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବୁଧବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିବସରେ ମାତୃଭାଷା ଓଡିଆ ପରୀକ୍ଷା ଶାନ୍ତିଶୃଙ୍ଖଳାସହ ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକରେ ଥିବା ୧୦ଟି କେନ୍ଦ୍ରରେ ୧୩୮୬ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ତେବେ ଏହି କେନ୍ଦ୍ରମାନଙ୍କ ମଧ୍ୟରୁ କେବଳ ୪ଟି କେନ୍ଦ୍ର ଦେଓଗାଁ, ବନ୍ଧପଡା, ଉପରଝର ଓ ବଡବାହାଲ କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ସିସିଟିଭି ଲଗାଇବାରେ ବିଭାଗ ପକ୍ଷପାତିତା କରିଛି ବୋଲି କେତେକ ଅଭିଭାବକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ୮ କିଲୋମିଟର ଦୂରତ୍ୱ ମଧ୍ୟରେ ପରୀକ୍ଷା କେନ୍ଦ୍ର ପଡିବାର ସରକାରୀ ନିୟମ ରହିଥିଲେ ହେଁ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ସୀମାରେ ଥିବା କୁଲୁତାପଡାର କୁଲୁତା ଏକାଡେମୀ ଛାତ୍ରୀଛାତ୍ରଙ୍କ ୨୨କିମି ଦୂର ଜରାସିଂହା ନେତ୍ରଭାନୁ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ଓ ବଗଡା ଇନ୍ଦିରାଗାନ୍ଧୀ ହାଇସ୍କୁଲ ପିଲାଙ୍କ ୧୫ କିମି ଦୂର ବଡବାହାଲ ପରୀକ୍ଷା କେନ୍ଦ୍ରରେ ପକାଯାଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



୨ଶହ ଦିନ କାମ କରିଥିବା ଶ୍ରମିକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ଦୁଇଶହ ଦିନ କାମ କରିଥିବା ଶ୍ରମିକ ସମ୍ବର୍ଦ୍ଧିତ
#### ଖପ୍ରାଖୋଲ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍

**ଖପ୍ରାଖୋଲ, ୨୦।୨(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଦାଦନ ସମସ୍ୟା ରୋକିବା ସହ ଭିଟାମାଟିରେ ଅନ୍ୟୁନ ଶହେ ଦିନର କାମ ଶ୍ରମିକଙ୍କୁ ଯୋଗାଇବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ)କାର୍ଯ୍ୟାକାରୀ କରିଛନ୍ତି। ହେଲେ ଏହି ଯୋଜନାକୁ ବଲାଙ୍ଗୀର ଜିଲାରେ ଚିହ୍ନଟ ଦାଦନ ପ୍ରବଣ ବ୍ଲକରେ ରାଜ୍ୟ ସରକାର ଏହାକୁ ଦୁଇଶହ ଦିନକୁ ବୃଦ୍ଧି କରିଛନ୍ତି। ସେହିପରି ମଜୁରୀ ମଧ୍ୟ ଦୈନିକ ୨୮୬ ଟଙ୍କା ଦିଆଯାଉଛି। ସରକାରଙ୍କ ଘୋଷଣା ପରେ ଖପ୍ରାଖୋଲ ବ୍ଲକର ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଗାଁର ଯୁଗ୍ରେ ବରିହାଙ୍କ ପରିବାର ୨ଶହ ଦିନ ପୂରଣ କରିଥିବାରୁ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି, ଏପିଓ ସୁଧାଂଶୁ ମେହେର, ଏସିପି ରାମାନନ୍ଦ ବେହେରା, ସରପଞ୍ଚ ଇନ୍ଦୁମତୀ ସେଠ, ଇଓ ରାଧେଶ୍ୟାମ ମେହେର, ଜିଆରଏସ୍ ଜିହ୍ନିୟା ନନ୍ଦ ପ୍ରମୁଖ ହିର୍ଲି ଗାଁରେ ପହଞ୍ଚି ଶ୍ରମିକ ଯୁଗ୍ରେ ବରିହାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ନିଜ ଭିଟାମାଟିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ଲକର ପ୍ରଥମ ବ୍ୟକ୍ତି ଭାବେ ଦୁଇ ଶହ ଦିନ କାମ କରି ଥିବାରୁ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।

# ଚାଷ ପୂର୍ବରୁ ମାଟି ପରୀକ୍ଷା ଜରୁରୀ

**ଲୋଇସିଂହା,୨୦।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ରେଙ୍ଗାଲି ପଞ୍ଚାୟତ ଅଧୀନ ପୋଡମୁଣ୍ଡଠାରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚାଷୀମାନଙ୍କୁ ସମ୍ମାନିତ କରାଯିବା ସହ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ବ୍ଲକ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ, ଚାଷ ପୂର୍ବରୁ ପ୍ରତ୍ୟେକ ଜମିର ମାଟି ପରୀକ୍ଷା ଜରୁରୀ। ପରୀକ୍ଷା ଅନୁଯାୟୀ ସାର ପ୍ରୟୋଗର ଆବଶ୍ୟକତା ରହିଛି। ହେଲେ ଚାଷୀମାନେ ଅଧିକ ଅମଳ ଆଶାରେ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଏହାଦ୍ୱାରା ପରିବେଶ ଓ ମାଟିର ଉର୍ବରତା ନଷ୍ଟ ହେବାରେ ଲାଗିଛି। ଏତଦ୍‌ବ୍ୟତୀତ ମୃତ୍ତିକା ସ୍ୱାସ୍ଥ୍ୟ ବଜାୟ ରଖିବା ଉପରେ ପାରମର୍ଶ ଦେଇଥିଲେ। କୃଷିବିଭାଗର ପରାମର୍ଶ ଅନୁଯାୟୀ ଚାଷୀ ଚାଷ କଲେ ଅଧିକ ଉପକୃତ ହେବେ ବୋଲି ସେ ମତପୋଷଣ କରିଥିଲେ । ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ବ୍ୟାସଦେବ ଥନାପତି କୃଷିକ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ। ଶେଷରେ ଗ୍ରାମ୍ୟ କୃଷି କର୍ମଚାରୀ ପିଙ୍କୁରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ନିମନ୍ତ୍ରିତ ଅତିଥି ଜଣେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରୁଛନ୍ତି।




ଅଫିସ ବନ୍ଦ ଆନ୍ଦୋଳନର ଦ୍ୱିତୀୟ ଦିନରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ସନ କମିଟି ପକ୍ଷରୁ ଧାରଣା ଦିଆଯାଉଛି ।

# ଦ୍ୱିତୀୟ ଦିନରେ ବି ସମସ୍ତ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ,୨୦।୨**

**ଆକ୍ସନ କମିଟିର ଦୁଇଦିନିଆ ଆନ୍ଦୋଳନ**
- ୩ ଦଫା ଦାବି ନେଇ ପ୍ରତି ମାସ ଜାରି ରହିବ ଆନ୍ଦୋଳନ
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହେଲା ପ୍ରତିବାଦ ସଭା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା, ପ୍ରସ୍ତାବିତ ଲୋୟର ସୁକ୍‌ତେଲ ଡ୍ୟାମ ନିର୍ମାଣ ଓ ବଲାଙ୍ଗୀର ସହରର ବାଇପାସ୍ ରାସ୍ତା ଶୀଘ୍ର ନିର୍ମାଣ ଆଦି ୩ ଦଫା ଦାବିକୁ ନେଇ ପ୍ରତି ମାସ ତୃତୀୟ ବୁଧବାର ଓ ଗୁରୁବାର ହେଉଥିବା ଦୁଇଦିନିଆ ବନ୍ଦ ଜାରି ରହିଛି । ଗୁରୁବାର ଦ୍ୱିତୀୟ ଦିନ ମଧ୍ୟ ବଲାଙ୍ଗୀର ସହରରେ ସମସ୍ତ ସରକାରୀ ଅଫିସ, ସିଭିଲ କୋର୍ଟ, ବ୍ୟାଙ୍କ, ଡାକଘର ଓ ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା । ଆକ୍ସନ କମିଟି ପକ୍ଷରୁ ଏହି ଆନ୍ଦୋଳନର ନେତୃତ୍ୱ ନିଆଯାଇଛି। ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୁରୁବାର ସକାଳୁ ଆନ୍ଦୋଳନକାରୀମାନେ ବିଭିନ୍ନ ସରକାରୀ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ । ସିଭିଲ କୋର୍ଟକୁ ଜଜ୍‌ମାନେ ଆସିବାବେଳେ ସେଠାରେ ପିକେଟିଂ କରୁଥିବା ଆନ୍ଦୋଳନକାରୀ ସେମାନଙ୍କୁ ବୁଝାଇ ଫେରାଇ ଦେଇଥିଲେ । ଏଠାରେ ଜିଲା ଓକିଲ ସଂଘର କେତେକ ସଦସ୍ୟ ମଧ୍ୟ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ କରିଥିଲେ । ଏହାପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଆକ୍ସନ କମିଟି ସଭାପତି ପାଣିଗ୍ରାହୀଙ୍କ ନେତୃତ୍ୱରେ ତିନି ଦଫା ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା । ଦୀର୍ଘବର୍ଷ ହେଲା ଲୋୟର ସୁକ୍‌ତେଲ ପ୍ରକଳ୍ପ ପଡିରହିଥିବା, ବାଇପାସ୍ ରାସ୍ତା କାମ ଆରମ୍ଭ ହୋଇପାରୁ ନ ଥିବା ଓ ବିଭିନ୍ନ କମିଶନର ସୁପାରିଶ ଅନୁଯାୟୀ ବଲାଙ୍ଗୀର ପ୍ରକୃଷ୍ଟ ସ୍ଥାନ ହୋଇଥିଲେ ମଧ୍ୟ ଏଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରା ନ ଯାଇ ଏହାକୁ ଝୁଲାଇ ରଖାଯାଇଥିବାରୁ ବକ୍ତାମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଆଜିର ଧାରଣାରେ ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଶଶୀକାନ୍ତ ନାଏକ, ସମ୍ପାଦକ ପ୍ରତାପ ରଥ, ଜନମୋର୍ଚ୍ଚାର ବାସୁଦେବ ରଥ, ଓଶ୍ମୁର ସମ୍ପାଦକ ସୁରୁଲାଲ ମଟାରୀ, ପୁଲିନ ମିଶ୍ର, କଂଗ୍ରେସ ଦଳର ବୁଲୁ ଦାନୀ, ମନୀଷ ମିଶ୍ର, ସଞ୍ଜୟ ମିଶ୍ର, ପବିତ୍ର ନେପାକ, ଆଡଭୋକେଟ୍ ଅଶୋକ ରାଉତ, ସଂଗ୍ରାମ ବହିଦାର, ଟିକଲ ପୁଟେଲ, ୟୁଥ ଆକ୍ସନ କମିଟିର ବିନୋଦ କାଲସାଏ, ରିଲୁ ରଥ, ନିରୂପମା ଉଦ୍‌ଗାତା, ଡ. ବିପିନ କୁଶଲିଆ, ଟଙ୍ଗିଆ ଜାମ୍ କମିଟିର ଗୋପାଳ ହୋତା, ବନଲତା ମାଝି, ଗୋପଭୂଷଣ ନାଥ, ଆଦିବାସୀ ସଂଘ ସଭାପତି ବ୍ରଜକିଶୋର ସିଂଭୋଇଙ୍କ ସହ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ତ୍ରିପାଠୀ, ଉପସଭାପତି ବାସୁଦେବ ବାରିକ, ଭବାନୀ ଶତପଥୀ ଉଦ୍‌ବୋଧନ ଦେଇଥିଲେ ।